### ସାପ୍ତାହିକ ଓଡ଼ିଆ ବଦର୍ "ସିରତୁନ୍ ନବୀ[ସ:ଆ:ସ] ବିଶେଷାଙ୍କ"

## ସୂଚୀପତ୍ର


| କ୍ର.ନଂ | ସୂଚୀପତ୍ର | ପୃଷ୍ଠା |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ସେ (ଅଲ୍ଲାଃ) ହିଁ ଏକ ନିରକ୍ଷର ସମ୍ପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି | ୨ |
| ୩ | ଆଁ ହଜ୍‌ରତ୍ ସ:ଆ:ସଙ୍କ ଚରିତ୍ର ଓ ଆଚାର ବ୍ୟବହାର ପବିତ୍ର କୋରାନ୍‌ର ଅନୁରୂପ ଥିଲା | ୩ |
| ୪ | ସେ ହେଉଛନ୍ତି ଜଣେ ରାଜକୁମାର ଓ ଆଧ୍ୟାତ୍ମିକ ସମ୍ରାଟ ସମୂହଙ୍କ ସର୍ଦ୍ଦାର | ୪ |
| ୫ | କାଦିଆନ୍ ଜଲ୍‌ସା ସାଲାନା ଅବସରରେ ୩୧ ଡିସେମ୍ବର୍ ୨୦୧୭ ମସିହା ରବିବାର ଦିନ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ଏଖ୍‌ତେତାମି ଖୃତାବ୍ (ଶେଷ ଅଭିଭାଷଣ) | ୫ |
| ୬ | ଆଁ ହଜ୍‌ରତ୍ ସ୍ୱଲଲ୍ଲାହୋ ଆଲୈହି ଓ୍ୱ ସଲ୍ଲମ୍‌ଙ୍କ ବହୁବିବାହ ଓ ଏହାର ତାତ୍ପର୍ଯ୍ୟ ଓ ଶୁଭସମ୍ବାଦ ମୂଳକ ଭବିଷ୍ୟବାଣୀ ଆଧାରରେ) | ୧୦ |
| ୭ | ହଜରତ ମହମ୍ମଦ ସ.ଆଙ୍କ ଜୀବନୀ – ମକ୍କା ବିଜୟ ଘଟଣାବଳୀ ଆଲୋକରେ | ୧୫ |
| ୮ | ହଜରତ ମୁହମ୍ମଦ ସ:ଆ:ସଙ୍କ ଜୀବନଚରିତ– ଧର୍ମପ୍ରଚାର କରିବା ଦୃଷ୍ଟିକୋଣରୁ | ୧୯ |


لا اله الا الله محمد رسول الله

### ସମ୍ପାଦକୀୟ

**ତୁମେ ତବ୍‌ଲିଗ୍ କର ଓ କାହାପାଇଁ ମାର୍ଗଦର୍ଶନର ମାଧ୍ୟମ ସାଜ । ଆମକୁ ଏହା ଆବଶ୍ୟକ କି ଆମେ ତବ୍‌ଲିଗ୍ କରିବା ଓ ସଂସାରବାସୀଙ୍କ ହିଦାୟତ (ମାର୍ଗଦର୍ଶନ) ପାଇଁ ସମୟ ଦେବା ।**

ପ୍ରୀୟ ଆକା ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ୍ୱଲଲ୍‌ଲ୍ଲାହୋ ଆଲୈହେ ଓ୍ୱ ସଲ୍ଲମ୍ ନିଜ ମନରେ ଭୀଷଣ ବେଦନା ରଖିଥିଲେ କି ଲୋକମାନେ କିପରି ଅଲ୍ଲାଃଙ୍କ ଉପରେ ବିଶ୍ୱାସ ନେଇଆସନ୍ତୁ । ନିଜ ସୃଷ୍ଟିକର୍ତା ଓ ମାଲିକଙ୍କୁ ଚିହ୍ନନ୍ତୁ, ଏକେଶ୍ୱରବାଦର ବିଜୟ ହେଉ । ନବୀଙ୍କ ପ୍ରଥମ କାର୍ଯ୍ୟ ଏହା ହୋଇଥାଏ କି ସେ ଏ ପୃଥିବୀରୁ ହଜିଯାଇଥିବା ଏକେଶ୍ୱରବାଦକୁ ସ୍ଥାପନ କରନ୍ତି । ଲୋକମାନେ କିପରି ବିଶ୍ୱାସ ଆଣିବେ, ଏ ବେଦନା ଆପଣଙ୍କ ହୃଦୟରେ ଏପରି ଥିଲା ଯେ ଅଲ୍ଲାଃତାଲାଙ୍କୁ ଏହା କହିବାକୁ ପଡ଼ିଲା *ଲାଅଲ୍ଲକା ବାଖେଉନ୍ ନଫ୍‌ସକା ଅଲ୍ଲାଃ ୟକୁନୁ ମୁମେନିନ୍* । ଅର୍ଥାତ୍ ହେ ମୁହମ୍ମଦ (ସ:ଆ:ସ) ତୁମେ କଣ ଏ ଦୁଃଖରେ ନିଜକୁ ନିଃଶେଷ କରିଦେବ କି ଲୋକମାନେ କାହିଁକି ଇମାନ୍ (ଇଶ୍ୱରଙ୍କ ଉପରେ ବିଶ୍ୱାସ) ଆଣୁନାହାଁନ୍ତି । ହଦିସ୍‌ରେ ଆସିଛି କି ଏକଦା ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ ଇଶ୍ୱରଙ୍କ ରାଣ ! ତୁମ ଜରିଆରେ ଜଣେ ଲୋକକୁ (ହିଦାୟତ୍) ମାର୍ଗଦର୍ଶନ ମିଳିଯିବା ଉଚ୍ଚ ସ୍ତରର ଲୋହିତ ଓଟ ମିଳିଯିବା ଠାରୁ ଅଧିକ ଉତମ ।

(ମୁସ୍‌ଲିମ୍ କିତାବୁଲ୍ ଫଜାଏଲ୍ ଅଲୀ ର:ଅ ----ବୁଖାରୀ କିତାବୁଲ୍ ଜିହାଦ୍)
(ବହଓ୍ୱାଲା କିତାବ୍ "ହଦିକତୁଲ୍ ସ୍ୱାଲେହିନ୍ ହଦିସ୍ ନଂ–୩୩୫)

ଏ ବିଷୟରେ କିଛି ଘଟଣାବଳୀର ଚର୍ଚ୍ଚା ପାଠକଙ୍କ ନିମନ୍ତେ ଉପସ୍ଥାପନ କରାଯାଉଛି କି କାହାର ବିଶ୍ୱାସ ଆଣିବ ଦ୍ୱାରା ଆଁ ହଜ୍‌ରତ୍ ସ:ଆ:ସଙ୍କୁ କେତେ ଖୁସି ପହଂଚୁଥିଲା ଓ ଆପଣ ସ:ଆ:ସ ଏଥିରେ କେତେ ଆଶାବାଦୀ ଥିଲେ କି ଲୋକେ ନିଜ ପାଳନକର୍ତା, ସୃଷ୍ଟିକର୍ତା ଓ ମାଲିକଙ୍କ ଉପରେ ଇମାନ୍ (ବିଶ୍ୱାସ) ନେଇ ଆସନ୍ତୁ ।

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରୁଛନ୍ତି କି ଗୋଟିଏ ୟୁହୁଦି ବାଳକ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବକ ରୂପେ କାର୍ଯ୍ୟ କରୁଥିଲା । ସେ ବେମାର ହୋଇଗଲା । ଆଁ ହଜ୍‌ରତ୍ ସ:ଆ:ସ ତା ଇଆଦତ୍ (ରୋଗୀକୁ ଦେଖିବା) ନିମନ୍ତେ ତାଙ୍କ ପାଖକୁ ଗଲେ ଓ ତାଙ୍କ ମୁଣ୍ଡ ପାଖରେ ବସି ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଲେ ଓ ଇସ୍‌ଲାମ୍ ଗ୍ରହଣ କରିନେବା ପାଇଁ ପ୍ରେରଣା ଦେଲେ । ବାଳକଟି ତା ବାପାଙ୍କ ଆଡକୁ ଚାହିଁଲା, ଯିଏ ତା ପାଖରେ ବସିଥିଲେ । ତା ବାପା କହିଲେ, ହଜୁର୍ (ସ:ଆ:ସ) ଙ୍କ କଥା ମାନିଯାଅ । ସୁତରାଂ ସେ ଇସ୍‌ଲାମ୍ ଗ୍ରହଣ କରିନେଲା । ହଜୁର୍ ସ:ଆ:ସ ସେଠାରୁ ଆନନ୍ଦିତ ହୋଇ ଏହା କହି କହି ଚାଲି ଆସିଲେ କି ସମସ୍ତ ପ୍ରଶଂସା ସେହି ଜ୍ୟୋତିର୍ମୟ ମହିମା ମଣ୍ଡନକାରୀ ଅଲ୍ଲାଃଙ୍କ ନିମନ୍ତେ ଯିଏ ଏହି ଯୁବକକୁ ନର୍କର ଅଗ୍ନିରୁ ବଂଚାଇଦେଲେ ।

*(ବୁଖାରୀ କିତାବୁଲ୍ ଯନାଏଜ୍ ବାବ୍ ଇଜା ଅସ୍‌ଲମସ୍ ସବିୟୁ-----)*
*(ବହଓ୍ୱାଲା ପୁସ୍ତକ "ହଦିକତୁସ୍ ସ୍ୱାଲେହିନ୍ ହଦିସ୍ ନଂ–୫୮୬)*

ନିଶ୍ଚିତ ଏହା ଆପଣ ସ:ଆ:ସଙ୍କ ଯୋଜନାତ୍ମକ ମୁଖ୍ୟ କର୍ତବ୍ୟ ଥିଲା କି ଆପଣ ଦାଓ୍ୱତେ ଇସ୍‌ଲାମ୍ (ଇସ୍‌ଲାମ୍ ପ୍ରତି ନିମନ୍ତ୍ରଣ କରିବା)ର କାର୍ଯ୍ୟ କରିବେ ଓ ସମ୍ପୂର୍ଣ୍ଣ ଜୀବନ ଆପଣ ଏହି କାର୍ଯ୍ୟକୁ ସମ୍ପାଦନ କଲେ । କିନ୍ତୁ ଏହି ଦାଓ୍ୱତେ ତବ୍‌ଲିଗ୍‌ର ପ୍ରଚ୍ଛଦ ପଟରେ ମାନବଜାତି ପାଇଁ ଥିବା ପ୍ରେମ, ସ୍ନେହ ଓ ମାତ୍ରାଧିକ ସହାନୁଭୁତି ନିହିତ ଥିଲା । ଅମ୍ବିୟା (ଅବତାରଗଣ) ମାନବ ଜାତି ସହିତ ଏପରି ପ୍ରେମ କରିଥାନ୍ତି ଯେପରି ଜଣେ ଦୟାଶୀଳ ମାତା ତା'ଙ୍କ ପିଲାମାନଙ୍କ ସହିତ କରିଥାଏ ବରଂ ତା'ଠାରୁ ମଧ୍ୟ ଅଧିକ । ଏଥିପାଇଁ କି ଜଣେ ସେବକଙ୍କ ବିଶ୍ୱାସ ଆଣିବା ଦ୍ୱାରା ଓ ଏଥିରେ ସେ ଅଗ୍ନିରୁ ବଂଚିଯିବା ଦ୍ୱାରା ଆପଣ (ସ:ଆ:ସ) ବହୁତ ଖୁସି ହେଲେ ।

ଶଓ୍ୱାଲ୍ ୧୦ ନବଓ୍ୱିରେ ଆଁ ହଜ୍‌ରତ୍ ସ:ଆ:ସ ତାଏଫ୍ ସହରକୁ ଗଲେ । କିଛି ରିଓ୍ୱାୟତ୍ (କଥନ) ମୁତାବକ ଜଏଦ୍ ବିନ୍ ହାର୍‌ସାଃ ର:ଅ ମଧ୍ୟ ଆପଣଙ୍କ ସାଥିରେ ଥିଲେ । ସେଠାରେ ପହଂଚି ଆପଣ ସ:ଆ:ସ ସେଠାରେ ଦଶ ଦିନ ରହିଲେ । ସହରର ବହୁତ ବଡ଼ ବଡ଼ ନେତା ଶ୍ରେଣୀୟ ଲୋକଙ୍କ ସହିତ ଜଣ ଜଣ କରି ସାକ୍ଷାତ୍ କଲେ । କିନ୍ତୁ ସେହି ସହରର ମଧ୍ୟ ମକ୍କାବାସୀଙ୍କ ପରି ସେତେବେଳେ ଇସ୍‌ଲାମ୍ ଗ୍ରହଣ କରିବା ଭାଗ୍ୟରେ ନଥିଲା । ସୁତରାଂ ସମସ୍ତେ ଅସ୍ୱୀକାର କଲେ ଓ ଥଟ୍ଟା ପରିହାସ କଲେ । ପରିଶେଷରେ ଆପଣ ସ:ଆ:ସ ତାଏଫ୍‌ର ସବୁଠାରୁ ବଡ଼ ରଇସ୍ (ନେତା ଶ୍ରେଣୀର ଲୋକ) ଅବଦ୍ ୟାଲିଲ୍‌ଙ୍କ ପାଖକୁ ଯାଇ ଇସ୍‌ଲାମ୍‌ର ସନ୍ଦେଶ ଦେଲେ, କିନ୍ତୁ ସେ ମଧ୍ୟ ସ୍ପଷ୍ଟରୂପେ ମନା କରିଦେଲା ଓ ଥଟ୍ଟାରେ କହିଲା କି "ଯଦି ଆପଣ ସତ୍ୟବାଦୀ ତେବେ ଆପଣଙ୍କ ସହିତ କଥା କହିବା ପାଇଁ ମୋର ସାହସ ନାହିଁ ଓ ଯଦି ଆପଣ ମିଥ୍ୟାବାଦୀ ତେବେ କଥା ହେବା ବୃଥା" । ସେ ତା ପରେ ପୁଣି ଏକଥା ଭାବିଲା କି କାଳେ ସହରର ଯୁବକମାନେ ଆପଣଙ୍କ କଥାରେ ପ୍ରଭାବିତ ହୋଇଯିବେ, ତେଣୁ ସେ ଆପଣଙ୍କୁ କହିଲା କି ଭଲ ହେବ ଆପଣ ଏଠାରୁ ଚାଲିଯାଆନ୍ତୁ କାରଣ ଏଠାରେ କୌଣସି ବ୍ୟକ୍ତି ଆପଣଙ୍କ କଥା ଶୁଣିବାକୁ ପ୍ରସ୍ତୁତ ନାହାଁନ୍ତି । ଏହାପରେ ସେହି ଅଭାଗା ସହରର ଲମ୍ପଟ ଓ କୁଚରିତ୍ର ଲୋକମାନଙ୍କୁ ଆପଣଙ୍କ ପଛରେ ଲଗାଇଦେଲା । ଆଁ ହଜ୍‌ରତ୍ ସ:ଆ:ସ ଯେବେ ସହରରୁ ବାହାରିଲେ, ସେହି ଲୋକମାନେ ପାଟିତୁଣ୍ଡ ଓ ହୋ ହାଲା କରି ଆପଣଙ୍କ ପଛରେ ଚାଲିଲେ ଓ ଆପଣ ସ:ଆ:ସଙ୍କ ଉପରକୁ ପଥର ଫିଙ୍ଗିବା ଆରମ୍ଭ କରିଦେଲେ । ଯଦ୍ୱାରା ଆପଣଙ୍କ ସାରା ଶରୀର ରକ୍ତାକ୍ତ ହୋଇଗଲା । ତିନି ମାଇଲ୍ ପର୍ଯ୍ୟନ୍ତ ସେହିଲୋକମାନେ ଆପଣ ସ:ଆ:ସଙ୍କ ପଛରେ ଗାଳିଗୁଲଜ କରି ଟେକାପଥର ଫିଙ୍ଗି ଚାଲିଲେ ।

ତାଏଫ୍‌ଠାରୁ ତିନି ମାଇଲ୍ ଦୂରରେ ମକ୍କାର ରଇସ୍ ଉତ୍‌ବାବିନ୍ ରବିଆଙ୍କ ଗୋଟିଏ ବଗିଚା ଥିଲା । ଆଁ ହଜ୍‌ରତ୍ ସ:ଆ:ସ ସେଠାରେ ଆସି ଶରଣ ନେଲେ ଓ ଅତ୍ୟାଚାରୀ ଲୋକେ ଥକିଯାଇ ଫେରିଗଲେ । ସେଠାରେ ଗୋଟିଏ ଗଛ ଛାଇତଳେ ଛିଡ଼ା ହୋଇ ଆପଣ ସ:ଆ:ସ ଅଲ୍ଲାଃଙ୍କ ଗୋଚରରେ ଏପରି ଦୁଆ (ପ୍ରାର୍ଥନା) କଲେ ।

ହେ ମୋର ପାଳନ କର୍ତା ! ମୁଁ ନିଜର ଦୁର୍ବଳ ଶକ୍ତି, ସ୍ୱଳ୍ପ ଯୋଜନା ଓ ଲୋକମାନଙ୍କ ମୁକାବିଲାରେ ନିଜ ଅସହାୟତାର ଅଭିଯୋଗ ତୁମ ନିକଟରେ କରୁଅଛି । ହେ ମୋର ଖୁଦା ତୁମେ ସମସ୍ତଙ୍କଠାରୁ ବଳି କରୁଣା ପ୍ରଦାନକାରୀ ଓ ଦୁର୍ବଳ ଓ ଅସହାୟଙ୍କର ତୁମେ ହିଁ ସୁରକ୍ଷାକାରୀ ଓ ତୁମେ ହିଁ ମୋର ସାହାଯ୍ୟକାରୀ ଅଟ । ମୁଁ ତୁମ ଶ୍ରୀମୁଖର ଆଲୋକରେ ଶରଣ ଭିକ୍ଷା କରୁଅଛି । କାରଣ ତୁମେ ହିଁ ଅନ୍ଧକାରକୁ ଦୂର କରୁଅଛ ଓ ମନୁଷ୍ୟକୁ ଇହକାଳ ଓ ପରକାଳର ସୌନ୍ଦର୍ଯ୍ୟ (ବୈଭବ)ର ଉତରାଧିକାରୀ ବନାଉଛ ।

ଉତ୍‌ବାଃ ଓ ଶୈବାଃ ସେ ସମୟରେ ଉକ୍ତ ବଗିଚାରେ ଉପସ୍ଥିତ ଥିଲେ । ଯେବେ ସେମାନେ ଆପଣଙ୍କୁ ଏ ଅବସ୍ଥାରେ ଦେଖିଲେ ତେବେ ଦୂର ଓ ନିକଟ ସମ୍ପର୍କୀୟ ବା ଜାତିୟତାଭାବ ବା ଜଣାନାହିଁ କୌଣସି ଏକ ଭାବନାରେ ନିଜ ଇସାଇ କ୍ରିତଦାସ ଅଦ୍ଦାସଙ୍କ ହାତରେ କିଛି ଅଙ୍ଗୁର ଦେଇ ଡଙ୍ଗା ଜରିଆରେ ଆପଣଙ୍କ ନିକଟକୁ ପଠାଇଲେ । ଆପଣ ସ:ଆ:ସ ତାହା ରଖିଲେ ଓ ଅଦ୍ଦାସଙ୍କୁ ପଚାରିଲେ ତୁମେ କେଉଁଠିକାର ନିବାସୀ ? ଓ ତୁମେ କେଉଁ ଧର୍ମକୁ ଅନୁସରଣ କରୁଛ ? ସେ କହିଲା ମୁଁ ନୈନ୍‌ଓ୍ୱାର ନିବାସୀ ଓ ମୋର ଧର୍ମ ହେଉଛି ଖ୍ରୀଷ୍ଟିଆନ୍ (ଇସାଇ) ଆପଣ

*ଅବଶିଷ୍ଟାଂଶ ପୃଷ୍ଠା– ୨୩ ରେ ଦେଖନ୍ତୁ....*

**ସେ (ଅଲ୍ଲାଃ) ହିଁ ଏକ ନିରକ୍ଷର ସମ୍ପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି; (ସେ ନିରକ୍ଷର ହେବା ସତ୍ୱେ) ସେମାନଙ୍କୁ ଅଲ୍ଲାଃଙ୍କ ଆଦେଶାବଳୀକୁ ପାଠକରି ଶୁଣାଉଛନ୍ତି, ଓ ସେମାନଙ୍କୁ ପବିତ୍ର କରାଉଛନ୍ତି, ଓ ସେମାନଙ୍କୁ (ଧର୍ମ) ଗ୍ରନ୍ଥ ଓ ତତ୍ୱଶିକ୍ଷା ଦେଉଛନ୍ତି,**

❁ هُوَالَّذِیْ بَعَثَ فِی الْاُمِّیّٖنَ رَسُوْلًا مِّنْهُمْ یَتْلُوْا عَلَیْهِمْ اٰیٰتِهٖ وَیُزَکِّیْهِمْ وَیُعَلِّمُهُمُ الْکِتٰبَ وَالْحِکْمَةَ ۗ وَاِنْ کَانُوْا مِنْ قَبْلُ لَفِیْ ضَلٰلٍ مُّبِیْنٍ ○ وَّاٰخَرِیْنَ مِنْهُمْ لَمَّا یَلْحَقُوْا بِهِمْ ؕ وَهُوَالْعَزِیْزُ الْحَکِیْمُ ○ ذٰلِكَ فَضْلُ اللّٰهِ یُؤْتِیْهِ مَنْ یَّشَآءُ ؕ وَاللّٰهُ ذُو الْفَضْلِ الْعَظِیْمِ ○ (سورۃ الجمعہ آیت 4،3)

ଅର୍ଥାତ୍- ସେ (ଅଲ୍ଲାଃ) ହିଁ ଏକ ନିରକ୍ଷର ସମ୍ପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି; (ସେ ନିରକ୍ଷର ହେବା ସତ୍ୱେ) ସେମାନଙ୍କୁ ଅଲ୍ଲାଃଙ୍କ ଆଦେଶାବଳୀକୁ ପାଠକରି ଶୁଣାଉଛନ୍ତି, ଓ ସେମାନଙ୍କୁ ପବିତ୍ର କରାଉଛନ୍ତି, ଓ ସେମାନଙ୍କୁ (ଧର୍ମ) ଗ୍ରନ୍ଥ ଓ ତତ୍ୱଶିକ୍ଷା ଦେଉଛନ୍ତି, ଅଥଚ ସେମାନେ ଏଥି ପୂର୍ବରୁ ସ୍ପଷ୍ଟ ବିଭ୍ରାନ୍ତ ମଧ୍ୟରେ ରହିଥିଲେ । ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ସେ ତାହାକୁ ପ୍ରେରଣ କରିବେ, ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରିନାହାଁନ୍ତି; ଏବଂ ସେ ହିଁ ପରାକ୍ରମୀ (ଓ) ତତ୍ୱଜ୍ଞ । (ସୁରତୁଲ୍ ଜୁମା, ଆୟତ:୩,୪)

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାହୁ ତାଲା ଏହି ଆୟତ ଗୁଡିକୁ ବ୍ୟାଖ୍ୟା କରି କହୁଛନ୍ତି:- **(ଆୟତ ନଂ-୩)** ଏହି ଆୟତରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଯେଉଁ ଅନନ୍ୟ ମହିମା ବିଷୟରେ ବର୍ଣ୍ଣନା କରାଯାଇଛି ତାହା ହେଉଛି ଏପରିକି ଆପଣ ସ:ଆ:ସ ନିଜ ଉପରେ ଇମାନ୍ (ବିଶ୍ୱାସ) ଆଣୁଥିବା ଲୋକମାନଙ୍କୁ ଐଶୀ ପୁସ୍ତକର ଜ୍ଞାନ ଓ ତତ୍ୱ ବତାଇବା ପୂର୍ବରୁ ଆୟତ ଗୁଡିକ ପାଠ କରି ଶୁଣାଇବା ସହିତ ସେମାନଙ୍କୁ ପବିତ୍ର କରୁଥିଲେ । ପବିତ୍ର କୋରାନ୍‌ର ଏହା ହେଉଛି ଏକ ମହାନ ଚମତ୍କାରିତା କି ଏହା ପୂର୍ବରୁ ସୁରା ବକ୍‌ରା ଆୟତ ନଂ-୧୩୦ରେ ହଜ୍‌ରତ୍ ଇବ୍ରାହିମ୍ ଆ:ସଙ୍କ ସେହି ଦୁଆ (ପ୍ରାର୍ଥନା) ବର୍ଣ୍ଣିତ ଅଛି ଯାହା ରସୁଲୁଲ୍ଲାଃ ସ:ଆ:ସଙ୍କ ଆବିର୍ଭାବ ସମ୍ପର୍କରେ ରହିଛି । ଆପଣ ଆ:ସ ଏପରି ଜଣେ ରସୁଲଙ୍କ ଆବିର୍ଭାବ ନିମନ୍ତେ ଦୁଆ ମାଗିଛନ୍ତି ଯିଏ ଅଲ୍ଲାଃଙ୍କ ଆୟତ ଗୁଡିକୁ ସେମାନଙ୍କୁ ପଢ଼ି ଶୁଣାଇବେ । ପୁଣି ସେମାନଙ୍କୁ (ଐଶୀ ପୁସ୍ତକ)ର ଜ୍ଞାନ ଓ ତତ୍ୱ ବିଷୟରେ ଜଣାଇବେ । ଫଳତଃ ସେମାନଙ୍କୁ ସେ ପବିତ୍ର କରାଇବେ । ଏହି ଦୁଆର ଗ୍ରହଣୀୟତା ବିଷୟରେ ତିନୋଟି ସ୍ଥାନରେ ବର୍ଣ୍ଣିତ ହୋଇଛି । କିନ୍ତୁ ସେହି ତିନୋଟି ସ୍ଥାନରେ ଚର୍ଚ୍ଚା ଏପରି ହୋଇଛି କି ଆଁ ହଜ୍‌ରତ୍ ସ:ଆ:ସ ଆୟତ ଗୁଡିକ ପଢ଼ି ଶୁଣାଇବା ସହିତ ପବିତ୍ର ମଧ୍ୟ କରାଉଥିଲେ ଓ ପୁଣି କିତାବ (ପବିତ୍ର କୋରାନ୍) ଏବଂ ତତ୍ୱଜ୍ଞାନ ଶିଖାଇବା ବିଷୟ ବର୍ଣ୍ଣନା କରାଯାଇଛି । ତେଣୁ ଏହା ହେଉଛି ପବିତ୍ର କୋରାନ୍‌ର ବିଶେଷତା ଯାହା ୨୩ ବର୍ଷ ପର୍ଯ୍ୟନ୍ତ ଅବତୀର୍ଣ୍ଣ ହେଲା । କିନ୍ତୁ ସେଥିରେ ବର୍ଣ୍ଣିତ ଆୟତ ଗୁଡିକରେ କୌଣସି ଗୋଟିଏ ସ୍ଥାନରେ ମଧ୍ୟ ଏହାର ବିପରୀତ କଥା ମିଳୁନାହିଁ ।

**(ଆୟତ ନଂ-୪)** ଏହି ପବିତ୍ର ଆୟତ, ଯେଉଁଥିରେ ଆଖିରିନ୍ (ଶେଷ ସମୟ) କଥା ବର୍ଣ୍ଣନା କରାଯାଇଛି ସେଥିରେ ଏହି ରସୁଲଙ୍କ ଆବିର୍ଭାବ ହେବାର କଥା ମଧ୍ୟ ଉଲ୍ଲେଖ ଅଛି, ଯାହାର ଚର୍ଚ୍ଚା ପୂର୍ବ ଆୟତରେ କରାଯାଇଛି ।

(هُوَالَّذِیْ بَعَثَ فِی الْاُمِّیّٖنَ رَسُوْلًا)

କିନ୍ତୁ ଏହି ଆୟତର ଶେଷରେ ସେହି ଚାରିଗୋଟି ବିଶେଷ ଐଶରିକ ଗୁଣ ବର୍ଣ୍ଣନା କରାଯାଇନାହିଁ ଯାହା ଆୟତ ନଂ-୨ର ଶେଷରେ ବର୍ଣ୍ଣନା କରାଯାଇଛି । ବରଂ କେବଳ ଅଜିଜ୍ ଏବଂ ହକିମ୍ (ପରାକ୍ରମୀ ଓ ତତ୍ୱଜ୍ଞ) ଏହି ଦୁଇଟି ଗୁଣକୁ ଦୋହରାଇ ଦିଆଯାଇଛି । ଯେଉଁଥିରୁ ଜଣାପଡୁଛି କି ଯେଉଁ ରସୁଲଙ୍କ ବିଷୟରେ ପୂର୍ବରୁ ଉଲ୍ଲେଖ କରାଯାଇଛି ସେ ପୁନର୍ବାର ନିଜେ ଆବିର୍ଭାବ ହେବେନାହିଁ । ବରଂ ତାଙ୍କର କେହି ଜଣେ ଜିଲ୍ଲ(ପ୍ରତିରୂପ ଓ ଅନୁରୂପ) ଆବିର୍ଭାବ ହେବେ ଯିଏ ଶରୀୟତି ନବୀ ହେବେନାହିଁ । ମଜାର କଥା ଏହା ହେଉଛି କି ହଜ୍‌ରତ୍ ଇସା ଆ:ସଙ୍କ ବିଷୟରେ ମଧ୍ୟ ଏହି ଦୁଇଗୋଟି ବିଶେଷ ଐଶ୍ୱରିକ ଗୁଣ ବର୍ଣ୍ଣନା କରାଯାଇଛି ଯେପରିକି (ଅଲ୍ଲାଃତାଲା) କହୁଛନ୍ତି-

بَلْ رَّفَعَهُ اللّٰهُ اِلَیْهِ ؕ وَکَانَ اللّٰهُ عَزِیْزًا حَکِیْمًا

❁ قُلْ لَّوْ شَآءَ اللّٰهُ مَا تَلَوْتُهٗ عَلَیْکُمْ وَلَآ اَدْرٰىکُمْ بِهٖ ۖ فَقَدْ لَبِثْتُ فِیْکُمْ عُمُرًا مِّنْ قَبْلِهٖ ؕ اَفَلَا تَعْقِلُوْنَ ○ (سورۃ یونس آیت نمبر 17)

ଅର୍ଥାତ୍-ତୁମେ (ସେମାନଙ୍କୁ) କୁହ, "ଯଦି (କୋରାନ୍‌ର ଶିକ୍ଷା ପରିବର୍ତ୍ତେ ଅନ୍ୟ କୌଣସି ଶିକ୍ଷା ପ୍ରଦାନ କରିବା) ଅଲ୍ଲାଃଙ୍କର ଇଚ୍ଛା ଥାଆନ୍ତା, ତେବେ ଆମେ ଏହାକୁ (ଅର୍ଥାତ୍ କୋରାନ୍‌ର ଶିକ୍ଷାକୁ) ତୁମମାନଙ୍କ ସମ୍ମୁଖରେ ପାଠ କରି ଶୁଣାଇ ନଥା'ନ୍ତୁ କି ସେ ତୁମମାନଙ୍କୁ ଏହା ଅବଗତ କରାଇନଥା'ନ୍ତେ । ବସ୍ତୁତଃ ଆମେ ଏଥି ପୂର୍ବରୁ ତୁମମାନଙ୍କ ସହିତ ଜୀବନର ଏକ ଦୀର୍ଘ ସମୟ ଅତିବାହିତ କରିଅଛୁ । ତଥାପି କ'ଣ ତୁମେମାନେ ବୁଝିପାରୁନାହିଁ ?" (ସୁରା ୟୁନୁସ୍:୧୭)

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ଏହି ଆୟତକୁ ବ୍ୟାଖ୍ୟା କରି କହୁଛନ୍ତି:- ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ମୁଶ୍‌ରିକ୍ (ଅନେକେଶ୍ୱରବାଦୀ) ଏ ଆରୋପ ଲଗାଉଥିଲେ କି ଆପଣ ସ:ଆ:ସ ଈଶ୍ୱରଙ୍କ ନାମରେ ମିଛ କହି କୋରାନ୍‌କୁ ନିଜ ତରଫରୁ ବନାଇଛନ୍ତି ।

فَقَدْ لَبِثْتُ فِیْکُمْ عُمُرًا (ଫକଦ୍ ଲବିସ୍‌ତୁ ଫିଇକୁମ୍ ଉମ୍‌ରନ୍) ଏହି ଆୟତରେ ଉକ୍ତ ଆରୋପକୁ ଖଣ୍ଡନ କରାଯାଇଛି କି ସେହି ରସୁଲ୍ ଯାହାକୁ ତୁମେ ସତ୍ୟବାଦୀ ଓ ବିଶ୍ୱସନୀୟ ବୋଲି କହୁଥିଲ ସେ ନିଜ ଦାବୀ ପୂର୍ବରୁ ଚାଳିଶି ବର୍ଷ ବୟସ ପର୍ଯ୍ୟନ୍ତ କେବେ କୌଣସି ଲୋକଙ୍କ ନାମରେ ମଧ୍ୟ ମିଥ୍ୟା କହିନାହାଁନ୍ତି । ଏବେ ଅଚାନକ ଈଶ୍ୱରଙ୍କ ନାମରେ କିପରି ମିଥ୍ୟା କହିବା ଆରମ୍ଭ କରିଦେଲେ ।

❁ اَفَمَنْ کَانَ عَلٰی بَیِّنَةٍ مِّنْ رَّبِّهٖ وَیَتْلُوْهُ شَاهِدٌ مِّنْهُ وَمِنْ قَبْلِهٖ کِتٰبُ مُوْسٰٓی اِمَامًا وَّرَحْمَةً ؕ اُولٰٓئِكَ یُؤْمِنُوْنَ بِهٖ ؕ وَمَنْ یَّکْفُرْ بِهٖ مِنَ الْاَحْزَابِ فَالنَّارُ مَوْعِدُهٗ ۚ فَلَا تَكُ فِیْ مِرْیَةٍ مِّنْهُ ۗ اِنَّهُ الْحَقُّ مِنْ رَّبِّكَ وَلٰکِنَّ اَکْثَرَ النَّاسِ لَا یُؤْمِنُوْنَ ○ (سورۃ ہود آیت 18)

ଅର୍ଥାତ୍-ତୁମେମାନେ କିପରି ତାହାଙ୍କୁ ପ୍ରତ୍ୟାଖ୍ୟାନ କରିପାରିବ, ଯାହାଙ୍କ ନିକଟରେ ତାଙ୍କ ପାଳନକର୍ତ୍ତାଙ୍କଠାରୁ ଏକ ସ୍ପଷ୍ଟ ନିଦର୍ଶନ ଅଛି, ଏବଂ ତାଙ୍କ (ପାଳନକର୍ତ୍ତାଙ୍କ) ଠାରୁ (ତାଙ୍କ ସତ୍ୟତା ପ୍ରତିପାଦିତ କରିବା ପାଇଁ) ଜଣେ ସାକ୍ଷୀ ତାଙ୍କ ପରେ ଆସିବେ ଏବଂ ଯାହାଙ୍କ ପୂର୍ବରୁ ସମର୍ଥନକାରୀ ଓ କରୁଣା ପ୍ରଦାୟକ ମୁସାଙ୍କ ଧର୍ମ (ଗ୍ରନ୍ଥ) ଆସିଅଛି ? ସେମାନଙ୍କ ମଧ୍ୟରୁ ଯେଉଁମାନେ ମନୋଯୋଗୀ ସେମାନେ ତାହାଙ୍କ ପ୍ରତି ବିଶ୍ୱାସ କରନ୍ତି, ଏବଂ (ବିରୋଧି) ସମ୍ପ୍ରଦାୟମାନଙ୍କ ମଧ୍ୟରୁ ଯେ କେହି ତାହାଙ୍କ ପ୍ରତି ଅବିଶ୍ୱାସ କରେ, (ନର୍କ) ଅଗ୍ନି ତାହାର ନିରୁପିତ ବାସସ୍ଥାନ ହେବ । ଅତଏବ ତୁମ୍ଭେ ଏ ସଂକ୍ରାନ୍ତରେ କୌଣସି ସନ୍ଦେହ କରନାହିଁ । ବାସ୍ତବରେ ତାହା ହିଁ ତୁମ୍ଭ ପାଳନକର୍ତ୍ତାଙ୍କ ଠାରୁ (ପ୍ରେରିତ) ସତ୍ୟ ଅଟେ । କିନ୍ତୁ ଅଧିକାଂଶ ଲୋକେ ବିଶ୍ୱାସ କରନ୍ତି ନାହିଁ । (ହୁଦ୍:୧୮)

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ଏହି ଆୟତକୁ ବ୍ୟାଖ୍ୟା କରି କହୁଛନ୍ତି:- ଅର୍ଥାତ୍ ତାଙ୍କ ଉମ୍ମତ୍ ଭିତରୁ ମଧ୍ୟ ଜଣେ ମାମୁର(ଦୂତ)ଜନ୍ମ

ଅବଶିଷ୍ଟାଂଶ ପୃଷ୍ଠା-୨୪ ରେ ଦେଖନ୍ତୁ...

**ଆଁ ହଜ୍‌ରତ୍ ସ:ଆ:ସଙ୍କ ଚରିତ୍ର ଓ ଆଚାର ବ୍ୟବହାର ପବିତ୍ର କୋରାନ୍‌ର ଅନୁରୂପ ଥିଲା । ଆଁ ହଜ୍‌ରତ୍ ସ:ଆ:ସ ପ୍ରତାପି, ସୁନ୍ଦର, ଶ୍ରୀବାନ୍ ଓ ରୂପବାନ ଥିଲେ । ପବିତ୍ର ଚେହେରା ପୂର୍ଣ୍ଣିମା ଚାନ୍ଦ ପରି ଝଟକୁଥିଲା । ବହୁତ କମ୍ କଥା କୁହନ୍ତି, କିନ୍ତୁ ବାକ୍ୟ ଗୁଡିକ ସରଳ, ସାରଗର୍ଭକ, ମାର୍ମିକ ଓ ତାତ୍ତ୍ୱିକ ଥିଲା । ଓ (ବାକ୍ୟରେ) ଅତିରିକ୍ତ କଥା ନଥିଲା । ନା କାହାକୁ ନିନ୍ଦା ନା କାହାର ତିରସ୍କାର କରୁଥିଲେ ନା କାହାର ଅପମାନ ନା କାହାକୁ ବିରୋଧ, ଛୋଟରୁ ଛୋଟ ନେମତ୍(ପ୍ରସାଦ)କୁ ବଡ ମଣୁଥିଲେ । କୃତଜ୍ଞତା ସ୍ପଷ୍ଟରୂପେ ବାରି ହୋଇଯାଉଥିଲା ।**

❀ ହଜ୍‌ରତ୍ ହସନ୍ ବିନ୍ ଅଲି ର:ଅ ଅନ୍‌ହୁମା ବର୍ଣ୍ଣନା କରୁଛନ୍ତି କି ମୁଁ ମୋ ମାମୁ ହିନ୍ଦ୍‌ବିନ୍ ଅବିହାଲାଙ୍କ ଠାରୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ରୂପ ସୌନ୍ଦର୍ଯ୍ୟ ବିଷୟରେ ପଚାରି ବୁଝିଲି । ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାରେ ପ୍ରବୀଣ ଥିଲେ ଓ ମୁଁ ଏହା ଚାହୁଁଥିଲି କି ସେ ମୋ ନିକଟରେ ଏପରି କଥା ବର୍ଣ୍ଣନା କରନ୍ତୁ ଯାହାକୁ ମୁଁ କାନିରେ ବାନ୍ଧି ରଖିବି । ସୁତରାଂ ହିନ୍ଦ୍ ବତାଇଲେ କି ଆଁ ହଜ୍‌ରତ୍ ସ:ଆ:ସ ପ୍ରତାପି, ସୁନ୍ଦର, ଶ୍ରୀବାନ୍ ଓ ରୂପବାନ ଥିଲେ । ତାଙ୍କର ପବିତ୍ର ଚେହେରା ଏପରି ଝଟକୁଥିଲା ଯେପରି ପୂର୍ଣ୍ଣିମା ଚାନ୍ଦ । ମଧ୍ୟମ ଉଚ୍ଚତା ଅର୍ଥାତ୍ ନିମ୍ନ ଉଚ୍ଚତାରୁ ଅଧିକା ଓ ଲମ୍ବା ଉଚ୍ଚତାରୁ ଟିକିଏ କମ୍, ବଡ ମୁଣ୍ଡ, କୁଚୁକୁଚିଆ ଓ ଘନକେଶ ଯାହା କାନ ଫଳି ପର୍ଯ୍ୟନ୍ତ ଲମ୍ବା ଥିଲା । ସ୍ପଷ୍ଟ ସୁତାଣ (ମାଙ୍ଗ୍), ଗୌର ଉଜ୍ଜ୍ୱଳବର୍ଣ୍ଣ, ପ୍ରଶସ୍ତ କପାଳ, ଲମ୍ବା, ଭ୍ରୂକୁଟିରେ ପତଳା ଓ ଘନ କେଶ ଥିଲା ଯାହା ଆପୋଷରେ ମିଶିକରି ନଥିଲା ବରଂ ମଝିରେ ଶୁଭ୍ର ସ୍ଥାନ ଦୃଷ୍ଟିଗୋଚର ହେଉଥିଲା ଯାହା କ୍ରୋଧ ସମୟରେ ଜଣାପଡୁଥିଲା । ସରୁ ନାକ ଯେଉଁଥିରୁ ଜ୍ୟୋତି ଝଲକୁଥିଲା, ଯାହା ଲୋକମାନଙ୍କୁ ଠିଆ ନାକ ପରି ଦେଖାଯାଉଥିଲା । ପବିତ୍ର ଦାଢ଼ି ଗହଳ ଥିଲା, ଗାଲ କୋମଳ ଓ ପ୍ରଶସ୍ତ, ମୁହଁ ଚଉଡା, ଚମକପୂର୍ଣ୍ଣ ସିଧା ଦାନ୍ତ, ଆଖିପତା ପତଳା, ସୁରେଇ ଭଳି ବେକ ଯାହା ରୂପା ପରି ସ୍ୱଚ୍ଛ ଓ ଯେଉଁଥିରେ ଲାଲିମା ଝଲକୁଥିଲା, ମଧ୍ୟମ ଧରଣର ବ୍ୟକ୍ତି, ବଳିଷ୍ଠ ଶରୀର କିନ୍ତୁ ବହୁତ ସନ୍ତୁଳିତ, ପେଟ ଓ ଛାତି ଦୁହେଁ ବରାବର, ଚଉଡା ଓ ପ୍ରଶସ୍ତ ବକ୍ଷ, ଗଣ୍ଠିଗୁଡିକ ସୁଦୃଢ଼ ଓ ପରିପୁର୍ଣ୍ଣ, ଉଜ୍ଜ୍ୱଳ ଚର୍ମ ଯାହା କୋମଳ, ଛାତି ଓ ପେଟ ଲୋମ ବିହୀନ, କେବଳ ଗୋଟିଏ ପତଳା ଗାର ସଦୃଶ ଲୋମରେଖା ଯାହା ଛାତିଠାରୁ ନେଇ ନାଭି ପର୍ଯ୍ୟନ୍ତ ଲମ୍ବି ରହିଥିଲା । ଦୁଇ ହାତର କହୁଣୀ ପର୍ଯ୍ୟନ୍ତ ଓ କାନ୍ଧରେ କିଛି କିଛି ଲୋମ ଥିଲା । ଲମ୍ବା ମଣିବନ୍ଧ, ଚଉଡା ଓ ମାଂସାଳ ପାପୁଲି, ଅଙ୍ଗୁଳି ଗୁଡିକ ଲମ୍ବା ଓ ସୁନ୍ଦର, ଭରପୁର ପାଦର ତଳିପା, ଏପରି ଚିକ୍କଣ ନରମ ପାଦ କି ଯାହା ଉପରେ ପାଣି ପଡ଼ିଲେ ତାହା ଖସିଯାଏ । ଯେତେବେଳେ ପାଦ ଉଠାନ୍ତି ସମ୍ପୂର୍ଣ୍ଣ ରୂପେ ଉଠାନ୍ତି, ଦିପ୍ତିମୟ ବେଗ, କିନ୍ତୁ କିଛିଟା ପ୍ରଖର ଯେପରି ଉଚ୍ଚ ସ୍ଥାନରୁ ତଳକୁ ଓହ୍ଲାଉଛନ୍ତି । ଯେବେ କାହା ଆଡକୁ ମୁହଁ କରୁଥିଲେ ତ ସମ୍ପୂର୍ଣ୍ଣ ରୂପେ ମୁହଁ ବୁଲାଉଥିଲେ । ସର୍ବଦା ଦୃଷ୍ଟି ତଳକୁ ରହୁଥିଲା, ଏପରି ଲାଗୁଥିଲା ଯେପରି ପରିବେଶଠାରୁ ଅଧିକ ମାଟି ଉପରେ ଆପଣଙ୍କର ଦୃଷ୍ଟି ରହୁଥିଲା । ଆପଣ ସ:ଆ:ସ ଅଧିକାଂଶ ସମୟ ଅର୍ଦ୍ଧ ମୁଦ୍ରିତ ଚକ୍ଷୁରେ ଦେଖୁଥିଲେ । ନିଜ ସାହାବାଙ୍କର ପଛରେ ଚାଲନ୍ତି ଓ ସେମାନଙ୍କର ଧ୍ୟାନ ରଖନ୍ତି ଏବଂ ଲୋକଙ୍କ ସହିତ ମିଶିବା ସମୟରେ ସର୍ବପ୍ରଥମେ ସଲାମ୍ କରନ୍ତି ।

*(ଶମାଇଲ୍ ତିର୍‌ମିଜି ବାବ୍ ଫି ଖୁଲ୍‌କେ ରସୁଲୁଲ୍ଲାଃ ସ:ଆ:ସ)*

❀ ହଜ୍‌ରତ୍ ହସନ୍‌ବିନ୍ ଅଲୀ ର:ଅ ଅନ୍‌ହୁମା ବର୍ଣ୍ଣନା କରୁଛନ୍ତି କି ମୁଁ ନିଜର ମାମୁ ହିନ୍ଦ୍‌ବିନ୍ ଅବିହାଲାଙ୍କ ଠାରୁ ଆଁ ହଜ୍‌ରତ୍ ସ:ଆ:ସଙ୍କ କଥା ହେବାର ଶୈଳୀ ସମ୍ବନ୍ଧରେ ପଚାରି ବୁଝିଲି । ସେ ବତାଇଲେ ଯେ ଆଁ ହଜ୍‌ରତ୍ ସ:ଆ:ସ ସର୍ବଦା ଏପରି ଲାଗୁଥିଲେ ଯେପରି ଏକ ଅନବରତ ଗଭୀର ଚିନ୍ତାରେ ବୁଡ଼ି ରହିଛନ୍ତି ଓ ଏହିପରି ଭାବନା ଯୋଗୁ କିଛିଟା ଅସହଜ ଅନୁଭବ କରୁଛନ୍ତି । ଆପଣ ସ:ଆ:ସ ଅଧିକାଂଶ ସମୟ ନୀରବ ରହୁଥିଲେ । ବିନା ଆବଶ୍ୟକରେ କଥା ହେଉନଥିଲେ । ଯେବେ କଥା ହେଉଥିଲେ ତେବେ ସ୍ପଷ୍ଟ କଥା ହେଉଥିଲେ । ବହୁତ କମ୍ କଥା କୁହନ୍ତି, କିନ୍ତୁ ବାକ୍ୟ ଗୁଡିକ ସରଳ, ସାରଗର୍ଭକ, ମାର୍ମିକ ଓ ତାତ୍ତ୍ୱିକ ଥିଲା । ଓ (ବାକ୍ୟରେ) ଅତିରିକ୍ତ କଥା ନଥିଲା । ନା କାହାକୁ ନିନ୍ଦା ନା କାହାର ତିରସ୍କାର କରୁଥିଲେ ନା କାହାର ଅପମାନ ନା କାହାକୁ ବିରୋଧ, ଛୋଟରୁ ଛୋଟ ନେମତ୍(ପ୍ରସାଦ)କୁ ବଡ ମଣୁଥିଲେ । କୃତଜ୍ଞତା ସ୍ପଷ୍ଟରୂପେ ବାରି ହୋଇଯାଉଥିଲା । କୌଣସି ବସ୍ତୁର ନିନ୍ଦା କରୁନଥିଲେ । ନା ଏତେ ପ୍ରଶଂସା କରୁଥିଲେ ଯେପରି ତାହା ଆପଣ ସ:ଆ:ସଙ୍କୁ ଅତ୍ୟନ୍ତ ପସନ୍ଦ ଥିଲା । ସୁସ୍ୱାଦୁ ଓ ଅସ୍ୱାଦୁ ଖାଦ୍ୟପେୟର ପ୍ରଶଂସା ବା ନିନ୍ଦା କରିବାରେ ବଢ଼ିଚଢ଼ିକରି କଥା କହିବା ଆପଣଙ୍କର ଅଭ୍ୟାସ ନଥିଲା । ସର୍ବଦା ମଧ୍ୟମ ଧରଣର ଆଚରଣ ଥିଲା । କୌଣସି ସାଂସାରିକ ମାମଲାରେ ନା କ୍ରୋଧ କରୁଥିଲେ ନା ଖରାପ ଭାବୁଥିଲେ । କିନ୍ତୁ ଯଦି ହକ୍(ଅଧିକାର)ର ଅନାଦର ହେଉଥିଲା ବା ଅଧିକାରକୁ ଛଡାଇ ନିଆଯାଉଥିଲା, ସେତେବେଳେ ଆପଣଙ୍କ କ୍ରୋଧର ମୁକାବିଲାରେ କେହି ରହିପାରୁନଥିଲେ । ଯେପର୍ଯ୍ୟନ୍ତ ତାହା ପୂରଣ ହେଉନଥିଲା ସେପର୍ଯ୍ୟନ୍ତ ଆପଣ ସ:ଆ:ସଙ୍କୁ ଶାନ୍ତି ମିଳୁନଥିଲା । ନିଜ ପାଇଁ କେବେ କ୍ରୋଧିତ ହେଉନଥିଲେ ନା ସେଥିପାଇଁ କୌଣସି ପ୍ରତିଶୋଧ ନେଉଥିଲେ । ଯେତେବେଳେ କୌଣସି (ସୂଚନା ପାଇଁ) ସଂକେତ ଦେଉଥିଲେ ତ ପୁରା ହାତ ହଲାଇ କରୁଥିଲେ, କେବଳ ଅଙ୍ଗୁଳି ହଲାଉନଥିଲେ । ଯେବେ ଆପଣ କୌଣସି ଆଶ୍ଚର୍ଯ୍ୟ ହେବାର ପ୍ରକାଶ କରନ୍ତି ତ ହାତକୁ ଲେଉଟାଇ ଦେଉଥିଲେ । ଯେବେ କୌଣସି କଥା ଉପରେ ବିଶେଷ ରୂପେ ଜୋର୍ ଦେଉଥିଲେ ସେତେବେଳେ ଗୋଟିଏ ହାତକୁ ଅନ୍ୟ ହାତ ଉପରେ ଏପରି ମିଳାଉଥିଲେ, ଅର୍ଥାତ୍ ଡାହାଣ ହାତର ପାପୁଲିରେ ବାମ ହାତର ବୁଢ଼ା ଆଙ୍ଗୁଠିକୁ ମାରୁଥିଲେ । ଯେବେ କୌଣସି ଖରାପ କାର୍ଯ୍ୟକୁ ଦେଖୁଥିଲେ ତେବେ ସେଥିରୁ ମୁହଁ ବୁଲାଇ ଦେଉଥିଲେ । ଯେବେ ଖୁସି ହେଉଥିଲେ ସେତେବେଳେ କିଛିଟା ଆଖି ବନ୍ଦ୍ କରିଦେଉଥିଲେ । ଆପଣ ସ:ଆ:ସଙ୍କର ଅଧିକରୁ ଅଧିକ ହସିବା ମୁରୁକିହସ ଭିତରେ ସୀମିତ ରହୁଥିଲା, ଅର୍ଥାତ୍ ଠୋ ଠୋ କରି ହସୁନଥିଲେ । ହସିବା ସମୟରେ ଆପଣଙ୍କର ପବିତ୍ର ଦାନ୍ତ ବାଦଲରୁ ପଡୁଥିବା ଧଳା କୁଆପଥର ଭଳି ଦେଖାଯାଉଥିଲା ।

*(ଶମାଇଲ୍ ତିର୍‌ମିଜି ବାବ୍ କଇଫା କାନା କଲାମ୍ ରସୁଲୁଲ୍ଲାଃ ସ:ଆ:ସ)*

❀ ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟମ ଉଚ୍ଚତା ବିଶିଷ୍ଟ ଥିଲେ, ନା ତ ବହୁତ ଅଧିକ ଲମ୍ବା ନା ଅଳ୍ପ ଉଚ୍ଚତା ବିଶିଷ୍ଟ । ଆପଣଙ୍କର ରଙ୍ଗ ଦିପ୍ତିମୟ ଶୁଭ୍ର ରଙ୍ଗ ଥିଲା ନା ବହୁତ ଅଧିକ ଧଳା ଓ ନା ଅଧିକା ଗାଢ଼ ଗହମ ରଙ୍ଗର ଥିଲା । ଆପଣ ସ:ଆ:ସଙ୍କର କେଶ କିଛିଟା ସିଧା ଥିଲା ନା ଅଧିକ କୁଚୁକୁଚିଆ ନା ସମ୍ପୂର୍ଣ୍ଣ ରୂପେ ସିଧା । ଆପଣ ସ:ଆ:ସ ଯେବେ ଆବିର୍ଭାବ ହେଲେ ସେତେବେଳେ ଆପଣଙ୍କର ବୟସ ଥିଲା ଚାଳିଶି । ଆବିର୍ଭାବ ହେବାପରେ ଅର୍ଥାତ୍ ନବୁଓ୍ୱତ୍ ପରେ ଦଶବର୍ଷ ପର୍ଯ୍ୟନ୍ତ ମକ୍କାରେ ରହିଲେ ଓ ଦଶବର୍ଷ ମଦ୍ଦିନାରେ ରହିଲେ । ଯେତେବେଳେ ଆପଣ ସ:ଆ:ସଙ୍କ ଦେହାନ୍ତ ହେଲା ସେତେବେଳେ ଆପଣଙ୍କର ବୟସ ଷାଠିଏ ବର୍ଷ ହୋଇଥିଲା । ଆପଣଙ୍କ ମୁଣ୍ଡ ଓ ଦାଢ଼ିରେ କୋଡିଏରୁ ଅଧିକ ଧଳା କେଶ ନଥିଲା ।

*(ଅଲ୍ ମୋଅଜମସ୍ ସଗିର୍ ଲି ତିବ୍‌ରାନି, ବାବୁଲ୍ ଜିମ୍ ମିନ୍ ଇସ୍‌ମୁହୁ ଜାଫର୍, ପୃଷ୍ଠା- ୧୧୮, ପ୍ରଥମ ଖଣ୍ଡ)*

❀ ହଜ୍‌ରତ୍ ସାଦ୍ ବିନ୍ ହୁଶାମ୍ ବିନ୍ ଆମିର୍ ବର୍ଣ୍ଣନା କରୁଛନ୍ତି କି ମୁଁ ହଜ୍‌ରତ୍ ଆଇଶା ର:ଅଙ୍କ ଗୋଚରେ ଉପସ୍ଥିତ ହେଲି ଓ ତାଙ୍କୁ ପଚାରିଲି କି ରସୁଲୁଲ୍ଲାଃ ସ:ଆ:ସଙ୍କ ଉଚ୍ଚତମ ଚରିତ୍ର ବିଷୟରେ ଆମକୁ କିଛି ବତାନ୍ତୁ । ହଜ୍‌ରତ୍ ଆଇଶା ର:ଅ ବତାଇଲେ କି ହଜୁର୍ ସ:ଆ:ସଙ୍କ ଚରିତ୍ର ଓ ଆଚାର ବ୍ୟବହାର କୋରାନ୍‌ର ଅନୁରୂପ ଥିଲା । ପୁଣି ପଚାରିଲେ କି କଣ ତୁମେ ପବିତ୍ର କୋରାନ୍‌ରେ ପଢ଼ିନାହଁ । 'ଓ୍ୱ ଇନ୍ନକା ଲାଆଲା ଖୁଲୁକିନ୍ ଅଜିମ୍' ଅର୍ଥାତ୍- ହେ ରସୁଲ୍ ! ତୁମ୍ଭେ ଉନ୍ନତମାନର ଚରିତ୍ର ଉପରେ ପ୍ରତିଷ୍ଠିତ ଅଛ । *(ମସ୍‌ନଦ୍ ଅହମଦ୍, ପୃଷ୍ଠା-୯୦, ଖଣ୍ଡ-୬, ଦଲାଇଲ ନବୁଓ୍ୱତ୍ ଲିଲ୍ ବେହ୍‌କି, ପୃଷ୍ଠା-୩୦୯, ପ୍ରଥମ ଖଣ୍ଡ)* ।

❀ ହଜ୍‌ରତ୍ ଜାବିର୍ ବିନ୍ ସମ୍‌ରା ର:ଅ କହୁଛନ୍ତି- ଗୋଟିଏ ରାତ୍ରିରେ ଚନ୍ଦ୍ର ସମ୍ପୂର୍ଣ୍ଣ ଯୌବନ ଅବସ୍ଥାରେ ଥିଲା ଓ ଏପଟେ ହଜୁର୍ ସ:ଆ:ସ ମଧ୍ୟ ବାହାରକୁ ବାହାରିଥିଲେ । ସେ ସମୟରେ ଆପଣ ସ:ଆ:ସ ଲୋହିତ ଗାର ପଡ଼ିଥିବା ଚାଦର ପିନ୍ଧିଥିଲେ । ସେହି ରାତିରେ ମୁଁ କେବେ ରସୁଲୁଲ୍ଲାଃଙ୍କ ସୌନ୍ଦର୍ଯ୍ୟମୟ ଚେହେରାକୁ ଦେଖୁଥିଲି ଓ କେବେ ଚମକ୍‌ଦାର୍ ଚନ୍ଦ୍ରକୁ ଦେଖୁଥିଲି । କିନ୍ତୁ ମୋ ନିକଟରେ ହଜୁର୍ ସ:ଆ:ସ ଚନ୍ଦ୍ରଠାରୁ ଅଧିକା ସୁନ୍ଦର ଦେଖାଯାଉଥିଲେ । (ତିରିମିଜି, ଅବୁଆବୁଲ୍ ଅଦବ୍)

# ସେ ହେଉଛନ୍ତି ଜଣେ ରାଜକୁମାର ଓ ଆଧ୍ୟାତ୍ମିକ ସମ୍ରାଟ ସମୂହଙ୍କ ସର୍ଦ୍ଦାର୍, ଯାହାଙ୍କୁ ସଂସାରର ସମସ୍ତ କୋଷାଗାରର ଛବି ପ୍ରଦାନ କରାଯିବ

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

"ଯେବେ ଏହି ଆୟତ ଅବତୀର୍ଣ୍ଣ ହେଲା କି ମୁଶ୍‌ରିକ୍ (ବହୁ ଇଶ୍ୱରବାଦୀ) ମାନେ ଅପବିତ୍ର, ଶର୍‌ରୁଲ୍ ବରିୟାଃ (ଧରାପୃଷ୍ଠରେ ସମସ୍ତଙ୍କଠାରୁ ଖରାପ), ମୂଢ଼ ଓ ସଇତାନ୍‌ର ସନ୍ତାନ ଓ ସେମାନଙ୍କର ଉପାସ୍ୟ/ଇଶ୍ୱର ହେଉଛନ୍ତି ନର୍କର ଇନ୍ଧନ ଓ ନର୍କବାସୀ ବୋଲି । ସେତେବେଳେ ଅବୁତାଲିବ୍ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଡାକି କହିଲେ ହେ ମୋର ପୁତୁରା ! ଏବେ ତୁମଦ୍ୱାରା ବ୍ୟବହୃତ ହୋଇଥିବା ଅପଶବ୍ଦ ଦ୍ୱାରା ଏ ଜାତି ଭୀଷଣ ଉତେଜିତ ହୋଇଯାଇଛି । ହୋଇପାରେ ସେ ତୁମକୁ ଓ ମତେ ଶେଷ କରିଦେବେ । ତୁମେ ତାଙ୍କ ବୁଦ୍ଧିମାନ ବ୍ୟକ୍ତିମାନଙ୍କୁ ମୂର୍ଖ ବିବେଚିତ କରିଛ ଓ ସେମାନଙ୍କ ବୁଜ୍‌ରୁଗ୍ (ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ) ଶର୍‌ରୁଲ୍ ବରିୟାଃ (ଧରାପୃଷ୍ଠରେ ସମସ୍ତଙ୍କଠାରୁ ଖରାପ ଲୋକ) କହିଲ ଓ ସେମାନଙ୍କର ସମ୍ମାନୀୟ ମାବୁଦ୍ (ଉପାସ୍ୟ)ଙ୍କ ନାମ ହୈଜମେ ଯହନ୍ନମ (ନର୍କର ଇନ୍ଧନ) ଓ ୱକୁଦୁନ୍ ନାର (ଅଗ୍ନିକୁଣ୍ଡ) ରଖିଲ ଓ ସାଧାରଣତଃ ସେ ସମସ୍ତଙ୍କୁ ରିଜ୍‌ସ (ଅପବିତ୍ର) ଓ ସଇତାନଙ୍କ ସନ୍ତାନ ଓ ଅସନା ବସ୍ତୁ ରୂପେ ବିବେଚିତ କଲ । ମୁଁ ତୁମ ମଙ୍ଗଳ ପାଇଁ କହୁଛି କି ନିଜ ମୁହଁକୁ ସମ୍ଭାଳ ଓ ଅପଶବ୍ଦ ବ୍ୟବହାର କରିବାରୁ ନିବୃତ ରୁହ ନଚେତ୍ ମୁଁ ଏ କୌମ୍ (ଜାତି) ର ମୁକାବିଲା କରିବାର ଶକ୍ତି ରଖିନାହିଁ । ଆଁ ହଜ୍‌ରତ୍ ସ:ଆ:ସ ଉତରରେ କହିଲେ ହେ ମୋର ଚାଚା ଏହା ଅପଶବ୍ଦ ନୁହେଁ ବରଂ ସତ୍ୟତାର ପ୍ରକାଶ ଓ ବାସ୍ତବିକ କଥା । ଏହି କାର୍ଯ୍ୟ ପାଇଁ ମୋତେ ପ୍ରେରଣ କରାଯାଇଛି । ଯଦି ଏ କାର୍ଯ୍ୟ ପାଇଁ ମୋତେ ମୃତ୍ୟୁ ବରଣ କରିବାକୁ ହୁଏ ତେବେ ମୁଁ ଖୁସି ଖୁସି ମୃତ୍ୟୁକୁ ସ୍ୱୀକାର କରିବି । ମୋ ଜୀବନ ଏହି ମାର୍ଗରେ ଉତ୍ସର୍ଗୀକୃତ । ମୁଁ ମୃତ୍ୟୁ ଭୟରେ ସତ୍ୟ ପ୍ରକାଶ କରିବାକୁ ପଛାଇବି ନାହିଁ । ହେ ଚାଚା ଯଦି ତୁମକୁ ତୁମ ଦୁର୍ବଳତା ଓ ତୁମକୁ କଷ୍ଟ ହେବାର ଚିନ୍ତା ଘାରିଛି ତେବେ ତୁମେ ମୋତେ ନିଜ ଶରଣରେ ନରଖ । ଖୁଦାଙ୍କ ରାଣ ମୋତେ ତୁମର କୌଣସି ଆବଶ୍ୟକ ନାହିଁ । ମୁଁ ଅଲ୍ଲାଃଙ୍କ ନିର୍ଦ୍ଦେଶକୁ ପହଂଚାଇବାରେ କେବେ ବି ପଛାଇବି ନାହିଁ । ମୋତେ ମୋ ମୌଲା (ପ୍ରକୃତ ବନ୍ଧୁ ଅର୍ଥାତ୍ ଇଶ୍ୱର)ର ନିର୍ଦ୍ଦେଶ ହେଉଛି ଜୀବନଠାରୁ ମଧ୍ୟ ପ୍ରିୟ । ଇଶ୍ୱରଙ୍କ ରାଣ, ଯଦି ମୁଁ ଏ ମାର୍ଗରେ ମରିଯାଏ ତେବେ ମୁଁ ଏହା ଚାହିଁବି କି ମୁଁ ବାରମ୍ଭାର ଜୀବନ ପାଇ ସର୍ବଦା ଏହି ମାର୍ଗରେ ମରି ଚାଲିବି । ଏହା ଭୟ କରିବାର ସ୍ଥାନ ନୁହେଁ ବରଂ ଏଥିରେ ମୋତେ ବହୁତ ଆନନ୍ଦ ମିଳୁଛି କି, ମୁଁ ଏ ମାର୍ଗରେ ଦୁଃଖ ଉଠାଇବି । ଆଁ ହଜ୍‌ରତ୍ ସ:ଆ:ସ ଏହି କଥା କହୁଥିବା ବେଳେ ଆପଣ ସ:ଆ:ସଙ୍କ ଚେହେରାରେ ସତ୍ୟତା ଓ ଜ୍ୟୋତିରେ ପରିପୁର୍ଣ୍ଣ କରୁଣ ରୋଦନ ସ୍ପଷ୍ଟ ବାରି ହୋଇଯାଉଥିଲା । ଯେବେ ଆଁ ହଜ୍‌ରତ୍ ସ:ଆ:ସ ନିଜର କଥନ ଶେଷ କଲେ ସେତେବେଳେ ସତ୍ୟର ଆଲୋକକୁ ଦେଖି ଅବୁତାଲିବଙ୍କ ଆଖିରୁ ସ୍ୱତଃ ଧାର ଧାର ଅଶ୍ରୁ ବହିଗଲା ଓ ସେ କହିଲେ ମୁଁ ତୁମର ଏପରି ଉଚ୍ଚତମ ଅବସ୍ଥାକୁ ଜାଣିନଥିଲି । ତୁମର ସ୍ୱରୂପ ତ ଅଲଗା ଓ ତୁମର ମହିମା ମଧ୍ୟ ଅଲଗା । ଯାଓ ନିଜ କାର୍ଯ୍ୟରେ ଲାଗିଯାଓ । ଯେପର୍ଯ୍ୟନ୍ତ ମୁଁ ଜିବୀତ ଅଛି ଓ ଯେପର୍ଯ୍ୟନ୍ତ ମୋର ଶକ୍ତି ଅଛି ମୁଁ ତୁମକୁ ସାହାଯ୍ୟ କରିଚାଲିବି ।

*(ଅଜାଲା ଔହାମ୍ ରୁହାନି ଖଜାଏନ୍, ଖଣ୍ଡ-୩, ପୃଷ୍ଠା-୧୧୦)*

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- ଅବୁ ତାଲିବଙ୍କ କାହାଣୀର ଏଇ ସମସ୍ତ ବିଷୟ ଯଦିଚ ପୁସ୍ତକରେ ଲେଖାଅଛି କିନ୍ତୁ ଏ ସମସ୍ତ ବାକ୍ୟ ଏଲ୍‌ହାମୀ (ଐଶିବାଣୀ) ଅଟେ, ଯାହାକୁ ଖୁଦାତାଲା ଏ ଅଧମ ଉପରେ ଅବତୀର୍ଣ୍ଣ କରିଛନ୍ତି । କେବଳ କିଛି ବାକ୍ୟ ବ୍ୟାଖ୍ୟା ନିମନ୍ତେ ଏହି ଅଧମ ତରଫରୁ ରହିଛି । ଏହି ଐଶିବାକ୍ୟରୁ ଅବୁ ତାଲିବଙ୍କ ସହାନୁଭୁତି ଓ କରୁଣା ସ୍ପଷ୍ଟ ହେଉଅଛି କିନ୍ତୁ ପୁର୍ଣ୍ଣ ବିଶ୍ୱାସର ସହିତ ଏହା ପ୍ରମାଣିତ କି ଏହି ସହାନୁଭୁତି ନବୁୱତ୍‌ର ଜ୍ୟୋତି ଓ ଦୃଢ଼ତାର ନିଦର୍ଶନକୁ ଦେଖି ତାଙ୍କ ମନରେ ସୃଷ୍ଟି ହୋଇଥିଲା । ଆମ ସୟଦ ଏବଂ ମୌଲା ସ:ଆ:ସଙ୍କ ବୟସର ଏକ ବଡ ଅଂଶ ଅର୍ଥାତ୍ ୪୦ ବର୍ଷ ପର୍ଯ୍ୟନ୍ତ ଆପଣ ଅସହାୟ, ଦୁଃଖକଷ୍ଟ ଓ ଅନାଥ ଅବସ୍ଥାରେ ଅତିବାହିତ କରିଥିଲେ । କୌଣସି ଆତ୍ମିୟ ସ୍ୱଜନ ବା ନିକଟ ସମ୍ପର୍କୀୟ (ତାଙ୍କର) ସେହି ଏକାକୀ ସମୟରେ ତାଙ୍କୁ କୌଣସି ପ୍ରକାରର ଅଧିକାର ପ୍ରଦାନ କରିନଥିଲେ । ଏପରିକି ସେହି ଆଧ୍ୟତ୍ମିକ ସମ୍ରାଟ ନିଜର ଛୋଟ ବୟସ ସମୟରେ ଅନାଥ ପିଲାଙ୍କ ପରି କିଛି ମଫସଲି ଓ ଜାଜାବର ମହିଳାଙ୍କୁ ସମର୍ପି ଦିଆଗଲା ଓ ଏପରି ଅସହାୟ ଓ ଦୀନହୀନ ଅବସ୍ଥାରେ ଏହି ସୟଦୁଲ୍ ଅନାମ୍ (ପ୍ରାଣୀ ଶ୍ରେଷ୍ଠ) କ୍ଷୀର ପିଇବାର ଦିନ ଗୁଡିକ ପୁରଣ କଲେ ଓ ଯେବେ ଟିକିଏ ବୁଦ୍ଧି ଆସିବାର ବୟସ ହେଲା ଅନାଥ ଓ ଅସହାୟ ପିଲାଙ୍କ ପରି, ଯାହାଙ୍କର ସଂସାରରେ କେହି ମଧ୍ୟ ନଥାନ୍ତି, ସେହି ମଫସଲି ଲୋକେ ଛେଳି ଚରାଇବାର ସେବା ଉକ୍ତ ମଖ୍‌ଦୁମୁଲ୍ ଆଲମିନ୍ (ବିଶ୍ୱ ବ୍ରହ୍ମାଣ୍ଡର ସ୍ୱାମୀ)ଙ୍କୁ ପ୍ରଦାନ କଲେ । ସେହି ଅଭାବ ଅନଟନ ଦିନ ଗୁଡିକରେ କେବଳ ମାମୁଲି କିସମର ଶସ୍ୟ ବା ଛେଳି କ୍ଷୀର ବ୍ୟତୀତ ଆଉ କିଛି ଖାଦ୍ୟ ଖାଇବା ପାଇଁ ନଥିଲା । ଯେବେ ପ୍ରାପ୍ତ ବୟସ୍କ ହେଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଉଚ୍ଚ ସ୍ତରର ରୂପ ସୌନ୍ଦର୍ଯ୍ୟ ଥିବା ସତ୍ୱେ ତାଙ୍କର କୌଣସି ଚାଚା ମଧ୍ୟ ତାଙ୍କ ବିବାହ କରାଇବା ପାଇଁ ଚିନ୍ତା କଲେ ନାହିଁ ବରଂ ୨୫ ବର୍ଷ ବୟସ ହେବାରେ ସଂଯୋଗ ବଶତଃ କେବଳ ଇଶ୍ୱରଙ୍କ ଦୟା ଓ କୃପାରୁ ମକ୍କାର ଜଣେ ରଇସା (ସମ୍ଭ୍ରାନ୍ତ ବଂଶୀୟ ମହିଳା) ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିଜ ପାଇଁ ପସନ୍ଦ କରି ନିଜେ ବିବାହ କଲେ । ଏହା ବହୁତ ଆଶ୍ଚର୍ଯ୍ୟର କଥା କି ଯେଉଁ ଅବସ୍ଥାରେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ନିଜ ଚାଚା ଅବୁ ତାଲିବ୍, ହମ୍‌ଜାଃ ଓ ଅବ୍‌ବାସ୍ ପରି ଲୋକେ ଥିଲେ ଓ ବିଶେଷ ରୂପେ ଅବୁ ତାଲିବ ମକାର ରଇସ୍ ଥିଲେ ଓ ନିଜ କୌମ୍‌ର ସର୍ଦ୍ଦାର ମଧ୍ୟ ଥିଲେ । ସାଂସାରିକ ମାନ୍ ସମ୍ମାନ, ମର୍ଯ୍ୟାଦା, ଧନସମ୍ପତି ଓ ଶକ୍ତି ସବୁ କିଛିର ମାଲିକ ଥିଲେ । କିନ୍ତୁ ଏହିପରି ଧନୀ ଶ୍ରେଣୀର ଲୋକେ ତାଙ୍କ ନିଜର ରହିଥିବା ସତ୍ୱେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉକ୍ତ ଦିନ ଗୁଡିକ ବହୁତ ଦୁଃଖ, କଷ୍ଟ, ଭୋକ ଓ ଅସହାୟ ଅବସ୍ଥାରେ ବିତୁଥିଲା । ଏପରିକି ଜଙ୍ଗଲି ଲୋକଙ୍କ ଛେଳି ଚରାଇବାକୁ ମଧ୍ୟ ପଡ଼ିଲା । ଏପରି ଦୟନୀୟ ଅବସ୍ଥାକୁ ଦେଖି କାହା ଆଖିରୁ ଅଶ୍ରୁ ବୋହିଲା ନାହିଁ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପ୍ରାପ୍ତ ବୟସ୍କ ହୋଇଯାଇଥିଲେ ମଧ୍ୟ କୌଣସି ଚାଚାଙ୍କ ମନରେ ଏ ଭାବନା ଆସିଲା ନାହିଁ କି ଆମେ ତ ତା ବାପାଙ୍କ ପରି, ତେଣୁ ତା ବିବାହ ଇତ୍ୟାଦି ଜରୁରୀ କାର୍ଯ୍ୟ ନିମନ୍ତେ କିଛି ଚିନ୍ତା କରିବା । ଯେବେ କି ସେମାନଙ୍କ ଘରେ ଓ ସେମାନଙ୍କ ନିକଟ ସମ୍ପର୍କୀୟଙ୍କ ଘରେ ମଧ୍ୟ (ବିବାହ ପାଇଁ) ଝିଅ ଥିଲେ । ସୁତରାଂ ଏଠାରେ ସ୍ୱତଃ ମନରେ ଏ ପ୍ରଶ୍ନ ଉଠୁଛି କି ଏ ପ୍ରକାର ଶିଥିଳତ ସେମାନଙ୍କ ଦ୍ୱାରା କାହିଁକି ପ୍ରକାଶ ହେଲା । ଏହାର ପ୍ରକୃତ ଉତର ହେଉଛି ସେମାନେ ଆମ ସୟଦ୍ ଓ ମୌଲା ସ:ଆ:ସଙ୍କୁ ଗୋଟିଏ ୟତିମ୍ (ଅନାଥ) ପିଲା ରୂପେ ଦେଖିଲେ, ଯାହାର ନା ମା' ଥିଲେ ନା ବାପା ଥିଲେ ନା ତାଙ୍କ ପାଖରେ କିଛି ଧନସମ୍ପତି ଥିଲା ନା ପ୍ରତିପତି । ଦରିଦ୍ର ଓ ନିର୍ଦ୍ଧନ, ଯାହା ପାଖରେ କିଛି ନାହିଁ । (ତେଣୁ) ଏପରି ଅସହାୟ ବ୍ୟକ୍ତିଙ୍କୁ ସହାନୁଭୁତି ଦେଖାଇଲେ କି ଲାଭ ମିଳିବ ଓ ତାଙ୍କୁ ନିଜ ଜାମାତା କରିବା ଅର୍ଥ ନିଜ ଝିଅକୁ ବିନାଶ କରିବା । କିନ୍ତୁ ଏକଥା ଜାଣିନଥିଲେ କି ସେହିଁ ହେଉଛନ୍ତି ଜଣେ ରାଜକୁମାର ଓ ଆଧ୍ୟାତ୍ମିକ ସମ୍ରାଟଗଣଙ୍କ ସର୍ଦ୍ଦାର ଯାହାଙ୍କୁ ସଂସାରର ସମସ୍ତ କୋଷାଗାରର ଚାବି ପ୍ରଦାନ କରାଯିବ" ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ସୁନ୍ଦର ପୁସ୍ତକ "କରାମାତୁସ୍ ସ୍ୱାଦେକିନ୍"ରେ ବର୍ଣ୍ଣନା କରୁଛନ୍ତି:-

"ପ୍ରକୃତ ପ୍ରଶଂସାର ପାତ୍ର ହେଉଛନ୍ତି ଅଲ୍ଲାଃ, ଯାହାକୁ ଆଖି ଦେଖିପାରେ ନାହିଁ । ହଁ ସେ ନିଜେ ଆଖି ପର୍ଯ୍ୟନ୍ତ ପହଂଚନ୍ତି ଓ ତାର ରହସ୍ୟକୁ ବୁଝିବା ପାଇଁ

*ଅବଶିଷ୍ଟାଂଶ ପୃଷ୍ଠା-୨୪ ରେ ଦେଖନ୍ତୁ...*

**ଏହା ଅତ୍ୟନ୍ତ ଅତ୍ୟାଚାରିତା ଓ ମୁର୍ଖତାରେ ପରିପୂର୍ଣ୍ଣ ଅଭିଯୋଗ ଓ ଆରୋପ ଅଟେ ଯାହା ଜମାତ୍ ଅହେମଦୀୟା ଉପରେ ଲଗାଯାଉଛି କି ନଉଜୁବିଲ୍ଲାଃ ଆମେ ଖତ୍ମେ ନବୁଓ୍ୱତ୍ ବିଶ୍ୱାସର ଅମାନ୍ୟକାରୀ ଅଟୁ । ଜମାତ୍ ଅହେମଦୀୟା ପ୍ରାରମ୍ଭରୁ ଆଜିପର୍ଯ୍ୟନ୍ତ ଏ ଘୋଷଣା କରୁଅଛି କି ଉକ୍ତ ତଥାକଥିତ ଓ୍ୱଲେମାମାନେ ମିଥ୍ୟା ଆରୋପ ଲଗାଉଛନ୍ତି ଓ ଏହାର ବାସ୍ତବିକତା ସହିତ ଦୂରରୁ ମଧ କୌଣସି ସମ୍ପର୍କ ନାହିଁ ।**

ଆଜି ଏହି ଜଲ୍ସା ମଧ ଯାହା ସାରା ଦୁନିଆରେ ଦେଖା ଶୁଣାଯାଉଛି, ଏହା ମଧ ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗର ଏକ ପ୍ରମାଣ ଅଟେ । ନଚେତ୍ ଆମ ନିକଟରେ ଯେଉଁ ସାଧନ ରହିଛି ଯଦି ତାହାକୁ ଆମେ ଦେଖିବା ତେବେ ଏହା ଅସମ୍ଭବ ଲାଗୁଛି କି ଦୁନିଆରେ ପ୍ରତ୍ୟେକ କୋଣରେ ଇସ୍ଲାମ୍ର ପ୍ରକୃତ ବାର୍ତାକୁ ଆମେ ପହଂଚାଇପାରିବା ବୋଲି । ତେଣୁ ଏହି ତତବ୍ଲିଗ୍ କାର୍ଯ୍ୟକୁ ଖୁଦାତାଲା ସ୍ୱୟଂ କରୁଛନ୍ତି । ଓ ଏହା ମଧ ତବ୍ଲିଗ୍ର ହିଁ ଏକ ଅଂଶ ଅଟେ କି ଆମେ ଟେଲିଭିଜନ୍ ମାଧମରେ, ସୋସିଆଲ୍ ମିଡ଼ିଆ ମାଧମରେ, ଖତ୍ମେ ନବୁଓ୍ୱତ୍ର ବାସ୍ତବିକତାକୁ ମଧ ସଂସାରବାସୀକୁ ବତାଇବା । କାରଣ ଅଲ୍ଲାଃତାଲା ଆମକୁ ଏହି ଧାର୍ଯ୍ୟ କାର୍ଯ୍ୟ କରିବା ପାଇଁ ନିୟୋଜିତ କରିଛନ୍ତି । ଏହା ହିଁ ଆମର ମୁନୀବ ଓ ମୌଲା ହଜରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଅଲ୍ଲାଃତାଲାଙ୍କର ନିର୍ଦ୍ଦେଶ ରହିଛି କି ଇସ୍ଲାମ୍ର ତବ୍ଲିଗ୍, ସାରା ସଂସାରରେ କରିବାକୁ ହେବ । ଏହି ନିର୍ଦ୍ଦେଶ ହଜରତ୍ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃତାଲା ମଧ ଦେଇଛନ୍ତି । ଏ ଯୁଗରେ ଇସ୍ଲାମ୍ର ପ୍ରସାର ଓ ପ୍ରଚାର ନିମନ୍ତେ ଯେଉଁ ସବୁ ମାଧମ ଓ ସାଧନ ଗୁଡିକ ଅଲ୍ଲାଃତାଲା ଆମକୁ ଦେଇଛନ୍ତି, ତାହା ସବୁ ମସିହ୍ ମଉଦ୍ଙ୍କ ଯୁଗ ସହିତ ପ୍ରତିବନ୍ଧିତ ଥିଲା । ତେଣୁ ଆମ ସମସ୍ତଙ୍କର ଏ କର୍ତବ୍ୟ କି ଆମେ ତବ୍ଲିଗ୍ କରିବା ଓ ସାରା ସଂସାରକୁ ଏହା ବତାଇବା ଯେ ଖତ୍ମେ ନବୁଓ୍ୱତ୍ର ପ୍ରକୃତ ଅର୍ଥ କଣ ? ଇସ୍ଲାମ୍ର ପ୍ରକୃତ ଶିକ୍ଷା କଣ ? ଏବଂ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରକୃତ ଦାବି କଣ ?

## ହଜ୍ରତ୍ ଅକ୍ଦସ୍ ମସିହ୍ ମଉଦ୍ ଆ:ସଙ୍କ ଖତ୍ମେ ନବୁଓ୍ୱତ୍ ପ୍ରସଙ୍ଗରେ ପ୍ରଦାନ କରାଯାଇଥିବା ବାଣୀର ମାର୍ମିକ ବ୍ୟାଖ୍ୟା

ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃତାଲା ନିଜ ପ୍ରିୟତମର ଦୀନ୍କୁ ପୁନର୍ବାର ସଂସାରରେ ତାର ଅସଲ ଅବସ୍ଥାରେ କାଏମ୍ କରିବା ପାଇଁ ଓ ପ୍ରସାର କରିବା ପାଇଁ ପଠାଇଛନ୍ତି ଓ ଯାହାଙ୍କୁ ଅଲ୍ଲାଃତାଲା ପ୍ରେରଣ କରିଛନ୍ତି ତାଙ୍କୁ ଏ ପ୍ରତିଶ୍ରୁତି ଦେଇ ପଠାଇଛନ୍ତି କି ତାଙ୍କ ଜରିଆରେ ସେ ବିଜୟ ପ୍ରଦାନ କରିବ । ତାଙ୍କୁ ସାଂସାରିକ ସରକାର ଦ୍ୱାରା ଲଗାଯାଇଥିବା ପ୍ରତିବନ୍ଧକ ଓ ଓ୍ୱଲେମା ମାନଙ୍କ ଅତ୍ୟାଚାର ଓ ସେମାନଙ୍କର କୁଭାଷା ଓ ଗାଳିଗୁଲଜ କରିବା ଏହାକୁ ବଢ଼ିବା ଓ ପ୍ରସାର କରିବାରୁ କିପରି ରୋକି ପାରିବ ? ଆମେ ହିଁ ଆଁ ହଜ୍ରତ୍ ସ:ଆ:ସଙ୍କ ସଚ୍ଚା ଦାସଙ୍କ ଶିକ୍ଷା ମୁତାବକ ଓ ତାଙ୍କର ମିଶନ୍କୁ ଜାରି ରଖି ଆଜି ଦୁନିଆର ୨୧୦ ଗୋଟି ଦେଶରେ ଖାତମୁନ୍ ନବୀଇନ୍ର ଝଣ୍ଡା (ପତାକା/ବାନା) କୁ ଉଡାଇ ଚାଲିଛୁ ।

ସୁତରାଂ ଏହା ହେଉଛି ଆମର ଇମାନ୍ ଓ ଆମେ ଏହି ଇମାନ୍ ଉପରେ କାଏମ୍ ରହିଛୁ କି ଆଁ ହଜ୍ରତ୍ ସ:ଆ:ସ ହେଉଛନ୍ତି ଖାତମୁନ୍ ନବୀଇନ୍ ଓ ପବିତ୍ର କୋରାନ୍ ହେଉଛି ଖାତମୁଲ୍ କୁତୁବ୍ ଓ ହଜ୍ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ହେଉଛନ୍ତି ହଜ୍ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ସଚ୍ଚା ଦାସ ଏବଂ ସେ ହେଉଛନ୍ତି ମସିହ୍ ମଉଦ୍ ଓ ଖାତମୁଲ୍ ଖୋଲଫା, ଯାହାଙ୍କ ଆଗମନର ଖବର ଆମକୁ ଆଁ ହଜ୍ରତ୍ ସ:ଆ:ସ ଦେଇଥିଲେ ଓ ତାଙ୍କୁ ନିଜର ସଲାମ୍ ପହଂଚାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆମେ ଅଲ୍ଲାଃତାଲା ଓ ତା ରସୁଲ୍ ସ:ଆ:ସଙ୍କ ସହିତ ପ୍ରେମ କରିବାର ଶୈଳୀ ସେହି ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ଙ୍କ ଠାରୁ ଶିଖିଅଛୁ, ଯାହାଙ୍କ ଜମାତ୍ରେ ସାମିଲ୍ ହୋଇଥିବା ଯୋଗୁ ଏହି ତଥାକଥିତ ଓ୍ୱଲେମା ମାନେ ଆମକୁ କାଫିର୍ ଏବଂ ଇସ୍ଲାମ୍ର ପରିଧିରୁ ବାହାର କରିଦେଉଛନ୍ତି । ଆଜି ଅହେମଦୀୟତ୍ର ବିରୋଧି ମାନଙ୍କ ଏହି କଥା ଯୋଗୁ ଓ ଶତ୍ରୁମାନଙ୍କର ଶତ୍ରୁତା ଯୋଗୁ ପ୍ରତ୍ୟେକ ଅହେମଦୀଙ୍କ ଉପରେ ଏ ଦାୟିତ୍ୱ ନ୍ୟସ୍ତ କରାଯାଉଛି କି ସେ ପୂର୍ବଠାରୁ ବଳି ନିଜ ବିଶ୍ୱାସ, ବ୍ୟବହାରିକ ଓ କ୍ରିୟାତ୍ମକ ଅବସ୍ଥାରେ ଏପରି ଏକ ପରିବର୍ତନ ଆଣନ୍ତୁ ଯାହା ଆମକୁ ଖୁଦାତାଲାଙ୍କ ନିକଟତର କରାଇବ ।

## ଜଲ୍ସା ସାଲାନା କାଦିଆନ୍-୨୦୧୭ ଅବସରରେ ୪୪ଟି ଦେଶରୁ କୋଡିଏ ହଜାର୍ ଅଠଚାଳିଶି ଜଣ ଲୋକେ ସାମିଲ୍ ହୋଇଥିଲେ ।

କାଦିଆନ୍ ଦାରୁଲ୍ ଅମାନ୍ ଠାରେ ବିଶ୍ୱବ୍ୟାପି ଜମାତ୍ ଅହେମଦୀୟା ମୁସ୍ଲିମାର ଜଲ୍ସା ସାଲାନା ଅବସରରେ ୩୧ ଡିସେମ୍ବର୍ ୨୦୧୭ ମସିହା ରବିବାର ଦିନ ସୟଦ୍ନା ହଜ୍ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ଏଖ୍ତେତାମି ଖୁତାବ୍ (ଶେଷ ଅଭିଭାଷଣ) ତାହେର୍ ହଲ୍ ବଇତୁଲ୍ ଫତୁହ୍ ଲଣ୍ଡନ୍ରୁ ଏମ୍.ଟି.ଏ ମାଧମରେ ଲାଇଭ୍ (ସିଧା ପ୍ରସାରଣ) ।

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَ رَسُوْلُهٗ اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-

اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ- اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ତଶହୁଦ୍, ତଉଜ ଏବଂ ସୁରେ ଫାତିହା ଆବୃତି କରିବା ପରେ ହଜୁର ଅନୁଓ୍ୱର୍ ଅ:ବ:ଅ କହିଲେ- ଅହେମଦୀୟତ୍ର ବିରୋଧିମାନେ ଆଜିକାଲି ଓ ସବୁବେଳେ ତାଙ୍କ ମନଇଛାରେ ଏ ଆରୋପ ଲଗାଉଛନ୍ତି ଓ ଏହା ଏକ ବଡ଼ ଆରୋପ ଅଟେ, ଯଦ୍ୱାରା ସେମାନଙ୍କ ଧାରଣାରେ ଜମାତ୍ ଅହେମଦୀୟା ମୁସ୍ଲିମାକୁ ଇସ୍ଲାମ୍ର ପରିଧିରୁ ଖାରଜ କରିଥାଏ । ସର୍ବଦା ଏ ଆରୋପ ସେମାନେ ଲଗାଉଛନ୍ତି । ମୁଁ ଆଜିକାଲି ଏଇଥିପାଇଁ କହିଲି କି ଆଜିକାଲି ବହୁତ ଜୋର୍ରେ ଏହି ଆରୋପ ଲଗାଯାଉଛି ଓ ତାହା ହେଉଛି ଏପରିକି ନଉଜୁବିଲ୍ଲାଃ ଜମାତ୍ ଅହେମଦୀୟା ଖତ୍ମେ ନବୁଓ୍ୱତ୍ର ବିଶ୍ୱାସକୁ ଅସ୍ୱୀକାର କରୁଛି । କିନ୍ତୁ ଏହି ଆରୋପ ହେଉଛି ବହୁତ ବଡ଼ ମିଥ୍ୟା ଆରୋପ । ଏହା ଏପରି ଏକ ଆରୋପ ଅଟେ ଜମାତ୍ ଅହେମଦୀୟା ମୁସ୍ଲିମା ସହିତ ତାର କୌଣସି ଦୂରରୁ ମଧ ସମ୍ପର୍କ ନାହିଁ । ବରଂ ଆମେ ତ ଏ ବିଶ୍ୱାସ ରଖୁଅଛୁ ଓ ଏହା ହିଁ ଆମକୁ ଆଁ ହଜ୍ରତ୍ ସ:ଆ:ସଙ୍କ ସତ୍ୟପ୍ରେମୀ ଓ ମସିହ୍ ମଉଦ୍ ଆ:ସ ବତାଇଛନ୍ତି କି ଯେଉଁ ବ୍ୟକ୍ତି ଆଁ ହଜ୍ରତ୍ ସ:ଆ:ସଙ୍କୁ ଖାତମୁନ୍ ନବୀଇନ୍ ବୋଲି ମାନୁନାହିଁ ସେ କାଫିର୍ (ଅମାନ୍ୟକାରୀ) ଓ ଇସ୍ଲାମ୍ର ପରିଧିରୁ ବାହାର ଅଟେ । ସୁତରାଂ ଏହା ଅତ୍ୟନ୍ତ ଅତ୍ୟାଚାରିତା ଓ ମୁର୍ଖତାରେ ପରିପୂର୍ଣ୍ଣ ଅଭିଯୋଗ ଓ ଆରୋପ ଅଟେ ଯାହା ଜମାତ୍ ଅହେମଦୀୟା ଉପରେ ଲଗାଯାଉଛି କି ନଉଜୁବିଲ୍ଲାଃ ଆମେ ଖତ୍ମେ ନବୁଓ୍ୱତ୍ ବିଶ୍ୱାସର ଅମାନ୍ୟକାରୀ ଅଟୁ । ଗୋଟିଏ ପଟେ ତ ଆମେ ନିଜକୁ ମୁସଲ୍ମାନ୍ ବୋଲାଉଛୁ ଏବଂ ଦ୍ୱିତୀୟ ପଟେ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜର କଥନ ମୁତାବକ ଖତ୍ମେ ନବୁଓ୍ୱତ୍ର ଆସ୍ଥାକୁ ନ ମାନି ଆମେ କାଫିର୍ ହୋଇଯିବୁ ।

ଜମାତ୍ ଅହେମଦୀୟା ପ୍ରାରମ୍ଭରୁ ଆଜିପର୍ଯ୍ୟନ୍ତ ଏ ଘୋଷଣା କରୁଅଛି କି ଉକ୍ତ ତଥାକଥିତ ଓ୍ୱଲେମାମାନେ ମିଥ୍ୟା ଆରୋପ ଲଗାଉଛନ୍ତି ଓ ଏହାର ବାସ୍ତବିକତା ସହିତ ଦୂରରୁ ମଧ କୌଣସି ସମ୍ପର୍କ ନାହିଁ । କିନ୍ତୁ ସାଧାରଣ ମୁସଲ୍ମାନ୍ ମାନଙ୍କୁ ଉକ୍ତ ଓ୍ୱଲେମାମାନେ ଏତେ ଭୟଭୀତ କରିଦେଇଛନ୍ତି କି, ଫଳତଃ ଏହି ସାଧାରଣ ଲୋକମାନେ

ସାଧାରଣତଃ ଏକଥା ଭାବିବା, ବୁଝିବା ଓ ଶୁଣିବା ପାଇଁ ପ୍ରସ୍ତୁତ ନୁହଁନ୍ତି କି ଅହେମଦୀମାନେ କଣ କହୁଛନ୍ତି ? କିନ୍ତୁ ଯେଉଁମାନେ ଏହା ଉପରେ ଚିନ୍ତା କରୁଛନ୍ତି, ଆମ କଥାକୁ ଶୁଣୁଛନ୍ତି, ପବିତ୍ର କୋରାନ୍ ଓ ହଦିସ୍‌କୁ ବୁଝୁଛନ୍ତି, ସେମାନେ ଏକଥା ମାନିଯାଉଛନ୍ତି କି ବାସ୍ତବରେ ଅହେମଦୀ ମୁସଲ୍‌ମାନ୍ ମାନେ ହିଁ ହେଉଛନ୍ତି ପ୍ରକୃତ ମୁସଲ୍‌ମାନ୍ । ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍ୟପ୍ରେମୀକୁ ଅର୍ଥାତ୍ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ମାନି ହିଁ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ଖାତମୁଲ୍ ଅମ୍ବିୟା ସ:ଆ:ସଙ୍କ ପ୍ରକୃତ ପଦମର୍ଯ୍ୟାଦାକୁ ଚିହ୍ନାଯାଇପାରିବ ।

ହିନ୍ଦୁସ୍ତାନ୍ ଓ ପାକିସ୍ତାନ୍‌ର ତଥାକଥିତ ଓ୍ୱଲେମାମାନେ ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଓ ନିଜର ମୁର୍ଖତାକୁ ଲୁଚାଇବା ନିମନ୍ତେ ଏବେ ବହୁତ ଜୋର୍ ଲଗାଉଛନ୍ତି କି ଜେଣ ତେଣ ପ୍ରକାରେଣ ଏହି ଇଲାକାର ମୁସଲ୍‌ମାନ୍ ମାନଙ୍କୁ ଅହେମଦୀଙ୍କ ନିକଟକୁ ଆସିବାକୁ ମଧ୍ୟ ନଦିଆଯାଉ । ଏହିପରି ସେମାନଙ୍କ ଚେଷ୍ଟା ଅନ୍ୟ ମୁସଲ୍‌ମାନ୍ ଦେଶ ଗୁଡିକରେ ମଧ୍ୟ ରହିଛି କି ସେଠାରେ ଅହେମଦୀୟତ୍‌କୁ ବଦ୍‌ନାମ୍ କରାଯାଉ । ଏହା ବର୍ତମାନ ସେମାନଙ୍କର ପରିସ୍ଥିତିକୁ ଫଳତଃ ବହୁତ ଗୁଡିଏ ଓ୍ୱଫୁଦ୍ (ସେମାନଙ୍କର ପ୍ରତିନିଧି ମଣ୍ଡଳ)ଙ୍କୁ ସେମାନେ ଆଫ୍ରିକା ପଠାଇବା ଆରମ୍ଭ କରିଦେଇଛନ୍ତି । ସେଠାରୁ ମଧ୍ୟ ଏ ଖବର ଆସୁଛି କି ଅହେମଦୀମାନଙ୍କୁ ଏ ଲାଳସା ମଧ୍ୟ ଦିଆଯାଉଛି କି ତୁମେ ଅହେମଦୀୟତ୍‌କୁ ଛାଡ଼ିଦିଅ । ଏହାର ପ୍ରତିବଦଳରେ ଆମେ ତୁମକୁ ମସ୍‌ଜିଦ୍ ତିଆରି କରି ଦେବୁ । ଆମେ ତୁମକୁ ସାହାଯ୍ୟ କରିବୁ । କିନ୍ତୁ ସେହି ମୁସଲ୍‌ମାନ୍ ମାନେ ଯେଉଁମାନଙ୍କୁ ଇସ୍‌ଲାମ୍‌ର କିଛି ମଧ୍ୟ ଜ୍ଞାନ ନଥିଲା, ସେମାନେ ଅହେମଦୀୟତ୍ ମାଧ୍ୟମରେ ପ୍ରକୃତ ଇସ୍‌ଲାମ୍‌କୁ ଜାଣିଲେ, ନମାଜ୍ ଶିଖିଲେ, ପବିତ୍ର କୋରାନ୍ ଶିଖିଲେ । ସେହି ଲୋକମାନେ ଉକ୍ତ ଓ୍ୱଲେମାମାନଙ୍କୁ ଉତର ଦେଉଛନ୍ତି ଓ ଅଲ୍ଲାଃତାଲାଙ୍କ ଫଜଲ୍ (ଦୟାବଳ)ରୁ ଏହି ନୌମୁବାଇନ୍ (ନୁଆ ଅହେମଦୀମାନେ) ବହୁତ ସୁଦୃଢ଼ ଅଛନ୍ତି ଓ ସେମାନେ କହୁଛନ୍ତି କି ଏତେଦିନ ହେଲା ତୁମେ କୁଆଡେ ଯାଇଥିଲ । ଆଜି ଯେତେବେଳେ ଜମାତ୍ ଅହେମଦୀୟା ଆସି ଆମକୁ ପବିତ୍ର କୋରାନ୍ ପଢ଼ାଇଲା, ଆମକୁ ନମାଜ ଶିଖାଇଲା, ଆମକୁ ମସ୍‌ଜିଦ୍ ତିଆରି କରି ଦେଲା, ଆମ ପିଲାମାନଙ୍କର ତର୍‌ବିୟତ୍ କଲା, ସେମାନଙ୍କୁ କୋରାନ୍ ପଢ଼ାଇଲା, ନମାଜ ଶିଖାଇଲା, ଧାର୍ମିକ ଜ୍ଞାନ ଦେଲା ଏତେବେଳକୁ ଯାଇ ତୁମର ଧ୍ୟାନ ଆସିଲା ? ତେଣୁ ଆମ ନିକଟରୁ ଚାଲିଯାଓ । ଆମେ କଦାପି ତୁମ କଥାକୁ ମାନିବାକୁ ପ୍ରସ୍ତୁତ ନାହୁଁ । କିନ୍ତୁ ସେ ଯାହା ହେଉ ନା କାହିଁ ଉକ୍ତ ଓ୍ୱଲେମାମାନେ ନିଜ ଚେଷ୍ଟାରେ ଲାଗିଛନ୍ତି । କିନ୍ତୁ ସେମାନଙ୍କୁ ମନେରଖିବା ଉଚିତ୍ ହେବ କି ଏହି ମନୁଷ୍ୟଗତ ଚେଷ୍ଟା ଓ ଯୋଜନା ଖୁଦାତାଲାଙ୍କ ଯୋଜନା ସମ୍ମୁଖରେ ତିଷ୍ଟିପାରିବ ନାହିଁ । ଏହା ଖୁଦାତାଲାଙ୍କର ତକ୍‌ଦିର୍ (ନିୟତି) ରହିଛି କି ସେ ମସିହ୍ ମଉଦ୍‌ଙ୍କ ଅନୁଗାମୀ ମାନଙ୍କୁ ବହୁଳତାରେ ପରିବର୍ତନ କରିଦେବ । ଇନ୍‌ଶାଅଲ୍ଲାଃତାଲା । ସୁତରାଂ ଏ ଦୃଷ୍ଟିରୁ ତ ଆମ ଅହେମଦୀମାନଙ୍କୁ ଟିକିଏ ମଧ୍ୟ ଶଙ୍କା କରିବା ଉଚିତ୍ ନୁହେଁ କି ଏମାନେ ଅହେମଦୀୟତ୍‌ର ଉନ୍ନତିକୁ କୌଣସି ପ୍ରକାରେ ମଧ୍ୟ ରୋକି ପାରିବେ ନାହିଁ । ଅଲ୍ଲାଃତାଲା ଆପଣ ଆ:ସଙ୍କୁ ଏ ସ୍ୱର୍ଗବାଣୀ କରିଥିଲେ କି "ମେଁ ତୁଝେ ଇଜ୍ଜତ୍ ଦୁଙ୍ଗା ଅଓର୍ ବଢ଼ାଉଙ୍ଗା" ଅର୍ଥାତ୍- ମୁଁ ତୁମକୁ ସମ୍ମାନ ଦେବି ଓ ବଢ଼ାଇବି ।

*(ଆସ୍‌ମାନି ଫଇସଲା, ରୁହାନି ଖଜାଏନ୍, ଖଣ୍ଡ-୪, ପୃଷ୍ଠା-୩୪୨)*

ପ୍ରତ୍ୟେକ ଦିନ ଆମେ ଏହି ଦୃଶ୍ୟକୁ ଦେଖୁଅଛୁ କି ଅହେମଦୀ ବିରୋଧି ଲୋକମାନଙ୍କର ଅନବରତ ଚେଷ୍ଟା ହେବା ଅର୍ଥାତ୍ ଇସ୍‌ଲାମ୍‌ର ମୂଳ ବିଶ୍ୱାସ ଓ ପ୍ରଥା ସମ୍ବନ୍ଧରେ ଅହେମଦୀମାନଙ୍କ ବିଷୟରେ ଏ ଅପପ୍ରଚାର କରିବା କି ସେମାନେ ଏଗୁଡିକୁ ମାନୁନାହାଁନ୍ତି ଇତ୍ୟାଦି ସତ୍ୱେ ଶହ ଶହ ଓ ହଜାର ହଜାର ଲୋକେ ଅହେମଦୀୟତ୍‌ରେ ପ୍ରତ୍ୟେକ ଦିନ ସାମିଲ୍ ହେଉଛନ୍ତି । ଅଲ୍ଲାଃତାଲା ଆପଣ ଆ:ସଙ୍କୁ ସମ୍ବୋଧନ କରି କହିଛନ୍ତି କି- "ମେଁ ତେରି ତବ୍‌ଲିଗ୍ କୋ ଜମିନ୍ କେ କିନାରୌଁ ତକ୍ ପହଁଚାଉଙ୍ଗା" ଅର୍ଥାତ୍ ମୁଁ ତୁମର ତବ୍‌ଲିଗ୍ (ପ୍ରଚାର ଓ ପ୍ରସାର) କୁ ପୃଥିବୀର କୋଣ ଅନୁକୋଣରେ ପହଂଚାଇବି ।

*(ଅଲ୍‌ହକମ୍, ଖଣ୍ଡ-୨, ସଂଖ୍ୟା- ୫,୬, ତା-୨୭ ମାର୍ଚ୍ଚ, ୬ ଏପ୍ରିଲ୍ ୧୮୯୮, ପୃଷ୍ଠା-୧୩)* ଏବଂ କିଛି ଲୋକଙ୍କ ବିଷୟରେ ଆମେ ଏହା ମଧ୍ୟ ଜାଣିନଥାଉ କି ସେମାନେ କେଉଁଠାରେ ରହୁଛନ୍ତି । କିନ୍ତୁ ସେମାନେ ଚେଷ୍ଟା କରି ଆମ ସହିତ ସମ୍ପର୍କ କରୁଛନ୍ତି କି କେଉଁ ପ୍ରକାରେ ସେମାନେ ଅହେମଦୀୟତ୍ ବିଷୟରେ ଜାଣିପାରିବେ । ବର୍ତମାନ ସେମାନେ ଜମାତ୍‌ରେ ସାମିଲ୍ ହେବାକୁ ଚାହୁଁଛନ୍ତି । ବର୍ତମାନ ଯୁଗର ଉନ୍ନତ ସାଧନ ଗୁଡିକ ଏହି ତବ୍‌ଲିଗ୍‌କୁ ନିଜେ ହିଁ ସହଜ କରିଦେଇଛି । ପୁଣି ବିରୋଧିମାନଙ୍କର ଆଚରଣ, ସେମାନଙ୍କର ନିଜ ଶୈଳୀର ବକ୍ତବ୍ୟ, ସେମାନଙ୍କର ନିଜର ଭୁଲ୍ ପ୍ରଥା ଯାହା ସୋସିଆଲ୍ ମିଡ଼ିଆ ମାଧ୍ୟମରେ ଆଜିକାଲି ସେମାନେ ପ୍ରସାର କରୁଛନ୍ତି ଓ ନିଜ ନିଜ ମାହୋଲ୍‌ରେ ଅହେମଦୀ ମାନଙ୍କ ସମ୍ବନ୍ଧରେ ଖରାପ ଭାଷା ବ୍ୟବହାର କରୁଛନ୍ତି । ସେମାନଙ୍କର ଏହି ସବୁ କଥା ଓ ଆଚରଣ ଅନେକ ପୁଣ୍ୟ ପ୍ରକୃତିର ଲୋକମାନଙ୍କୁ ଆମ ପ୍ରତି ଧ୍ୟାନ ଆକର୍ଷଣ କରାଉଛି । ସର୍ବୋପରି ଏହା ହେଉଛି ଅଲ୍ଲାଃତାଲାଙ୍କର କାର୍ଯ୍ୟ, ଯାହାକୁ ମନୁଷ୍ୟଗତ ଯୋଜନା ରୋକିପାରିବ ନାହିଁ ।

ଆଜି ଏହି ଜଲ୍‌ସା ମଧ୍ୟ ଯାହା ସାରା ଦୁନିଆରେ ଦେଖା ଶୁଣାଯାଉଛି, ଏହା ମଧ୍ୟ ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗର ଏକ ପ୍ରମାଣ ଅଟେ । ନଚେତ୍ ଆମ ନିକଟରେ ଯେଉଁ ସାଧନ ରହିଛି ଯଦି ତାହାକୁ ଆମେ ଦେଖିବା ତେବେ ଏହା ଅସମ୍ଭବ ଲାଗୁଛି କି ଦୁନିଆରେ ପ୍ରତ୍ୟେକ କୋଣରେ ଇସ୍‌ଲାମ୍‌ର ପ୍ରକୃତ ବାର୍ତାକୁ ଆମେ ପହଂଚାଇପାରିବା ବୋଲି । ତେଣୁ ଏହି ତତବ୍‌ଲିଗ୍ କାର୍ଯ୍ୟକୁ ଖୁଦାତାଲା ସ୍ୱୟଂ କରୁଛନ୍ତି । ଓ ଏହା ମଧ୍ୟ ତବ୍‌ଲିଗ୍‌ର ହିଁ ଏକ ଅଂଶ ଅଟେ କି ଆମେ ଟେଲିଭିଜନ୍ ମାଧ୍ୟମରେ, ସୋସିଆଲ୍ ମିଡ଼ିଆ ମାଧ୍ୟମରେ, ଖତ୍‌ମେ ନବୁଓ୍ୱତ୍‌ର ବାସ୍ତବିକତାକୁ ମଧ୍ୟ ସଂସାରବାସୀକୁ ବତାଇବା । କାରଣ ଅଲ୍ଲାଃତାଲା ଆମକୁ ଏହି ଧାର୍ଯ୍ୟ କାର୍ଯ୍ୟକୁ କରିବା ପାଇଁ ନିୟୋଜିତ କରିଛନ୍ତି । ଏହା ହିଁ ଆମର ମୁନୀବ ଓ ମୌଲା ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଅଲ୍ଲାଃତାଲାଙ୍କର ନିର୍ଦ୍ଦେଶ ରହିଛି କି ଇସ୍‌ଲାମ୍‌ର ତବ୍‌ଲିଗ୍, ସାରା ସଂସାରରେ କରିବାକୁ ହେବ । ଏହି ନିର୍ଦ୍ଦେଶ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃତାଲା ମଧ୍ୟ ଦେଇଛନ୍ତି । ଏ ଯୁଗରେ ଇସ୍‌ଲାମ୍‌ର ପ୍ରସାର ଓ ପ୍ରଚାର ନିମନ୍ତେ ଯେଉଁ ସବୁ ମାଧ୍ୟମ ଓ ସାଧନ ଗୁଡିକ ଅଲ୍ଲାଃତାଲା ଆମକୁ ଦେଇଛନ୍ତି, ତାହା ସବୁ ମସିହ୍ ମଉଦ୍‌ଙ୍କ ଯୁଗ ସହିତ ପ୍ରତିବନ୍ଧିତ ଥିଲା ।

ତେଣୁ ଆମ ସମସ୍ତଙ୍କର ଏ କର୍ତବ୍ୟ କି ଆମେ ତବ୍‌ଲିଗ୍ କରିବା ଓ ସାରା ସଂସାରକୁ ଏହା ବତାଇବା ଯେ ଖତ୍‌ମେ ନବୁଓ୍ୱତ୍‌ର ପ୍ରକୃତ ଅର୍ଥ କଣ ? ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା କଣ ? ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରକୃତ ଦାବି କଣ ?

ଆଁ ହଜ୍‌ରତ୍ ସ:ଆ:ସଙ୍କ ଖାତମୁନ୍ ନବୀଇନ୍ (ନବୀ ଶ୍ରେଷ୍ଠ) ହେବା ଓ ଆପଣ ସ:ଆ:ସଙ୍କ ଉଚ୍ଚତମ ପଦମର୍ଯ୍ୟାଦା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଲେଖନୀରୁ ଆଜି ମୁଁ କିଛି ବର୍ଣ୍ଣନା କରିବି । ବହୁତ ଅଣ ଅହେମଦୀ ମୁସଲ୍‌ମାନ୍ ମଧ୍ୟ ଏପରି ଅଛନ୍ତି ଯେଉଁମାନେ ଆମ ପ୍ରୋଗ୍ରାମ୍‌କୁ ଦେଖୁଛନ୍ତି ଓ ଶୁଣୁଛନ୍ତି, ସେମାନଙ୍କ ପାଇଁ ମଧ୍ୟ ଏହିକଥା ମାର୍ଗଦର୍ଶନର ମାଧ୍ୟମ ହେବ ।

ଆପଣ ଆ:ସ ଏହା କହିଲେ କି ପବିତ୍ର କୋରାନ୍‌ର ଅଲ୍ଲାଃତାଲାଙ୍କ ଏହି ନିର୍ଦ୍ଦେଶ ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି । ଯେଉଁଠି ଖୁଦାତାଲା ଆପଣ ସ:ଆ:ସଙ୍କୁ ଖାତମୁନ୍ ନବୀଇନ୍ ଅଭିହିତ କରିଛନ୍ତି ସେଠାରେ ଆପଣଙ୍କ ଶରୀୟତ୍‌କୁ ମଧ୍ୟ ସମ୍ପୂର୍ଣ୍ଣ କରିଦେଇଛନ୍ତି ଏବଂ ଅଲ୍‌ୟୋମା *ଅକ୍‌ମଲ୍‌ତୁ ଲକୁମ୍ ଦିନକୁମ୍* ର ଘୋଷଣା ମଧ୍ୟ କରିଛନ୍ତି । ଦୀନ୍ ସମ୍ପୂର୍ଣ୍ଣ ମଧ୍ୟ ହୋଇସାରିଛି ଓ ନେମତ୍ (ଆଧ୍ୟାତ୍ମିକ ପୁରସ୍କାର) ମଧ୍ୟ ପୂରଣ ହୋଇସାରିଛି । ତେଣୁ ଈଶ୍ୱରଙ୍କ ନିକଟରେ ଏବେ ଇସ୍‌ଲାମ୍ ହିଁ ପସନ୍ଦଯୋଗ୍ୟ ଦୀନ୍ ଅଟେ । ଏବେ ପୈଗମ୍ବରେ ଖୁଦା ସ:ଆ:ସଙ୍କ ପୁଣ୍ୟ କାର୍ଯ୍ୟର ମାର୍ଗକୁ ଛାଡ଼ି ଅନ୍ୟ କୌଣସି ମାର୍ଗ ଗ୍ରହଣ କରିବା ହେଉଛି ବିଦ୍‌ଅତ୍ (ନୂତନ ପ୍ରଥା) ।

ଆପଣ ନିଜ ବିରୋଧିମାନଙ୍କୁ ସମ୍ବୋଧନ କରି କହୁଛନ୍ତି କି ଏବେ ବତାଓ କି ଏହି ସ୍ୱରଚିତ ବୃତି/ଜପ ଯାହା ତୁମେମାନେ ଗ୍ରହଣ କରିସାରିଛ ଯେପରି ଦରୁଦ୍ ରହିଛି ଓ କିଛି କାଫିୟା (ପଦ) ରହିଛି ଯେପରି ଭୁଲେଶାହ୍‌ଙ୍କ ପଦ, ସେଗୁଡିକୁ ହିଁ ଯଥେଷ୍ଟ ବୋଲି ଭାବି ନିଆଯାଇଛି । ସେଗୁଡିକୁ ଦୀନ୍ ବୋଲି ବିବେଚନା କରାଯାଇଛି । ପବିତ୍ର କୋରାନ୍‌ର ଶିକ୍ଷାକୁ ଭୁଲାଇ ଦିଆଯାଇଛି । ସେମାନଙ୍କର ନମାଜରେ ଆଉ କୌଣସି ମଜା ନାହିଁ ଓ ନମାଜରେ ଆନନ୍ଦ ଅନୁଭବ କରିବା ପରିବର୍ତେ ସ୍ୱରଚିତ ଅଜ୍‌କାର୍ (ବୃତି/ଜପ) ରେ ସେମାନେ ଭାବବିହୋଳ ହୋଇଯାଉଛନ୍ତି ଓ ନିଜର ପଗଡ଼ିକୁ ବାହାର କରି ଫିଙ୍ଗି ଦେଉଛନ୍ତି । ନାଚିବା, ଗାଇବା ଆରମ୍ଭ ହୋଇଯାଉଛି । ଗାଇବା ତ ନୁହେଁ, ନାଚିବା ଆରମ୍ଭ ହୋଇଯାଉଛି । ଡିଆଁ କୁଦା କରି କମ୍ପଉଛନ୍ତି । ଆପଣ ଆ:ସ କହୁଛନ୍ତି କି କଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ଏପରି ଆଚରଣ ହେଉଥିଲା ? ଓ ଏହି ସବୁ କଥା ଯାହା ଆପଣ କହିଲେ ଏହା କେବଳ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର କଥା ନୁହେଁ । ବରଂ ଆଜିକାଲି ମଧ୍ୟ ଏହିଭଳି ମଜ୍‌ଲିସ୍ (ବୈଠକ)

ମୁସଲମାନ୍ ମାନଙ୍କ ଦ୍ୱାରା କରାଯାଉଛି । ଭାଙ୍ଗେଡା ନାଚ କରାଯାଉଛି । ଆଜିକାଲି ସୋସିଆଲ୍ ମିଡ଼ିଆରେ ଏମାନଙ୍କର ଏହି ଆଚରଣ ସର୍ବସାଧାରଣରେ ଦେଖାଯାଉଅଛି । ଏହି ଲୋକମାନେ ଅଜବ ପ୍ରକାରର ରୂପ ବେଶ ବନାଇଛନ୍ତି । ସେ ଯାହା ହେଉ ଆପଣ ଆ:ସ କହୁଛନ୍ତି ତୁମେମାନେ ମୋ ଉପରେ ତ ଏ ଆରୋପ ଲଗାଉଛ କି ମୁଁ ନବୁୱତ୍‌ର ଦାବୀ କରିଛି ଓ ଖତ୍‌ମେ ନବୁୱତ୍‌ର ମୋହରକୁ ଭାଙ୍ଗି ଦେଇଛି ବୋଲି । ଅର୍ଥାତ୍ ଯେପରି ମୁଁ କୌଣସି ମୁସ୍ତକିଲ୍ ନବୁୱତ୍ (ସ୍ଥାୟୀ ନବୀ) ର ଦାବୀ କରିଦେଇଛି । ଆପଣ ଆ:ସ କହିଲେ କି ମୋ ଦାବୀ ତ କେବଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ଆସି ଆପଣ ସ:ଆ:ସଙ୍କ ଶରୀୟତ୍ ଉପରେ ଅମଳ କରିବା ଓ କରାଇବା ଅଟେ । କିନ୍ତୁ ତୁମେ ନିଜକୁ ଦେଖୁନାହଁ କି ତୁମେମାନେ ନିଜେ ହିଁ ମିଥ୍ୟା ନବୁୱତ୍ ସୃଷ୍ଟି କରିଛ । ଯେବେ କି ରସୁଲ୍ ବିରୋଧି ଓ ପବିତ୍ର କୋରାନ୍ ବିରୋଧି ତୁମେ ନୂଆ ନୂଆ ଜପ ଓ ପ୍ରଥା ସୃଷ୍ଟି କରୁଅଛ । ଯଦି ନ୍ୟାୟ ଅଛି ତେବେ ବତାଓ କି କଣ ଆମେ ରସୁଲୁଲ୍ଲାଃ ସ:ଆ:ସଙ୍କ ପବିତ୍ର ଶିକ୍ଷା ଓ ଅମଳରେ କିଛି ଅଧିକ ବଢ଼ାଇଛୁ ବା କମ୍ କରିଛୁ ବା ତୁମେମାନେ କରିଛ ? ଆପଣ ଆ:ସ କହୁଛନ୍ତି କଣ ଅରାରାଃର ଜପ ମୁଁ ବତାଇଛି ବା ଏହା ତୁମଦ୍ୱାରା ସୃଷ୍ଟି ହୋଇଛି ? ଓ ସେହିଭଳି କେବଳ ଅଲ୍ଲାଃହୁ ର ମେହ୍‌ଫିଲ୍ ଅଛି । ନମାଜ ଓ ଦୁଆ ପ୍ରତି କୌଣସି ଧ୍ୟାନ ନାହିଁ । ଜଣାନାହିଁ ଆଉ କଣ କଣ ରସମ୍ (ପ୍ରଥା) ତୁମେମାନେ ସୃଷ୍ଟି କରିଛ । ପୀର୍ ଓ ଫକିର ମାନଙ୍କ କବରରେ ଯାଇ ସଜ୍‌ଦା କରୁଛ । ଇସ୍‌ଲାମ୍ ଧର୍ମରେ ଏହି ସବୁ ବିଦ୍‌ଅତ୍ (ପ୍ରଥା) ସେହି ଲୋକମାନେ ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଦାଖଲ କରିଛନ୍ତି । ତେଣୁ ଆପଣ ଆ:ସ କହୁଛନ୍ତି କି ଉପରୋକ୍ତ ଆରୋପ ମୋ ଉପରେ ଲଗାଓ ନାହିଁ । ନିଜ ଅବସ୍ଥାକୁ ଦେଖ । *(ଉଦ୍ଧୃତ ମଲ୍‌ଫୁଜାତ୍, ଖଣ୍ଡ-୩, ପୃଷ୍ଠା-୮୮-୯୦, ଏଡିଶନ୍-୧୯୮୫, ମୁଦ୍ରଣ- ଇଂଲସ୍ ସ୍ଥାନ)*

ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦମର୍ଯ୍ୟାଦା ବିଷୟରେ ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- "ନିଶ୍ଚିତ ରୂପେ ମନେରଖ କି କୌଣସି ବ୍ୟକ୍ତି ସେ ପର୍ଯ୍ୟନ୍ତ ସଚ୍ଚା ମୁସଲମାନ୍ ହୋଇପାରିବ ନାହିଁ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁଗାମୀ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖାତମୁନ୍ ନବୀଇନ୍ ରୂପେ ବିଶ୍ୱାସ ନକରିଛି । ଯେଉଁପର୍ଯ୍ୟନ୍ତ ଉକ୍ତ ସ୍ୱଗଠିତ ନୂତନ ପ୍ରଥା ଗୁଡ଼ିକରୁ ସେ ଅଲଗା ନହୋଇଛି ଓ ନିଜ ବାକ୍ୟ ଓ କର୍ମ ଦ୍ୱାରା ଆପଣ ସ:ଆ:ସଙ୍କୁ ଖାତମୁନ୍ ନବୀଇନ୍ ରୂପେ ନ ମାନିଛି, (ତାହାହେଲେ) କିଛି ନାହିଁ"

ଆପଣ ପୁଣି କହୁଛନ୍ତି କି "ସାଦି ବହୁତ ଖୁବ୍ କହିଛନ୍ତି କି-

*ବଜୁହଦ୍ ଓ୍ୱ ଓ୍ୱରଅକୁସ୍ ଓ୍ୱ ସିଦ୍‌କ୍ ଓ୍ୱ ସଫା ଓ୍ୱ ଲେକିନ୍ ମି ଫଜାଏ ବର୍ ମୁସ୍ତଫା*

ଅର୍ଥାତ୍-ସଂଯମତା, ସତ୍ୟନିଷ୍ଠା, ସତ୍ୟତା ନିମନ୍ତେ ନିଶ୍ଚିତ ରୂପେ ଚେଷ୍ଟା କର । କିନ୍ତୁ ମୁସ୍ତଫା ସ:ଆ:ସଙ୍କ ଦ୍ୱାରା ବତାଯାଇଥିବା ମାର୍ଗଠାରୁ ଆଗକୁ ବଳିଯାଓନାହିଁ । ଆପଣ ଆ:ସ କହିଲେ କି ମୋ ଆସିବାର ଉଦ୍ଦେଶ୍ୟ ହେଉଛି କେବଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମାନ, ପ୍ରତିଷ୍ଠା ଓ ନବୁୱତ୍‌କୁ ପୁନର୍ବାର ସ୍ଥାପନ କରିବା । ଆପଣ ଆ:ସ କହୁଛନ୍ତି କି "ଆମ (ଆସିବାର) ଉଦ୍ଦେଶ୍ୟ ଯେଉଁଥିପାଇଁ ଈଶ୍ୱର ଆମ ହୃଦୟରେ ଉତ୍ସାହ ସୃଷ୍ଟି କରିଛନ୍ତି, ତାହା ହେଉଛି ଏପରିକି କେବଳ ରସୁଲୁଲ୍ଲାଃ ସ:ଆ:ସଙ୍କ ନବୁୱତ୍‌କୁ ପ୍ରତିଷ୍ଠା କରାଯାଉ, ଯାହାକୁ ଚିରସ୍ଥାୟୀ ରୂପେ ଖୁଦାତାଲା ପ୍ରତିଷ୍ଠା କରିଛନ୍ତି ଓ ଅନ୍ୟ ସମସ୍ତ ମିଥ୍ୟା ନବୁୱତ୍‌କୁ ଖଣ୍ଡ ଖଣ୍ଡ କରିଦିଆଯାଉ ଯାହା ଏହି ଲୋକମାନେ ନିଜ ସ୍ୱରଚିତ ନୂତନ ପ୍ରଥା ଦ୍ୱାରା କାଏମ୍ କରିଛନ୍ତି । ଏହି ସମସ୍ତ ପୀର୍ ଓ ଫକିରମାନଙ୍କୁ ଦେଖନ୍ତୁ ଓ (ଆମ ସମସ୍ତଙ୍କର) କାର୍ଯ୍ୟାବଳୀକୁ ଦେଖିନିଅନ୍ତୁ (ତେବେ ଜାଣିପାରିବେ) କି କଣ ରସୁଲୁଲ୍ଲାଃ ସ:ଆ:ସଙ୍କ ଖତ୍‌ମେ ନବୁୱତ୍ ଉପରେ ଆମେ ବିଶ୍ୱାସ ରଖିଛୁ ବା ସେହି ଲୋକମାନେ ?"

ପୁଣି ଆଉ ଗୋଟିଏ ସ୍ଥାନରେ ଏହି ବିଷୟକୁ ଜାରି ରଖି ଆପଣ ଆ:ସ କହୁଛନ୍ତି:- "ଏହା ହେଉଛି ଅତ୍ୟାଚାରିତା ଓ ଧୃଷ୍ଟତାର କଥା କି ଖତ୍‌ମେ ନବୁୱତ୍‌ରୁ ଖୁଦାତାଲାଙ୍କ ଏତିକି ହିଁ ଇଚ୍ଛା ମାନି ନିଆଯାଉ କି ମୁହଁରୁ ହିଁ ଖାତମୁନ୍ ନବୀଇନ୍‌କୁ ମାନିନିଅ ଏବଂ କାର୍ଯ୍ୟ ତାହା କର ଯାହା ତୁମେ ନିଜେ ପସନ୍ଦ କରୁଛ ଓ ନିଜର ଏକ ଅଲଗା ଶରୀୟତ୍ ବନାଇନିଅ" । ଗଏର୍ ଅହେମଦୀମାନେ ଅଜବ ଅଜବ ପ୍ରକାରର ବିଦ୍‌ଅତ୍ (ନୂତନ ପ୍ରଥା) ବନାଇଛନ୍ତି । "ବାଗ୍‌ଦାଦି ନମାଜ୍, ମାକୁସ୍ ନମାଜ ଇତ୍ୟାଦି" ଉଦ୍ଭାବନ କରିଛନ୍ତି । କଣ ପବିତ୍ର କୋରାନ୍ ବା ନବୀ କରିମ୍ ସ:ଆ:ସଙ୍କ କାର୍ଯ୍ୟାବଳୀରୁ ଏ ସବୁ କଥା କିଛି ମିଳୁଛି ? ଏବଂ ସେହିପରି ଯା ଶେଖ୍ ଅବ୍‌ଦୁଲ୍ କାଦିର ଜିଲାନି ଶୈଅନ୍ ଲିଲ୍ଲାଃ କହିବାର ପ୍ରମାଣ ମଧ୍ୟ ପବିତ୍ର କୋରାନ୍‌ରେ କେଉଁଠାରେ ମିଳୁଛି କି ? ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ତ ଶେଖ୍ ଅବ୍‌ଦୁଲ୍ କାଦିର୍ ଜିଲାନିଙ୍କର ଅସ୍ତିତ୍ୱ ମଧ୍ୟ ନଥିଲା । ପୁଣି ଏ କଥା କିଏ ବତାଇଲା ?" ଆପଣ ପୁଣି କହୁଛନ୍ତି- "ଲଜ୍ଜା କର ! କଣ ଶରୀୟତେ ଇସ୍‌ଲାମ୍‌ର ପାବନ୍ଦ ହେବା ଓ ତାକୁ ମାନିବା ଏହାର ନାମ ଅଟେ ?" ଆପଣ କହୁଛନ୍ତି "ଏବେ ନିଜେ ହିଁ ନିଷ୍ପତି କର କି କଣ ଏହି କଥାକୁ ମାନି ଓ ଏହିପରି ଅମଳ କରି ତୁମେ କଣ ଏ ହକ୍ ରଖିଛ କି ମୋ ଉପରେ ଆରୋପ ଲଗାଇବ ଅର୍ଥାତ୍ ମୁଁ ଖାତମୁନ୍ ନବୀଇନ୍‌ର ମୋହରକୁ ଭାଙ୍ଗି ଦେଇଛି ବୋଲି । ଅସଲ ଓ ସତ୍ୟକଥା ହେଉଛି ଏହା କି ଯଦି ତୁମେମାନେ ନିଜ ମସ୍‌ଜିଦ୍‌ରେ ବିଦ୍‌ଅତ୍‌କୁ ପୁରାଇନଥାନ୍ତ ଓ ଖାତମୁନ୍ ନବୀଇନ୍ ସ:ଆ:ସଙ୍କ ସତ୍ୟ ନବୁୱତ୍ ଉପରେ ବିଶ୍ୱାସ ଆଣି ଆପଣ ସ:ଆ:ସଙ୍କ କାର୍ଯ୍ୟଶୈଳୀ ଓ ପଦାଙ୍କ ଅନୁସରଣକୁ ଆପଣେଇ ନିଜର ଇମାମ୍ ରୂପେ ବନାଇ ଚାଲିଥାଆନ୍ତ ତେବେ ପୁଣି ମୋ ଆସିବାର କଣ ଆବଶ୍ୟକ ଥିଲା" । ଆପଣ କହୁଛନ୍ତି କି "ତୁମମାନଙ୍କର ସେହି ବିଦ୍‌ଅତ୍ ଓ ନୂଆ ନବୁୱତ୍ ହିଁ ଅଲ୍ଲାଃତାଲାଙ୍କ ଗଏରତ୍ (ସ୍ୱାଭିମାନ) କୁ ଉଭାରି ଦେଇଛି କି ରସୁଲୁଲାଃ ସ:ଆ:ସଙ୍କ ଚାଦରକୁ ଘୋଡାଇ ସେ ଜଣେ ବ୍ୟକ୍ତିକୁ ପ୍ରକଟ କରୁ, ଯିଏ ଏହି ମିଥ୍ୟା ନବୁୱତ୍ ଗୁଡ଼ିକର ପ୍ରତିମାକୁ ଭାଙ୍ଗି ଚୁରମାର୍ କରିଦେବ । ସୁତରାଂ ଏହି ସବୁ କାର୍ଯ୍ୟ ନିମନ୍ତେ ଈଶ୍ୱର ମୋତେ ମାମୁର୍ (ପ୍ରେରିତ ଦୂତ) ରୂପେ ପ୍ରେରଣ କରିଛନ୍ତି" । ଆପଣ କହୁଛନ୍ତି "ଗଦ୍ଦି ନଶିନି (ପୀର ଓ ଫକୀର) ଙ୍କୁ ସଜ୍‌ଦା କରିବା ବା ସେମାନଙ୍କର ଆସ୍ଥାନ ଗୁଡ଼ିକର ତଓ୍ୱାଫ୍ କରିବା (ଚାରିପଟେ ଘୁରିବା) ଏହା ତ ବିଲ୍‌କୁଲ୍ ଏକ ସାଧାରଣ କଥା ହୋଇଯାଇଛି" ।

ପୁଣି ଆପଣ ଆ:ସ ନିଜର ଆବିର୍ଭାବର ଉଦ୍ଦେଶ୍ୟ ଓ ଜମାତ ସ୍ଥାପନର ଲକ୍ଷ୍ୟକୁ ବର୍ଣ୍ଣନା କରି ଓ ଖତ୍‌ମେ ନବୁୱତ୍‌ର କଣ ବାସ୍ତବିକତା ରହିଛି, ଏହାର ସ୍ପଷ୍ଟୀକରଣ ଦେଇ କହୁଛନ୍ତି-

"ଅଲ୍ଲାଃତାଲା ଏହି ଜମାତ୍‌କୁ ଏଇଥିପାଇଁ ସ୍ଥାପନ କରିଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସଙ୍କ ନବୁୱତ୍ ଓ ସମ୍ମାନକୁ ପୁନର୍ବାର ସ୍ଥାପନ କରାଯାଉ । ଜଣେ ବ୍ୟକ୍ତି ଯିଏ କାହାର ପ୍ରେମୀ ବୋଲାଏ, ଯଦି ସେହିପରି ଆହୁରି ହଜାର ହଜାର ମଧ୍ୟ ଥିବେ ତେବେ ତା ପ୍ରେମର ବିଶେଷତା କଣ ରହିବ ? ତେବେ ପୁଣି ଯଦି ଏମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ପ୍ରେମରେ ଉତ୍ସର୍ଗୀତ ଅଛନ୍ତି, ଯେପରିକି ଏମାନେ ନିଜେ ଦାବି କରୁଛନ୍ତି, ତେବେ କଣ ପାଇଁ ହଜାର ହଜାର ଖାନ୍‌କାଃ ଏବଂ ମଜାର୍ (କବର୍) ର ଏମାନେ ପୂଜା କରୁଛନ୍ତି" । ଗୋଟିଏ ପଟେ କହୁଛନ୍ତି କି ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରେମରେ ଉତ୍ସର୍ଗୀତ । ଅନ୍ୟପଟେ ଖାନ୍‌କାଃ ଏବଂ ମଜାର୍ ଗୁଡ଼ିକୁ କେବଳ ଦୁଆ ପାଇଁ ଯାଉନାହାଁନ୍ତି ବରଂ ସେଠାରେ ଯାଇ ପୂଜା, ଉପାସନା ମଧ୍ୟ କରୁଛନ୍ତି, ସଜ୍‌ଦା କରୁଛନ୍ତି । ଆପଣ କହୁଛନ୍ତି କି "ମଦିନା ତୟବା (ପବିତ୍ର ମଦିନା) ତ ଯାଉଛନ୍ତି" । ଠିକ୍ ଅଛି ଯାଉଛନ୍ତି, ହଜ୍ ଏବଂ ଉମ୍‌ରା ନିମନ୍ତେ ମଧ୍ୟ ଯାଉଛନ୍ତି ଓ ଦୁଆ ମଧ୍ୟ କରୁଛନ୍ତି । "କିନ୍ତୁ ଆଜ୍‌ମିର୍ ଓ ଅନ୍ୟ ଖାନ୍‌କାଃକୁ ଲଣ୍ଡା ମୁଣ୍ଡ ଓ ଖାଲିପାଦରେ ଯାଉଛନ୍ତି" । ତାକୁ ମଧ୍ୟ ସେହି ମର୍ଯ୍ୟାଦା ଦେଉଛନ୍ତି । "ପାକ୍ ପତନ୍‌ର ଝରକା ଦେଇ ପାରି ହେବାକୁ ନଜାତ୍ (ମୁକ୍ତି/ମୋକ୍ଷ) ନିମନ୍ତେ ଏହାକୁ ଯଥେଷ୍ଟ ଭାବୁଛନ୍ତି" । ଏହିପରି ବିଦ୍‌ଅତ୍ ଏମାନେ ସୃଷ୍ଟି କରିଛନ୍ତି କି ସେଠାରେ ବୁଜୁରୁଗ୍ ଙ୍କ ଝରକା ଭିତର ଦେଇ ପାର୍ ହୋଇଯାଓ ତ ନଜାତ୍ ମିଳିଯିବ । ପୁଣି କହୁଛନ୍ତି କି "କିଏ କେଉଁଠି ଏକ ପତାକା ଛିଡ଼ା କରି ରଖିଛି ତ ଆଉ କୌଣସି ରୂପ ଗ୍ରହଣ କରି ରଖିଛି । ଏହି ଲୋକମାନଙ୍କର ଉରୁସ୍ ଓ ମେଳାକୁ ଦେଖି ଜଣେ ସଚ୍ଚା ମୁସଲମାନ୍‌ର ହୃଦୟ କମ୍ପି ଉଠୁଛି କି ଏମାନେ ଏପରି କଣ ବନାଇ ରଖିଛନ୍ତି" । ଆପଣ ଆ:ସ କହୁଛନ୍ତି କି "ଯଦି ଖୁଦାତାଲାଙ୍କୁ ଇସ୍‌ଲାମ୍‌ର ଗଏରତ୍ (ସ୍ୱାଭିମାନ) ନଥାନ୍ତା ଏବଂ *ଇନ୍ନଦ୍ ଦୀନା ଇନ୍‌ଦଲ୍ଲାହିଲ୍ ଇସ୍‌ଲାମ୍* (ସୁରା ଆଲେ ଇମ୍‌ରାନ୍:୨୦) ଖୁଦାଙ୍କ ବାଣୀ ନଥାନ୍ତା ଏବଂ ସେ ଏହା କହିନଥାନ୍ତା କି *ଇନ୍ନା ନହ୍‌ନୋ ନଜ୍ଜଲନଜ୍ ଜିକ୍‌ରା ଓ୍ୱ ଇନ୍ନା ଲହୁ ଲହାଫେଜୁନ୍* (ହୁଜୁରାତ୍:୧୦) ତେବେ ନିଶ୍ଚିତ ରୂପେ ଇସ୍‌ଲାମ୍‌ର ଅବସ୍ଥା ଆଜିକାଲି ଏପରି ହୋଇଯାଇଥାଆନ୍ତା କି ତାହାର ନିଃଶେଷ ହେବାରେ କୌଣସି ଶଙ୍କା ରହିନଥାନ୍ତା । କିନ୍ତୁ ଅଲ୍ଲାଃତାଲାଙ୍କ ଗଏରତ୍ ଜୋସ୍‌ରେ ଆସିଲା ଓ ତାର କରୁଣା ଓ ସୁରକ୍ଷାର ପ୍ରତିଶ୍ରୁତି ଏହା ଆବଶ୍ୟକ କଲା କି ରସୁଲୁଲ୍ଲାଃ ସ:ଆ:ସଙ୍କ ପ୍ରତିରୂପ ଓ ଅନୁରୂପକୁ ପୁଣି ସେ ଅବତୀର୍ଣ୍ଣ କରିବ ଓ ଏହି ଯୁଗରେ ଆପଣ ସ:ଆ:ସଙ୍କ ନବୁୱତ୍‌କୁ ନୂତନ ରୂପେ ଜିବୀତ କରି ଦେଖାଇବ । ସୁତରାଂ ସେ ଏହି ସିଲ୍‌ସିଲାକୁ ସ୍ଥାପନ କଲା ଓ ମୋତେ ମାମୁର୍ ଓ ମେହ୍‌ଦୀ ରୂପେ ବନାଇ ପଠାଇଲା"

ତେଣୁ ହଜ୍‌ରତ୍ ମସିହ୍ ମଉଦ୍

ଆ:ସଙ୍କୁ ଅଲ୍ଲାଃତାଲା ନିଜ ପ୍ରିୟତମର ଦୀନ୍‌କୁ ପୁନର୍ବାର ସଂସାରରେ ତାର ଅସଲ ଅବସ୍ଥାରେ କାଏମ୍ କରିବା ପାଇଁ ଓ ପ୍ରସାର କରିବା ପାଇଁ ପଠାଇଛନ୍ତି ଓ ଯାହାଙ୍କୁ ଅଲ୍ଲାଃତାଲା ପ୍ରେରଣ କରିଛନ୍ତି ତାଙ୍କୁ ଏ ପ୍ରତିଶୃତି ଦେଇ ପଠାଇଛନ୍ତି କି ତାଙ୍କ ଜରିଆରେ ସେ ବିଜୟ ପ୍ରଦାନ କରିବ । ତାଙ୍କୁ ସାଂସାରିକ ସରକାର ଦ୍ଵାରା ଲଗାଯାଇଥିବା ପ୍ରତିବନ୍ଧକ ଓ ଓ୍ଵଲେମା ମାନଙ୍କ ଅତ୍ୟାଚାର ଓ ସେମାନଙ୍କର କୁଭାଷା ଓ ଗାଳିଗୁଲଜ କରିବା ଏହାକୁ ବଢ଼ିବା ଓ ପ୍ରସାର ହେବାରୁ କିପରି ରୋକି ପାରିବ ।

ଆମେ ହିଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚା ଦାସଙ୍କ ଶିକ୍ଷା ମୁତାବକ ଓ ତାଙ୍କର ମିଶନ୍‌କୁ ଜାରି ରଖି ଆଜି ଦୁନିଆର ୨୧୦ ଗୋଟି ଦେଶରେ ଖାତମୁନ୍ ନବୀଇନ୍‌ର ଝଣ୍ଡା (ପତାକା/ବାନା) କୁ ଉଡାଇ ଚାଲିଛୁ ।

ଏକଥାର ସ୍ଵଷ୍ଟୀକରଣ ଦେଇ କହୁଛନ୍ତି କି ଏ ସିଲ୍‌ସିଲାର ସ୍ଥାପନା ଅଲ୍ଲାଃତାଲା କେଉଁ ଉଦ୍ଦେଶ୍ୟରେ କରିଛନ୍ତି ? ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

"ଆଜି ଦୁଇ ପ୍ରକାରର ଶିର୍କ୍ ସୃଷ୍ଟି ହୋଇଯାଇଛି, ଯାହା ଇସ୍‌ଲାମ୍‌କୁ ନିଃଶେଷ କରିଦେବା ପାଇଁ ବହୁତ ଚେଷ୍ଟା କରିଛି ଏବଂ ଯଦି ଖୁଦାତାଲାଙ୍କର ଦୟା ସାଥିରେ ନଥାନ୍ତା ତେବେ ଏହା ନିଶ୍ଚିତ ଥିଲା କି ଖୁଦାତାଲାଙ୍କ ସମ୍ମାନିତ ଓ ପ୍ରଶଂସାଯୋଗ୍ୟ ଦୀନ୍‌ର ଚିହ୍ନବର୍ଣ୍ଣ ଲୋପ ହୋଇଯାଇଥାଆନ୍ତା । କିନ୍ତୁ ଯେହେତୁ ସେ ଏ ପ୍ରତିଶୃତି ଦେଇଥିଲା *ଇନ୍ନା ନହ୍‌ନୋ ନଜ୍ଜଲ୍‌ନଜ୍ ଜିକ୍‌ରା ଓ୍ଵ ଇନ୍ନା ଲହୁ ଲହାଫେଜୁନ୍* (ହୁଜୁରାତ୍:୧୦) । ଏହି ପ୍ରତିଶୃତି ସୁରକ୍ଷାକୁ ଚାହୁଁଥିଲା । ଅର୍ଥାତ୍ ଯେବେ (ଉକ୍ତ) ବିନାଶକାରୀ ଅବସର ଆସିବ ତେବେ ସେ ତାର ଖବର ନେବ" । ଆପଣ ପୁଣି କହୁଛନ୍ତି "ଚଉକିଦାରର କାମ ହେଉଛି କି ସେ ଚୋରମାନଙ୍କୁ ଓ ଅନ୍ୟ ଅପରାଧିମାନଙ୍କୁ ଦେଖି ନିଜର ଯୋଜନାବଦ୍ଧ ଧାର୍ଯ୍ୟ କାର୍ଯ୍ୟ ଉପରେ ଅମଲ କରିଥାଏ । ସେହିପରି ଆଜି ଯେହେତୁ ଫିତନ୍ (ବିଭ୍ରାଟ) ଏକାଠି ହୋଇଯାଇଥିଲେ" ବହୁତ ଗୁଡିଏ ବିଭ୍ରାଟ ଏକତ୍ରିତ ହୋଇଯାଇଥିଲେ । "ଓ ଇସ୍‌ଲାମ୍‌ର କିଲା ଉପରେ ପ୍ରତ୍ୟେକ ପ୍ରକାରର ବିରୋଧି ଅସ୍ତ୍ରଶସ୍ତ୍ର ଧରି ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇଯାଇଥିଲେ । ସେଇଥିପାଇଁ ଖୁଦାତାଲା ଏହା ଚାହୁଁଛନ୍ତି କି ସେ ମିନ୍‌ହାଜେ ନବୁଓ୍ଵତ୍ ସ୍ଥାପନ କରୁ । ଇସ୍‌ଲାମ୍ ବିରୋଧି ଅଣୁଗୁଡିକ ବାସ୍ତବରେ ବହୁତ ଦିନରୁ କାର୍ଯ୍ୟ କରୁଥିଲେ ଓ ପରିଶେଷରେ ଏବେ ତାହା ଫୁଟି ବାହାରି ପଡ଼ିଛନ୍ତି, ଯେପରି ପ୍ରାରମ୍ଭରେ ନୁତ୍‌ଫା (ବୀଜରୋପଣ) ହୋଇଥାଏ ଓ ପୁଣି ଗୋଟିଏ ଧାର୍ଯ୍ୟ ସମୟ ପରେ ତାହା ଗୋଟିଏ ପିଲା ହୋଇ ଜନ୍ମ ନେଇଥାଏ । ସେହିପରି ଇସ୍‌ଲାମ୍ ବିରୋଧି ପିଲାର ଆବିର୍ଭାବ ହୋଇସାରିଛି ଓ ଏବେ ସେ ବଡ଼ ହୋଇ ଶକ୍ତିଶାଳୀ ହୋଇଯାଇଛି" । ଏହା ଆମେ ଆଜିକାଲି ଦେଖୁଅଛୁ କି ଏ ଦୁନିଆର ପ୍ରତ୍ୟେକ ସ୍ଥାନରେ ସାଂସାରିକ ଲୋକମାନେ ମଧ୍ୟ ଇସ୍‌ଲାମ୍‌କୁ ବିରୋଧ କରୁଛନ୍ତି । ସେମାନଙ୍କର ଉଦ୍ଦେଶ୍ୟ ହେଉଛି ଭୌଗଳିକ ଶକ୍ତି ହାସଲ କରିବା, ରାଜନୈତିକ ଶକ୍ତି ହାସଲ କରିବା, କିନ୍ତୁ ଇସ୍‌ଲାମ୍‌କୁ ବଦନାମ୍ କରି ସେମାନେ ଏହି ଶକ୍ତି ହାସଲ କରିବାକୁ ଚାହୁଁଛନ୍ତି । ଇସ୍‌ଲାମୀୟ ଦେଶ ଗୁଡିକର ଧନ ସମ୍ପତିକୁ ହାସଲ କରିବା ପାଇଁ ମଧ୍ୟ ଅର୍ଥାତ୍ ଧର୍ମୀୟ ଦୃଷ୍ଟିକୋଣରୁ ମଧ୍ୟ ଓ ସାଂସାରିକ ଦୃଷ୍ଟିକୋଣରୁ ମଧ୍ୟ, ପ୍ରତିକ୍ଷେତ୍ରରୁ ଆଜିକାଲି ଇସ୍‌ଲାମ୍‌କୁ ଅର୍ଥାତ୍ ମୁସଲ୍‌ମାନ୍ ମାନଙ୍କୁ ଶରବ୍ୟ କରାଯାଉଛି । ଆପଣ ଆ:ସ କହୁଛନ୍ତି କି ସମ୍ପୂର୍ଣ୍ଣ ଜୋସ୍ ଓ ଶକ୍ତି ଦ୍ଵାରା ଆଜିକାଲି ଏପରି ବିରୋଧ ହେଉଅଛି । ଆପଣ କହୁଛନ୍ତି "ସେଥିପାଇଁ ତାକୁ ନିଃଶେଷ କରିଦେବା ନିମନ୍ତେ ଖୁଦାତାଲା ଆକାଶରୁ ଗୋଟିଏ ଅସ୍ତ୍ର ଅବତୀର୍ଣ୍ଣ କରିଛନ୍ତି ଏବଂ ସେହି ଯୋଜନା ଓ ଶିର୍କ୍‌କୁ ଯାହା ଭିତରେ ଓ ବାହାରେ ସୃଷ୍ଟି ହୋଇଯାଇଥିଲା, ତାହା ସବୁ ଦୂର କରିବା ନିମନ୍ତେ ଓ ପୁଣି ଖୁଦାତାଲାଙ୍କ ଏକେଶ୍ଵରବାଦ ଓ ଦିପ୍ତିକୁ କାଏମ୍ କରିବା ପାଇଁ ଏହି ସିଲ୍‌ସିଲାକୁ (ସେ) ସ୍ଥାପନ କରିଛି" । ଭିତରେ ଭିତରେ ମଧ୍ୟ ମୁସଲ୍‌ମାନମାନେ କବରକୁ ପୂଜା କରି ଏକ ପ୍ରକାର ଶିର୍କ୍ ସୃଷ୍ଟି କରିଛନ୍ତି ଓ ବାହ୍ୟ ଆକାରରେ ମଧ୍ୟ ଲୋକେ ଅଲ୍ଲାଃତାଲାଙ୍କୁ ଅସ୍ଵୀକାର କରିସାରିଛନ୍ତି । ଶିର୍କ୍ ଏପରି ମଧ୍ୟ ବଢ଼ି ଚାଲିଛି । ସାଂସାରିକ ଲୋକମାନେ ଶିର୍କ୍‌ରେ ପିଡୀତ ହୋଇସାରିଛନ୍ତି । ସେଥିଯୋଗୁ ଆପଣ ଆ:ସ କହିଲେ କି ଏହିପରି ସମସ୍ତ ଶିର୍କ୍‌ର ଦୁରୀକରଣ ନିମନ୍ତେ ଅଲ୍ଲାଃତାଲା ଏହି ସିଲ୍‌ସିଲାକୁ ସ୍ଥାପନ କରିଛନ୍ତି । ଆପଣ କହୁଛନ୍ତି କି "ଏହି ସିଲ୍‌ସିଲା (ଅନୁଷ୍ଠାନ) ଖୁଦାଙ୍କ ତରଫରୁ ଏବଂ ମୁଁ ବଡ଼ ଦାବିର ସହିତ ଓ ଦୂର ଦୃଷ୍ଟି ରଖି କହୁଛି କି ନିଶ୍ଚିତ ରୂପେ ଏହା ଖୁଦାଙ୍କ ତରଫରୁ ଅନୁଷ୍ଠିତ ହୋଇଛି । ସେ ନିଜ ହାତରେ ଏହାକୁ ସ୍ଥାପନ କରିଛନ୍ତି, ଯେପରିକି ସେ ଏହି ସିଲ୍‌ସିଲା ନିମନ୍ତେ ନିଜର ସାହାଯ୍ୟ ସହଯୋଗକୁ ପ୍ରକାଶ କରି ଦେଖାଇ ଦେଇଛନ୍ତି" ।

(ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୯୦-୯୩, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ପୁଣି ଆପଣ ଆ:ସ ଏ ବିଷୟରେ ଆହୁରି ଅଧିକ ସ୍ଵଷ୍ଟୀକରଣ ଦେଇ କହୁଛନ୍ତି କି ଅଲ୍ଲାଃତାଲାଙ୍କ ନିକଟରୁ ଆସିଥିବା (ବ୍ୟକ୍ତି ବିଶେଷ) ଦୁଇ ପ୍ରକାରର ଅଟନ୍ତି । ଜଣେ ହେଉଛନ୍ତି ଶରୀୟତ୍ (ଧର୍ମବିଧାନ) ଆଣିବା ବାଲା ଓ ଆଉଜଣେ ହେଉଛନ୍ତି ସେ ଯିଏ ଶରୀୟତ୍ ଆଣିଥିବା ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକୁ ଜାରି ରଖିବା ନିମନ୍ତେ ଖୁଦାତାଲାଙ୍କ ତରଫରୁ ଆସିଥାନ୍ତି ।

ଆପଣ ଆ:ସ ପୁଣି କହୁଛନ୍ତି କି "ଖୁଦାତାଲାଙ୍କ ନିକଟରୁ ମାମୁର୍ (ଦୂତ) ହୋଇକରି ଆସିଥିବା ଲୋକମାନେ ଦୁଇପ୍ରକାରର ଅଟନ୍ତି । ପ୍ରଥମ ଜଣକ ହେଉଛନ୍ତି ସେ, ଯିଏ ଶରୀୟତ୍‌କୁ ନେଇ ଆସିଥାନ୍ତି, ଯେପରି ମୁସା ଆ:ସ ଓ ଦ୍ଵିତୀୟ ଜଣକ ହେଉଛନ୍ତି ସେ, ଯିଏ ଶରୀୟତ୍‌କୁ ଜୀବିତ କରିବା ପାଇଁ ଆସିଥାନ୍ତି, ଯେପରି ହଜ୍‌ରତ୍ ଇସା ଆ:ସ । ସେହିପରି ଆମର ଏ ବିଶ୍ଵାସ ରହିଛି କି ଆମ ନବୀ କରିମ୍ ସ:ଆ:ସ ପୁର୍ଣ୍ଣ ଶରୀୟତ୍ ନେଇକରି ଆସିଛନ୍ତି, ଯିଏ ନବୁଓ୍ଵତ୍‌ର ଖାତମ୍ ଥିଲେ । ସେଥିପାଇଁ ଯୁଗର ଶକ୍ତି ଓ ଯୋଗ୍ୟତା (ତାଙ୍କୁ) ଖତ୍‌ମେ ନବୁଓ୍ଵତ୍ କରିଦେଇଥିଲା । ସୁତରାଂ ହଜୁର୍ ସ:ଆ:ସଙ୍କ ପରେ ଆମେ ଅନ୍ୟ କୌଣସି ଶରୀୟତ୍ ଆସିବାର କଦାପି ସ୍ଵୀକାର କରୁନାହୁଁ । ହଁ ଯେପରି ଆମ ପୈଗମ୍ବର୍ ଖୁଦା ସ:ଆ:ସ ମସିଲେ ମୁସା ଅର୍ଥାତ୍ ମୁସାଙ୍କ ଅନୁରୂପ ଥିଲେ, ସେହିପରି ଆପଣ ସ:ଆ:ସଙ୍କ ସିଲ୍‌ସିଲାର ଖାତମ୍ ଯିଏ ଖାତମୁଲ୍ ଖୋଲଫା ଅଟନ୍ତି ଅର୍ଥାତ୍ ମସିହ୍ ମଉଦ୍ ଅଟନ୍ତି,ଏହା ନିଶ୍ଚିତ ଥିଲା କି ସେ (ଇସା) ମସିହ୍‌ଙ୍କ ଅନୁରୂପ ଆସିଥାଆନ୍ତା । ତେଣୁ ମୁଁ ହେଉଛି ସେହି ଖାତମୁଲ୍ ଖୋଲଫା ଓ ମସିହ୍ ମଉଦ୍ । ଯେପରି ମସିହ୍ (ନାସ୍‌ରି) କୌଣସି ଶରୀୟତ୍ ଆଣିନଥିଲେ ବରଂ ମୁସାଙ୍କ ଶରୀୟତ୍‌କୁ ଜିବୀତ କରିବା ପାଇଁ ଆସିଥିଲେ (ସେହିପରି) ମୁଁ କୌଣସି ନୁଆ ଶରୀୟତ୍ ନେଇ ଆସିନାହିଁ ଓ ମୋ ହୃଦୟ ଏହା କଦାପି ମାନିପାରିବ ନାହିଁ କି ପବିତ୍ର କୋରାନ୍ ପରେ ଏବେ ଅନ୍ୟ କୌଣସି ଶରୀୟତ୍ ଆସିପାରିବ ବୋଲି । କାରଣ ତାହା ହେଉଛି ପୁର୍ଣ୍ଣ ଶରୀୟତ୍ ଓ ଖାତମୁଲ୍ କୁତୁବ୍ (ଶ୍ରେଷ୍ଠତମ ପୁସ୍ତକ) । ସେହିପରି ଖୁଦାତାଲା ମୋତେ ଶରୀୟତେ ମହମ୍ମଦି (ମହମ୍ମଦ୍ ସ:ଆ:ସ ଙ୍କ ଶରୀୟତ୍) କୁ ଜିବୀତ କରାଇବା ପାଇଁ ଏହି ଶତାବ୍ଦିରେ ଖାତମୁଲ୍ ଖୋଲଫା ନାମରେ ଆବିର୍ଭାବ କରାଇଛନ୍ତି । ଖୁଦାତାଲାଙ୍କ ତରଫରୁ ଯେଉଁ ଏଲ୍‌ହାମାତ୍ (ଐଶିବାଣୀ) ଗୁଡିକ ମୋତେ ହେଉଅଛି ଓ ସେଗୁଡିକୁ ସର୍ବଦା ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କ ମଧ୍ୟରେ ପ୍ରକାଶ (ସର୍କୁଲେଟ୍) କରାଯାଉଅଛି ଓ ଛପାଇ ବଂଟାଯାଉଛି ତାହା ନଷ୍ଟ ହେବେ ନାହିଁ ଓ ତାହା କାଏମ୍ ରହିବେ" ।

*(ମଲ୍‌ଫୁଜାତ୍ ଖଣ୍ଡ-୨, ପୃଷ୍ଠା-୨୭୨, ଏଡିଶନ୍-୧୯୮୫, ମୁଦ୍ରଣ ଇଂଲିସ୍ ସ୍ଥାନ)*

ପୁଣି ଆପଣ ଆ:ସ ବଳିଷ୍ଠ ବାକ୍ୟରେ ଏହା ମଧ୍ୟ କହିଲେ କି ମୁଁ ଯାହା କିଛି ପାଇଛି ତାହା ଆଁ ହଜ୍‌ରତ୍ ସ:ଆ:ସଙ୍କ କରୁଣା ଓ ଅନୁଗ୍ରହ ଅଟେ । ସୁତରାଂ ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି:-

"ମୁଁ ଇଶ୍ଵରଙ୍କ ରାଣ ଖାଇ କହୁଛି କି ମୋ ହୃଦୟ ଭିତରେ ଯେଉଁ ପ୍ରକୃତ ଜୋସ୍ ରହିଛି ତାହା ହେଉଛି ଏପରି କି ସମସ୍ତ ପ୍ରଶଂସା, ସ୍ତୁତି ଓ ସମସ୍ତ ପ୍ରକାର ସୌନ୍ଦର୍ଯ୍ୟପୁର୍ଣ୍ଣ ବିଶେଷ ଗୁଣକୁ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତେ କରିବି । ମୋର ସମସ୍ତ ଖୁସି ଏଥିରେ ହିଁ ରହିଛି ଓ ମୋ ଆବିର୍ଭାବ ହେବାର ଅସଲ ଉଦ୍ଦେଶ୍ୟ ହେଉଛି ଏହା କି ଇଶ୍ଵରଙ୍କ ଏକେଶ୍ଵରବାଦ ଏବଂ ରସୁଲେ କରିମ୍ ସ:ଆ:ସଙ୍କ ସମ୍ମାନ ସଂସାରରେ ପ୍ରତିଷ୍ଠା ହେଉ । ମୁଁ ନିଶ୍ଚିତ ରୂପେ ଜାଣିଛି କି ମୋ ପାଇଁ ଯେତେକ ପ୍ରଶଂସନୀୟ ଶବ୍ଦ ଓ ପ୍ରଶଂସାର କଥା ଅଲ୍ଲାଃତାଲା ବର୍ଣ୍ଣନା କରିଛନ୍ତି ବାସ୍ତବରେ ଏହା ସବୁ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଇଁ ହିଁ ହୋଇଛି" ।

ଅର୍ଥାତ୍- ତାଙ୍କ ସହିତ ଏହା ସମ୍ବନ୍ଧିତ । ଆପଣ ସ:ଆ:ସଙ୍କ ଏହା ହେଉଛି ଅନୁଗ୍ରହ ଓ ଆପଣ ସ:ଆ:ସଙ୍କ କରୁଣାରୁ ହିଁ ହୋଇଛି । ଆପଣ ଆ:ସ କହୁଛନ୍ତି "ଏହା ଏଇଥିପାଇଁ କି ମୁଁ ହେଉଛି ଆପଣ ସ:ଆ:ସଙ୍କର ହିଁ ଦାସ । ଓ ଆପଣ ସ:ଆ:ସଙ୍କ ମିଶ୍‌କାତେ ନବୁଓ୍ଵତ୍ (ନବୁଓ୍ଵତ୍‌ର ଦୀପସ୍ତମ୍ଭ)ରୁ ଜ୍ୟୋତି ହାସଲ କରିବା ବାଲା ଓ ସ୍ଥାୟୀ ରୂପେ ଆମେ କିଛି ବି ନୋହୁଁ । ଏ ଦୃଷ୍ଟିକୋଣରୁ ମୋର ଏ ପୁର୍ଣ୍ଣ ବିଶ୍ଵାସ କି ଯଦି କୌଣସି ବ୍ୟକ୍ତି ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ ଏ ଦାବି କରେ କି ମୁଁ ସ୍ଥାୟୀ ରୂପେ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିନା ଅନୁଗ୍ରହରେ ମାମୁର୍ (ନିୟୋଜିତ) ହୋଇଛି ଓ ଖୁଦାଙ୍କ ସହିତ ମୋର ସମ୍ପର୍କ ଅଛି ବୋଲି ତେବେ ସେ ମର୍‌ଦୁଦ୍ ଓ ମଖ୍‌ଜୁଲ୍ (ପ୍ରତାଡିତ ଓ ତିରସ୍କୃତ) ଅଟେ । ଖୁଦାତାଲାଙ୍କର ସଦା ସର୍ବଦା ପାଇଁ ଏ ମୋହର ଲାଗିଛି କି କୌଣସି

ବ୍ୟକ୍ତି ଆଁ ହଜ୍‌ରତ୍ ସ:ଆ:ସଙ୍କ ବିନା ଅନୁସରଣରେ ଅଲ୍ଲାଃତାଲାଙ୍କ ଦରବାରରେ ଗ୍ରହଣୀୟ ହୋଇପାରିବ ନାହିଁ" ।

*(ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୨୮୭, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)* ଅଲ୍ଲାଃତାଲାଙ୍କ ଆଡକୁ ଯିବାପାଇଁ ଓ ଅଲ୍ଲାଃତାଲାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଗୋଟିଏ ହିଁ ଦ୍ୱାର ଅଛି ଏବଂ ତାହା ହେଉଛି ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ ।

ତେଣୁ ଏହା ହେଉଛି ଆମ ଇମାନ୍‌ର ଅଂଶ କି ଆଁ ହଜ୍‌ରତ୍ ସ:ଆ:ସ ହେଉଛନ୍ତି ଖାତମୁଲ୍ ଅମ୍ବେୟା (ନବୀ ଶ୍ରେଷ୍ଠ) ଓ ପବିତ୍ର କୋରାନ୍ ହେଉଛି ଖାତମୁଲ୍ କୁତୁବ୍ (ଶ୍ରେଷ୍ଠ ପୁସ୍ତକ) ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୌଣସି ନୂଆ ଶରୀୟତ୍ ନେଇ ଆସିନାହାଁନ୍ତି ନା ଏବେ କୌଣସି ନୂଆ ଶରୀୟତ୍ ଆସିପାରିବ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଉଚ୍ଚତମ ପଦବୀ ଏହା ତକାଜା କରୁଛି ଅର୍ଥାତ୍ ଏହା ଚାହୁଁଛି କି ଆପଣ ସ:ଆ:ସଙ୍କ ଅନୁସରଣ ଯୋଗୁ ଓ ଆପଣଙ୍କ ଦାସତ୍ୱରେ ରହିବା ଯୋଗୁ ଆସିବାକୁ ଥିବା ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍‌ଙ୍କୁ ଖୁଦାତାଲା ନବୀର ପଦବୀ ପ୍ରଦାନ କରିଛି ଓ କୌଣସି ଅନ୍ୟ ନବୀଙ୍କୁ ଏ ପଦବୀ ହାସଲ ହୋଇନାହିଁ କି ତାଙ୍କୁ ଶରୀୟତି ନବୀର ଦାସତ୍ୱ ରେ ଅର୍ଥାତ୍ କୌଣସି ନବୀଙ୍କ ଦାସତ୍ୱ ଯୋଗୁ ମାମୁର୍ ହେବାର ପଦ ମର୍ଯ୍ୟାଦା ମିଳିଥିବ । ସୁତରାଂ ଏହା ହେଉଛି ଆମର ଇମାନ୍ ଓ ଆମେ ଏହି ଇମାନ୍ ଉପରେ କାଏମ୍ ରହିଛୁ କି ଆଁ ହଜ୍‌ରତ୍ ସ:ଆ:ସ ହେଉଛନ୍ତି ଖାତମୁନ୍ ନବୀଇନ୍ ଓ ପବିତ୍ର କୋରାନ୍ ହେଉଛି ଖାତମୁଲ୍ କୁତୁବ୍ ଓ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ହେଉଛନ୍ତି ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ସଚ୍ଚା ଦାସ ଏବଂ ସେ ହେଉଛନ୍ତି ମସିହ୍ ମଉଦ୍ ଓ ଖାତମୁଲ୍ ଖୋଲଫା, ଯାହାଙ୍କ ଆଗମନର ଖବର ଆମକୁ ଆଁ ହଜ୍‌ରତ୍ ସ:ଆ:ସ ଦେଇଥିଲେ ଓ ତାଙ୍କୁ ନିଜର ସଲାମ୍ ପହଂଚାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

*(ଅଲ୍ ମୁଅଜମୁଲ୍ ଔସତ୍, ଖଣ୍ଡ-୩, ପୃଷ୍ଠା-୩୮୩-୩୮୪, ହଦିସ୍ ନଂ-୪୮୯୮.....ଉର୍ଦ୍ଦୁନ୍ ୧୯୯୯)*

ଯେଉଁ ଅହେମଦୀ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପଦମର୍ଯ୍ୟାଦାକୁ ଏହାଠାରୁ ଅଧିକା ଭାବୁଛି ସେ ନିଶ୍ଚିତ ରୂପେ ମୁସଲମାନ୍ ନୁହେଁ, ଯେପରିକି ମୁଁ ପୂର୍ବରୁ ମଧ୍ୟ କହିଛି ଅନ୍ୟ ମୁସଲମାନ୍ ଓ୍ୱଲେମାମାନେ ଓ ସରକାର ଏହି କଥାକୁ ନେଇ ଅର୍ଥାତ୍ ଆମେ ଖତ୍‌ମେ ନବୁଓ୍ୱତ୍ ଉପରେ ବିଶ୍ୱାସ ରଖୁନାହୁଁ ଓ ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଶେଷ ନବୀ ବୋଲି ମାନୁନାହୁଁ, ଏଥିରେ ନିଶ୍ଚିତ ରୂପେ ଆମ ଉପରେ କିସମ କିସମର ଫତ୍‌ଓ୍ୱା ଲଗାନ୍ତୁ ଓ ଅହେମଦୀ ମାନଙ୍କୁ ଦୁଃଖ କଷ୍ଟ ପହଂଚାନ୍ତୁ ଓ ହତ୍ୟା କରିବା ପାଇଁ ସାଧାରଣ ମୁସଲମାନ୍ ମାନଙ୍କୁ ଉତ୍ତାରନ୍ତୁ । କିନ୍ତୁ ଆମ ଇମାନ୍‌କୁ ଇନ୍‌ଶାଅଲ୍ଲାଃତାଲା କଦାପି ଦୋହଲାଇ ପାରିବେ ନାହିଁ, କାରଣ ଆମେ ତାହା ହିଁ ପାଇଛୁ ଯାହା ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଆମଠାରୁ ଆଶ କରୁଥିଲେ । ଆମେ ଅଲ୍ଲାଃତାଲା ଏବଂ ତାର ରସୁଲ୍ ସ:ଆ:ସଙ୍କ ସହିତ ପ୍ରେମ କରିବାର ଶୈଳୀ ସେହି ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍‌ଙ୍କ ଠାରୁ ହିଁ ଶିଖିଛୁ, ଯାହାଙ୍କ ଜମାତ୍‌ରେ ସାମିଲ୍ ହୋଇଥିବା ଯୋଗୁ ଏହି ତଥାକଥିତ ଓ୍ୱଲେମାମାନେ ଆମକୁ କାଫିର୍ କହୁଛନ୍ତି ଓ ଇସ୍‌ଲାମ୍‌ର ପରିଧି ଭିତରୁ ବାହାର କରୁଛନ୍ତି ।

ଆଜି ଅହେମଦୀୟତ୍‌ର ବିରୋଧି ମାନଙ୍କର ସେହି କଥା ଯୋଗୁ ଓ ଶତ୍ରୁମାନଙ୍କର ଶତ୍ରୁତା ଯୋଗୁ ପ୍ରତ୍ୟେକ ଅହେମଦୀ ଉପରେ ପୂର୍ବଠାରୁ ବଳି ଏ ଦାୟିତ୍ୱ ନ୍ୟସ୍ତ ହେଉଛି କି ସେମାନେ ନିଜର ଇମାନି ଓ ଅମଲି (ବିଶ୍ୱାସ ଓ କାର୍ଯ୍ୟ)ର ଅବସ୍ଥାରେ ଏପରି ଏକ ପରିବର୍ତ୍ତନ ଆଣନ୍ତୁ ଯାହା ଆମକୁ ଖୁଦାଙ୍କ ନିକଟତର କରିଦେବ । ଯେପରି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ଏହି ପୃଥିବୀବାସୀଙ୍କ ବିରୋଧ ଆମର କିଛି ମଧ୍ୟ ନଷ୍ଟ କରିପାରିବ ନାହିଁ, ଯଦି ଆକାଶର ଇଶ୍ୱରଙ୍କ ସହିତ ଆମର ଗଭୀର ସମ୍ପର୍କ ଥିବ ।

*(ଉଦ୍ଧୃତ କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୧୫)*

ତେଣୁ ଆମକୁ ଆକାଶର ଖୁଦାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବା ପାଇଁ ଚେଷ୍ଟା କରିବାକୁ ହେବ । ନିଶ୍ଚିତ ରୂପେ ଏପରି ଦିନ ଆସିବ ଯେବେ ଏ ସମସ୍ତ ବିରୋଧ ନିଃଶେଷ ହୋଇଯିବ ଓ ବିରୋଧିମାନଙ୍କୁ ଚିତ୍ କରି ପକାଇ ଦିଆଯିବ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ହୋଇଥିବା ଖୁଦାତାଲାଙ୍କର ସମସ୍ତ ପ୍ରତିଶ୍ରୁତି ପୂରଣ ହେବ । କିନ୍ତୁ ସେଥିପାଇଁ ଯେପରିକି ମୁଁ କହିସାରିଛି ଆମକୁ ନିଜ ଭିତରେ ଏକ ପବିତ୍ର ପରିବର୍ତ୍ତନ ଆଣିବାକୁ ହେବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମ ଇମାନି ଓ ଅମଲି ଅବସ୍ଥାରେ କି ପ୍ରକାର ସ୍ତର ଦେଖିବାକୁ ଚାହୁଁଛନ୍ତି, ଏ ସମ୍ବନ୍ଧରେ ଆପଣ ଗୋଟିଏ ସ୍ଥାନରେ କହୁଛନ୍ତି-

"ହେ ମୋର ବନ୍ଧୁମାନେ ! ଯେଉଁମାନେ ମୋ ସିଲ୍‌ସିଲା ବୟତ୍‌ରେ ଦାଖଲ ହୋଇଛ, ଇଶ୍ୱର ଆମକୁ ଓ ତୁମକୁ ଏ କଥାର ଶକ୍ତି ପ୍ରଦାନ କରନ୍ତୁ, ଯାହାଦ୍ୱାରା ସେ ରାଜି (ପ୍ରସନ୍ନ) ହୋଇଯିବ । ଆଜି ତୁମେ ଅଳ୍ପ ଅଛ ଓ ତୁମକୁ ଘୃଣା ଚକ୍ଷୁରେ ଦେଖାଯାଉଛି ଏବଂ ଏକ ପରୀକ୍ଷାର ସମୟ ତୁମ ଉପରେ ପଡ଼ିଛି, ସେହି ଅଲ୍ଲାଃଙ୍କ ସୁନ୍ନତ୍ ଅନୁସାରେ ଯାହା ପୂର୍ବରୁ ପ୍ରଚଳିତ କି ପ୍ରତ୍ୟେକ ଆଡୁ ଏ ଚେଷ୍ଟା ହେବ କି ତୁମେ ଠୋକର୍ ଖାଇଯିବ ଓ ତୁମକୁ ଚାରିଆଡୁ ହଇରାଣ ହରକତ କରାଯିବ ଓ ଭଳି ଭଳିକା କଥା ତୁମକୁ ଶୁଣିବାକୁ ପଡ଼ିବ ଓ ପ୍ରତ୍ୟେକ ଲୋକ ଯିଏ ତୁମକୁ ମୁହଁ ବା ହାତଦ୍ୱାରା ଦୁଃଖ ପହଂଚାଇବ, ସେ ଏପରି ଭାବୁଥିବ, ଯେପରିକି ଇସ୍‌ଲାମ୍‌ର ସାହାଯ୍ୟ କରୁଅଛି । (ତେଣୁ) କିଛିଟା ସ୍ୱର୍ଗୀୟ ପରୀକ୍ଷା ମଧ୍ୟ ତୁମ ଉପରେ ହେବ, ଯଦ୍ୱାରା ତୁମର ପ୍ରତିକ୍ଷେତ୍ରରୁ ପରୀକ୍ଷା ନିଆଯିବ । ସୁତରାଂ ତୁମେ ବର୍ତ୍ତମାନ ଏହା ଶୁଣିରଖ ଯେ ତୁମ ବିଜୟର ମାର୍ଗ ଏହା ନୁହେଁ କି ତୁମେ ନିଜର ଶୁଖିଲା ଯୁକ୍ତି ଦ୍ୱାରା କାମ ନିଅ ବା ଥଟ୍ଟା ପରିହାସର ମୁକାବିଲାରେ ଥଟ୍ଟା ଓ ପରିହାସ କର ବା ଗାଳିଗୁଲଜର ମୁକାବିଲାରେ ଗାଳି ଦିଅ । କାରଣ ଯଦି ତୁମେ ଏହି ମାର୍ଗ ଗ୍ରହଣ କରିବ ତେବେ ତୁମର ହୃଦୟ ପଥର ହୋଇଯିବ ଓ ତୁମ ମଧ୍ୟରେ କେବଳ କଥା ହିଁ କଥା ରହିବ, ଯାହାକୁ ଖୁଦାତାଲା ଘୃଣା କରିଥାନ୍ତି ଓ ଅପ୍ରସନ୍ନତାର ଦୃଷ୍ଟିରେ ଦେଖିଥାନ୍ତି । ତେଣୁ ତୁମେ ଏପରି ନକର ଯଦ୍ୱାରା ନିଜ ଉପରେ ଦୁଇଗୋଟି ଲାନତ୍ (ଅଭିଶାପ) କୁ ଏକାଠି କରିନେବ । ଗୋଟିଏ ସୃଷ୍ଟିର ଓ ଅନ୍ୟଟି ଖୁଦାତାଲାଙ୍କର" ।

ଆପଣ ଆ:ସ କହୁଛନ୍ତି- "ନିଶ୍ଚିତ ରୂପେ ଏହା ମନେରଖ କି ଲୋକମାନଙ୍କର ଲାନତ୍ ସହିତ ଯଦି ଖୁଦାତାଲାଙ୍କ ଲାନତ୍ ନ ରହିବ ତେବେ କିଛି କଥା ନାହିଁ । ଯଦି ଇଶ୍ୱର ଆମକୁ ନିଃଶେଷ କରିବାକୁ ଚାହେଁ ନାହିଁ ତେବେ ଆମେ କାହାଦ୍ୱାରା ନିଃଶେଷ ହୋଇପାରିବା ନାହିଁ । କିନ୍ତୁ ଯଦି ସେ ହିଁ ଆମର ଶତ୍ରୁ ହୋଇଯିବ ତେବେ କେହି ଆମକୁ ଶରଣ ଦେଇପାରିବେ ନାହିଁ" । ଆପଣ କହୁଛନ୍ତି ଆମେ କିପରି ଖୁଦାତାଲାଙ୍କୁ ପ୍ରସନ୍ନ କରିବା ଓ କିପରି ସେ ଆମ ସହିତ ରହିବ । ଏ ପ୍ରଶ୍ନର ଉତର ସେ ମୋତେ ବାରମ୍ବାର ଦେଇଛନ୍ତି କି ତାହା (କେବଳ) ତକ୍‌ଓ୍ୱା (ଧର୍ମପରାୟଣତା) ଦ୍ୱାରା" । ସୁତରାଂ ତକ୍‌ଓ୍ୱା ସୃଷ୍ଟି କରିବାର ଆବଶ୍ୟକ ଅଛି ଓ ତକ୍‌ଓ୍ୱାରେ ବଢ଼ିବା ଆମପାଇଁ ଜରୁରୀ ଅଟେ ଓ ତକ୍‌ଓ୍ୱା ହେଉଛି ଏହା କି ପ୍ରତ୍ୟେକ ପୁଣ୍ୟ କାର୍ଯ୍ୟରେ ଆମେ ଆଗକୁ ବଢ଼ିବା ପାଇଁ ଚେଷ୍ଟା କରିବା ।

ଆପଣ ଆ:ସ କହୁଛନ୍ତି- "ତେଣୁ ହେ ମୋର ପ୍ରିୟ ଭାଇମାନେ ! ମୁତ୍ତକି (ଧର୍ମପରାୟଣ) ହେବାପାଇଁ ଚେଷ୍ଟା କର । ବିନା ଅମଲରେ ସବୁକଥା ବେକାର ଅଟେ ଓ ବିନା ନିଷ୍ଠାରେ କୌଣସି କାର୍ଯ୍ୟ ଗ୍ରହଣୀୟ ନୁହେଁ । ତେଣୁ ତକ୍‌ଓ୍ୱା ହେଉଛି ଏହା କି ସେହି ସମସ୍ତ କ୍ଷତିରୁ ବଂଚି ରହି ଖୁଦାତାଲାଙ୍କ ଆଡକୁ ପାଦ ବଢ଼ାଓ ଓ ସଂଜମୀ ଓ ସଦାଚାରୀ ହେବାର ସୂକ୍ଷ୍ମ ମାର୍ଗକୁ ଅବଲମ୍ବନ କର । ସର୍ବପ୍ରଥମେ ନିଜ ହୃଦୟ ଭିତରେ ବିନମ୍ରତା, ସ୍ୱଚ୍ଛଭାବ ଓ ନିଷ୍ଠା ସୃଷ୍ଟି କର ଓ ପ୍ରକୃତରେ ସହୃଦୟତା ସହିତ ନମ୍ରଭାବ, ସିଧାପଣ ଏବଂ ଗରିବ ହୋଇଯାଓ" । ମନ ଭିତରେ ନମ୍ରତା ସୃଷ୍ଟି କର । "ଅର୍ଥାତ୍ ପ୍ରତ୍ୟେକ ପ୍ରକାର ପୁଣ୍ୟ ଓ କୁକର୍ମର ମଞ୍ଜି ପ୍ରଥମେ ହୃଦୟ ଭିତରେ ହିଁ ସୃଷ୍ଟି ହୋଇଥାଏ" । ପୁଣି କହିଲେ କି "ଯଦି ତୁମର ହୃଦୟ ଦୁଷ୍ଟତାରୁ ଖାଲି ରହିଛି ତେବେ ତୁମ ମୁହଁ ମଧ୍ୟ ଦୁଷ୍ଟତାରୁ ଖାଲି ହେବ ଓ ସେହିପରି ତୁମ ଆଖି ଓ ତୁମର ସମସ୍ତ ଅଙ୍ଗ ମଧ୍ୟ । ପ୍ରତ୍ୟେକ ପ୍ରକାର ଜ୍ୟୋତି ବା ଅନ୍ଧକାର ପ୍ରଥମେ ହୃଦୟରୁ ହିଁ ସୃଷ୍ଟି ହୋଇଥାଏ ଓ ଧିରେ ଧିରେ ସାରା ଶରୀରକୁ ବ୍ୟାପିଯାଏ" । ଆପଣ କହୁଛନ୍ତି "ତେଣୁ ନିଜର ହୃଦୟକୁ ସର୍ବଦା ପରୀକ୍ଷା ନିରୀକ୍ଷା କର, ଯେପରି ପାନ ଖାଉଥିବା ବ୍ୟକ୍ତି ନିଜର ପାନକୁ ମୁହଁ ଭିତରେ ଏପଟ ସେପଟ କରିଥାଏ ଓ ରଦି (ବେକାର) ଖଣ୍ଡଗୁଡ଼ିକୁ କାମୁଡି ବାହାରକୁ ଫିଙ୍ଗିଥାଏ । ସେହିପରି ତୁମେ ମଧ୍ୟ ନିଜ ହୃଦୟରେ ଥିବା ଗୁପ୍ତ ଭାବନା, ଅଭ୍ୟାସ, ଉଦ୍‌ଗାର ଓ ଗୁପ୍ତ ମାଲିକଙ୍କୁ ନିଜ ଦୃଷ୍ଟି ସମ୍ମୁଖରେ ଆଣୁଥିବ ଓ ଯେଉଁ ଭାବନା, ଅଭ୍ୟାସ ବା ଶକ୍ତିକୁ ରଦି (ବେକାର) ପାଓ ସେଗୁଡ଼ିକୁ କାଟି ବାହାରକୁ ଫିଙ୍ଗିଦିଅ । ଏପରି ନହେଉ କି ତାହା ତୁମର ସାରା ହୃଦୟକୁ ଅପବିତ୍ର କରିଦେବ, ଫଳତଃ ତୁମେ କଟାଯିବ" । ଆପଣ କହୁଛନ୍ତି "ପୁଣି ଏହାପରେ ଏ ଚେଷ୍ଟା କର ଓ ଖୁଦାତାଲାଙ୍କ ଠାରୁ ଶକ୍ତି ଓ ସାହସ ମାଗ କି ତୁମ ହୃଦୟର ପବିତ୍ର ଇଚ୍ଛା ଏବଂ ପବିତ୍ର ଭାବନା ଓ ପବିତ୍ର ମନୋବାଞ୍ଛା ତୁମର ଅଙ୍ଗ ଓ ତୁମର ସମସ୍ତ ଶକ୍ତି ଜରିଆରେ ପ୍ରକାଶିତ ହୋଇ ସମ୍ପୂର୍ଣ୍ଣ ହେଉ" । ଅର୍ଥାତ୍ କାର୍ଯ୍ୟରେ ମଧ୍ୟ ଏହାର ପରିପ୍ରକାଶ ହେବା ଉଚିତ୍ । "ଯଦ୍ୱାରା ତୁମର ପୁଣ୍ୟ କର୍ମଗୁଡିକ ସମ୍ପୂର୍ଣ୍ଣତାକୁ ପହଂଚୁ, କାରଣ ଯେଉଁ କଥା ହୃଦୟ

*ଅବଶିଷ୍ଟାଂଶ ପୃଷ୍ଠା-୨୫ ରେ ଦେଖନ୍ତୁ.....*

# ଆଁ ହଜ୍‌ରତ୍ ସ୍ୱଲଲ୍ଲାହୋ ଆଲୈହି ୱ୍ୱ ସଲ୍ଲମ୍‌ଙ୍କ ବହୁବିବାହ ଓ ଏହାର ତାତ୍ପର୍ଯ୍ୟ

(ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ ର:ଅଙ୍କ ପୁସ୍ତକ "ସିରତ୍ ଖାତୁମୁନ୍ ନବୀଇନ୍"ରୁ ଏକ ଜ୍ଞାନ ବର୍ଦ୍ଧକ ହୃଦୟସ୍ପର୍ଶୀ ଅଧ୍ୟାୟ)

ହଜ୍‌ରତ୍ ଆଇଶାଙ୍କ ରୁଖ୍‌ସତାନା (ବିବାହ କରି ବିଦାହେବା) ସହିତ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନ୍ତପୁରିରେ ବହୁବିବାହ ଓ ଏକାଧିକ ପତ୍ନୀର ଶୁଭାରମ୍ଭ ହେଲା । ସେଥିପାଇଁ ଏ ଅବସରରେ ଏ ବିଷୟରେ ଗୋଟିଏ ସଂକ୍ଷିପ୍ତ ଟିପ୍ପଣି ଦରଜ କରିବା ଉଚିତ୍ ହେବ । କିନ୍ତୁ ବହୁବିବାହ ବିଷୟରେ କିଛି ବର୍ଣ୍ଣନା କରିବା ପୂର୍ବରୁ ଏହାର ଉଦ୍ଦେଶ୍ୟଗୁଡିକୁ ବର୍ଣ୍ଣନା କରିଦେବା ଆବଶ୍ୟକ ମନେହେଉଛି, ଯାହାକୁ ଇସ୍‌ଲାମୀୟ ଶରିୟତ୍‌ରେ ନିକାହ୍ (ବିବାହ) ସମୟରେ ଧାର୍ଯ୍ୟ କରାଯାଇଛି । କାରଣ ସେହି ସମସ୍ତ ଉଦ୍ଦେଶ୍ୟ ଗୁଡିକ ବର୍ଣ୍ଣନା କଲେ ବହୁ ବିବାହ କରିବାର ପ୍ରକୃତ ଅର୍ଥ ସ୍ପଷ୍ଟ ହୋଇଯିବ । ତେଣୁ ଜାଣି ରଖିବା ଉଚିତ୍ କି ପବିତ୍ର କୋରାନ୍‌ରେ ନିକାହ୍‌ର ଉଦ୍ଦେଶ୍ୟ ଚାରିଗୋଟି ବୋଲି ଜଣାଯାଇଛି । ପ୍ରଥମଟି ହେଉଛି ମନୁଷ୍ୟର କିଛି ଶାରିରୀକ, ଚାରିତ୍ରିକ ଓ ଆଧ୍ୟାତ୍ମିକ ବେମାରୀ ଓ ତାର କୁପ୍ରଭାବରୁ ସୁରକ୍ଷିତ ରହିବା । ଏପରି ଅବସ୍ଥାକୁ ଆରବୀ ଭାଷାରେ ଏହ୍‌ସାନ୍ କୁହାଯାଏ, ଯାହାର ଶବ୍ଦାର୍ଥ ହେଉଛି କୌଣସି କିଲା ଭିତରେ ସୁରକ୍ଷିତ ହୋଇ ରହିବା । ଦ୍ୱିତୀୟଟି ହେଉଛି ବଂଶରକ୍ଷା, ତୃତୀୟଟି ହେଉଛି ଜୀବନସାଥି ହାସଲ କରିବା ଓ ତା ମାଧ୍ୟମରେ ଆତ୍ମସନ୍ତୋଷ ଲାଭ କରିବା, ଚତୁର୍ଥଟି ହେଉଛି ପ୍ରେମ ଓ କରୁଣାର ସମ୍ପର୍କକୁ ବୃଦ୍ଧି କରିବା । ସୁତରାଂ ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା କହୁଛନ୍ତି:-

وَاُحِلَّ لَکُمۡ مَّا وَرَآءَ ذٰلِکُمۡ اَنۡ تَبۡتَغُوۡا بِاَمۡوَالِکُمۡ مُّحۡصِنِیۡنَ غَیۡرَ مُسٰفِحِیۡنَ (سورۃ نساء:25)

ଅର୍ଥାତ୍- ହେ ମୁସଲ୍‌ମାନ୍ ମାନେ ! ଏହି (ଉପରବର୍ଣ୍ଣିତ ନାରୀ) ମାନଙ୍କ ବ୍ୟତୀତ ଅନ୍ୟମାନେ ତୁମମାନଙ୍କ ପାଇଁ (ବିବାହ ପରେ) ବୈଧ ହେବେ । (ଅର୍ଥାତ୍) ଯେଉଁମାନଙ୍କୁ ତୁମେମାନେ ନିଜର ଅର୍ଥ ବିନିମୟରେ ହାସଲ କର । ଏହି ସର୍ତରେ କି ସେମାନଙ୍କ ସହିତ ବିବାହ କରିବ, ବ୍ୟଭିଚାର କରିବ ନାହିଁ । କିନ୍ତୁ ତୁମର ନିକାହ୍‌ର ଉଦ୍ଦେଶ୍ୟ ଏହା ହେବା ଉଚିତ୍ କି ତୁମେ ବେମାରୀ ଓ କୁକର୍ମରୁ ସୁରକ୍ଷିତ ହୋଇଯିବ ଓ ଏ ଉଦ୍ଦେଶ୍ୟ ନରହିବା ଉଚିତ୍ କି ତୁମେ କାମ ବାସନା ଓ ଭୋଗ ବିଳାସରେ ପଡି ରୁହ ।

ଏହି ଆୟତରେ ଏହ୍‌ସାନ୍ ଶବ୍ଦର ଉଦ୍ଦେଶ୍ୟ ବର୍ଣ୍ଣନା କରାଯାଇଛି ଅର୍ଥାତ୍ (୧)ନିକାହ୍ ଜରିଆରେ ମନୁଷ୍ୟ କିଛି ବିଶେଷ ପ୍ରକାରର ଶାରିରୀକ ରୋଗରେ ଆକ୍ରାନ୍ତ ହେବାରୁ ବଂଚିଯାଇଥାଏ । କିନ୍ତୁ ସେହି ସବୁ ରୋଗ ଏକୁଟିଆ ଜୀବନଯାପନ କରିବା ଦ୍ୱାରା ହୋଇଥାଏ । (୨)ସେ କିଛି ଆଧ୍ୟାତ୍ମିକ ଓ ଚାରିତ୍ରିକ ବେମାରୀରୁ ସୁରକ୍ଷିତ ରହିଥାଏ । କିନ୍ତୁ ଅପବିତ୍ର ଭାବନା ଓ ଅପବିତ୍ର ସମ୍ପର୍କ ରଖିବାରେ ସେ ମଜି ନଯାଉ । ଏହି ଉଦ୍ଦେଶ୍ୟକୁ ଆଉଗୋଟିଏ ଆୟତରେ ଏପରି ବର୍ଣ୍ଣନା କରାଯାଇଛି ।

هُنَّ لِبَاسٌ لَّکُمۡ وَاَنۡتُمۡ لِبَاسٌ لَّهُنَّ (سورۃ البقرہ:188)

ଅର୍ଥାତ୍-ହେ ମୁସଲ୍‌ମାନ୍ ପୁରୁଷଗଣ ! ମନେରଖ କି ତୁମ ସ୍ତ୍ରୀମାନେ ହେଉଛନ୍ତି ତୁମର ପରିଧାନ ସଦୃଶ ଓ ତୁମେ ତୁମ ସ୍ତ୍ରୀ ମାନଙ୍କ ପାଇଁ ମଧ୍ୟ ପରିଧାନ ସଦୃଶ ।

ଅର୍ଥାତ୍- ତୁମେ ଜଣେ ଅନ୍ୟଜଣକୁ କୁକର୍ମ ଓ ବେମାରୀରୁ ସୁରକ୍ଷା ରଖିବାର ମାଧ୍ୟମ ଅଟ, ଯେପରିକି ବସ୍ତ୍ର ମନୁଷ୍ୟକୁ ଶୀତ ଓ ଗ୍ରୀଷ୍ମର କଷ୍ଟରୁ ବଂଚାଇବାର ମାଧ୍ୟମ ହୋଇଥାଏ । ଏହି ଆୟତରେ ଯେହେତୁ ମହିଳାମାନଙ୍କୁ ମଧ୍ୟ ସାମିଲ୍ କରାଯିବାର ଥିଲା ସେଥିପାଇଁ ବର୍ଣ୍ଣନା ଶୈଳୀକୁ ଅଧିକ ସୂକ୍ଷ୍ମ କରିଦିଆଯାଇଛି । ପୁଣି ଏହି ଆୟତରେ ଏଥିପ୍ରତି ମଧ୍ୟ ଇଶାରା କରାଯାଇଛି କି ପୁରୁଷ ଓ ମହିଳା ଜଣେ ଅନ୍ୟଜଣଙ୍କର ଦୋଷ ଦୁର୍ବଳତାକୁ ଘୋଡାଇବାର ମାଧ୍ୟମ ଅଟନ୍ତି । ଯେପରି ପରିଧାନ ମଧ୍ୟ ଦୋଷ ଦୁର୍ବଳତା ଘୋଡାଇବାର ମାଧ୍ୟମ ହୋଇଥାଏ ।

ପୁଣି ଅଲ୍ଲାଃତାଲା କହୁଛନ୍ତି:-

نِسَآؤُکُمۡ حَرۡثٌ لَّکُمۡ ۪ فَاۡتُوۡا حَرۡثَکُمۡ اَنّٰی شِئۡتُمۡ ۫ وَقَدِّمُوۡا لِاَنۡفُسِکُمۡ (سورۃ البقرہ:224)

ଅର୍ଥାତ୍ ତୁମମାନଙ୍କ ପତ୍ନୀମାନେ ତୁମମାନଙ୍କ ପାଇଁ (ଏକପ୍ରକାର) କ୍ଷେତ୍ର ସଦୃଶ । ତେଣୁ ତୁମେମାନେ ଯେତେବେଳେ ଓ ଯେପରି ଇଛା ନିଜର କ୍ଷେତ୍ର ନିକଟକୁ ଯାଓ ଏବଂ ନିଜ ସକାଶେ ଆଗକୁ (କିଛି) ପ୍ରେରଣ କର । (ସୁରା ବକ୍‌ରାଃ: ୨୨୪)

ଅର୍ଥାତ୍ ହେ ମୁସଲ୍‌ମାନ୍‌ମାନେ ! ତୁମ ସ୍ତ୍ରୀ ମାନେ ତୁମପାଇଁ କ୍ଷେତ୍ର ସଦୃଶ ଅଟନ୍ତି । ସେଥିରୁ ତୁମର ଆସନ୍ତା ବଂଶର ଫସଲ ସୃଷ୍ଟି ହେବ । ତେଣୁ ଏବେ ତୁମ ଇଛା ମୁତାବକ ଯେପରି ଚାହଁ ନିଜ ଜମି ସହିତ ସେପରି ବ୍ୟବହାର କର ଓ ଯେଉଁ ପ୍ରକାର ଫସଲ ନିଜପାଇଁ ସୃଷ୍ଟି କରିବାକୁ ଚାହୁଁଛ ସେପରି ସୃଷ୍ଟି କର ।

ଏହି ଆୟତ୍‌ରେ ବଂଶରକ୍ଷା କରିବାର ଉଦ୍ଦେଶ୍ୟକୁ ବର୍ଣ୍ଣନା କରାଯାଇଛି ଅର୍ତାତ୍ ମଣିଷର ବଂଶ ପରମ୍ପରା ତିଷ୍ଠି ରହୁ । ତତ୍ ସହିତ ଖୁଦାତାଲା ବହୁତ ସୁନ୍ଦର ରୂପେ ଏଥିପ୍ରତି ଇଙ୍ଗିତ ମଧ୍ୟ କରିଦେଇଛନ୍ତି କି ଯେବେ ସ୍ତ୍ରୀ ମାନଙ୍କ ଜରିଆରେ ଆସନ୍ତା ପିଢ଼ୀର ଅସ୍ତିତ୍ୱ ସ୍ଥାପନ ହେବାକୁ ଅଛି ତେବେ ମନୁଷ୍ୟକୁ ଏହା କରିବା ଆବଶ୍ୟକ କି ସେ ନିଜ ସ୍ତ୍ରୀ ସହିତ ସମ୍ପର୍କ ସ୍ଥାପନ କରିବାରେ ଏପରି ଶୈଳୀ ବ୍ୟବହାର କରୁ ଯଦ୍ୱାରା ଆସନ୍ତା ପିଢ଼ୀ ଖରାପ ନହେଉ ବରଂ ଉତମରୁ ଉତମ ପିଢ଼ୀ ସୃଷ୍ଟି ହେଉ ।

ପୁଣି ଅଲ୍ଲାଃତାଲା କହୁଛନ୍ତି:-

خَلَقَ لَکُمۡ مِّنۡ اَنۡفُسِکُمۡ اَزۡوَاجًا لِّتَسۡکُنُوۡۤا اِلَیۡهَا وَجَعَلَ بَیۡنَکُمۡ مَّوَدَّۃً وَّرَحۡمَۃً (سورۃ روم:22)

ଅର୍ଥାତ୍:- ସେ ତୁମମାନଙ୍କ ମଧ୍ୟରୁ ତୁମମାନଙ୍କ ସକାଶେ ଯୋଡ଼ା ସୃଷ୍ଟି କରିଛନ୍ତି । ଯେପରିକି ତୁମେମାନେ (ସେମାନଙ୍କ ପ୍ରତି ଆଶକ୍ତ ହୋଇ) ଶାନ୍ତି ଲାଭ କରିବ ଏବଂ ସେ ତୁମମାନଙ୍କ ମଧ୍ୟରେ ପ୍ରୀତି ଓ କରୁଣାର ଭାବ ସ୍ଥାପନ କରିଛନ୍ତି । (ସୁରା ରୋମ୍: ୨୨)

ଏହି ଆୟତରେ ନିକାହ୍ (ବିବାହ) କରିବାର ତୃତୀୟ ଓ ଚତୁର୍ଥ ଉଦ୍ଦେଶ୍ୟକୁ ବର୍ଣ୍ଣନା କରାଯାଇଛି ଅର୍ଥାତ୍ ସ୍ୱାମୀ କୁ ସ୍ତ୍ରୀଙ୍କ ନିକଟରେ ଓ ସ୍ତ୍ରୀ କୁ ସ୍ୱାମୀଙ୍କ ଠାରେ ଜୀବନ ସାଥି ମିଳିଯାଉ ଓ ସେହି ଦୁଇଜଣ ଜଣେ ଅନ୍ୟଜଣଙ୍କ ସହିତ ସମ୍ପର୍କ ରଖିବାରେ ଆତ୍ମସନ୍ତୋଷ ଲାଭ କରନ୍ତୁ । ଦ୍ୱିତୀୟଟି ହେଉଛି ଏହା କି ନିକାହ୍ ଜରିଆରେ ସ୍ୱାମୀ ଓ ସ୍ତ୍ରୀଙ୍କର ନିକଟ ସମ୍ପର୍କୀୟମାନଙ୍କ ମଧ୍ୟରେ ପ୍ରେମଭାବ ଓ ଏକତା ସ୍ଥାପନ ହୋଇଯାଉ ଓ ବଂଶୀୟ ବନ୍ଧୁବାନ୍ଧବଙ୍କ ସମ୍ପର୍କ ବ୍ୟତୀତ ଗର୍ଭ ସମ୍ପର୍କୀୟ ମାଧ୍ୟମରେ ମଧ୍ୟ ଭିନ୍ନ ଭିନ୍ନ କୁଟୁମ୍ବ ଓ ବିଭିନ୍ନ ଜାତି ମଧ୍ୟରେ ପ୍ରେମ ଓ କରୁଣାର ସମ୍ପର୍କ ଯୋଡ଼ି ହୋଇଯିବାର ଅସବର ମିଳିଯିବ ।

ସୁତରାଂ ଇସ୍‌ଲାମୀୟ ଶରିୟତ୍‌ରେ ନିକାହ୍‌ର ଏହି ଚାରୋଟି ଉଦ୍ଦେଶ୍ୟ ବର୍ଣ୍ଣନା କରାଯାଇଛି । ପ୍ରଥମଟି ହେଉଛି-ଏହ୍‌ସାନ ଅର୍ତାତ୍ କେତେକ ଶାରିରୀକ ଓ ଆଧ୍ୟାତ୍ମିକ ରୋଗ ଓ ତାର କୁପରିଣାମରୁ ସୁରକ୍ଷା ପାଇବା । ଦ୍ୱିତୀୟଟି ହେଉଛି-ବଂଶ ରକ୍ଷା କରିବା, ତୃତୀୟଟି ହେଉଛି ଜୀବନସାଥି ଆହରଣ ଓ ଆତ୍ମସନ୍ତୋଷ ଲାଭ କରିବା, ଚତୁର୍ଥଟି ହେଉଛି ବିଭିନ୍ନ କୁଟୁମ୍ବ ଓ ଭିନ୍ନ ଭିନ୍ନ ଜାତିଙ୍କ ମଧ୍ୟରେ ଆପୋଷ ପ୍ରେମ ଓ କରୁଣାର ବନ୍ଧୁତ୍ୱ ମାଧ୍ୟମରେ ମିଶିଯିବା । ଓ ଯଦି ଚିନ୍ତା କରାଯାଏ ତେବେ ଏହି ସମସ୍ତ ଉଦ୍ଦେଶ୍ୟ ନା କେବଳ ସମ୍ପୂର୍ଣ୍ଣ ରୂପେ ବୈଧ ଓ ଉଚିତ୍ ବରଂ ଅତ୍ୟନ୍ତ ପବିତ୍ର ଓ ମନୁଷ୍ୟର ପ୍ରକୃତି ଓ ମନୁଷ୍ୟର ଆବଶ୍ୟକ ମୁତାବକ ଅଟେ ଓ ଏହାଦ୍ୱାରା ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କକୁ ଏକ ଉତମ ସୌଧ ଉପରେ ପ୍ରତିଷ୍ଠା କରିଦିଆଯାଇଛି ଓ ଏହି ସମ୍ପର୍କ ଦ୍ୱାରା ଉତମ ଫଳ ସୃଷ୍ଟି କରିବା ପାଇଁ ମାର୍ଗ ଦର୍ଶନ କରାଯାଇଛି ଓ ଏହି ଉଦ୍ଦେଶ୍ୟ ଗୁଡିକର ମୁକାବିଲାରେ, ଯେଉଁ ଉଦ୍ଦେଶ୍ୟ ଗୁଡିକୁ ପବିତ୍ର କୋରାନ୍ ଗୋଟିଗୋଟି ନାମ ଧରି ଅବୈଧ ଘୋଷଣା କରିଛି, ସେଥିରୁ ମୁସଲ୍‌ମାନ୍‌ଙ୍କୁ ରୋକା ଯାଇଛି । ଓ ତାହା ହେଉଛି କାମ ବାସନାର ଉଦ୍ଦେଶ୍ୟ ।

ଏବେ ଆମେ ସେହି ସମସ୍ତ ଉଦ୍ଦେଶ୍ୟ ଗୁଡିକୁ ବର୍ଣ୍ଣନା କରୁଅଛୁ ଯାହାକୁ ଦୃଷ୍ଟିରେ ରଖି ଇସ୍‌ଲାମ୍ ବହୁବିବାହର ଅନୁମତି ଦେଇଛି । ସୁତରାଂ ଇସ୍‌ଲାମୀୟ

ଶରିୟତ୍‌କୁ ଅଧ୍ୟୟନ କରିବାରେ ଏହା ଜଣାପଡ଼ୁଛି କି ଏହି ଉଦ୍ଦେଶ୍ୟ ଗୁଡ଼ିକ ଦୁଇ ପ୍ରକାରର ପ୍ରଥମଟି ହେଉଛି ସେହି ସବୁ ସାଧାରଣ ଉଦ୍ଦେଶ୍ୟ ଯାହା ନିକାହ୍ ସମୟରେ ଇସ୍‌ଲାମ୍ ଦୃଷ୍ଟି ଦେଇଛି ଓ ଯାହା ସବୁ ଉପରେ ବର୍ଣ୍ଣନା କରାଯାଇସାରିଛି । ଦ୍ୱିତୀୟଟି ହେଉଛି ସେହି ସବୁ ବିଶେଷ ଉଦ୍ଦେଶ୍ୟ ଯାହା ବିଶେଷ ରୂପେ ବହୁ ବିବାହ ସହିତ ଜଡ଼ିତ ଅଛି । ପ୍ରଥମ ବର୍ଣ୍ଣିତ ଉଦ୍ଦେଶ୍ୟ ଗୁଡ଼ିକୁ ବହୁବିବାହ ମାମଲାରେ ଏଥିପାଇଁ ରଖାଯାଇଛି କି ବେଳେବେଳେ ଗୋଟିଏ ସ୍ତ୍ରୀଙ୍କ ଠାରୁ ବିବାହ କରିବାର ଉଦ୍ଦେଶ୍ୟ ହାସଲ ହୋଇନଥାଏ । ତେଣୁ ସେହି ଉଦ୍ଦେଶ୍ୟ ଅନ୍ତର୍ଗତ ଦ୍ୱିତୀୟ ସ୍ତ୍ରୀ ର ଆବଶ୍ୟକ ହୋଇଥାଏ । ଉଦାହରଣ ସ୍ୱରୂପ ନିକାହ୍‌ର ଗୋଟିଏ ଉଦ୍ଦେଶ୍ୟ ହେଉଛି ଏହ୍‌ସାନ୍ ଅର୍ଥାତ୍ ଏହାଦ୍ୱାରା ମନୁଷ୍ୟ କିଛି ଗୁଡ଼ିଏ ରୋଗ, ଖରାପ କାର୍ଯ୍ୟ ଓ ଅଶ୍ଳୀଳ କାର୍ଯ୍ୟରୁ ବଂଚିଯାଉ କିନ୍ତୁ ହୋଇପାରେ ମନୁଷ୍ୟର ଅବସ୍ଥା ଏପରି ଥିବ କି ସେ ଗୋଟିଏ ସ୍ତ୍ରୀ ଙ୍କ ସହିତ ସମ୍ପର୍କ ରଖିବା ଦ୍ୱାରା, ଯିଏ ଋତୁସ୍ରାବ, ଗର୍ଭବସ୍ଥା ଓ ଗର୍ଭନଷ୍ଟ ଓ କ୍ଷୀର ଖୁଆଇବା ଓ ପୁଣି ବିଭିନ୍ନ ପ୍ରକାରର ବେମାରୀ ଇତ୍ୟାଦି ଅବସ୍ଥାରେ ପିଡୀତ ଥିବ । (ଏହି ପରିସ୍ଥିତିରେ ସ୍ୱାମୀ) ନିଜ ତକ୍‌ୱା (ଧର୍ମପରାୟଣତା) ଏବଂ ପବିତ୍ରତାକୁ କାଏମ୍ ନରଖିପାରେ । ଓ ସେ ବହୁ ଚେଷ୍ଟା କରି ନିଜକୁ ଯଦି ଖରାପ କାର୍ଯ୍ୟରୁ ବଂଚାଇ ମଧ ଦିଏ ତେବେ ତା ମନରେ ସେହି ଅପବିତ୍ର ଭାବନା ମାଡ଼ି ବସିଥିବ ବା ଏହିପରି ନିଜକୁ ଦବାଇ ରଖିବା ଦ୍ୱାରା ତାକୁ କୌଣସି ରୋଗ ହେବାର ସମ୍ଭାବନା ଉପୁଜିଥିବ ତେବେ ଏପରି ବ୍ୟକ୍ତିଙ୍କ ସଠିକ୍ ଉପଚାର ବହୁ ବିବାହ କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ । ଅର୍ଥାତ୍ ସେହି ଉଦ୍ଦେଶ୍ୟ ଯାହା ବିବାହ କରିବାର କାରଣ ଥିଲା ଏପରି ପରିସ୍ଥିତିରେ ତା ପାଇଁ ଦ୍ୱିତୀୟ ବିବାହର କାରଣ ମଧ ସାଜିବ । ସେହିପରି ବିବାହ କରିବାର ଗୋଟିଏ ଉଦ୍ଦେଶ୍ୟ ହେଉଛି ବଂଶରକ୍ଷା କରିବା । କିନ୍ତୁ ଯଦି କୌଣସି ବ୍ୟକ୍ତିଙ୍କ ନିକଟରେ ଥିବା ଗୋଟିଏ ସ୍ତ୍ରୀ ଙ୍କ ଠାରୁ କୌଣସି ସନ୍ତାନ ଜନ୍ମ ନହେବେ ବା ପୁତ୍ର ସନ୍ତାନ ନହେବ ତେବେ ଏହି କାରଣ ଦ୍ୱିତୀୟ ନିକାହ୍ (ବିବାହ) କରିବା ପାଇଁ ବୈଧ ଆଧାର ହେବ । ସେହିପରି ନିକାହ୍‌ର ଆଉଗୋଟିଏ ଉଦ୍ଦେଶ୍ୟ ହେଉଛି ଜୀବନସାଥି ମିଳିବା ଓ ଆତ୍ମସନ୍ତୋଷ ଲାଭ ହେବା । କିନ୍ତୁ ଯଦି କାହାର ସ୍ତ୍ରୀ ଅନବରତ ରୋଗରେ ପିଡୀତା ଓ ତାର ରୋଗ ଏପରି ଅବସ୍ଥାକୁ ପହଂଚି ଯାଇଥିବ କି ସେ ସମ୍ପୂର୍ଣ୍ଣ ରୂପେ ସଜ୍ୟାରେ ପଡ଼ି ରହୁଥିବ ବା ପାଗଳ ହୋଇଯିବାର ପରିସ୍ଥିତି ଉପୁଜିବ ତେବେ ଏପରି ପରିସ୍ଥିତିରେ ସେହି ବ୍ୟକ୍ତିଙ୍କୁ ଜୀବନସାଥି ଓ ଆତ୍ମସନ୍ତୋଷର ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଦ୍ୱିତୀୟ ବିବାହ କରିବା ଜରୁରୀ ହେବ । ସେହିପରି ନିକାହ୍‌ର ଆଉ ଗୋଟିଏ ଉଦ୍ଦେଶ୍ୟ ହେଉଛି ବିଭିନ୍ନ କୁଟୁମ୍ବଙ୍କ ଆପୋଷରେ ମିଶିବା ଓ ଜଣେ ଅନ୍ୟଜଣକ ପାଇଁ ପ୍ରେମଭାବ ଓ କରୁଣା ଭାବର ଅବସର ସୃଷ୍ଟି କରିବା । କିନ୍ତୁ ଏପରି ହୋଇପାରେ କି ଜଣେ ବ୍ୟକ୍ତି ଆରମ୍ଭରେ ଗୋଟିଏ ଏପରି କୁଟୁମ୍ବରେ ବିବାହ କରିଥିବ ଯେଉଁଠି ତା ପାଇଁ ଏହି ବନ୍ଧୁ ବାନ୍ଧିବା ପ୍ରେମ ସ୍ଥାପନ କରିବାର ଆବଶ୍ୟକ ଥିଲା କିନ୍ତୁ ଏହାପରେ ତା ପାଇଁ ଏହାଠାରୁ ମଧ ଅଧିକା ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ ଅବସର ଉପସ୍ଥିତ ହେବ ଯେଉଁଠି ତାର ସମ୍ପର୍କ ଯୋଡ଼ିବାଟା କୁଟୁମ୍ବଗତ, ଜାତିଗତ ବା ଜାତୀୟତାବାଦ ବା ରାଜନୈତିକ ବା ଧାର୍ମିକ ଉଦ୍ଦେଶ୍ୟ ଅନ୍ତର୍ଗତ ଅତ୍ୟନ୍ତ ଜରୁରୀ ଓ ପସନ୍ଦଯୋଗ୍ୟ ହୋଇଥିବ ତେବେ ଏହିପରି ଅବସ୍ଥାରେ ତା ପାଇଁ ବହୁବିବାହ ଉପରେ ଅମଳ କରିବା ଜରୁରୀ ହେବ । ସୁତରାଂ ସେହି ସମସ୍ତ ଉଦ୍ଦେଶ୍ୟ ଗୁଡ଼ିକ ଯାହାକୁ ଇସ୍‌ଲାମ୍ ନିକାହ୍ କରିବା ସମ୍ବନ୍ଧରେ ବର୍ଣ୍ଣନା କରିଛି ସେହି ସବୁ ଉଦ୍ଦେଶ୍ୟ ଗୁଡ଼ିକ ବିଶେଷ ପରିସ୍ଥିତିରେ ବହୁ ବିବାହର ଆଧାର ମଧ ହୋଇଯାଏ ଓ ଉପରବର୍ଣ୍ଣିତ ଯାହା ଉଦାହରଣ ସ୍ୱରୂପ ବର୍ଣ୍ଣନା କରାଗଲା ନଚେତ୍ ଆଉକିଛି ସମସ୍ୟା ମଧ ସୃଷ୍ଟି ହୋଇପାରେ । ଯେବେ ବିବାହ କରିବାର ଉଦ୍ଦେଶ୍ୟ ଗୁଡ଼ିକ ଜଣେ ସ୍ତ୍ରୀ ଙ୍କ ଠାରୁ ସମ୍ପୂର୍ଣ୍ଣ ରୂପେ ବା ସଠିକ୍ ରୂପେ ପୂରଣ ହୋଇନପାରେ ସେତେବେଳେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପାଇଁ ବୈଧ ଆବଶ୍ୟକ ହୋଇଯାଏ । କିନ୍ତୁ ଏହି ସବୁ ଉଦ୍ଦେଶ୍ୟ ଗୁଡ଼ିକ ବ୍ୟତୀତ ଇସ୍‌ଲାମ୍ ବହୁବିବାହ କରିବାର କିଛି ବିଶେଷ କାରଣ ମଧ ବର୍ଣ୍ଣନା କରିଛି ତାହା ହେଉଛି ତିନୋଟି । (୧)ଅନାଥଙ୍କ ସୁରକ୍ଷା (୨)ବିଧବା ମାନଙ୍କର ସୁବ୍ୟବସ୍ଥା (୩)ଅଧିକ ସନ୍ତାନ ପ୍ରାପ୍ତ କରିବା । ସୁତରାଂ ଅଲ୍ଲାଃତାଲା କହୁଛନ୍ତି:-

وَاِنۡ خِفۡتُمۡ اَلَّا تُقۡسِطُوۡا فِى الۡيَتٰمٰى فَانْكِحُوۡا مَا طَابَ لَـكُمۡ مِّنَ النِّسَآءِ مَثۡنٰى وَثُلٰثَ وَرُبٰعَ‌ ۚ فَاِنۡ خِفۡتُمۡ اَلَّا تَعۡدِلُوۡا فَوَاحِدَةً

(سورۃ النساء:4)

ଅର୍ଥାତ୍- ହେ ମୁସଲ୍‌ମାନ୍‌ମାନେ ! (ଯେଉଁ ଯୁଦ୍ଧଗୁଡ଼ିକ ତୁମେ ସମ୍ମୁଖୀନ ହୋଇସାରିଛ ସେଥିରେ ନିଶ୍ଚିତ ରୂପେ ଅନାଥ ବହୁତ ହୋଇଥିବେ । ଯଦି ତୁମମାନଙ୍କୁ ସେହି ଅନାଥମାନଙ୍କ ସୁରକ୍ଷା ନିମନ୍ତେ ବହୁବିବାହ କରିବାର ଆବଶ୍ୟକ ହୁଏ ସୁତରାଂ) ଯଦି ତୁମମାନଙ୍କୁ ଏ ଆଶଙ୍କା ହୁଏ କି (ଗୋଟିଏ ସ୍ତ୍ରୀ ରଖିବାର ସିମୀତ ହୋଇ) ତୁମେ ଅନାଥ ମାନଙ୍କ ସୁରକ୍ଷା ଓ ସେମାନଙ୍କର ଅଧିକାର ପ୍ରଦାନ କରିବାରେ ଅସମର୍ଥ ରହିବ ତେବେ ଯାହା ତୁମକୁ ପସନ୍ଦ ହୁଏ (ତାହା କର, ଅର୍ଥାତ୍ ଅନାଥ ହୋଇନଥିବା) ନାରୀମାନଙ୍କ ମଧ୍ୟରୁ ଦୁଇ ବା ତିନି ବା ଚାରିଜଣଙ୍କୁ ବିବାହ କର । (କିନ୍ତୁ ଏହାଠାରୁ ଅଧିକା ନୁହେଁ କାରଣ ଈଶ୍ୱରଙ୍କ ଦୃଷ୍ଟିରେ ଏହି ସୀମା ତୁମ ଆବଶ୍ୟକତା ପାଇଁ ଯଥେଷ୍ଟ ଅଟେ କିନ୍ତୁ ଯଦି ତୁମକୁ ଏ ଆଶଙ୍କା ରହିଛି କି ନିଜର ଧନ ବା ଶରୀର ବା ବ୍ୟବସ୍ଥାପକ ଦୁର୍ବଳତା ଯୋଗୁ ବା ଶରୀରର ଦୁର୍ବଳତା ଯୋଗୁ) ତୁମେ ଏକରୁ ଅଧିକ ମହିଳାଙ୍କ ସହିତ ବିବାହ କରି ସେମାନଙ୍କ ସହିତ ନ୍ୟାୟ କରିପାରିବ ନାହିଁ, ତେବେ ନିଶ୍ଚିତ ରୂପେ ଜଣକୁ ବିବାହ କରିବା ଉଚିତ୍ ହେବ ।

ଏହି ଆୟତରେ ଏକାଧିକ ପତ୍ନୀ ରଖିବାର ନିର୍ଦ୍ଦେଶକୁ ଅନାଥମାନଙ୍କ ବିଷୟ ସହିତ ମିଶାଇ ଏ କଥା ପ୍ରତି ଇଙ୍ଗିତ କରାଯାଇଛି କି ବାସ୍ତବରେ ଅନାଥମାନଙ୍କର ବହୁଳତା ମଧ ବହୁ ପତ୍ନୀ ରଖିବାର କାରଣ ଗୁଡ଼ିକ ମଧ୍ୟରୁ ଏକ ବଡ଼ କାରଣ ଅଟେ । ଯେହେତୁ ଅନାଥମାନଙ୍କର ବହୁଳତା ଗୋଟିଏ ପଟେ ବେଓ୍ୱାମାନଙ୍କର ବହୁଳତାକୁ ଚାହିଁଥାଏ ଓ ଅନ୍ୟପଟେ ତାହା ଆସନ୍ତାକୁ ବଂଶର ସ୍ୱଚ୍ଛତାର ଶଙ୍କା ସୃଷ୍ଟି କରିଥାଏ ଓ ଏପରି ମଧ ଏହି ତିନିଗୋଟି ଅବସ୍ଥା ଯୁଦ୍ଧ ଦ୍ୱାରା ହିଁ ଉତ୍ପନ୍ନ ହୋଇଥାଏ । ସେଥିପାଇଁ ଏହି ଆୟତରେ ଖୁଦାତାଲା ଅତ୍ୟନ୍ତ ସୁନ୍ଦର ରୂପେ ବହୁ ବିବାହର ସମସ୍ତ ଉଦ୍ଦେଶ୍ୟ ଗୁଡ଼ିକୁ ଏକତ୍ରିତ କରିଦେଇଛନ୍ତି । ଅର୍ଥାତ୍ ଅନାଥଙ୍କ ସୁରକ୍ଷା, ବିଧବା ମାନଙ୍କର ସୁବ୍ୟବସ୍ଥା ଓ ବଂଶ ଘଟିଯାଉଥିବାର ଉପଚାର ଓ ପୁଣି ଆହୁରି ଅଧିକା ବ୍ୟାଖ୍ୟା ନିମନ୍ତେ ସେଗୁଡ଼ିକ ଅଲଗା ଅଲଗା ଚର୍ଚ୍ଚା ମଧ କରାଯାଇଛି । ସୁତରାଂ ଅଲ୍ଲାଃତାଲା କହୁଛନ୍ତି:-

وَاَنۡكِحُوا الۡاَيَامٰى مِنۡكُمۡ

(سورۃ النور:33)

ଅର୍ଥାତ୍- ହେ ମୁସଲ୍‌ମାନ୍‌ମାନେ ! (ଏବେ ଯେତେବେଳେ ଆମେ ତୁମପାଇଁ ବହୁ ବିବାହର ଉପଚାର ପ୍ରସ୍ତାବ ଦେଇସାରିଛୁ) ଏବେ ତୁମକୁ ଏପରି ବ୍ୟବସ୍ଥା କରିବାକୁ ହେବ କି କୌଣସି ଅବିବାହିତ ମହିଳା ସେ କୁଆଁରୀ ହେଉ ବା ବିଧବା ହେଉ, ବିନା ବିବାହରେ ରହିବେ ନାହିଁ ।

ଏହି ଆୟତରେ ଅବିବାହିତ ମହିଳାଙ୍କ ପ୍ରତି ବିଶେଷ ରୂପେ ବିଧବା ମାନଙ୍କ ବିବାହ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଇଛି ।

ପୁଣି ହଦିସ୍‌ରେ ଆସୁଛି-

عَنۡ مَعۡقَلِ بۡنِ يَسَارٍ قَالَ قَالَ رَسُوۡلُ اللّٰهِ صلى الله عليه وسلم تَزَوَّجُوا الۡوَدُوۡدَ الۡوَلُوۡدَ فَاِنِّىۡ مُكَاثِرٌ بِكُمُ الۡاُمَمَ -

*(ଅବୁଦାଉଦ୍ ଏବଂ ନସାଇ ବହଓ୍ୱାଲା ମିଶ୍‌କାତ୍ କିତାବୁନ୍ ନିକାହ୍)*

ଅର୍ଥାତ୍ - ମାକଲ୍ ବିନ୍ ୟସାର୍ ବର୍ଣ୍ଣନା କରୁଛନ୍ତି କି ଆଁ ହଜରତ୍ ସଃଆଃସ ନିଜ ସାହାବୀମାନଙ୍କୁ କହୁଥିଲେ କି ତୁମମାନଙ୍କୁ ପ୍ରେମ କରୁଥିବା ଓ ସନ୍ତାନ ପ୍ରଦାନକାରୀ ମହିଳାଙ୍କ ସହିତ ବିବାହ କରିବା ଉଚିତ୍ । ଯଦ୍ୱାରା ତୁମର ସଂଖ୍ୟାରେ ଉନ୍ନତି ହେବ ଓ ମୁଁ କୟାମତ୍ ଦିନ ନିଜ ଉମ୍ମତ୍‌କୁ ବହୁଳ ମାତ୍ରାରେ ଦେଖି ଗର୍ବ ଅନୁଭବ କରିପାରିବି ।

ଏହି ହଦିସ୍‌ରେ ବଂଶବୃଦ୍ଧି ଓ ଏହାର ବହୁଳତା ଉଦ୍ଦେଶ୍ୟ ପ୍ରତି ଇଙ୍ଗିତ

କରାଯାଇଛି ।

ଏହିପରି ଏହା ମୋଟ ସାତୋଟି ଉଦ୍ଦେଶ୍ୟ ହେଉଛି ଯାହାକୁ ଇସ୍‌ଲାମ୍ ବହୁ ବିବାହ ସମ୍ବନ୍ଧରେ ବର୍ଣ୍ଣନା କରିଛି । ଅର୍ଥାତ୍ ଶାରିରୀକ ଓ ଆଧ୍ୟାତ୍ମିକ ବେମାରୀରୁ ସୁରକ୍ଷା, ବଂଶ ବଢ଼ାଇବା, ସହଧର୍ମୀଣି ପ୍ରାପ୍ତ କରିବା ଓ ଆତ୍ମସନ୍ତୋଷ ଲାଭ କରିବା, ପ୍ରେମଭାବ ଓ କରୁଣା ଭାବର ସମ୍ପର୍କକୁ ବଢ଼ାଇବା, ଅନାଥମାନଙ୍କର ବ୍ୟବସ୍ଥା କରିବା, ବିଧବାଙ୍କ ସୁବ୍ୟବସ୍ଥା ଓ ବଂଶର ଉନ୍ନତି କରଣ । କିନ୍ତୁ ଏବେ ପ୍ରଶ୍ନ ଉଠୁଛି କି ଏହିସବୁ ଉଦ୍ଦେଶ୍ୟ ଗୁଡ଼ିକୁ କିପରି ହାସଲ କରାଯାଇପାରିବ ଅର୍ଥାତ୍ କେଉଁ ସବୁ କାରଣ ଅନ୍ତର୍ଗତ ସ୍ତ୍ରୀ ର ଚୟନ କରାଯିବ କି ଏହି ସବୁ ଉଦ୍ଦେଶ୍ୟ ଗୁଡ଼ିକ ସଠିକ୍ ରୂପେ ତା ଦ୍ୱାରା ହାସଲ ହୋଇପାରିବ । ତେଣୁ ଏ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି:-

تُنْكَحُ الْمَرْأَةُ لِأَرْبَعٍ لِمَالِهَا
وَلِحَسَبِهَا وَلِجَمَالِهَا وَلِدِينِهَا فَاظْفَرْ
بِذَاتِ الدِّينِ تَرِبَتْ يَدَاكَ۔
(بخاری کتاب النکاح)

ଅର୍ଥାତ୍- ବିବାହ କରିବା ସମୟରେ ସ୍ତ୍ରୀ ର ଚୟନ ଚାରିପ୍ରକାର ଭାବନାର ଅନ୍ତର୍ଗତ ହୋଇଥାଏ । କିଛି ଲୋକେ ସ୍ତ୍ରୀ ର ଆର୍ଥିକ ଅବସ୍ଥାକୁ ଦେଖି ସ୍ତ୍ରୀ ର ଚୟନ କରିଥାନ୍ତି, କିଛି ଲୋକଙ୍କୁ ବଂଶ ଓ କୁଟୁମ୍ବର ଧ୍ୟାନ ଥାଏ । କିଛି ଲୋକେ ସୁନ୍ଦର ଓ ସୌନ୍ଦର୍ଯ୍ୟକୁ ଦେଖିଥାନ୍ତି ଓ କିଛି ଲୋକେ ସ୍ତ୍ରୀ ର ଚରିତ୍ର ଓ ଧାର୍ମିକ ଅବସ୍ଥାକୁ ଧ୍ୟାନ ଦେଇଥାନ୍ତି । କିନ୍ତୁ ହେ ମୁସଲ୍‌ମାନ୍ ମାନେ ! ତୁମମାନଙ୍କ ପାଇଁ ଏହା ଆବଶ୍ୟକ କି ତୁମେ ସର୍ବଦା ଦୀନୀ (ଧାର୍ମିକ) ପାର୍ଶ୍ୱକୁ ଅଗ୍ରାଧିକାର ଦିଅ । ଏହା ତୁମ ସଫଳତାର ମାର୍ଗ ଅଟେ ଓ ଏହା ହିଁ ତୁମ ଦୀନ୍ ଓ ସଂସାରର ବିକୃତିରୁ ବଂଚିବାର ମାର୍ଗ ଅଟେ ।

ଏହି ହଦିସ୍‌ରେ ନିକାହ୍ କରିବାର ଉଦ୍ଦେଶ୍ୟ ଗୁଡ଼ିକୁ ହାସଲ କରିବା ପାଇଁ ସ୍ତ୍ରୀ ର ଚୟନ କରିବାର ସିଦ୍ଧାନ୍ତ ବତାଇ ଦିଆଯାଇଛି ଓ ତାହା ହେଉଛି ଧାର୍ମିକ ପାର୍ଶ୍ୱକୁ ଅଗ୍ରାଧିକାର ଦିଆଯାଉ । ଓ ଦୀନ୍‌ରୁ କେବଳ ସ୍ତ୍ରୀର ନିଜସ୍ୱ ଧର୍ମ ବା ଚାରିତ୍ରିକ ଅବସ୍ଥା ଅର୍ଥ ନୁହେଁ ଓ ନା ଦୀନ୍ ଶବ୍ଦଟି ଆରବୀ ଭାଷାରେ କେବଳ ଧର୍ମ ଓ ପ୍ରଥା ଅର୍ଥରେ ଆସିଥାଏ ବରଂ ଯେପରିକି ଆରବୀର ପ୍ରସିଦ୍ଧ ଅଭିଧାନ (ଶବ୍ଦକୋଷ) ଅକ୍‌ରବୁଲ୍ ମଓ୍ୱାରିଦ୍ ରେ ବ୍ୟାଖ୍ୟା କରାଯାଇଛି କି ଦୀନ୍‌ର ଶବ୍ଦ ଆରବୀ ଭାଷାରେ ନିମ୍ନଲିଖିତ ଅର୍ଥକୁ ପ୍ରକାଶ କରିବାରେ ବ୍ୟବହାର କରାଯାଏ । ପ୍ରଥମ ହେଉଛି ଚରିତ୍ର ଓ ଅଭ୍ୟାସ, ଦ୍ୱିତୀୟ ହେଉଛି ଆଧ୍ୟାତ୍ମିକ ପବିତ୍ରତା, ତୃତୀୟ ହେଉଛି ଧର୍ମ, ଚତୁର୍ଥ ହେଉଛି କୌମ୍ ବା ଜାତି, ପଂଚମ ହେଉଛି ରାଜନୀତି ଓ ସରକାର । ତେଣୁ ଆଁ ହଜ୍‌ରତ୍ ସ:ଆ:ସ ଯାହା କହିଲେ ଅର୍ଥାତ୍ ସ୍ତ୍ରୀ ର ଚୟନରେ ଦିନୀ ପାର୍ଶ୍ୱକୁ ଅଗ୍ରାଧିକାର ଦିଆଯାଉ, ସେଠାରେ ଯେଉଁଠି ଏ ଅର୍ଥ ନିଆଯାଉଛି କି ସ୍ତ୍ରୀ ଏପରି ହେବା ଉଚିତ୍ ଯିଏ ନିଜେ ଚରିତ୍ର ଓ ଅଭ୍ୟାସ, ଧର୍ମପରାୟଣତା ଓ ପବିତ୍ରତା ଓ ଧର୍ମ ଓ ବିଶ୍ୱାସରେ ଉତ୍ତମ ହେବ । ଯଦ୍ୱାରା ସ୍ୱାମୀ ଓ ସ୍ତ୍ରୀ ଙ୍କର ସମ୍ପର୍କ ମଧ୍ୟ ଉତ୍ତମ ରହିବ ଓ ଆସନ୍ତାକୁ ହେବାକୁ ଥିବା ସନ୍ତାନ ମାନଙ୍କ ଉପରେ ମଧ୍ୟ ସୁପ୍ରଭାବ ପଡ଼ିବ । ସେଠାରେ ଏହାର ଅର୍ଥ ଏପରି ମଧ୍ୟ କି ସ୍ତ୍ରୀ ର ଚୟନରେ ସେହି ସାଧାରଣ ଧାର୍ମୀକ ପାର୍ଶ୍ୱ ଯାହା ଧର୍ମ, ଜାତି, ରାଜନୀତି ଓ ସରକାରଙ୍କ ସହିତ ଉଦ୍ଦେଶ୍ୟମୂଳକ ସମ୍ପର୍କ ରଖିଥିବ ଓ ତାହା ସ୍ଥାନ, କାଳ, ପାତ୍ରକୁ ଦୃଷ୍ଟିରେ ରଖି ହେବା ଉଚିତ୍ । ଯଦି ଏଠାରେ କାହାକୁ ଏ ଶଙ୍କା ହୁଏ କି ଯଦିଚ ଶବ୍ଦକୋଷ ଆଧାରରେ ଏହି ସବୁ ଅର୍ଥ ଠିକ୍ ଅଟେ କିନ୍ତୁ ଏହା କିପରି ସ୍ୱୀକାର କରାଯାଇପାରିବ କି ଗୋଟିଏ ଶବ୍ଦରେ ଓ ଗୋଟିଏ ସମୟରେ ଏତେ ଅର୍ଥ ବୁଝା ଯାଉଛି ବୋଲି । ତେବେ ଏହାର ଉତ୍ତର ହେଉଛି କି ଯେହେତୁ ଆଁ ହଜ୍‌ରତ୍ ସ:ଆ:ସ ଜଣେ କାନୁନ୍ ପ୍ରଣୟନକାରୀ ନବୀ ଥିଲେ । ତେଣୁ ଆପଣଙ୍କ ବାଣୀରେ କାନୁନ୍ ସାଜିର ଅର୍ଥ ରହୁଥିଲା, ଯାହା ସବୁବେଳେ ସାରଗର୍ଭକ ଓ ମର୍ମରେ ପରିପୂର୍ଣ୍ଣ ଓ ବ୍ୟାପକ ଅର୍ଥବୋଧକ ହୋଇଥାଏ ଓ ଏହାର ଗୋଟିଏ ଗୋଟିଏ ଶବ୍ଦରେ ଅନେକ ପାର୍ଶ୍ୱକୁ ଦୃଷ୍ଟି ଦିଆଯାଇଥାଏ । ତେଣୁ ସେହି ଆଲୋକରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବାଣୀର ଅର୍ଥ ଆମକୁ କରିବା ଉଚିତ୍ । ସେ ଯାହା ହେଉ ଯେବେ ଶବ୍ଦକୋଷ ଆଧାରରେ ଏହି ଅର୍ଥ ଠିକ୍ ଅଛି ତେବେ କାହାକୁ ଏତ୍‌ରାଜ୍ (ଅଭିଯୋଗ) କରିବାର କଣ ହକ୍ ଅଛି ।

ସଂକ୍ଷେପରେ ଏହା କୁହାଯାଇପାରିବ କି ଇସ୍‌ଲାମ୍ ନିକାହ୍‌ର ଚାରୋଟି ଉଦ୍ଦେଶ୍ୟ ଓ ବହୁ ବିବାହ କରିବାର ୭ ଗୋଟି ଉଦ୍ଦେଶ୍ୟ ବର୍ଣ୍ଣନା କରିଛି । ଓ ଏହି ଉଦ୍ଦେଶ୍ୟ ଗୁଡ଼ିକୁ ଉତ୍ତମ ରୂପେ ହାସଲ କରିବା ପାଇଁ ସ୍ତ୍ରୀ ର ଚୟନ ସମ୍ବନ୍ଧରେ ଏ ନିର୍ଦ୍ଦେଶ ଦିଆଯାଇଛି କି ଏଥିରେ ସ୍ତ୍ରୀର ନିଜ ସୁଗୁଣ ବ୍ୟତୀତ ଧର୍ମ, ଜାତି, ରାଜନୀତି ଓ ସରକାରଙ୍କ ଆବଶ୍ୟକତାକୁ ଅଗ୍ରାଧିକାର ଦେବା ଉଚିତ୍ । ଏହାର ଅର୍ଥ ନୁହେଁ କି ନିକାହ୍ କରିବା ସମୟରେ ଅନ୍ୟ ଭଲ ଗୁଣଗୁଡ଼ିକ ନଦେଖାଯାଉ ବୋଲି କାରଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନ୍ୟ ହଦିସ୍ ଗୁଡ଼ିକରୁ ଏହା ପ୍ରମାଣିତ ହେଉଛି କି ଆପଣ ସ:ଆ:ସ ମୁସଲ୍‌ମାନ୍ ମାନଙ୍କୁ ସ୍ତ୍ରୀ ଙ୍କର ଅନ୍ୟ ସୁଗୁଣ ଗୁଡ଼ିକୁ ଦୃଷ୍ଟିରେ ରଖିବା ପାଇଁ ମଧ୍ୟ ଅନୁମତି ଦେଇଛନ୍ତି । ବରଂ କଦାଚିତ୍ ନିଜେ ଏହାର ତେହ୍‌ରିକ୍ ମଧ୍ୟ କରିଛନ୍ତି କି ଅନ୍ୟ କଥାଗୁଡ଼ିକ ମଧ୍ୟ ଦେଖିନିଅନ୍ତୁ । ସୁତରାଂ ପର୍ଦ୍ଦାର ହୁକୁମ୍ ହେବା ସତ୍ତ୍ୱେ ମଧ୍ୟ ଆପଣ ସ:ଆ:ସ ଏ ତେହ୍‌ରିକ୍ କରୁଥିଲେ କି ନିକାହ୍ କରିବା ପୂର୍ବରୁ ପୁରୁଷଙ୍କ ନିମନ୍ତେ ଏହା ଆବଶ୍ୟକ କି ସେ ମହିଳାଙ୍କୁ ନିଜେ ଦେଖିନିଅନ୍ତୁ । (ତିରିମିଜି ଅବୁଆବୁଲ୍ ନିକାହ୍) ଯଦ୍ୱାରା ପରେ ଅପସନ୍ଦ ଚେହେରା ଯୋଗୁ ତା ନିକଟରେ କୌଣସି ପ୍ରକାରର କୁଧାରଣା ସୃଷ୍ଟି ନହେଉ । ଏହିପରି ଗୋଟିଏ ସୀମା ପର୍ଯ୍ୟନ୍ତ ଆର୍ଥିକ ଅବସ୍ଥାକୁ ମଧ୍ୟ ଦୃଷ୍ଟି ରଖିବା ପାଇଁ ପ୍ରୋତ୍ସାହିତ କରାଯାଇଛି । *(ମୁସ୍‌ଲିମ୍ କିତାବୁର୍ ରଜାଅ, ବାବୁଲ୍ ମୋତଲକା ସଲାସନ୍ ଲାନଫକତଲାହା)*

ସେହିପରି ଗୋଟିଏ ସୀମା ପର୍ଯ୍ୟନ୍ତ ବୟସ ଓ ଚରିତ୍ରକୁ ମଧ୍ୟ ଧ୍ୟାନ ଦେବା ପାଇଁ ସୁପାରିଶ୍ କରାଯାଇଛି । *(ମୁସ୍‌ଲିମ୍ କିତାବୁର୍ ରଜାଅ ବାବ୍ ଇସ୍‌ତେଜାବେ ନିକାହୁଲ୍ ବକର୍ ଏବଂ ବୁଖାରୀ କିତାବୁଲ୍ ନିକାହ୍ ବାବୁସ୍ ସୈବାତ୍)*

ଏହି ସିଦ୍ଧାନ୍ତ ଅନ୍ୟ ଅବସ୍ଥାରେ ମଧ୍ୟ ଲାଗୁ ହୁଏ । କିନ୍ତୁ ଯେଉଁ କଥାର ଇସ୍‌ଲାମ୍ ହିଦାୟତ୍ ଦେଇଛି ତାହା ହେଉଛି ଏପରିକି ସେହି ସବୁ କଥାଗୁଡ଼ିକୁ ଦୀନୀ (ଧାର୍ମିକ) ପାର୍ଶ୍ୱର ମୁକାବିଲାରେ ଅଗ୍ରାଧିକାର ଦେବା ଉଚିତ୍ ନୁହେଁ । କାରଣ ଯଦି ଦୀନୀ ପାର୍ଶ୍ୱର ଭଲ ଗୁଣ ଗୁଡ଼ିକ ନଥିବ ତେବେ କେବଳ ଏହି ସୁଗୁଣ ବାସ୍ତବିକ ଓ ସର୍ବଦା ଖୁସି ହେବାର ମୂଳଦୁଆ ହୋଇପାରିବ ନାହିଁ । ବରଂ ବେଳେବେଳେ ଏହା କ୍ଷତିକାରକ ଓ ଅନିଷ୍ଟକାରୀ ପ୍ରମାଣିତ ହୋଇପାରେ ।

ଏବେ ଗୋଟିଏ ପଟେ ବହୁ ବିବାହ କରିବାର ଉଦ୍ଦେଶ୍ୟ ଗୁଡ଼ିକ ରହିଛି ଓ ଅନ୍ୟପଟେ ସ୍ତ୍ରୀ ଚୟନ କରିବାର ଯେଉଁ ପ୍ରସ୍ତାବ ଇସ୍‌ଲାମ୍ ଦେଇଛି, ସେଗୁଡ଼ିକୁ ଯଦି ଦୃଷ୍ଟି ଆଗରେ ରଖାଯାଏ ତେବେ ପ୍ରତ୍ୟେକ ବୁଦ୍ଧିମାନ୍ ଏହା ବୁଝିପାରିବ କି ଏହା ହେଉଛି ଏକ ଅତ୍ୟନ୍ତ ବାବରକତ୍ ବ୍ୟବସ୍ଥା, ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଜରିଆରେ ଅଲ୍ଲାଃତାଲା ଏ ଦୁନିଆରେ କାଏମ୍ କରିଛି ଓ ଏଥିରେ ମାନବ ସମାଜର ହିତ ସାଧନ ନିମନ୍ତେ ଦୃଷ୍ଟି ଦିଆଯାଇଛି । ପ୍ରକୃତରେ ଯେଉଁ ଲୋକମାନେ ବହୁ ବିବାହ ଖିଲାଫରେ ନିଜ ମତପ୍ରକାଶ କରିଛନ୍ତି ସେମାନେ ନିଜର ଦୃଷ୍ଟିକୁ ବହୁତ ସିମୀତ ରଖିଛନ୍ତି ଓ ସ୍ୱାମୀ ସ୍ତ୍ରୀ ର ଆବେଗପୂର୍ଣ୍ଣ ସମ୍ପର୍କ ବ୍ୟତୀତ ଆଉ କୌଣସି ପାର୍ଶ୍ୱ ପ୍ରତି ସେମାନଙ୍କ ଦୃଷ୍ଟି ଯାଇନାହିଁ । ଓ ନା ସେମାନେ କେବେ ଶାନ୍ତି ମନରେ ନିକାହ୍‌ର ଉଦ୍ଦେଶ୍ୟ ଗୁଡ଼ିକ ଓ ମାନବର ଆବଶ୍ୟକତା ସମ୍ପର୍କରେ ଚିନ୍ତା କରିଛନ୍ତି ନଚେତ୍ ଏ ସମସ୍ୟା ଏପରି ନଥିଲା କି କୌଣସି ବୁଦ୍ଧିମାନ୍ ବ୍ୟକ୍ତିଙ୍କୁ ଏହାର ଉତ୍ତମ ପାର୍ଶ୍ୱ ଗୁଡ଼ିକୁ ଅସ୍ୱୀକାର କରିବାର ରାସ୍ତା ମିଳନ୍ତା । ପୁଣି ଏହା ମଧ୍ୟ ଚିନ୍ତା କରାଗଲା ନାହିଁ କି ବହୁ ବିବାହର ବ୍ୟବସ୍ଥା ଇସ୍‌ଲାମ୍‌ରେ ନିୟମିତ ରୂପେ ନିର୍ଦ୍ଦେଶ ନାହିଁ ବରଂ ଏହା ଏକ ବ୍ୟତିକ୍ରମ ଅଟେ ଯାହା ନିକାହ୍ କରିବାର ବୈଧ ଉଦ୍ଦେଶ୍ୟ ଗୁଡ଼ିକ ପ୍ରାପ୍ତି ନିମନ୍ତେ ଓ ମନୁଷ୍ୟର ଉଚିତ୍ ଆବଶ୍ୟକକୁ ପୁରଣ କରିବା ନିମନ୍ତେ ବିଶେଷ ଅବସ୍ଥାକୁ ଦେଖି ପ୍ରଚଳନ କରାଯାଇଛି । ସୁତରାଂ ଏହା ବିଷୟରେ ରାୟ ଦେବା ସମୟରେ ଏକଥା ପ୍ରତି ଚିନ୍ତା କରିବା ଆବଶ୍ୟକ କି କଣ ସଂସାରରେ ମନୁଷ୍ୟକୁ ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡେନାହିଁ କି ସ୍ଥଳ ବିଶେଷରେ ତାକୁ ଏକାଧିକ ପତ୍ନୀ

ଗ୍ରହଣ କରିନେବା ତା ପାଇଁ ଏକ ଜରୁରୀ ଉପଚାର ହୁଅନ୍ତା ଓ ମନୁଷ୍ୟ ନିଜେ ବା ତା କୁଟୁମ୍ବ ବା ତା ଜାତି ବା ତା ଦେଶର ହିତ ସାଧନ ଏହା ସହିତ ପ୍ରତିବନ୍ଧିତ ହୋଇଯାଆନ୍ତା କି ସେ ଦ୍ୱିତୀୟ ସ୍ତ୍ରୀ ସହିତ ବିବାହ କରୁ । ମୁଁ ସମ୍ରାଟ ନେପୋଲିଅନ୍‌ଙ୍କ ଜିବନୀର ସେହି ଘଟଣାଟି କେବେ ଭୁଲିନାହିଁ ଯେବେ ସେ ନିଜ ଦେଶ ହିତ ପାଇଁ ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ଦ୍ୱିତୀୟ ସ୍ତ୍ରୀର ଆବଶ୍ୟକତାକୁ ଅନୁଭବ କରିଥିଲା । କିନ୍ତୁ ସେ ଆବଶ୍ୟକତା କିପରି ପୁରଣ କରାଗଲା ? ଏହାକୁ ଭାବି ମୋ ଶରୀର କମ୍ପି ଉଠୁଛି । ସମ୍ରାଟଙ୍କ ରାଣୀ ଜୋଜ୍‌ଫିନ୍‌ଙ୍କ ତଲାକ୍‌ର ଘଟଣା ଇତିହାସର ଏକ ଅନ୍ଧକାରମୟ ଘଟଣା ଭିତରୁ ଗୋଟିଏ ଅଟେ ଓ ଏହାର ପ୍ରଚ୍ଛଦ ପଟରେ ସେହି ଛୋଟ ଆବେଗପୁର୍ଣ୍ଣ ଭାବନା ଥିଲା କି ମନୁଷ୍ୟକୁ କୌଣସି ଉପାୟରେ ମଧ୍ୟ ଏକରୁ ଅଧିକ ସ୍ତ୍ରୀ କରିବା ଉଚିତ୍ ନୁହେଁ ବୋଲି । ଦୁଃଖଦ ! ସେହି ମିଥ୍ୟା ଆବେଗପୁର୍ଣ୍ଣ ଭାବନା ଅନେକ ଦୁର୍ବଳ ଲୋକମାନଙ୍କର ତକ୍‌ୱା (ନିଷ୍ଠା) କୁ ନଷ୍ଟ କଲା । ଅନେକ କୁଟୁମ୍ବକୁ ନିସନ୍ତାନ କରି ସଂସାରରୁ ନିଃଶେଷ କରିଦେଲା । ଅନେକ ଘରର ଖୁସିକୁ ବର୍‌ବାଦ୍ କରିଦେଲା । ଅନେକ ଘର, ଅନେକ ଜାତି ଓ ଅନେକ ଦେଶର ଏକତାକୁ ଧୂଳିସାତ କରିଦେଲା । ଅନେକ ଅନାଥକୁ ଲମ୍ପଟ ଓ କୁଚରିତ୍ର କରିଦେଲା । ଅନେକ ବିଧବା ମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ିଦିଆଗଲା । ଅନେକ ଜାତିର ପିଢ଼ୀକୁ ନିମ୍ନଗାମୀର ରାସ୍ତାରେ ପକାଇଦେଇ ସେମାନଙ୍କୁ ନିଃଶେଷ କରିଦେବାର ମଞ୍ଜି ବୁଣି ଦିଆଗଲା ଓ ଏହା ସବୁକିଛି କେବଳ ଏଇଥିପାଇଁ ହେଲା କି ପରିଶେଷରେ ମହିଳା ନିଜ ସ୍ୱାମୀଙ୍କ ପାଖରେ କେବଳ ଏକୁଟିଆ ହିଁ ରାଣୀ ହୋଇ ରହିଲା ! କିନ୍ତୁ ଏହା ଏକ ଅଜବ କୁର୍ବାନୀ (ବଳୀଦାନ) ଅଟେ କି ବଡ଼ଜିନିଷକୁ ଛୋଟ ଜିନିଷ ଉପରେ ଉତ୍ସର୍ଗ କରାଯାଉଛି । ଯେବେ କି ସତ୍ୟ ଏହା ଥିଲା କି ଚାରିତ୍ରିକ ଲାଭ ପାଇଁ ଭୌତିକ ଲାଭକୁ ଉତ୍ସର୍ଗ କରାଯାଇଥାଆନ୍ତା । ଧର୍ମୀୟ ଲାଭ ନିମନ୍ତେ ସାଂସାରିକ ଲାଭକୁ ଉତ୍ସର୍ଗ କରାଯାଇଥାଆନ୍ତା । କୁଟୁମ୍ବଗତ ବିଶ୍ୱାସ ପାଇଁ ନିଜସ୍ୱ ଉଦ୍ଦେଶ୍ୟକୁ ଉତ୍ସର୍ଗ କରାଯାଇଥାଆନ୍ତା । ଜାତିୟ ଲାଭ ପାଇଁ ନିଜ ଲାଭକୁ ଉତ୍ସର୍ଗ କରିଦିଆଯାଇ ଥାଆନ୍ତା । ଓ ବାସ୍ତବରେ ବହୁ ବିବାହ / ଏକାଧିକ ପତ୍ନୀ ଗ୍ରହଣ କରିବାର ବ୍ୟବସ୍ଥା ହିଁ ଏକ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ବ୍ୟବସ୍ଥା ଅଟେ ଓ ଏଥିରେ ସ୍ୱାମୀ ଓ ସ୍ତ୍ରୀ ଦୁଇଜଣଙ୍କର ନିଜସ୍ୱ ଓ ଶାରିରୀକ ଉତ୍ସର୍ଗ ମାଧ୍ୟମରେ ଚାରିତ୍ରିକ, ଧାର୍ମିକ, କୁଟୁମ୍ବଗତ, ଜାତୀୟ ଓ ଦେଶହିତ ନିମନ୍ତେ ରାସ୍ତା ଉନ୍ମୁକ୍ତ କରାଯାଇଛି । ଏ କଥାର ସାରମର୍ମ ହେଉଛି ଏହା କି ଇସ୍‌ଲାମ୍‌ରେ ବହୁବିବାହ କରିବାର ବ୍ୟବସ୍ଥା ଏକ ବ୍ୟତିକ୍ରମ ବ୍ୟବସ୍ଥା ଅଟେ ଯାହା ମନୁଷ୍ୟର ବିଶେଷ ଆବଶ୍ୟକକୁ ଦୃଷ୍ଟିରେ ରଖି ଜାରି କରାଯାଇଛି ଓ ଏହା ଏକ କୁର୍ବାନୀ (ଉତ୍ସର୍ଗ)ଅଟେ ଯାହାକୁ ପୁରୁଷ ଓ ମହିଳା ଦୁଇଜଣଙ୍କୁ ନିଜର ଚରିତ୍ର, ଧର୍ମ, କୁଟୁମ୍ବ, ଜାତି ଓ ଦେଶ ନିମନ୍ତେ ବିଶେଷ ଅବସ୍ଥାରେ କରିବାକୁ ପଡ଼ିଥାଏ ଓ ଇସ୍‌ଲାମ୍ ପ୍ରତ୍ୟେକ ବ୍ୟକ୍ତିଠାରୁ ଏ ଆଶା ରଖିଛି କି ସେ ଏହି ପ୍ରକାର ଅବସ୍ଥା ସୃଷ୍ଟି ହେଲେ ଯାହା ଏକାଧିକ ପତ୍ନୀ ଗ୍ରହଣ କରିବା ପାଇଁ ଜରୁରୀ ଅଟେ, ନିଜ ଇଚ୍ଛା ଓ ନିଜ ଶାରିରୀକ ଆରାମକୁ ଏହାଠାରୁ ଅଧିକା ବଡ଼ ଲାଭ ପାଇଁ କୁର୍ବାନୀ କରିବା ପାଇଁ ପଛାଇବ ନାହିଁ ଓ ମୌକା ଆସିଲେ ଏହା ପ୍ରମାଣ କରି ଦେଖାଇବ କି ତାର ଜୀବନ କେବଳ ତା ଜାତି ବା ତା ଘର ଭିତରେ ସିମୀତ ନୁହେଁ ବରଂ ସେ ସଂସାରର ବ୍ୟାପକ ମାନବ ଗୋଷ୍ଠୀର ହେଉଛି ଜଣେ ସଦସ୍ୟ । ସେ ସେହି ମାନବ ଜାତି ପାଇଁ ନିଜର ବ୍ୟକ୍ତିଗତ ଲାଭକୁ ମଧ୍ୟ କୁର୍ବାନ୍ କରିଦେବା ପାଇଁ ପଛାଇବ ନାହିଁ ।

ପୁଣି ଏହା ମଧ୍ୟ ମନେ ରଖିବା ଉଚିତ୍ କି ବହୁବିବାହର ବୈଧ ଆବଶ୍ୟକତା ସୃଷ୍ଟି ହେଉଥିଲେ ମଧ୍ୟ ଇସ୍‌ଲାମ୍ ବହୁବିବାହ କରିବା ପାଇଁ ବାଧ୍ୟ କରିନାହିଁ ବରଂ ଯେପରି ଉପରେ ବର୍ଣ୍ଣନା କରାଯାଇଛି ତାକୁ ସର୍ତାବଳୀ ଭିତରେ ଆବଦ୍ଧ କରିଦେଇଛି । ଅର୍ଥାତ୍ ଯଦି ମନୁଷ୍ୟ ନ୍ୟାୟ କରିବାର ଯୋଗ୍ୟ ତେବେ ସେ ବହୁ ବିବାହ ଉପରେ ଅମଳ କରୁ ନଚେତ୍ କେବଳ ଗୋଟିଏ ସ୍ତ୍ରୀ ଙ୍କ ଠାରେ ସନ୍ତୁଷ୍ଟ ରହୁ । ନ୍ୟାୟ କରିବା ଏ ସ୍ଥାନରେ କେବଳ ସ୍ତ୍ରୀ ମାନଙ୍କ ଭିତରେ ନ୍ୟାୟ ସ୍ଥାପନ କରିବା ଅର୍ଥ ନୁହେଁ ବରଂ ସେମାନଙ୍କର ପ୍ରତ୍ୟେକ ପ୍ରକାରର ଅଧିକାରକୁ ପ୍ରଦାନ କରିବା ହେଉଛି ଏହାର ଅର୍ଥ ଯାହା ବହୁବିବାହ କରିବା ସମୟରେ ମନୁଷ୍ୟ ଉପରେ ଲାଗୁ ହୋଇଛି । ତେଣୁ ବହୁବିବାହର ଦୁଇଗୋଟି ସର୍ତ ରହିଛି । ପ୍ରଥମଟି ସେହି ବୈଧ ଉଦ୍ଦେଶ୍ୟ ଗୁଡିକ ମଧ୍ୟରୁ କୌଣସି ଏକ ଉଦ୍ଦେଶ୍ୟର ଆବଶ୍ୟକ ପଡ଼ିବା, ଯାହାକୁ ଇସ୍‌ଲାମ୍ ତା ପାଇଁ ଧାର୍ଯ୍ୟ କରିଛି । ଦ୍ୱିତୀୟଟି ମଣିଷ ନ୍ୟାୟ କରିପାରୁଥିବ ଓ ଏହି ଦୁଇଗୋଟି ସର୍ତକୁ ପୁରା କରି ବହୁ ବିବାହ ଉପରେ ଅମଳ କରିବା ବ୍ୟକ୍ତି ନିଜର ସମୟ, ନିଜର ଧ୍ୟାନ, ଧନସମ୍ପତି, ବ୍ୟବହାର ଏପରିକି ହୃଦୟର ପ୍ରେମ, ଯାହା ଉପରେ ମନୁଷ୍ୟର ନିୟନ୍ତ୍ରଣ ନାହିଁ, ବାକି ସମସ୍ତ ବିଷୟରେ ନିଜ ସ୍ତ୍ରୀ ମାନଙ୍କ ସହିତ ଉଣା ଅଧିକେ ଏକ ପ୍ରକାର ବ୍ୟବହାର କରିବ । (ମିଶ୍‌କାତ୍ କିତାବୁଲ୍ କସମ୍) ଏବଂ ଚିନ୍ତା କରି ଦେଖିଲେ ଏହି ପ୍ରତିବନ୍ଧକ ନିଜ ଭିତରେ ଏକ ମହାନ୍ କୁର୍ବାନୀ (ଉତ୍ସର୍ଗ) ରଖିଛି, ଯାହା ସ୍ୱାମୀକୁ କରିବାକୁ ପଡ଼ିଥାଏ । ବିଶେଷ ରୂପେ ଏପରି ଅବସ୍ଥାରେ ସେ ତା ସ୍ତ୍ରୀ ମାନଙ୍କ ଭିତରୁ ସେମାନଙ୍କ ନିଜସ୍ୱ ଗୁଣ ଓ ଯୋଗ୍ୟତାର ପ୍ରଭେଦ ଥିବା ଯୋଗୁ କାହାପ୍ରତି ଅଧିକ ପ୍ରେମଭାବ ଉତ୍ପନ୍ନ ହୋଇଥାଏ ଓ କାହା ପ୍ରତି କମ୍ ପ୍ରେମଭାବ ଉତ୍ପନ୍ନ ହୋଇଥାଏ । କିନ୍ତୁ ପୁଣି ମଧ୍ୟ ସେ ବିବଶ ହୋଇଯାଏ କି ନିଜର ପ୍ରତ୍ୟେକ ଜିନିଷକୁ ତରାଜୁରେ ମାପ କରି ନିଜ ସ୍ତ୍ରୀ ମାନଙ୍କ ଭିତରେ ସମାନ ସମାନ ବଂଟନ କରୁ । ଏହି କୁର୍ବାନୀ କେବଳ ସ୍ୱାମୀଙ୍କର ହିଁ କୁର୍ବାନୀ ନୁହେଁ ବରଂ ଏହି କୁର୍ବାନୀରେ ତା ସ୍ତ୍ରୀମାନେ ମଧ୍ୟ ସମାନ ଭାଗିଦାରୀ ରହିଥାନ୍ତି । ଏହିପରି ପରିସ୍ଥିତିରେ ପ୍ରତ୍ୟେକ ବୁଦ୍ଧିମାନ୍ ବ୍ୟକ୍ତି ବୁଝିପାରୁଥିବେ କି ଇସ୍‌ଲାମ୍ ନା କେବଳ ବହୁବିବାହ ମାମଲାରେ ବିଷୟାବାସନା ଓ ଆମୋଦପ୍ରମୋଦକୁ ମନା କରିଛି ବରଂ ସେ ତା ପାଇଁ ବ୍ୟବହାରିକ କ୍ରିୟାତ୍ମକ ସର୍ତଗୁଡିକ ମଧ୍ୟ ଏପରି ଲଗାଇ ଦେଇଛି କି କୌଣସି ବ୍ୟକ୍ତି ଉକ୍ତ ସର୍ତ ଉପରେ ପରିଚାଳିତ ହୋଇ ଭୋଗବିଳାସ ଓ ଆମୋଦପ୍ରମୋଦ କରିପାରିବ ନାହିଁ ।

ଏହି ଅବସରରେ ଏକଥା ମଧ୍ୟ ବର୍ଣ୍ଣନା କରିବା ଜରୁରୀ ହୋଇପଡ଼ିଛି କି ଇସ୍‌ଲାମ୍ ପୂର୍ବରୁ ଆରବରେ ବରଂ ଦୁନିଆର କୌଣସି କୌମ୍‌ରେ ମଧ୍ୟ ବହୁ ବିବାହ କରିବାର କୌଣସି ସୀମା ନଥିଲା । ଓ ପ୍ରତ୍ୟେକ ବ୍ୟକ୍ତି ଯେତେ ସ୍ତ୍ରୀ ଚାହୁଁଥିଲା ସେତେ କରୁଥିଲା । କିନ୍ତୁ ଇସ୍‌ଲାମ୍ ଅନ୍ୟ ସର୍ତଗୁଡିକ ଲାଗୁ କରି ସଂଖ୍ୟାକୁ ମଧ୍ୟ ଅଧିକରୁ ଅଧିକ ଚାରି ପର୍ଯ୍ୟନ୍ତ ସିମୀତ କରିଦେଲା ଅର୍ଥାତ୍ ଚାରୋଟି ସ୍ତ୍ରୀ ରୁ ଅଧିକ ରଖିପାରିବ ନାହିଁ । ସୁତରାଂ ଇତିହାସରୁ ଜଣାପଡୁଛି କି ଯେଉଁ ନୂତନ ମୁସଲ୍‌ମାନଙ୍କ ନିକଟରେ ଚାରି ରୁ ଅଧିକ ସ୍ତ୍ରୀ ଥିଲେ ସେମାନଙ୍କୁ ଏ ନିର୍ଦ୍ଦେଶ ଦିଆଯାଇଥିଲା କି ସେମାନେ ବାକି ସ୍ତ୍ରୀ ମାନଙ୍କୁ ତଲାକ୍ ଦେଇ ଦିଅନ୍ତୁ । ଉଦାହରଣ ସ୍ୱରୂପ ଗୈଲାନ୍ ବିନ୍ ସଲ୍‌ମା ସକଫି ଯେବେ ମୁସଲ୍‌ମାନ୍ ହେଲେ ସେତେବେଳେ ତାଙ୍କ ପାଖରେ ଦଶଜଣ ସ୍ତ୍ରୀ ଥିଲେ । ସେଥିମଧ୍ୟରୁ ଛଅଜଣଙ୍କୁ ନିର୍ଦ୍ଦେଶ ମୁତାବକ ତଲାକ୍ ଦେଇଦିଆଗଲା ।

*(ତିରିମିଜି ଅବୁଆବୁଲ୍ ନିକାହ୍)*

ଏବେ ଆମେ ଏହା ବତାଉଛୁ କି ଆଁ ହଜ୍‌ରତ୍ ସ:ଆ:ସ କରିଥିବା ବିବାହରେ କଣ ସବୁ ଉଦ୍ଦେଶ୍ୟ ଗୁଡିକ ଦୃଷ୍ଟିରେ ରଖାଯାଇ କରାଯାଇଥିଲା । ଏହା ହେଉଛି ଆମର ଅସଲ ବିଷୟ । ତେଣୁ ଜାଣି ରଖିବା ଉଚିତ୍ କି ଯେଉଁ ସବୁ ସାଧାରଣ ଉଦ୍ଦେଶ୍ୟ ଗୁଡିକ ବିବାହ ପାଇଁ ରହିଛି ତାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଇଁ ମଧ୍ୟ ଥିଲା, ଯାହାକୁ ସାଧାରଣତଃ ନିକାହ୍ ଓ ବହୁ ବିବାହ ବିଷୟରେ ଇସ୍‌ଲାମ୍ ବର୍ଣ୍ଣନା କରିଛି ଓ ଯାହାର ଚର୍ଚ୍ଚା ଉପରେ କରାଯାଇଛି । ଓ ସେହି ଉଦ୍ଦେଶ୍ୟ ଗୁଡିକ ମଧ୍ୟରୁ ବିଶେଷ ରୂପେ ଆପଣ ସ:ଆ:ସଙ୍କ ଲକ୍ଷ୍ୟ ଥିଲା ବଂଶରକ୍ଷା, ପ୍ରେମ ଓ କରୁଣାର ସମ୍ପର୍କକୁ ବଢ଼ାଇବା, ଅନାଥ ମାନଙ୍କର ବ୍ୟବସ୍ଥା ଓ ବିଧବା ମାନଙ୍କର ସୁବ୍ୟବସ୍ଥା ଓ ପ୍ରେମ ଓ କରୁଣାର ସମ୍ପର୍କକୁ ବ୍ୟାପକ କରିବା । ଏହି ଉଦ୍ଦେଶ୍ୟ ଅନ୍ତର୍ଗତ ଆପଣ ସ:ଆ:ସଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ଏପରି ମହିଳାମାନେ ଥିଲେ ଯେଉଁମାନେ ଧର୍ମ,

ଜାତି, ରାଜନୀତି, ହୁକୁମତ୍‌ର ହିତ ସାଧନ ଦୃଷ୍ଟିକୋଣରୁ ଅଧିକ ଯୋଗ୍ୟ ଥିଲେ । କିନ୍ତୁ ଏହି ସମସ୍ତ ସାଧାରଣ ଉଦ୍ଦେଶ୍ୟ ଗୁଡିକ ବ୍ୟତୀତ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିଶେଷ ପଦମର୍ଯ୍ୟାଦା ଅନ୍ତର୍ଗତ ଆପଣ ସ:ଆ:ସଙ୍କ ବିବାହରେ କିଛି ବିଶେଷ କାରଣ ମଧ୍ୟ ଥିଲା ଓ ସେହି ସବୁ ଉଦ୍ଦେଶ୍ୟ ଓ କାରଣ ଦୁଇ ପ୍ରକାରର । ପ୍ରଥମତଃ ଆପଣ ସ:ଆ:ସଙ୍କ ନିଜର ନମୁନା ଦ୍ୱାରା କିଛି ଅଜ୍ଞାନ ପ୍ରଥା ଓ ଭୁଲ୍ ବିଶ୍ୱାସକୁ ନିଜ କାର୍ଯ୍ୟଦ୍ୱାରା ଖଣ୍ଡନ କରିବା, ଦ୍ୱିତୀୟତଃ କିଛି ଯୋଗ୍ୟା ମହିଳାମାନଙ୍କୁ ଆପଣ ସ:ଆ:ସଙ୍କ ତରବିୟତ୍‌ରେ ରଖାଯାଇ ସେମାନଙ୍କ ଜରିଆରେ ଇସ୍‌ଲାମୀୟ ଶରିୟତ୍‌ର ସେହି ଭାଗକୁ ସୁଦୃଢ଼ କରିବାର ଥିଲା ଯାହା ମହିଳାମାନଙ୍କ ସମ୍ବନ୍ଧିତ ଅଟେ ଓ ମୁସଲମାନ୍ ମହିଳାମାନଙ୍କର ତାଲିମ୍ ଓ ତରବିୟତ୍ (ପ୍ରଶିକ୍ଷଣ) କରିବା । ସୁତରାଂ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି:-

فَلَمَّا قَضٰى زَيْدٌ مِّنْهَا وَطَرًا زَوَّجْنٰكَهَا لِكَيْ لَا يَكُوْنَ عَلَى الْمُؤْمِنِيْنَ حَرَجٌ فِيْٓ اَزْوَاجِ اَدْعِيَآئِهِمْ اِذَا قَضَوْا مِنْهُنَّ وَطَرًا ؕ وَكَانَ اَمْرُ اللّٰهِ مَفْعُوْلًا (سورۃ احزاب:38)

ଅର୍ଥାତ୍ ହେ ରସୁଲ୍ ! ଯେବେ ତୁମ ପୋଷ୍ୟପୁତ୍ର ଜଏଦ୍‌ବିନ୍ ହାରସା ନିଜ ସ୍ତ୍ରୀ ଜଏନବ୍‌କୁ ତଲାକ୍ ଦେଇଦେଲେ ସେତେବେଳେ ଆମେ ତାଙ୍କ ବିବାହର ପ୍ରସ୍ତାବ ତୁମ ସହିତ କରିଦେଲୁ । ଯଦ୍ୱାରା ଏହା ମାଧ୍ୟମରେ ଉକ୍ତ ଜାହିଲାନା (ମୁର୍ଖତାପୁର୍ଣ୍ଣ) ପ୍ରଥା ନିଃଶେଷ ହୋଇଯାଉ ଅର୍ଥାତ୍ ବିଶ୍ୱାସକାରୀ ମାନଙ୍କ ମନରେ ନିଜ ପୋଷ୍ୟପୁତ୍ରମାନଙ୍କ ପତ୍ନୀମାନଙ୍କୁ ତଲାକ୍ ପରେ ବିବାହ କରିବା ବିଷୟରେ କୌଣସି ସଙ୍କୋଚ ରହିବ ନାହିଁ ଏବଂ ଅଲ୍ଲାଃଙ୍କ ଆଦେଶ ଅବଶ୍ୟ ପାଳିତ ହେବାର ଥିଲା । *(ସୁରା ଅହଜାବ୍:୩୮)*

ଏହି ଆୟତରେ ପ୍ରଥମ ଉଦ୍ଦେଶ୍ୟ ଏହା ବର୍ଣ୍ଣନା କରାଯାଇଛି କି ଆଁ ହଜ୍‌ରତ୍ ସ:ଆ:ସଙ୍କ କ୍ରିୟାତ୍ମକ ଦୃଷ୍ଟାନ୍ତ ମାଧ୍ୟମରେ ଏହିଭଳି କିଛି ମୁର୍ଖତାପୁର୍ଣ୍ଣ ପ୍ରଥାକୁ ମୁଳୋତ୍ପାଟନ କରାଯାଉ ଯାହା ଆରବୀୟଙ୍କ ପ୍ରକୃତିରେ ଏତେ ମାତ୍ରାରେ ଦୃଢ଼ୀଭୁତ ହୋଇଯାଇଥିଲା କି ସେଗୁଡିକର ମୁଳୋତ୍ପାଟନ ବିନା ଆପଣଙ୍କ ଦ୍ୱାରା ନମୁନା (ଦୃଷ୍ଟାନ୍ତ) ସ୍ଥାପନ କରିବା ଅସମ୍ଭବ ଥିଲା । ସୁତରାଂ ମୋତବନ୍ନା (ପୋଷ୍ୟପୁତ୍ର) ଗ୍ରହଣ କରିବାର ପ୍ରଥା ଆରବଙ୍କ ଭିତରେ ବହୁତ ଦୃଢ଼ୀଭୁତ ଓ ପ୍ରଚଳିତ ଥିଲା ଓ ଏହି ମାମଲାରେ ଅଲ୍ଲାଃଙ୍କ ନିର୍ଦ୍ଦେଶ ଅବତୀର୍ଣ୍ଣ ହେବା ପୂର୍ବରୁ ଆଁ ହଜ୍‌ରତ୍ ସ:ଆ:ସ ନିଜ ଦ୍ୱାରା ସ୍ୱାଧୀନ କରାଯାଇଥିବା ଦାସ ଜଏଦ୍‌ବୀନ୍ ହାରସାଙ୍କୁ ମୋତବନ୍ନା ବନାଇଥିଲେ । ସେଥିପାଇଁ ଯେବେ ଏହି ନିର୍ଦ୍ଦେଶ ଅବତୀର୍ଣ୍ଣ ହେଲା କି କୌଣସି ବ୍ୟକ୍ତି କାହାକୁ କେବଳ ପୋଷ୍ୟପୁତ୍ର ବନାଇ ଦେବା ଦ୍ୱାରା ସେ ପ୍ରକୃତ ପୁତ୍ର ହୋଇଯାଏନାହିଁ । ଓ ଏହାପରେ ଉକ୍ତ ଘଟଣା ଅନୁଷ୍ଠିତ ହେଲା କି ଜଏଦ୍‌ବୀନ୍ ହାରସା ନିଜର ସ୍ତ୍ରୀ ଜଏନବ୍ ବିନ୍ତି ଜହଶ୍‌ଙ୍କୁ ତଲାକ୍ ଦେଇଦେବା ପରେ ଆଁ ହଜ୍‌ରତ୍ ସ:ଆ:ସ ଅଲ୍ଲାଃଙ୍କ ନିର୍ଦ୍ଦେଶ କ୍ରମେ ଜଏନବ୍‌ଙ୍କ ସହିତ ନିଜେ ବିବାହ କରିନେଲେ ଓ ଏହିପରି ଉକ୍ତ ଜାହିଲାନା (ମୁର୍ଖତାପୁର୍ଣ୍ଣ) ପ୍ରଥାର ମୁଳୋତ୍ପାଟନ ହେଲା ଯାହା ଆପଣ ସ:ଆ:ସଙ୍କ ବ୍ୟବହାରିକ ଓ କ୍ରିୟାତ୍ମକ ନମୁନା ବିନା ସମ୍ପୂର୍ଣ୍ଣ ରୂପେ ଶେଷ ହେବା କଷ୍ଟକର ବ୍ୟାପାର ଥିଲା । ଏତଦ୍‌ଭିନ୍ନ ଆପଣ ସ:ଆ:ସ ଜଏନବ୍‌ଙ୍କ ସହିତ ବିବାହ କରି ଏକଥା କାର୍ଯ୍ୟରେ କରି କାଏମ୍ କରିଦେଲେ କି କୌଣସି ତଲାକ୍ ପାଇଥିବା ମହିଳାଙ୍କ ସହିତ ବିବାହ କରିବା କିଛି ଖରାପ କଥା ନୁହେଁ ।

ପୁଣି ଅଲ୍ଲାଃତାଲା କହୁଛନ୍ତି-

يٰٓاَيُّهَا النَّبِيُّ قُلْ لِّاَزْوَاجِكَ اِنْ كُنْتُنَّ تُرِدْنَ الْحَيٰوةَ الدُّنْيَا وَزِيْنَتَهَا فَتَعَالَيْنَ اُمَتِّعْكُنَّ وَاُسَرِّحْكُنَّ سَرَاحًا جَمِيْلًا ۝ وَاِنْ كُنْتُنَّ تُرِدْنَ اللّٰهَ وَرَسُوْلَهٗ وَالدَّارَ الْاٰخِرَةَ فَاِنَّ اللّٰهَ اَعَدَّ لِلْمُحْسِنٰتِ مِنْكُنَّ اَجْرًا عَظِيْمًا ۝
(سورۃ احزاب:29-30)

يٰنِسَآءَ النَّبِيِّ لَسْتُنَّ كَاَحَدٍ مِّنَ النِّسَآءِ اِنِ اتَّقَيْتُنَّ (سورۃ احزاب:33) وَاَقِمْنَ الصَّلٰوةَ وَاٰتِيْنَ الزَّكٰوةَ وَاَطِعْنَ اللّٰهَ وَرَسُوْلَهٗ ؕ اِنَّمَا يُرِيْدُ اللّٰهُ لِيُذْهِبَ عَنْكُمُ الرِّجْسَ اَهْلَ الْبَيْتِ وَيُطَهِّرَكُمْ تَطْهِيْرًا ۝ وَاذْكُرْنَ مَا يُتْلٰى فِيْ بُيُوْتِكُنَّ مِنْ اٰيٰتِ اللّٰهِ وَالْحِكْمَةِ ؕ اِنَّ اللّٰهَ كَانَ لَطِيْفًا خَبِيْرًا ۝
(سورۃ احزاب:34،35)

ଅର୍ଥାତ୍- ହେ ନବୀ ! (ତୁମେ) ନିଜ ପତ୍ନୀମାନଙ୍କୁ କୁହ ଯଦି ତୁମେମାନେ ସାଂସାରିକ ଜୀବନ ଓ ତାହାର ଶୋଭା କାମନା କରୁଅଛ, ତେବେ ଆସ, ଆମ୍ଭେ ତୁମମାନଙ୍କୁ କିଛି ସାଂସାରିକ ସାମଗ୍ରୀ ପ୍ରଦାନ କରି ତୁମମାନଙ୍କୁ ଉଚିତ୍ ପନ୍ଥାରେ ବିଦାୟ କରିଦେବୁ । କିନ୍ତୁ ଯଦି ତୁମେମାନେ ଅଲ୍ଲାଃ ଓ ତାହାଙ୍କର ରସୁଲ୍ ଏବଂ ପରକାଳର ନିବାସ କାମନା କରୁଅଛ ତେବେ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ସମ୍ପୂର୍ଣ୍ଣ ଭାବରେ ଇସ୍‌ଲାମ୍ ଉପରେ ପ୍ରତିଷ୍ଠିତ ରହିବେ ଅଲ୍ଲାଃ ସେମାନଙ୍କ ସକାଶେ ଏକ ମହାନ୍ ପୁରସ୍କାର ନିର୍ଦ୍ଦିଷ୍ଟ କରି ରଖିଛନ୍ତି ।..... ହେ ନବୀଙ୍କର ପତ୍ନୀମାନେ ! ଯଦି ତୁମେମାନେ ନିଜ ପଦମର୍ଯ୍ୟାଦାକୁ ବୁଝୁଥାଓ ତେବେ ତୁମେମାନେ ସାଧାରଣ ମହିଳାମାନଙ୍କ ସଦୃଶ ନୁହଁ । ଯଦି ତୁମେ ତକ୍ୱା (ଧର୍ମପରାୟଣତା) କୁ ଗ୍ରହଣ କରିବ ଏବଂ ସୁଚାରୁରୂପେ ନମାଜ ପାଠ କର ଓ ଜକାତ ଦିଅ ଏବଂ ଅଲ୍ଲାଃ ଓ ତାଙ୍କ ରସୁଲଙ୍କର ଆଜ୍ଞା ପାଳନ କର (କାରଣ) ଈଶ୍ୱର ତୁମମାନଙ୍କୁ ଏକ ବିଶେଷ କାର୍ଯ୍ୟ ନିମନ୍ତେ ଚୟନ କରିଛନ୍ତି) ହେ ରସୁଲଙ୍କ ପରିବାର ବର୍ଗ ! ଅଲ୍ଲାଃ ତୁମମାନଙ୍କଠାରୁ ପ୍ରତ୍ୟେକ ପ୍ରକାର ଅପବିତ୍ରତାକୁ ଦୂର କରି ସମ୍ପୂର୍ଣ୍ଣ ଭାବରେ ପବିତ୍ର କରିବାକୁ ଇଚ୍ଛା କରୁଛନ୍ତି । ଏବଂ ତୁମମାନଙ୍କ ଗୃହରେ ଯାହା କିଛି ଅଲ୍ଲାଃଙ୍କର ନିଦର୍ଶନ ଓ ତତ୍ତ୍ୱ ବିଷୟରେ ଆବୃତ୍ତି କରାଯାଉଅଛି ତାହାକୁ ମନେରଖ । ଅଲ୍ଲାଃତାଲା ତୁମ ମାଧ୍ୟମରେ ଉକ୍ତ କାମକୁ ଏଇଥିପାଇଁ ନେବାକୁ ଚାହୁଁଛି କି ସେ ସୂକ୍ଷ୍ମଦର୍ଶୀ ହୋଇଥିବା ଯୋଗୁ ନିଜେ ଲୋକମାନଙ୍କ ଆଖିକୁ ଦେଖାଯାଉନାହିଁ । ଓ ଗୁପ୍ତରେ ଅଛି । ଓ ସର୍ବଜ୍ଞାତା ହୋଇଥିବାରୁ ସେ ଲୋକମାନଙ୍କର ଆବଶ୍ୟକତାକୁ ଜାଣିଛି । ତେଣୁ ଏହା ଜରୁରୀ ଅଟେ କି ଉକ୍ତ ଲୋକସେବା ମୂଳକ କାର୍ଯ୍ୟକୁ ଲୋକମାନଙ୍କ ପାଇଁ ସମ୍ପନ୍ନ କରାଯାଉ । *(ସୁରା ଏହଜାବ୍: ୨୯, ୩୦, ୩୩, ୩୪, ୩୫)*

ଏହି ଆୟତ କରିମାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବହୁ ବିବାହର ବିଶେଷ ଉଦ୍ଦେଶ୍ୟ ଗୁଡିକ ମଧ୍ୟରୁ ଦ୍ୱିତୀୟ ଓ ବଡ ଉଦ୍ଦେଶ୍ୟଟିକୁ ବତାଯାଇଛି ଅର୍ଥାତ୍ ଆପଣ ସ:ଆ:ସଙ୍କ ସହିତ ଯୋଗ୍ୟା ମହିଳାମାନଙ୍କୁ ସ୍ତ୍ରୀ ରୂପେ ରଖି ସେମାନଙ୍କୁ ମୁସଲମାନ୍ ମହିଳା ମାନଙ୍କ ତାଲିମ୍ ଓ ତରବିୟତ୍ (ପ୍ରଶିକ୍ଷଣ) ନିମନ୍ତେ ପ୍ରସ୍ତୁତ କରାଯିବ । ଏହି ବିଶେଷରୁ ବିଶେଷତର ଉଦ୍ଦେଶ୍ୟ ଅନ୍ତର୍ଗତ ଆପଣ ସ:ଆ:ସଙ୍କ ବହୁବିବାହ ହୋଇଥିଲା ଓ ପ୍ରତ୍ୟେକ ବ୍ୟକ୍ତି ଏହା ବୁଝିପାରୁଥିବେ କି ଏହା ହେଉଛି ଏପରି ଏକ ଉଦ୍ଦେଶ୍ୟ ଯାହା ଆପଣ ସ:ଆ:ସଙ୍କ ଅସ୍ତିତ୍ୱ ସହିତ ସଂଶ୍ଳିଷ୍ଟ ଥିଲା ଓ ଏଥିପାଇଁ ସାଧାରଣ ମୁସଲମାନ୍‌ଙ୍କ ନିମନ୍ତେ ବହୁ ବିବାହ କରିବା ପାଇଁ ଯେଉଁ ସୀମାବଦ୍ଧ କରାଯାଇଛି ସେଥିରୁ ଆପଣ ସ:ଆ:ସ ବହିର୍ଭୁତ ଥିଲେ । ବାସ୍ତବରେ ଆପଣ ଜଣେ ଶରଇ (ଐଶୀ ବିଧାନ ଆଣିଥିବା) ନବୀ ଥିଲେ ଓ ଆପଣ ସ:ଆ:ସଙ୍କ ମାଧ୍ୟମରେ ସଂସାରରେ ଏକ ନୂଆ ଶରିଆ କାନୁନ୍ ଓ ନୂଆ ସଂସ୍କୃତିର ମୂଳଦୁଆ ପଡ଼ିବାର ଥିଲା । ସେଥିପାଇଁ କେବଳ ଏତିକି ଯଥେଷ୍ଟ ନଥିଲା କି ଆପଣ ସ:ଆ:ସଙ୍କ ମାଧ୍ୟମରେ ନୂତନ ନିର୍ଦ୍ଦେଶମାନ ପ୍ରକାଶ ହେଉ ବରଂ ଏକଥା ମଧ୍ୟ ଆବଶ୍ୟକ ଥିଲା କି ଆପଣ ନିଜେ ନିଜ ଦାୟିତ୍ୱରେ ଏହି ନୂତନ ଶରୀୟତ୍ (ବିଧାନ) କୁ ବ୍ୟାପକ ରୂପେ ଜାରି କରନ୍ତେ ଓ ଲୋକମାନଙ୍କ ଜୀବନକୁ ନୂତନ ମାର୍ଗରେ ପରିଚାଳିତ କରନ୍ତେ ଯାହାକୁ ଇସ୍‌ଲାମ୍ କାଏମ୍ କରିଥିଲା । ଏହି କାର୍ଯ୍ୟ ଅତ୍ୟନ୍ତ କଠିନ ଓ ସୂକ୍ଷ୍ମ କାର୍ଯ୍ୟ ଥିଲା ଓ ଯଦିଚ ପୁରୁଷ ମାନଙ୍କ ବିଷୟରେ ମଧ୍ୟ ଆପଣଙ୍କ ମାର୍ଗରେ ବହୁତ କଠିନ ପରିସ୍ଥିତି ଥିଲା କିନ୍ତୁ ମହିଳା ମାନଙ୍କ ବିଷୟରେ ଏହା ଅତ୍ୟନ୍ତ କଠିନ କାର୍ଯ୍ୟ ଥିଲା । କାରଣ ସାଧାରଣତଃ ସେମାନଙ୍କର ନିଜ ଘର ଭିତରେ ରହିବା ଓ ଘରର କାମ କାର୍ଯ୍ୟରେ ବ୍ୟସ୍ତ ରହିବା ଯୋଗୁ ସେମାନଙ୍କୁ ଆପଣଙ୍କ ସହିତ ରହି ଆପଣଙ୍କ ଠାରୁ ଲାଭ ଉଠାଇବା ପାଇଁ ଅଧିକ ଅବସର ମିଳୁନଥିଲା । ଦ୍ୱିତୀୟତଃ ସେମାନଙ୍କ ଚରିତ୍ରରେ ପ୍ରାକୃତିକ ଲଜ୍ଜାଶୀଳ ପ୍ରକୃତି ଯୋଗୁ, ଯାହା ମହିଳାମାନଙ୍କ ଠାରେ ବିଶେଷ ରୂପେ ଦେଖାଯାଏ, ସେଥିଯୋଗୁ ସେମାନେ ଉକ୍ତ ବିଶେଷ ସମସ୍ୟା ଗୁଡିକୁ, ଯାହା

*ଅବଶିଷ୍ଟାଂଶ ପୃଷ୍ଠା-୨୫ ରେ ଦେଖନ୍ତୁ...*

# ହଜରତ ମହମ୍ମଦ ସ.ଆଙ୍କ ଜୀବନୀ - ମକ୍କା ବିଜୟ ଘଟଣାବଳୀ ଆଲୋକରେ

## (ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ପୁସ୍ତକ "ନବିୟୋଁ କା ସରଦାର" ରୁ ଏକ ମନମୁଗ୍ଧକାରୀ ତଥା ବିଶ୍ୱାସ ବର୍ଦ୍ଧକ ଅଧ୍ୟାୟ)

ହିଜରତର ଅଷ୍ଟମ ବର୍ଷର ରମଜାନ ମାସ ଅର୍ଥାତ ୬୨୯ ମସିହାରେ ହଜରତ ମହମ୍ମଦ ସ.ଆ ସେହି ଅନ୍ତିମ ଯୁଦ୍ଧ ନିମନ୍ତେ ବାହାରିଲେ ଯାହା ଆରବରେ ଇସଲାମକୁ ସ୍ଥାପନ କରିଦେଲା । ଉକ୍ତ ଘଟଣା ଏପରି ଘଟିଲା କି ସୁଲ୍‌ହା ହୁଦେବିୟା ସମୟରେ ଏ ନିଷ୍ପତି ହୋଇଥିଲା କି ଆରବ କବିଲାମାନଙ୍କ ମଧ୍ୟରୁ ଯିଏ ଇଚ୍ଛା କରିବେ ସେ ମକ୍କାବାସୀଙ୍କ ସହ ମିଶିଯିବେ ଅବା ମୁହମ୍ମଦ ସ:ଆ:ସଙ୍କ ସହିତ ମିଶିଯିବେ ଏବଂ ୧୦ବର୍ଷ ପର୍ଯ୍ୟନ୍ତ ଉଭୟ ପକ୍ଷ କେହି କାହା ସହ ଯୁଦ୍ଧ କରିବେ ନାହିଁ । ହଁ ଯେଉଁ ଦଳ ଅନ୍ୟ ଦଳ ଉପରେ ଯୁଦ୍ଧ କରି ଉକ୍ତ ଚୁକ୍ତିପତ୍ର ଭଙ୍ଗ କରେ ତା ବିରୁଦ୍ଧରେ ଯୁଦ୍ଧ କରାଯିବ । ତେଣୁ ଏହି ଚୁକ୍ତିପତ୍ର ଅନୁସାରେ ଆରବର ବନୁବକର୍ ବସ୍ତି ମକ୍କାବାସୀଙ୍କ ସହିତ ମିଳିତ ହୋଇଥିବାସ୍ଥଳେ ଖଜାଆ ବସ୍ତି ହଜୁର ସ.ଆଙ୍କ ସହ ମିଳିତ ହୋଇଥିଲା । ଅମାନ୍ୟକାରୀ ଆରବବାସୀ ଉକ୍ତ ଚୁକ୍ତିପତ୍ର ପ୍ରତି ବିଶେଷ ଯତ୍ନବାନ ନଥିଲେ ବିଶେଷ୍ ରୂପେ ମୁସଲମାନମାନଙ୍କ ବିରୁଦ୍ଧରେ । ତେଣୁ ବନୁବକର ଯାହାଙ୍କର ଖଜାଅ ବସ୍ତି ସହ ପୁରୁଣା ଶତ୍ରୁତା ଥିଲା, ସୁଲ୍‌ହା ହୁଦେବିୟାର କିଛି ସମୟ ଅତିବାହିତ ହେବାପରେ ସେମାନେ ମକ୍କାବାସୀଙ୍କ ସହ ପରାମର୍ଶ କଲେ କି ବର୍ତମାନ ଖଜାଆ ବସ୍ତି ଚୁକ୍ତି ହେବା ପରେ ନିଶ୍ଚିନ୍ତ ହୋଇଯାଇଛି ଏହି ଅବସରରେ ଆମେ ତାଙ୍କଠାରୁ ପ୍ରତିଶୋଧ ନେବା । ଅତଃ ମକ୍କାର କୁରେଶ ଓ ବନୁବକର୍ ମିଳିତ ଭାବରେ ରାତିର ଅନ୍ଧାରରେ ବନୁ ଖଜାଆ ଉପରେ ଆକ୍ରମଣକରି ସେମାନଙ୍କ ଅନେକ ଲୋକଙ୍କୁ ହତ୍ୟା କରିଦେଲେ । ଖଜାଆ ବସ୍ତିବାସୀ ଯେତେବେଳେ ଏଥିସମ୍ବନ୍ଧରେ ଜାଣିଲେ କି କୁରେଶ ବନୁବକରଙ୍କ ସହ ମିଶି ଆକ୍ରମଣ କରିଥିଲେ ସେତେବେଳେ ସେମାନେ ୪୦ଜଣ ଲୋକଙ୍କୁ ତିବ୍ର ବେଗରେ ଚାଲୁଥିବା ଓଟ ସାହାଯ୍ୟରେ ହଜୁର ସ.ଆଙ୍କ ନିକଟକୁ ମଦିନା ପ୍ରେରଣ କଲେ ଏବଂ ହଜୁର ସ.ଆଙ୍କ ନିକଟରେ ଦାବିକଲେ କି ଚୁକ୍ତି ଅନୁଯାୟୀ ବର୍ତମାନ ଆପଣଙ୍କ କର୍ତବ୍ୟ ହେଉଛି ଆପଣ ଆମର ପ୍ରତିଶୋଧ ନେବା ପାଇଁ ମକ୍କା ଉପରେ ଆକ୍ରମଣ କରନ୍ତୁ ଅର୍ଥାତ୍ ମକା ବିରୁଦ୍ଧରେ ଯୁଦ୍ଧ କରନ୍ତୁ । ଯେତେବେଳେ ଏହି ଦଳ ହଜୁର ସ.ଆଙ୍କ ନିକଟରେ ପହଂଚିଲା ଆପଣ ତାଙ୍କୁ କହିଲେ ତୁମର ଦୁଃଖ ମୋର ଦୁଃଖ ଅଟେ ମୁଁ ନିଜ ଚୁକ୍ତି ଉପରେ ପ୍ରତିଷ୍ଠିତ ଅଛି । ସେହି ବାଦଲ ଯିଏ ବର୍ଷା କରୁଅଛି ଅର୍ଥାତ୍ ଯେମିତି ସେଥିରୁ ବର୍ଷା ପଡୁଅଛି ସେହିପରି ତୁମ ସାହାଯ୍ୟ ନିମନ୍ତେ ଇସଲାମୀୟ ସୈନ୍ୟସାମନ୍ତ ପହଂଚିଯିବେ । ଯେତେବେଳେ ମକ୍କାବାସୀଙ୍କୁ ଏହାର ଖବର ହେଲା ସେତେବେଳେ ସେମାନେ ଭୟଭିତ ହେଲେ ଏବଂ ସେମାନେ ଅବୁସୁଫୟାନଙ୍କୁ ମଦିନା ପ୍ରେରଣ କଲେ ଯଦ୍ୱାରା ସେ ମୁସଲମାନଙ୍କୁ କୌଣସି ପ୍ରକାରରେ ଆକ୍ରମଣ କରିବାରୁ ରୋକି ପାରିବେ । ଅବୁ ସୁଫୟାନ୍ ମଦିନା ପହଂଚି ହଜୁର ସ.ଆଙ୍କୁ କହିଲେ ଯେହେତୁ ମୁଁ ସୁଲହା ହୁଦେବିୟା ସମୟରେ ଉପସ୍ଥିତ ନଥିଲି ତେଣୁ ନୂତନ ରୂପେ ଚୁକ୍ତିପତ୍ର ତିଆରି କରାଯାଉ କିନ୍ତୁ ହଜୁର ସ.ଆ ତାହାର କୌଣସି ଉତର ଦେଲେ ନାହିଁ କାରଣ ଉତର ଦେଇଥିଲେ ଯୋଜନା ପ୍ରକାଶ ହୋଇଯାଇଥାନ୍ତା । ଅବୁ ସୁଫୟାନ୍ ମ୍ରିୟମାଣ ଓ ଭୟଭିତ ଅବସ୍ଥାରେ ମସଜିଦ୍‌ରେ ଛିଡ଼ା ହୋଇ ଘୋଷଣା କଲା କି ହେ ଲୋକମାନେ ! ମୁଁ ମକ୍କାବାସୀଙ୍କ ତରଫରୁ ନୂତନ ରୂପେ ଆପଣମାନଙ୍କ ପାଇଁ ଶାନ୍ତିର ବାର୍ତା ଆଣିଅଛି ।

*(ସିରତ୍ ଇବନେ ହିଶାମ..)*

ଏହା ଶୁଣି ମୁସଲମାନମାନେ ତାହାର ଏପରି ମୁର୍ଖାମିରେ ହସିଲେ ହଜୁର ସ.ଆ କହିଲେ ହେ ଅବୁ ସୁଫୟାନ୍! ତୁମେ ଏହି କଥା ଏକ ତରଫା କହୁଅଛ ଆମେ ତୁମ ସହ କୌଣସି ଚୁକ୍ତି କରିନାହୁଁ ।

ହଜୁର ସ.ଆ ଏହି ସମୟରେ ସମସ୍ତ ମୁସଲମାନ ବସ୍ତିମାନଙ୍କୁ (ପ୍ରସ୍ତୁତ ହେବା ନିମନ୍ତେ) ଖବର ପ୍ରେରଣ କଲେ ଏବଂ ଯେତେବେଳେ ଖବର ମିଳିଲା କି ସେମାନେ ମକ୍କା ଉପରେ ଆକ୍ରମଣ କରିବା ନିମନ୍ତେ ବାଟରେ ମିଳିତ ହେବାକୁ ପ୍ରସ୍ତୁତ ହୋଇଗଲେଣି ସେତେବେଳେ ଆପଣ ସ:ଆ:ସ ମଦିନାର ମୁସଲମାନମାନଙ୍କୁ ନିଜ ଅସ୍ତ୍ରଶସ୍ତ୍ର ନେଇ ଆସିବାର ଆଦେଶ ଦେଲେ । ୬୩୦ମସିହା ଜାନୁଆରୀ ମାସ ୧ ତାରିଖରେ ଏହି ସୈନ୍ୟଦଳ ମଦିନାରୁ ବାହାରିଲେ ଏବଂ ରାସ୍ତାରେ ଚର୍ତୁପାଶ୍ୱରୁ ମୁସଲମାନଙ୍କ ବସ୍ତିସମୂହ ଆସି ମିଳିତ ହେଲେ । କିଛି ଦୂରତା ଅତିକ୍ରମ କରିବା ପରେ ଯେତେବେଳେ ଏହି ଦଳ ଫାରାନ୍ ଜଙ୍ଗଲରେ ପ୍ରବେଶ କଲେ ସେତେବେଳେ ହ. ସୁଲେମାନ ନବୀଙ୍କ ଭବିଷ୍ୟବାଣୀ ଅନୁଯାୟୀ ୧୦,୦୦୦ ଥିଲା । ଏପଟେ ମୁସଲମାନ ଦଳ ମକ୍କା ଆଡ଼କୁ ବଢିଚାଲିଥିବା ବେଳେ ସେପଟେ ମକ୍କାବାସୀ ପରିବେଶର ଶାନ୍ତ ବାତାବରଣ ଦେଖି ଅଧିକରୁ ଅଧିକ ଭୟଭିତ ହେଉଥିଲେ । ଶେଷରେ ସେମାନେ ପରାମର୍ଶ କଲେ କି ଅବୁସୁଫୟାନ୍‌ଙ୍କୁ ପୁନଶ୍ଚ ମୁସଲମାନମାନଙ୍କ ଖବର ନେବାକୁ ପ୍ରେରଣ କରିବା ଉଚିତ୍ । ଅତଏବ ଅବୁ ସୁଫୟାନ୍ ମକ୍କାରୁ ୧ମାଇଲ୍ ପର୍ଯ୍ୟନ୍ତ ବାହାରକୁ ବାହାରି ଦେଖିଲା କି ରାତିର ଅନ୍ଧାରରେ ସମ୍ପୂର୍ଣ୍ଣ ଜଙ୍ଗଲ ଅଗ୍ନି ଶିଖାରେ ପ୍ରଜ୍ୱଳିତ ରହିଛି କାରଣ ହଜୁର ସ.ଆ ସମସ୍ତ କବିଲାଙ୍କୁ ଆଦେଶ ଦେଇଥିଲେ ପ୍ରତ୍ୟେକ ଖେମା (ଟେଂଟ୍) ସମ୍ମୁଖରେ ଅଗ୍ନି ପ୍ରଜ୍ୱଳିତ କର । ଜଙ୍ଗଲରେ ୧୦,୦୦୦ ଲୋକଙ୍କ ଖେମା ସମ୍ମୁଖରେ ଅଗ୍ନି ଶିଖା ଭୟଙ୍କର ଦୃଶ୍ୟ ପ୍ରତିପାଦନ କରୁଥିଲା । ଅବୁସୁଫୟାନ୍ ନିଜ ସାଥିମାନଙ୍କୁ ପାଚାରିଲେ ଏ କ'ଣ ଅଟେ ? କ'ଣ ଆକାଶରୁ କୌଣସି ସୈନ୍ୟଦଳ ଅବତିର୍ଣ୍ଣ କରିଛି ?କାରଣ ଆରବର କୌଣସି କବିଲାର ଏଭଳି ମାତ୍ରାରେ ଲୋକ ନଥିଲେ । ତାହାର ସାଥିମାନେ ବିଭିନ୍ନ କବିଲାର ନାମ ନେଲେ କିନ୍ତୁ ସେ କହିଲା ନା ନା ଆରବର କବିଲାମାନଙ୍କ ମଧ୍ୟରୁ କୌଣସି କବିଲାର ସୈନ୍ୟଦଳ ଏତେ ବଡ଼ ନାହିଁ । ସେମାନେ ଏହି ଚର୍ଚ୍ଚା କରୁଥିଲେ କି ଶୂନ୍ୟରୁ ଶବ୍ଦ ଶୁଣାଗଲା ହେ ଅବୁ ହନଜଲାଃ! (ଅବୁ ସୁଫୟାନ୍ ଉପାଧି) ସେ ପଚାରିଲା ଅବ୍‌ବାସ ତୁମେ ଏଠାରେ କ'ଣ କରୁଛ ? ସେ ଉତର ଦେଲେ କି ହଜରତ ମୁହମ୍ମଦ ସ.ଆ ସୈନ୍ୟସାମନ୍ତଙ୍କ ସମ୍ମୁଖରେ ଛିଡ଼ା ହୋଇଛନ୍ତି ଯଦି ଶିଘ୍ର କୌଣସି ଯୋଜନା ନକର ତେବେ ପରାଜୟ ଓ ଅପମାନ ତୁମ ପାଇଁ ପ୍ରସ୍ତୁତ ହୋଇ ରହିଛି । ଯେହେତୁ ଅବ୍‌ବାସ ଅବୁ ସୁଫୟାନ୍‌ଙ୍କର ପୁରୁଣା ବନ୍ଧୁ ଥିଲେ ତେଣୁ ଏହା କହିବା ପରେ ସେ ଅବୁ ସୁଫୟାନ୍‌ଙ୍କୁ ବାଧ୍ୟ କଲେ କି ସେ ତାଙ୍କ ସହ ବାହନ ଉପରେ ବସିଯାନ୍ତୁ ଏବଂ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହୋଇଯାନ୍ତୁ । ଅତଏବ ସେ ତାଙ୍କ ହାତ ଧରି ନିଜ ସହିତ ଓଟ ଉପରେ ବସାଇଦେଲେ ଏବଂ ହଜୁର ସ.ଆଙ୍କ ମଜଲିସ୍‌ରେ ପହଂଚାଇଦେଲେ । ହଜରତ ଅବ୍‌ବାସ ର.ଅ ଭୟଭୀତ ହେଲେ କି ହଜରତ ଉମର ର.ଅ ଯିଏ ହଜୁରଙ୍କ ନିକଟରେ ପହରା ଦେବାରେ ମୁତୟନ ଥିଲେ ସେ ତାଙ୍କୁ ହତ୍ୟା ନକରି ଦିଅନ୍ତୁ । କିନ୍ତୁ ହଜୁର ସ.ଆ ପୂର୍ବରୁ କହିଥିଲେ କି ଯଦି ତୁମମାନଙ୍କ ମଧ୍ୟରୁ କାହାରିକୁ ଅବୁ ସୁଫୟାନ୍ ମିଳନ୍ତି ତେବେ ତାଙ୍କୁ ହତ୍ୟା କରିବ ନାହିଁ । ଏ ସମସ୍ତ ଦୃଶ୍ୟ ଅବୁ ସୁଫୟାନ୍‌ଙ୍କ ହୃଦୟରେ ଗଭୀର ପରିବର୍ତନ ଆଣିଦେଲା । ଅବୁ ସୁଫୟାନ୍ ଦେଖିଲେ କିଛି ବର୍ଷ ପୂର୍ବେ ଆମେ ହଜରତ ମହମ୍ମଦଙ୍କୁ ମାତ୍ର ଜଣେ ସାଥିଙ୍କ ସହ ମକ୍କାରୁ ବାହାରି ଯିବାକୁ ବାଧ୍ୟ କରିଦେଇଥିଲୁ କିନ୍ତୁ ଉକ୍ତ ଘଟଣାକୁ ମାତ୍ର ସାତ ବର୍ଷ ହୋଇଥିଲା କି ସେ ଦଶ ହଜାର ସାଥିମାନଙ୍କ ସହିତ ମକ୍କା ଉପରେ ବିନା କୌଣସି ଅନ୍ୟାୟ ଓ ଅତ୍ୟାଚାରରେ ଆକ୍ରମଣ କଲେ ଏବଂ ମକ୍କାବାସୀଙ୍କ ନିକଟରେ କୌଣସି ସାମର୍ଥ୍ୟ ନଥିଲା କି ସେମାନେ ତାଙ୍କୁ ଅଟକାଇ ପାରିବେ । ଅତଏବ ହଜୁର ସ.ଆଙ୍କ ମଜଲିସ୍‌ରେ ପହଂଚିଲା ବେଳକୁ ଅବୁ ସୁଫୟାନ୍ ଭୟ ଓ ଆପଣଙ୍କ ଗାରିମାରେ ସ୍ତବ୍ଧ ହୋଇଯାଇଥିଲା । ହଜୁର ସ.ଆ ତାହାର ଏପରି ଅବସ୍ଥା ଦେଖି ହଜରତ ଅବ୍‌ବାସ ର.ଅଙ୍କୁ କହିଲେ ତାଙ୍କୁ ନିଜ ସାଥିରେ ନେଇଯାଇ ରାତିରେ ନିଜ ପାଖରେ ରଖ ଏବଂ ସକାଳେ ମୋ ନିକଟକୁ ଆଣିବ । (ସିରତ ଇବନେ ହଶାମ ଭାଗ-୪ ପୃ-୪୪)

ଅତଃ ରାତିରେ ଅବୁ ସୁଫୟାନ୍ ହଜରତ ଅବ୍‌ବାସଙ୍କ ସାଥିରେ ରହିଲେ । ସକାଳେ ନମାଜ ଫଜର୍ ସମୟରେ ତାଙ୍କୁ

ହଜୁର ସ.ଆଙ୍କ ନିକଟକୁ ଅଣାଗଲା । ସକାଳୁ ଉଠି ନମାଜ ପାଠ କରିବା ସମ୍ବନ୍ଧରେ ମକ୍କାବାସୀଙ୍କୁ କ'ଣ ବା ଜଣାଥିଲା ? ସେ ମୁସଲମାନମାନଙ୍କୁ ପାଣି ଭରା ଲୋଟା ନେଇ ଏଣେତେଣେ ଯିବାଆସିବା କରୁଥିବାର ଓ କାହାକୁ ଓଜୁ କରୁଥିବାର ଓ କାହାରିକୁ ସଫ୍ (ଧାଡି) ବାନ୍ଧୁ ଥିବାର ଦେଖିଲେ ଏବଂ ମନେକଲେ ସମ୍ଭବତଃ ମୋ ପାଇଁ କୌଣସି ନୂତନ କିସମର ଦଣ୍ଡ ବିଧାନର ପ୍ରସ୍ତୁତି କରାଯାଉଅଛି । ଅତଃ ସେ ଭୟଭୀତ ହୋଇ ହଜରତ ଅବ୍ବାସଙ୍କୁ ପଚାରିଲେ ଏମାନେ ସକାଳୁ ସକାଳୁ ଏସବୁ କଣ କରୁଛନ୍ତି ? ହଜରତ ଅବ୍ବାସ କହିଲେ ଡ଼ରିବାର କୌଣସି ଆବଶ୍ୟକତା ନାହିଁ ଏମାନେ ନମାଜ ପାଠ କରିବାକୁ ଯାଉଛନ୍ତି । ଏହା ପରେ ଅବୁ ସୁଫୟାନ୍ ଦେଖିଲେ ସହସ୍ର ସଂଖ୍ୟାରେ ମୁସଲମାନ ହଜୁର ସ.ଆଙ୍କ ପଛରେ ଛିଡ଼ା ହୋଇଗଲେ ଏବଂ ଯେତେବେଳେ ଆପଣ ରୁକୁ କରୁଛନ୍ତି ସେତେବେଳେ ସମସ୍ତେ ଏକାଠି ରୁକୁ କରୁଛନ୍ତି ଏବଂ ଯେତେବେଳେ ଆପଣ ସଜଦା କରୁଛନ୍ତି ସେତେବେଳେ ସମସ୍ତେ ସଜଦା କରୁଛନ୍ତି । ହଜରତ ଅବବାସ ର.ଅ ପହରା ଦେବା ଯୋଗୁଁ ନମାଜରେ ସାମିଲ ହୋଇନଥିଲେ ତାଙ୍କୁ ଅବୁ ସୁଫୟାନ୍ ପଚାରିଲେ ବର୍ତମାନ ଏମାନେ କଣ କରୁଛନ୍ତି ? ମହମ୍ମଦ ସ.ଆ ଯେଭଳି କରୁଛନ୍ତି ଏମାନେ ସେହିପରି ହରକତ କରୁଛନ୍ତି । ଅବ୍ବାସ କହିଲେ ତୁମେ କେଉଁ ଭାବନାରେ ଅଛ ଏମାନେ ନମାଜ ପାଠ କରୁଛନ୍ତି । କିନ୍ତୁ ଯଦି ହଜୁର ସ.ଆ ତାଙ୍କୁ ଖାଇବା ଓ ପିଇବାକୁ ଛାଡ଼ି ଦେବାର ଆଦେଶ ଦିଅନ୍ତି ତେବେ ସେମାନେ ତାହା ମଧ୍ୟ ଛାଡ଼ିଦେବେ । ଅବୁ ସୁଫୟାନ୍ କହିଲେ ମୁଁ କିସରା (ଇରାନ)ର ଦରବାରରେ ଦେଖିଛି କିନ୍ତୁ ସେମାନଙ୍କୁ ଏଭଳି ମାନ୍ୟକାରୀ ଓ ଉତ୍ସର୍ଗୀ ହେବାର ଦେଖି ନାହିଁ ଯେପରି କି ହଜୁର ସ.ଆଙ୍କ ଜମାଅତ ତାଙ୍କର ଆଜ୍ଞା ପାଳନ କରୁଛନ୍ତି । (ସିରତୁଲ୍ ହଲବିୟା)

ପୁଣି ହଜରତ ଅବବାସ ର.ଅ କହିଲେ କ'ଣ ଏପରି ହୋଇପାରିବ ନାହିଁ କି ତୁମେ ହଜୁର ସ.ଆଙ୍କୁ ଦରଖାସ୍ତ କର କି ଆପଣ ସଃଆଃସ ନିଜ ପରିବାର ଲୋକଙ୍କ ସହ ଦୟା ଆଚରଣ କରନ୍ତୁ । ନମାଜ ଶେଷ ହେବା ପରେ ହଜରତ ଅବ୍ବାସ ଅବୁ ସୁଫୟାନ୍ଙ୍କୁ ନେଇ ହଜରତ ମହମ୍ମଦ ସ.ଆଙ୍କ ନିକଟରେ ହାଜର ହେଲେ । ହଜୁର ସ.ଆ କହିଲେ ହେ ଅବୁ ସୁଫୟାନ୍! କ'ଣ ବର୍ତମାନ ସୁଧା ତୁମ ଉପରେ ସତ୍ୟ ଉନ୍ମୋଚିତ ହୋଇ ନାହିଁ କି ଅଲ୍ଲାଃଙ୍କ ବ୍ୟତୀତ କେହି ଉପାସ୍ୟ ନାହାନ୍ତି ? ଅବୁସୁଫୟାନ କହିଲା ମୋ ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ ଆପଣ ଅତ୍ୟନ୍ତ ଦୟାଳୁ, ଭଦ୍ର ଓ ନମ୍ର ଆଚରଣକାରୀ ବ୍ୟକ୍ତି ଅଟନ୍ତି । ବର୍ତମାନ ମୁଁ ଏହା ବୁଝିସାରିଛି କି ଯଦି ଅଲ୍ଲାଃଙ୍କ ବ୍ୟତୀତ କେହି ଉପାସ୍ୟ ଥାନ୍ତେ ତେବେ ଆମର କିଛି ତ ସାହାଯ୍ୟ କରିଥାନ୍ତେ । ତାପରେ ହଜୁର ସ.ଆ କହିଲେ ହେ ଅବୁ ସୁଫିୟାନ୍! କଣ ବର୍ତମାନ ମଧ୍ୟ ତୁମେ ଚିନ୍ତା କରୁ ନାହଁ କି ମୁଁ ଅଲ୍ଲାଃଙ୍କ ପ୍ରେରିତ ଦୂତ ଅଟେ ବୋଲି । ସେ କହିଲା ମୋ ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ ଏଥିସମ୍ବନ୍ଧରେ ମୋ ମନରେ କିଛିଟା ସନ୍ଦେହ ରହିଛି । କିନ୍ତୁ ଏହି ଅମାନ୍ୟ ପରେ ତାହାର ଦୁଇ ଜଣ ସାଥି ଯେ କି ମକ୍କାରୁ ମୁସଲମାନମାନଙ୍କ ଖବର ନେବାକୁ ଆସିଥିଲେ, ସେମାନଙ୍କ ମଧ୍ୟରୁ ଜଣେ ହକିମ୍ ବିନ୍ ହୟାମ ଥିଲେ, ଓ ସେ ମୁସଲମାନ ହୋଇଗଲେ । ତାପରେ ଅବୁସୁଫୟାନ ମଧ୍ୟ ଇସଲାମ ସ୍ୱୀକାର କରିନେଲେ କିନ୍ତୁ ତାଙ୍କ ହୃଦୟ ମକ୍କା ବିଜୟ ହେବା ଅନ୍ତେ ସମ୍ପୂର୍ଣ୍ଣ ରୂପେ (ଇସଲାମ ପ୍ରତି) ଆସ୍ୱସ୍ତି ଲାଭ କଲା । ବିଶ୍ୱାସ ଆଣିବା ପରେ ହକିମ୍ ବିନ୍ ହୟାମ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! କଣ ଏହି ସୈନ୍ୟସାମନ୍ତଙ୍କୁ ଆପଣ ନିଜ ଗୋଷ୍ଠୀବାସୀଙ୍କୁ ଧ୍ୱଂସ କରିବା ପାଇଁ ଆଣିଛନ୍ତି ? ହଜୁର ସ.ଆ କହିଲେ- ଏମାନେ ଅତ୍ୟାଚାର ଓ ଦୋଷ କରିଛନ୍ତି, ତୁମେ ହୁଦେବିୟାରେ ଯେଉଁ ପ୍ରତିଶୃତି କରିଥିଲ ତାହାକୁ ଭଙ୍ଗ କଲ ଏବଂ ଖଜାଆ (କବିଲାଙ୍କ) ଉପରେ ଅନ୍ୟାୟ ଓ ଅତ୍ୟାଚାର କଲ । ସେହି ପବିତ୍ର ସ୍ଥାନରେ ଯୁଦ୍ଧ କଲ ଯାହାକୁ ଅଲ୍ଲାଃ ଶାନ୍ତିର ପିଠସ୍ଥଳି ବୋଲି ଘୋଷଣା କରିଛନ୍ତି । ହକିମ୍ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ନିଃସନ୍ଦେହ ଆପଣଙ୍କ ଗୋଷ୍ଠୀବାସୀ ଏପରି କରିଛନ୍ତି କିନ୍ତୁ ଆପଣଙ୍କୁ ଆବଶ୍ୟକ ଥିଲା କି ଆପଣ ମକ୍କା ଉପରେ ଆକ୍ରମଣ କରିବା ପରିବର୍ତେ ହୱାୟିନ୍ କବିଲା ଉପରେ ଆକ୍ରମଣ କରିଥାନ୍ତେ । ହଜୁର ସ.ଆ କହିଲେ ସେମାନେ ମଧ୍ୟ ଅତ୍ୟାଚାରୀ ଅଟନ୍ତି କିନ୍ତୁ ମୁଁ ଆଶା କରୁଛି କି ଅଲ୍ଲାଃ ମୋ ମାଧ୍ୟମରେ ମକ୍କା ବିଜୟ କରିବା ସହିତ ଇସଲାମର ବିଜୟ ଓ ହୱାୟିନଙ୍କ ପରାଜୟ କରିବେ । ଏହାପରେ ଅବୁ ସୁଫୟାନ୍ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଯଦି ମକ୍କାବାସୀ ଖଣ୍ଡା ନଉଠାନ୍ତି ତେବେ କଣ ସେମାନେ ସୁରକ୍ଷିତ ରହିବେ ? ହଜୁର କହିଲେ ହଁ ! ପ୍ରତ୍ୟେକ ବ୍ୟକ୍ତି ଯେ ନିଜ ଘର କବାଟ ବନ୍ଦ କରିଦିଏ ତାହାକୁ ସୁରକ୍ଷା ପ୍ରଦାନ କରାଯିବ । ହଜରତ ଅବ୍ବାସ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଅବୁସୁଫୟାନ୍ ଗର୍ବକୁ ପସନ୍ଦ କରେ ତେଣୁ ତାହାର ଉଦ୍ଦେଶ୍ୟ ଏହାକି ତାର ମର୍ଯ୍ୟଦା ରକ୍ଷା ନିମନ୍ତେ ମଧ୍ୟ କିଛି ବ୍ୟବସ୍ଥା ହୁଅନ୍ତା କି । ହଜୁର ସ.ଆ କହିଲେ ଠିକ୍ ଅଛି ଯିଏ ଅବୁ ସୁଫିୟାନ୍ଙ୍କ ଘରେ ଆଶ୍ରୟ ନିଏ ତାହାକୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ । *(ସିତର୍ ଇବନେ ହିଶାମ ଭାଗ-୪ ପୃ-୪୫,୪୬)*

ଯିଏ କାବା (ମସଜିଦ୍)ରେ ପ୍ରବେଶ କରିବ ତାହାକୁ ସୁରକ୍ଷା ଦିଆଯିବ । ଯେ ନିଜ ଅସ୍ତ୍ର ଫିଙ୍ଗି ଦେବ ତାହାକୁ ସୁରକ୍ଷା ପ୍ରଦାନ କରାଯିବ । ଯେ ନିଜ ଘର କବାଟ ବନ୍ଦ କରି ବସିଯିବ ତାହାକୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ । ଯେ ହକିମ୍ ବିନ୍ ହଜାମ୍ଙ୍କ ଘରକୁ ଚାଲିଯିବ ତାହାକୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ । ତାପରେ ହଜୁର ସ.ଆ ଅବୁ ରୱାହା ର.ଅ ଯାହାଙ୍କୁ ଆପଣ ବିଲାଲ୍ ର.ଅଙ୍କର ଭାଇ କରିଥିଲେ ତାଙ୍କ ସମ୍ବନ୍ଧରେ କହିଲେ- ବର୍ତମାନ ଆମେ ଅବୁ ରୱାହାଙ୍କୁ ନିଜ ଧ୍ୱଜା ପ୍ରଦାନ କରୁଅଛୁ ଯେ ତାଙ୍କ ଧ୍ୱଜା ନିକଟକୁ ଆସିଯିବ ତାହାକୁ ମଧ୍ୟ କୌଣସି କ୍ଷତି ପହଂଚିବ ନାହିଁ ଏବଂ ବିଲାଲଙ୍କୁ କହିଲେ ତୁମେ ଏହି କଥା ଘୋଷଣା କରିଚାଲ ।

*(ସିରତୁଲ୍ ହଲବିୟା ଭାଗ-୩ ପୃ-୯୩)*

ଏହି ଆଦେଶରେ କିଭଳି ସୁନ୍ଦର ବାର୍ତା ରହିଥିଲା ମକ୍କାବାସୀ ବିଲାଲଙ୍କ ଗୋଡ଼ରେ ରସି ବାନ୍ଧି ସାହି ସାହି ଘୋସାଡ଼ି ବୁଲୁଥିଲେ । ମକ୍କାର ଗଳିକନ୍ଦି, ପଡ଼ିଆ ଇତ୍ୟାଦି ବିଲାଲଙ୍କ ପାଇଁ ଶାନ୍ତିର ସ୍ଥଳି ନଥିଲା ବରଂ ଦଣ୍ଡ, ଦୁଃଖଦାୟକ ଓ ଥଟ୍ଟାପରିହାସର ସ୍ଥଳି ଥିଲା । ହଜୁର ସ.ଆ ମନେକଲେ କି ଆଜି ବିଲାଲ ର.ଅଙ୍କୁ ପ୍ରତିଶୋଧ ନେବାକୁ ବାରମ୍ବାର ମନେହେଉଥିବ । ଏହି ବିଶ୍ୱସ୍ତ ସାଥିର ପ୍ରତିଶୋଧ ନେବା ମଧ୍ୟ ଅତ୍ୟନ୍ତ ଜରୁରି ଥିଲା । କିନ୍ତୁ ଏହା ମଧ୍ୟ ଜରୁରି ଥିଲା ଯେ ଆମ ପ୍ରତିଶୋଧ ଇସଲାମର ମର୍ଯ୍ୟାଦା ମୁତାବକ ହେବା ଉଚିତ୍ । ଅତଃ ଆପଣ ବିଲାଲଙ୍କ ପ୍ରତିଶୋଧ ଶତ୍ରୁମାନଙ୍କ ଶିର ଛେଦକରି ନେଲେ ନାହିଁ ବରଂ ତାଙ୍କ ଭାଇଙ୍କ ହାତରେ ବହୁତ ବଡ଼ ଧ୍ୱଜା ଦେଇ ଛିଡ଼ା କରିଦେଲେ ଏବଂ ବିଲାଲଙ୍କୁ ଏହି ଉଦ୍ଦେଶ୍ୟରେ ଘୋଷଣା କରିବା ନିମନ୍ତେ ମୁତୟନ କଲେ କି ଯେ କେହି ମୋ ଭାଇ ଧ୍ୱଜା ତଳେ ଆସି ଛିଡ଼ା ହେବ ତାହାକୁ ସୁରକ୍ଷା ପ୍ରଦାନ କରାଯିବ । ଏହା କିଭଳି ଭବ୍ୟ ବ୍ୟବସ୍ଥା ଥିଲା ଏବଂ କିଭଳି ସୁନ୍ଦର ଯୋଜନା ଥିଲା । ଯେତେବେଳେ ବିଲାଲ ଉଚ୍ଚ ସ୍ୱରରେ ଏହି ଘୋଷଣା କରୁଥିବେ କି ହେ ମକ୍କାବାସୀ ! ଆସ ମୋ ଭାଇର ଧ୍ୱଜା ତଳେ ଛିଡ଼ା ହୋଇଯାଅ ତୁମକୁ ସୁରକ୍ଷା ପ୍ରଦାନ କରାଯିବ ତେବେ ତାହାର ହୃଦୟ ପ୍ରତିଶୋଧ ନେବାରୁ ଖାଲି ହୋଇଚାଲିଥିବ ଏବଂ ସେ ଅନୁଭବ କରୁଥିବେ କି ମୋ ପ୍ରତିଶୋଧ ନେବାର ଯେଉଁ ବ୍ୟବସ୍ଥା ହଜୁର ସ.ଆ କରିଛନ୍ତି ତାଠାରୁ ବଳି ସୁନ୍ଦର ଓ ଭବ୍ୟ ପ୍ରତିଶୋଧ ଆଉ କିଛି ହୋଇନପାରେ ।

ଯେତେବେଳେ ସୈନ୍ୟସାମନ୍ତ ମକ୍କା ଆଡ଼କୁ ବଢ଼ିଲା ସେତେବେଳେ ହଜୁର ସ.ଆ ହଜରତ ଅବ୍ବାସ୍ଙ୍କୁ ଆଦେଶ ଦେଲେ କି କୌଣସି ରାସ୍ତାର ପାର୍ଶ୍ୱ ଭାଗରେ ଅବୁ ସୁଫୟାନ୍ ଓ ତାଙ୍କ ସାଥିଙ୍କୁ ନେଇ ଛିଡ଼ା ହୋଇଯାଅ ଯଦ୍ୱାରା ସେମାନେ ଇସଲାମର ସୈନ୍ୟସାମନ୍ତ ଓ ସେମାନଙ୍କ ଉତ୍ସର୍ଗୀ ହେବା ଦୃଶ୍ୟ ଦେଖିନିଅନ୍ତୁ । ହଜରତ ଅବବାସ ଏହିପରି କଲେ ଅବୁ ସୁଫୟାନ୍ ଓ ତାହାର ସାଥିମାନେ ସମ୍ମୁଖରୁ ଗୋଟିଏ ପରେ ଗୋଟିଏ ଆରବର କବିଲା ଅତିକ୍ରମ କଲେ, ଯାହାଙ୍କଠାରୁ ମକ୍କାବାସୀ ସାହାଯ୍ୟ ନେବାର ଭରଷା ବାନ୍ଧିଥିଲେ । କିନ୍ତୁ ଆଜି ସେମାନେ ଅମାନ୍ୟକାରୀଙ୍କ ବାନା ଉଡ଼ାଉ ନଥିଲେ ବରଂ ଇସଲାମର ବାନା ଉଡ଼ାଉ ଥିଲେ ଏବଂ ସେମାନଙ୍କ ମୁହଁରୁ ଏକ ଅଲ୍ଲାଃଙ୍କ ଘୋଷଣାର ସ୍ୱର ଉଚ୍ଚାରିତ ହେଉଥିଲା । ସେମାନେ ମହମ୍ମଦ ସ.ଆଙ୍କୁ ହତ୍ୟା କରିବା ନିମନ୍ତେ ଆଗକୁ ବଢୁ ନଥିଲେ ଯେପରିକି ମକ୍କାବାସୀ ଭରଷା ବାନ୍ଧି ଥିଲେ ବରଂ ସେମାନେ ହଜୁର ସ.ଆଙ୍କ ନିମନ୍ତେ ନିଜ ଶରୀରର ଶେଷ ରକ୍ତବିନ୍ଦୁ ଦେବାକୁ ପ୍ରସ୍ତୁତ ଥିଲେ ଏବଂ ସେମାନଙ୍କର ଆନ୍ତରିକ ମନସ୍କାମନା ଏହାଥିଲା କି ଅଲ୍ଲାଃଙ୍କ ଏକେଶ୍ୱରବାଦ ଓ ତାଙ୍କ ଧର୍ମ ପ୍ରଚାରକୁ ସମଗ୍ର ବିଶ୍ୱରେ ପ୍ରତିଷ୍ଠିତ କରିଦେଉ । ସୈନିକଙ୍କ ପରେ ସୈନିକ ଅତିକ୍ରମ କରୁଥିଲେ ଏହି ସମୟରେ ଅଶ୍‌ଯାଆ କବିଲାର ସୈନିକ

ଅତିକ୍ରମ କଲେ । ଇସଲାମର ପ୍ରେମ ଓ ତାହା ପାଇଁ ବଳିଦାନ ଦେବାର ଉତ୍ସାହ ସେମାନଙ୍କ ମୁଖମଣ୍ଡଳରୁ ପରିପ୍ରକାଶ ହେଉଥିଲା ଓ ସେମାନଙ୍କ ଜୟଗାନରେ ପ୍ରକମ୍ପିତ ହୋଇ ଉଠୁଥିଲା ଅବୁ ସୁଫୟାନ୍ କହିଲେ ଅବବାସ ଏମାନେ କିଏ ? ସେ କହିଲେ ଏମାନେ ଅଶ୍ୱଯାଆ କବିଲାର ଲୋକେ । ଏଥିରେ ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଅବବାସଙ୍କୁ ଦେଖିଲେ ଓ କହିଲେ ସମଗ୍ର ଆରବରେ ଏମାନଙ୍କଠାରୁ ବଳି ମହମ୍ମଦ ସ.ଆଙ୍କର ବଡ଼ ଶତ୍ରୁ ଆଉ କେହି ନଥିଲେ । ଅବବାସ କହିଲେ ଏହା ଅଲ୍ଲାଃଙ୍କ କୃପା ଯେତେବେଳେ ସେ ଇଚ୍ଛା କଲେ ସେ ତାଙ୍କ ହୃଦୟରେ ମଧ ଇସଲାମର ପ୍ରେମ ଜାଗ୍ରତ କରିଦେଲେ । ସର୍ବଶେଷରେ ହଜୁର ସ.ଆ, ମୁହାଜରିନ୍ ଓ ଅନସାରମାନଙ୍କ ସୈନ୍ୟ ଅତିକ୍ରମ କଲେ । ଏମାନଙ୍କ ସଂଖ୍ୟା ଦୁଇ ହଜାର ଥିଲା ଏବଂ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ଯୁଦ୍ଧ ସାଜସଜ୍ଜାରେ ବିମଣ୍ଡିତ ହୋଇଥିଲେ । ହଜରତ ଉମର ର.ଅ ସେମାନଙ୍କ ଧାଡ଼ିକୁ ସଂଶୋଧନ କରିଚାଲିଥିଲେ ଏବଂ କହୁଥିଲେ ଠିକ୍ ଭାବରେ ଚାଲ ଯଦ୍ୱାରା ଧାଡ଼ି ମଧ୍ୟରେ ବ୍ୟବଧାନ ସମାନ ରହିବ । ସେହି ପୁରାତନ ଉତ୍ସର୍ଗୀମାନଙ୍କ ଉତ୍ସାହ, ଉଦ୍ଦିପନା ଓ ଲକ୍ଷ ସେମାନଙ୍କ ମୁଖମଣ୍ଡଳରୁ ଟପକୁଥିଲା । ଅବୁ ସୁଫୟାନ୍ ସେମାନଙ୍କୁ ଦେଖିବା ମାତ୍ରେ ତାଙ୍କ ହୃଦୟ (ଭୟରେ) ଥରିଉଠିଲା । ସେ କହିଲେ ଅବବାସ ଏମାନେ କିଏ ? ଅବବାସ ଉତର ଦେଲେ ହଜୁର ସ.ଆ ଅନ୍ସାର ଓ ମୁହାଜରିନ୍ଙ୍କ ସୈନ୍ୟମାନଙ୍କ ମଧ୍ୟରେ ଯାଉଛନ୍ତି । ସେ ଉତର ଦେଲେ ସମଗ୍ର ବିଶ୍ୱରେ ଏହି ସୈନ୍ୟମାନଙ୍କ ମୁକାବିଲା କରିବାର କାହାର ସାମର୍ଥ୍ୟ ନାହିଁ । ସେ ଆହୁରି କହିଲେ ଅବବାସ ! ତୁମ ଭାଇଙ୍କ ପୁତ୍ର ଆଜି ସମଗ୍ର ସଂସାରର ସମ୍ରାଟ ହୋଇଗଲେ । ଅବବାସ କହିଲେ ବର୍ତମାନ ସୁଧା ତୁମ ହୃଦୟ ଉନ୍ମୁକ୍ତ ହେଲା ନାହିଁ ଏହା ରାଜା ରଜୱାଡ଼ା ନୁହେଁ ବରଂ ନବୁଓ୍ୱତ୍ ଅଟେ । ଅବୁ ସୁଫୟାନ୍ କହିଲେ ହଁ ହଁ ନବୁଓ୍ୱତ୍ ହିଁ ହେଉ ।

*(ସିରତ୍ ଇବନେ ହିଶାମ୍ ଭାଗ-୪ ପୃ-୪୭)*

ଯେତେବେଳେ ଏହି ସୈନ୍ୟମାନେ ଅବୁ ସୁଫୟାନ୍ ନିକଟ ଦେଇ ଅତିକ୍ରମ କଲା ଅନସାରମାନଙ୍କ ସେନାଧକ୍ଷ ସାଦ ବିନ୍ ଅବାଦାଃ ର.ଅ ଅବୁ ସୁଫୟାନଙ୍କୁ ଦେଖି କହିଲେ ଆଜି ଅଲ୍ଲାଃତାଲା ଆମମାନଙ୍କ ପାଇଁ ମକ୍କାରେ ତରବାରି ମାଧ୍ୟମରେ ପ୍ରବେଶ କରିବା ବୈଦ୍ଧ କରିଦେଲେ । ଆଜି କୁରେଶ ଅପମାନିତ ହୋଇଯିବେ । ଯେତେବେଳେ ହଜୁର ସ.ଆ ଅବୁ ସୁଫୟାନ୍ ନିକରେ ଅତିକ୍ରମ କଲେ ସେ ଉଚ୍ଚ ସ୍ୱରରେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! କଣ ଆପଣ ନିଜ ଗୋଷ୍ଠୀଙ୍କୁ ହତ୍ୟା କରିବାର ଆଦେଶ ଦେଇ ଦେଲେଣି ? ବର୍ତମାନ ଅନସାରଙ୍କ ସରଦାର ସାଦ୍ ଓ ତାଙ୍କ ସାଥି ଏପରି କହିଲେ କି ଆଜି ଯୁଦ୍ଧ ହେବ ଓ ମକ୍କାର ପବିତ୍ରତା ଆମକୁ ଯୁଦ୍ଧ କରିବାକୁ ରୋକି ପାରିବ ନାହିଁ ଏବଂ ଆଜି ଆମେ କୁରେଶଙ୍କୁ ଅପମାନିତ କରିଛାଡ଼ିବୁ । ହେ ଅଲ୍ଲାଃଙ୍କ ରସୁଲ ! ଆପଣ ସମଗ୍ର ବିଶ୍ୱରେ ସବୁଠାରୁ ବଳି ସଜ୍ଜନ, ପୁଣ୍ୟବନ୍ତ, ଦୟାଳୁ ଓ ନମ୍ର ଆଚରଣକାରୀ ବ୍ୟକ୍ତି ଅଟନ୍ତି । କଣ ଆଜି ଆପଣ ନିଜ ଗୋଷ୍ଠୀଙ୍କ ଅତ୍ୟାଚାରକୁ ଅଣଦେଖା କରିବେ ନାହିଁ ? ଅବୁ ସୁଫୟାନର ଏହି ନିବେଦନ ଓ ଅଭିଯୋଗ ଶୁଣି ମୁହାଜିରିନ, ଯାହାଙ୍କୁ ମକ୍କାର ଗଳିକନ୍ଦିରେ ବିଭିନ୍ନ କିସମର କଷଣ ଦିଆଯାଉଥିଲା ତଥା ସେମାନଙ୍କୁ ସେମାନଙ୍କ ଘରୁ ଓ ସମ୍ପତିରୁ ବେଦଖଲ କରାଯାଉଥିଲା, ଥରି ଉଠିଲେ ସେମାନଙ୍କ ହୃଦୟରେ ମଧ ମକ୍କାବାସୀଙ୍କ ପାଇଁ ଦୟା ଭାବନା ଉଙ୍କି ମାରିଥିଲା ଏବଂ ସେମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଅନସାର ମକ୍କାବାସୀଙ୍କ ଅତ୍ୟାଚାରର କାହାଣୀ ଶୁଣି ତାହା ବଦଳରେ ସେମାନେ ଆଜି ତାଙ୍କ ସହ କି ପ୍ରକାର ଆଚରଣ କରିବେ ଆମକୁ ଜଣା ନାହିଁ । ହଜୁର ସ.ଆ କହିଲେ- ଅବୁ ସୁଫୟାନ୍ ସାଦ ଭୁଲ କହିଛନ୍ତି ଆଜି ଦୟା ଆଚରଣ କରିବାର ଦିନ । ଆଜି ଅଲ୍ଲାଃ କୁରେଶ ଓ ଖାନା କାବାକୁ ମର୍ଯ୍ୟାଦା ପ୍ରଦାନ କରିବେ । ତାପରେ ଆପଣ ଜଣକୁ ସାଦଙ୍କ ନିକଟକୁ ପ୍ରେରଣ କଲେ କି ନିଜ ଧ୍ୱଜା ନିଜ ପୁତ୍ର କୈଶ୍ଙ୍କୁ ପ୍ରଦାନ କରିଦିଅ ସେ ତୁମ ସ୍ଥାନରେ ଅନସାରମାନଙ୍କ ସେନାଧକ୍ଷ ଦାୟିତ୍ୱ ବହନ କରିବେ ।

*(ସିରତୁଲ୍ ହଲବିୟା ଭାଗ-୩ ପୃ-୯୫)*

ଏହିପରି ଆପଣ ମକ୍କାବାସୀଙ୍କ ମନ ମଧ ଜିଣିନେଲେ ଏବଂ ଅନସାରଙ୍କୁ ଆଘାତ ପହଂଚିବାରୁ ରକ୍ଷା ମଧ କଲେ । ହଜୁର ସ.ଆଙ୍କୁ କୈଶ୍ ର.ଅଙ୍କ ଉପରେ ପୂର୍ଣ୍ଣ ଭରଷା ଥିଲା କାରଣ କୈଶ୍ ର.ଅ ଅତ୍ୟନ୍ତ ଭଦ୍ର ସ୍ୱଭାବର ଯୁବକ ଥିଲେ । ଏପରି ଭଦ୍ର କି ଲେଖାଅଛି ତାଙ୍କର ଦେହାନ୍ତ ସମୟରେ ଯେତେବେଳେ ତାଙ୍କୁ ଦେଖିବାକୁ କିଛି ଲୋକ ଆସିଲେ ଓ କିଛି ଆସିଲେ ନାହିଁ ସେ ନିଜ ବନ୍ଧୁଙ୍କୁ ପଚାରିଲେ କେଉଁ କାରଣରୁ ମୋର କେତେକ ପରିଚିତ ଲୋକ ମୋତେ ଦେଖା କରିବାକୁ ଆସୁ ନାହାନ୍ତି ? ସେମାନେ କହିଲେ ଆପଣ ବଡ ଦାନୀ ବ୍ୟକ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆପଣ ତାହାର ଅସୁବିଧା ସମୟରେ କରଜ ଦେଉଥିଲେ, ସହରର ଅନେକ ଲୋକ ଆପଣଙ୍କଠାରୁ କରଜ ନେଇ ଫେରସ୍ତ କରି ନାହାନ୍ତି କାଳେ ଆପଣ ଉକ୍ତ ରାଶି ମାଗିନେବେ ତେଣୁ ସେମାନେ ଆପଣଙ୍କୁ ଦେଖା କରିବାକୁ ଆସୁ ନାହାନ୍ତି । ଆପଣ କହିଲେ ଓହୋ ! ମୋ ବନ୍ଧୁମାନଙ୍କୁ ଅଯଥା କଷ୍ଟ ପହଂଚିଲା ମୋ ତରଫରୁ ସମଗ୍ର ସହରରେ ଘୋଷଣା କରିଦିଅ କି ପ୍ରତ୍ୟେକ ବ୍ୟକ୍ତି ଯାହାର କୈଶ୍ଙ୍କୁ କରଜ ଫେରସ୍ତ କରିବାର ଅଛି ସେ ତାଙ୍କୁ କ୍ଷମା କରିଦେଲେ । ଏହାପରେ ତାଙ୍କୁ ଦେଖିବାକୁ ଏତେ ସଂଖ୍ୟାରେ ଲୋକେ ଆସିଲେ ଯେ ତାଙ୍କ ଘରର ସିଢ଼ି ଭାଙ୍ଗିଗଲା ।

*(ସିରତୁଲ୍ ହଲବିୟା ଭାଗ-୩ ପୃ-୯୫)*

ଯେତେବେଳେ ସୈନ୍ୟମାନେ ଅତିକ୍ରମ କରିଗଲେ ହଜରତ ଅବ୍ବାସ ଅବୁ ସୁଫୟାନଙ୍କୁ କହିଲେ ବର୍ତମାନ ନିଜ ବାହନ ଦୌଡ଼ାଇ ମକ୍କା ପହଂଚ ଏବଂ ସେମାନଙ୍କୁ ଖବର କର କି ହଜରତ ମହମ୍ମଦ ସ.ଆ ଆସିଗଲେଣି ଏବଂ ସେ ମକ୍କାବାସୀଙ୍କୁ ଏପରି ସର୍ତରେ ସୁରକ୍ଷା ପ୍ରଦାନ କରିଛନ୍ତି । ଯେତେବେଳେ କି ଅବୁସୁଫୟାନ୍ ମନେମନେ ଖୁସି ହେଉଥିଲା କି ମୁଁ ମକ୍କାବାସୀଙ୍କ ପାଇଁ ମୁକ୍ତିର ପନ୍ଥା ବାହରକରି ଆଣିଛି । ତାହାର ପତ୍ନୀ ଯେ ପ୍ରାରମ୍ଭରୁ ମୁସଲମାନମାନଙ୍କ ସହ ଈର୍ଷାପରାୟଣ ଭାବନା ରଖୁଥିଲା ଓ ଲୋକମାନଙ୍କୁ ସେମାନଙ୍କ ବିରୁଦ୍ଧରେ ପ୍ରବର୍ତାଉ ଥିଲା ଏବଂ ଜଣେ ସାହାସି ମହିଳା ମଧ ଥିଲା, ସେ ଆଗକୁ ବଢି ନିଜ ସ୍ୱାମୀର ଦାଢି ଧରି ମକ୍କାବାସୀଙ୍କୁ ଡ଼ାକରା ଦେଲା କି ଆସ ଏହି ମୁର୍ଖ ବୁଢାକୁ ହତ୍ୟା କରିଦିଅ, ଏ ତୁମମାନଙ୍କୁ ନିଜ ସମ୍ମାନ ରକ୍ଷା କରିବା ନିମନ୍ତେ ଶହିଦ ହେବାର ଉପଦେଶ ଦେବା ପରିବର୍ତେ ସନ୍ଧି କରିବାର ଘୋଷଣା କରୁଅଛି । ଅବୁ ସୁଫୟାନ ତାହାର ଏପରି ହରକତ ଦେଖି କହିଲେ, ମୁର୍ଖ ! ବର୍ତମାନ ଏପରି କଥା କହିବାର ସମୟ ନୁହେଁ । ଯାଇ ନିଜ ଘରେ ଲୁଚିଯା । ମୁଁ ଏପରି ସୈନ୍ୟସାମନ୍ତଙ୍କୁ ଦେଖିଆସିଛି ଯାହାର ମୁକାବିଲାର କ୍ଷମତା ସମ୍ପୂର୍ଣ୍ଣ ଆରବ କରିପାରିବ ନାହିଁ । ପୁନଶ୍ଚ ସେ ଉଚ୍ଚ ସ୍ୱରରେ ସୁରକ୍ଷା ପାଇବାର ସର୍ତାବଳୀ ସମ୍ବନ୍ଧରେ ଅବଗତ କଲେ ଲୋକେ ବହୁଳ ମାତ୍ରାରେ ସେହି ସ୍ଥାନ ଓ ସେହି ଘରମାନଙ୍କୁ ଦୌଡ଼ିଲେ ଯାହା ସମ୍ବନ୍ଧରେ ସୁରକ୍ଷା ପାଇବାର ଘୋଷଣା ହୋଇଥିଲା ।

*(ସିରତ୍ ଇବନେ ହିଶାମ୍ ଭାଗ-୪ ପୃ-୪୭)*

କେବଳ ୧୧ଜଣ ପୁରୁଷ ଓ ୪ଜଣ ମହିଳା ଏପରି ଥିଲେ ଯାହାଙ୍କ ସମ୍ବନ୍ଧରେ ଘୋର ଅତ୍ୟାଚାର, ବିଭ୍ରାଟ ଓ ହତ୍ୟା କରିବାର ପ୍ରମାଣ ଥିଲା ଯେପରି ସେମାନେ ଯୁଦ୍ଧ ଅପରାଧି ଥିଲେ ଏବଂ ତାଙ୍କ ସମ୍ବନ୍ଧରେ ହଜୁର ସ.ଆ ହତ୍ୟା କରିବାର ନିର୍ଦେଶ ପ୍ରଦାନ କରି ଦେଇଥିଲେ କାରଣ ସେମାନେ କେବଳ ଅମାନ୍ୟ କିମ୍ବା ଯୁଦ୍ଧ କରିଥିବାର ଦୋଷୀ ନଥିଲେ ବରଂ ସେମାନେ ଯୁଦ୍ଧ ଅପରାଧି ଥିଲେ ।

ଏହି ଅବସରରେ ହଜୁର ସ.ଆ ଖାଲିଦ୍ ବିନ୍ ଓ୍ୱଲିଦଙ୍କୁ ଦୃଢ ନିର୍ଦେଶ ଦେଇଥିଲେ କି ଯେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଲଢିବା ଆରମ୍ଭ ନକରନ୍ତି ତୁମେ କଦାପି ଲଢେଇ କରିବ ନାହିଁ । କିନ୍ତୁ ଯେଉଁ ମାର୍ଗରୁ ଖାଲିଦ୍ ର.ଅ ସହରରେ ପ୍ରବେଶ କଲେ ସେଠାରେ ସୁରକ୍ଷା ପ୍ରଦାନ କରିବାର ଘୋଷଣା ହୋଇନଥିଲା ସେଠାକାର ଲୋକେ ତାଙ୍କ ବିରୁଦ୍ଧରେ ଲଢେଇ କଲେ ଏବଂ ୨୪ଜଣ ଲୋକଙ୍କୁ ମାରିଦିଆଗଲା । ଯେହେତୁ ଖାଲିଦ୍ ର.ଅ ତିବ୍ର ଉତେଜିତ ହେବା ସ୍ୱଭାବର ଥିଲେ ତେଣୁ କେହି ଜଣେ ଦୌଡ଼ିଯାଇ ହଜୁର ସ.ଆଙ୍କୁ ଖବର କଲେ କି ଖାଲିଦ୍ଙ୍କୁ ଅଟକାନ୍ତୁ ନଚେତ୍ ସେ ସମସ୍ତ ମକ୍କାବାସୀଙ୍କୁ ହତ୍ୟା କରିଦେବେ । ହଜୁର ସ.ଆ ସଙ୍ଗେସଙ୍ଗେ ଖାଲିଦ୍ଙ୍କୁ ଡ଼କାଇ ପଠାଇଲେ ଏବଂ କହିଲେ କଣ ମୁଁ ତୁମକୁ ଲଢେଇ କରିବାକୁ ବାରଣ କରି ନଥିଲି ? ଖାଲିଦ୍ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ମନା ତ କରିଥିଲେ କିନ୍ତୁ ସେମାନେ ପ୍ରଥମେ ଆକ୍ରମଣ କରିବା ସହିତ ତିର ମାରିବା ଆରମ୍ଭ କରିଦେଲେ । ମୁଁ କିଛି କ୍ଷଣ ପର୍ଯ୍ୟନ୍ତ ଅପେକ୍ଷା କଲି ଏବଂ କହିଲି ଆମେ ତୁମମାନଙ୍କ ଉପରେ ଆକ୍ରମଣ କରିବାକୁ ଚାହୁଁ ନାହୁଁ, ତୁମେ ଏପରି କାର୍ଯ୍ୟ କର ନାହିଁ । କିନ୍ତୁ ଯେତେବେଳେ ମୁଁ ଦେଖିଲି ସେମାନେ କୌଣସି ମତେ ଆକ୍ରମଣ କରିବାରୁ ନିବୃତ ରହୁ ନାହାନ୍ତି

ସେତେବେଳେ ମୁଁ ତାଙ୍କ ସହ ଲଢେଇ କଲି ଏପରିକି ସେମାନେ ଚର୍ତୁପାଶ୍ୱରେ ବିଛୁରିତ ହୋଇଗଲେ ।

*(ସିରତୁଲ୍ ହଲବିୟା ଭାଗ-୩ ପୃ-୯୭)*

ସେ ଯାହା ହେଉ ଏହି ସାମାନ୍ୟ ଘଟଣା ପରେ ଏପରି କୌଣସି ଅପ୍ରିତିକର ଘଟଣା ହୋଇ ନାହିଁ ଏବଂ ହଜୁର ସ.ଆ ମକ୍କା ବିଜୟ କଲେ । ଯେତେବେଳେ ହଜୁର ସ.ଆ ମକ୍କାରେ ପ୍ରବେଶ କଲେ ଲୋକେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! କଣ ଆପଣ ନିଜ ଘରେ ରହିବେ ? ହଜୁର ଉତର ଦେଲେ କଣ ଅକିଲ୍ (ଆପଣଙ୍କ ଚଚା ପୁଅ ଭାଇ) ଆମ ପାଇଁ କୌଣସି ଘର ଛାଡ଼ିଛନ୍ତି ? ଅର୍ଥାତ ମୋ ହିଜରତ ପରେ ମୋ ବନ୍ଧୁବାନ୍ଧବ ମୋର ସମସ୍ତ ସମ୍ପତି ବିକିବାକି ଖାଇଗଲେ । ବର୍ତମାନ ମକ୍କାରେ ମୋର କୌଣସି ଠିକଣା ନାହିଁ । ତାପରେ ହଜୁର ସ.ଆ କହିଲେ ଆମେ ହୈଫ୍‌ବନି କନାନାଃରେ ରହିବୁ । ଏହା ମକ୍କାର ଗୋଟିଏ ପଡ଼ିଆ ଥିଲା ଯେଉଁଠାରେ କୁରୈଶ ଓ କନାନାଃ କବିଲା ମିଳିତ ଭାବରେ ଶପଥ କରିଥିଲେ କି ଯେପର୍ଯ୍ୟନ୍ତ ବନୁ ହାଶିମ୍ ଓ ବନୁ ଅବଦୁଲ୍ ମୁତଲିବ୍ ମହମ୍ମଦ ସ.ଅଙ୍କୁ ଧରି ଆମ ହାତରେ ସମର୍ପଣ କରାଇ ଦେଇନାହାନ୍ତି ଏବଂ ତାଙ୍କର ସାଥି ଛାଡ଼ି ଦେଇ ନାହାନ୍ତି, ଆମେ ତାଙ୍କ ସହ ନା ବନ୍ଧୁବାନ୍ଧିବୁ ନା କିଣାବିକା କରିବୁ । ଏହି ଶପଥ କରିବା ପରେ ହଜୁର ସ.ଆ ଓ ଆପଣଙ୍କ ଚଚା ଅବୁ ତାଲିବ ତଥା ଆପଣଙ୍କ ସମସ୍ତ ମାନ୍ୟକାରୀଗଣ ଅବୁ ତାଲିବ୍ ପଡ଼ିଆରେ ଶରଣ ନେଇଥିଲେ । ତିନି ବର୍ଷର କଠୋର ପରିସ୍ଥିତି ଅତିବାହିତ କରିବା ଅନ୍ତେ ଅଲ୍ଲାଃତାଲା ସେମାନଙ୍କୁ ମୁକ୍ତି ପ୍ରଦାନ କରିଥିଲେ । ହଜରତ ମୁହମ୍ମଦ ସ.ଆଙ୍କର ଏହି ଚୟନ କିଭଳି ଶ୍ରେୟସ୍କର ଥିଲା । ମକ୍କାବାସୀ ସେହିସ୍ଥାନରେ ଶପଥ କରିଥିଲେ କି ଯେପର୍ଯ୍ୟନ୍ତ ହଜରତ ମହମ୍ମଦ ସ.ଆ ଆମକ ନିକଟରେ ସମର୍ପଣ କରି ନାହଁ ଆମେ ତୁମ ଗୋଷ୍ଠୀ ସହ ସନ୍ଧି କରିବୁ ନାହିଁ । ଆଜି ମହମ୍ମଦ ସ.ଆ ସେହି ମଇଦାନରେ ଓହ୍ଲାଇଛନ୍ତି ଏବଂ ଯେପରି ମକ୍କାବାସୀଙ୍କୁ ବାର୍ତା ପ୍ରଦାନ କଲେ କି ଯେଉଁଠାରେ ତୁମେ ଚାହୁଁଥିଲ ମୁଁ ସେହିସ୍ଥାନକୁ ଆସିଯାଇଛି କିନ୍ତୁ କୁହ କଣ ତୁମର ସାମର୍ଥ୍ୟ ଅଛି କି ତୁମେ ମୋ ଉପରେ ଅତ୍ୟାଚାର କରିପାରିବ ! ଯେଉଁସ୍ଥାନରେ ତୁମେ ମୋତେ ଅପମାନିତ ଓ ନିନ୍ଦିତ କରିବାକୁ ଚାହୁଁଥିଲ ଏବଂ ଚାହୁଁଥିଲ କି ମୋ ମାନ୍ୟକାରୀମାନେ ମୋତେ ତୁମ ହାତରେ ସମର୍ପଣ କରିଦିଅନ୍ତୁ ସେଠାକୁ ମୁଁ ଏପରି ଅବସ୍ଥାରେ ଆସିଲି କି କେବଳ ମୋ ଗୋଷ୍ଠୀ ନୁହେଁ ବରଂ ସମ୍ପୂର୍ଣ୍ଣ ଆରବ ମୋ ସାଥିରେ ଥିଲେ ଏବଂ ମୋ ଗୋଷ୍ଠୀର ଲୋକମାନେ ମୋତେ ତୁମ ହାତରେ ଟେକିଦେଲେ ନାହିଁ ବରଂ ମୋ ଗୋଷ୍ଠୀ ତୁମକୁ ଆଣି ମୋ ହାତରେ ପ୍ରଦାନ କରିଦେଲେ । ଦେଖ ଅଲ୍ଲାଃଙ୍କ ବିଧାନ କିଭଳି ଯେ, ଏହି ଘଟଣା ସୋମବାର ଦିନ ଘଟିଲା । ଯେଉଁଦିନ ମହମ୍ମଦ ସ.ଆ ଗାରେ ସୋର (ସୋର୍ ନାମକ ଏକ ଗୁମ୍ଫା) ରୁ ବାହାରି ନିଜର ଜଣେ ବନ୍ଧୁଙ୍କ ସହ ମଦିନା ହିଜରତ କରିଥିଲେ । ଯେଉଁ ଦିନ ଆପଣ ମକ୍କା ଆଡ଼କୁ ଚାହିଁ କହିଥିଲେ ହେ ମକ୍କା ! ତୁ ମୋତେ ସଂସାରର ସମସ୍ତ ବସ୍ତିଠାରୁ ଅଧିକ ପ୍ରିୟ କିନ୍ତୁ ତୋର ବାସିନ୍ଦାମାନେ ମୋତେ ଏଠାରେ ରହିବାକୁ ସ୍ଥାନ ଦେଉ ନାହାନ୍ତି ।

*(ସିରତୁଲ୍ ହଲବିୟା ଭାଗ-୨ ପୃ-୩୧)*

ମକ୍କାରେ ପଦାର୍ପଣ କରିବା ସମୟରେ ହଜରତ ଅବୁବକର ଆପଣଙ୍କ ଓଟର ଲଗାମ ଧରି ଆପଣଙ୍କ ସହ ବାର୍ତାଳାପ କରି ଚାଲିଥିଲେ ଏବଂ ସୁରେ ଫତାଃ ଯେଉଁଥିରେ ମକ୍କା ବିଜୟ ହେବାର ଖବର ଦିଆଯାଇଥିଲା ପାଠ କରିଚାଲିଥିଲେ । ଆପଣ ସିଧା ଖାନା କାବା ଆଡ଼କୁ ଗଲେ ଏବଂ ଓଟରେ ବସିଥିବା ଅବସ୍ଥାରେ କାବାର ସାତ ଥର ପରିକ୍ରମା କଲେ । ସେତେବେଳେ ଆପଣଙ୍କ ହାତରେ ଗୋଟିଏ ଲାଠି ଥିଲା । ଆପଣ ଖାନା କାବା, ଯାହାକୁ ହଜରତ ଇବ୍ରାହିମ ଓ ଇସମାଇଲ ଆ:ସ ଏକ ଅଲ୍ଲାଃଙ୍କ ଉପାସନା ନିମନ୍ତେ ନିର୍ମାଣ କରିଥିଲେ କିନ୍ତୁ ପରବର୍ତୀ ସମୟରେ ତାଙ୍କର କୌଣସି ପଥଭ୍ରଷ୍ଟ ସନ୍ତାନ ତାହାକୁ ପ୍ରତିମାର ଗନ୍ତାଘର ରୂପେ ପରିବର୍ତନ କରିଦେଇଥିଲେ, ହଜୁର ପରିକ୍ରମା ସାରି ଉକ୍ତ ସ୍ଥାନରୁ ସେହି ୩୬୦ ପ୍ରତିମାଗୁଡ଼ିକୁ ନିଜର ଲାଠି ମାରି କହୁଥିଲେ **ଜାଅଲ୍ ହକ୍କୁ ଓ୍ୱ ଜହକଲ୍ ବାତିଲ୍ ଇନ୍ନଲ୍ ବାତିଲା କାନା ଜହୁକା**

*(ସିରତ୍ ଇବନେ ହିଶାମ୍ ଭାଗ-୪ ପୃ-୫୯)*

ଏହା ସେହି ପକ୍ତିଂ ଯାହାକି ହିଜରତ ପୂର୍ବରୁ ସୁରେ ବନି ଇସ୍ରାଇଲରେ ଆପଣଙ୍କ ଉପରେ ଅବତିର୍ଣ୍ଣ ହୋଇଥିଲା । ଯେଉଁଥିରେ ହିଜରତ ଓ ତାପରେ ମକ୍କା ବିଜୟର ଖବର ଦିଆଯାଇଥିଲା । ପାଶ୍ଚାତ୍ୟ ଦାର୍ଶନିକମାନେ ଏଥିରେ ଏକମତ ଯେ, ଏହି ସୁରା ହିଜରତ ପୂର୍ବରୁ ଅବତିର୍ଣ୍ଣ ହୋଇଥିଲା । ଯେଉଁଥିରେ ବର୍ଣ୍ଣନା ରହିଥିଲା **ଓ୍ୱକୁର୍ ରବ୍‌ବି ଅଦ୍‌ଖିଲନି ମୁଦ୍‌ଖଲା ସିଦ୍‌କିଉଁ ଓ୍ୱଜ୍ ଅଲ୍ ଲୀ ମିଲ୍‌ଲଦୁନ୍‌କା ସୁଲ୍‌ତାନନ୍ ନସିରା ଓ୍ୱ କୁଲ୍ ଜାଅଲ୍ ହକ୍କୋ ଓ୍ୱ ଜହକଲ୍ ବାତିଲ୍ ଇନ୍ନଲ୍ ବାତିଲା କାନା ଜହୁକା ।**

ଅର୍ଥାତ୍- ଏବଂ କୁହ ହେ ଆମ୍ଭର ପାଳନକର୍ତା ଆମ୍ଭର ମକା ସହର ମଧ୍ୟରେ ପୁନର୍ବାର ପ୍ରବେଶକୁ ସତ୍ ପ୍ରବେଶ କରାଅ ଓ ମକା ସହରୁ ପ୍ରସ୍ଥାନକୁ ସତ୍ ପ୍ରସ୍ଥାନ କରାଓ ଏବଂ ଆମ୍ଭ ପାଇଁ ତୁମ୍ଭ ନିକଟରୁ ଜଣେ ସାହାଯ୍ୟକାରୀ ଓ ସାକ୍ଷୀ ପ୍ରଦାନ କର ଏବଂ ଏହା ମଧ୍ୟ କୁହ କି ସତ୍ୟ ଆସିଯାଇଛି ଓ ଅସତ୍ୟ ଲୋକ ହୋଇଅଛି ଓ ବାସ୍ତବରେ ଅସତ୍ୟ ହିଁ ଲୋପ ପାଇଥାଏ ।

ଏହି ଭବିଷ୍ୟବାଣୀର ଗୋଟିଏ ଗୋଟିଏ ଶବ୍ଦ ପୂରଣ ହେବା ଏବଂ ହଜରତ ଅବୁବକରଙ୍କର ତାହା ପାଠ କରିବା ସମୟରେ ମୁସଲମାନ ଓ ଅମାନ୍ୟକାରୀଙ୍କ ହୃଦୟରେ ଯେଉଁ ପ୍ରକାରର ଉଦବେଗ୍ ପ୍ରକଟ ହେଉଥିବ ତାହା ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ । ତେବେ ସେହିଦିନ ଇବ୍ରାହିମ୍ ଆ.ସଙ୍କ ସ୍ଥାନ ଏକ ଅଲ୍ଲାଃଙ୍କ ଉପାସନା ନିମନ୍ତେ ପୁନର୍ବାର ପୃଥକ କରିଦିଆଗଲା ଏବଂ ସଦାସର୍ବଦା ପାଇଁ ସେହି ପ୍ରତିମାଗୁଡ଼ିକୁ ଭାଙ୍ଗିରୁଜି ଦିଆଗଲା । ଯେତେବେଳେ ହଜୁର ସ.ଆ ହୁବୁଲ୍ ନାମି ପ୍ରତିମାକୁ ଲାଠି ମାରିଲେ ଏବଂ ତାହା ନିଜ ସ୍ଥାନରୁ ପଡ଼ି ଭାଙ୍ଗିଗଲା ସେତେବେଳେ ହଜରତ ଜୁବେର୍ ଅବୁ ସୁଫୟାନ୍ ଆଡ଼କୁ ହସହସ ମୁହଁରେ ଚାହିଁଲେ ଏବଂ କହିଲେ ଅବୁ ସୁଫୟାନ ! ତୁମର ମନେଅଛି ଓ୍ୱହଦ ଦିନରେ ଯେତେବେଳେ ମୁସଲମାନ କ୍ଷତବିକ୍ଷତ ହୋଇ ଗୋଟିଏ ପାର୍ଶ୍ୱରେ ଛିଡ଼ା ହୋଇଥିଲେ ତୁମେ ଗର୍ବ ଓ ଅହଂକାର ପରାୟଣ ହୋଇ କହିଥିଲ **ଉଲୁଲ୍ ହୁବୁଲ୍ ଉଲୁଲ୍ ହୁବୁଲ୍** ଅର୍ଥାତ ହୁବୁଲର ଜୟ ହେଉ..ଏବଂ ତୁମ ମତରେ ହୁବୁଲ୍ ତୁମକୁ ଓ୍ୱହଦ ର ମଇଦାନରେ ବିଜୟ ପ୍ରଦାନ କରିଥିଲା । ଆଜି ଦେଖ ତୁମ ସମ୍ମୁଖରେ ତାହାର ଖଣ୍ଡ ବିଖଣ୍ଡିତ ଅଂଶ ପଡ଼ିଛି । ଅବୁ ସୁଫୟାନ୍ କହିଲେ ! ଜୁବେର ସେ କଥା ଛାଡ଼ । ଆଜି ଆମକୁ ବେଶ୍ ଭଲ ଭାବରେ ଦୃଶ୍ୟମାନ ହେଉଅଛି ଯେ, ଯଦି ମହମ୍ମଦ ସ.ଆଙ୍କର ଅଲ୍ଲାଃଙ୍କ ବ୍ୟତୀତ ଆଉ କେହି ସୃଷ୍ଟିକର୍ତା ଥାଆନ୍ତେ ତେବେ ଆଜି ଆମେ ଯାହାସବୁ ଦେଖୁଅଛୁ ତାହା କଦାପି ଘଟିନଥାନ୍ତା ।

*(ସିରତୁଲ୍ ହଲବିୟା ଭାଗ-୩ ପୃ-୯୯)*

ତାପରେ ଖାନା କାବା ଭିତରେ ଇବ୍ରାହିମ୍ ଆ.ସଙ୍କର ଚିତ୍ର ଅଙ୍କା ଯାଇଥିଲା ତାହାକୁ ସଫା କରିବାର ଆଦେଶ ଦେଲେ ଏବଂ ଖାନା କାବାରେ ଅଲ୍ଲାଃଙ୍କ ଅଙ୍ଗୀକାର ପୂରଣ ହେବାର କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ଦୁଇ ରେକାତ ନମାଜ ପାଠ କଲେ ତାପରେ ବାହାରକୁ ବାହାରି ମଧ୍ୟ ଦୁଇ ରେକାତ ନମାଜ ପାଠ କଲେ । ଖାନା କାବା ଭିତରେ ଥିବା ଚିତ୍ରଗୁଡ଼ିକୁ ଲିଭାଇବା ନିମନ୍ତେ ଆପଣ ହଜରତ ଉମର ର.ଅଙ୍କୁ ଆଦେଶ ଦେଇଥିଲେ । ସେ ଏହି ଭାବନାରେ କି ହଜରତ ଇବ୍ରାହିମ ଆ.ସଙ୍କୁ ଆମେ ମଧ୍ୟ ନବୀ ସ୍ୱୀକାର କରୁଅଛେ ତାଙ୍କ ଚିତ୍ର ଲିଭାଇ ନଥିଲେ । ହଜୁର ସ.ଆ ଉକ୍ତ ଚିତ୍ରକୁ ଅଲିଭା ଦେଖି କହିଲେ ଉମର ! ତୁମେ ଏହା କଣ କଲ ? କଣ ଅଲ୍ଲାଃ କହି ନାହାନ୍ତି **ମା କାନା ଇବ୍ରାହିମୁ ୟହୁଦୀୟନ୍ ଓ୍ୱଲା ନସ୍‌ରାନିୟନ୍ ଓ୍ୱଲାକିନ୍ କାନା ହନିଫମ୍ ମୁସ୍‌ଲିମା ଓ୍ୱମାକାନା ମିନଲ୍ ମୁଶ୍‌ରିକିନ୍**

*(ସିରତୁଲ୍ ହଲବିୟା ଭାଗ-୩ ପୃ-୧୦୦)*

ଅର୍ଥାତ୍-ଇବ୍ରାହିମ୍ ୟୁହୁଦୀ ନଥିଲେ କି ଖ୍ରୀଷ୍ଟିଆନ୍ ନଥିଲେ ବରଂ ସେ ଅଲ୍ଲାଃଙ୍କ ପ୍ରତି ଅବନତ ଓ ଆଜ୍ଞା ପାଳନକାରୀ ଥିଲେ ଏବଂ ମୁସ୍‌ରିକ୍ ମାନଙ୍କ ମଧ୍ୟରେ ନଥିଲେ ଓ ଇଶ୍ୱରଙ୍କ ଏକେଶ୍ୱରବାଦର ବିଶ୍ୱାସକାରୀ ଥିଲେ ।

ଅତଏବ ଆପଣଙ୍କ ଆଦେଶ କ୍ରମେ ଉକ୍ତ ଚିତ୍ରପଟ ମଧ୍ୟ ଲିଭେଇ ଦିଆଗଲା । ଅଲ୍ଲାଃଙ୍କ ନିଦର୍ଶନ ଦେଖି ମୁସଲମାନମାନଙ୍କ ହୃଦୟ ସେହିଦିନ ବିଶ୍ୱାସରେ ପରିପୂର୍ଣ୍ଣ ହୋଇଯାଇଥିଲା ଏବଂ ହଜରତ ମହମ୍ମଦ ସ.ଆଙ୍କ ମର୍ଯ୍ୟାଦା ଉପରେ ସେମାନଙ୍କ ବିଶ୍ୱାସ ଏଭଳି ବହୁଗୁଣିତ ହେଉଥିଲା କି ହଜୁର ସ.ଆ ଯେତେବେଳେ ଜମଜମ୍‌ର ଝରଣାରୁ ଜଳ ପାନ କରିବା ନିମନ୍ତେ ମଗାଇଲେ ଏବଂ କିଛି ଜଳ ପାନ କରି ବାକି ଜଳରେ ଓଜୁ କଲେ ସେତେବେଳେ ଆପଣଙ୍କ ଶରୀରରୁ ବୁନ୍ଦାଏ ଜଳ ମଧ୍ୟ ଭୂମିଷ୍ଠ ହୋଇନଥିଲା । କାରଣ ମୁସଲମାନ ତାହାକୁ ନେଇ ତାହାକୁ ନିଜ ଶରୀରରେ ବୋଳି ଦେଉଥିଲେ ଏବଂ

*ଅବଶିଷ୍ଟାଂଶ ପୃଷ୍ଠା-୨୬ ରେ ଦେଖନ୍ତୁ...*

# ହଜରତ ମୁହମ୍ମଦ ସ:ଆ:ସଙ୍କ ଜୀବନଚରିତ- ଅଲ୍ଲାଃଙ୍କ ପ୍ରତି ନିମନ୍ତ୍ରଣ କରିବା ଦୃଷ୍ଟିକୋଣରୁ

ମହମ୍ମଦ ଇନାମ ଗୌରୀ, ନାଜିରେ ଆଲା ସଦର ଅଞ୍ଜୁମନ ଅହେମଦିୟା କାଦିଆନ

يٰۤاَيُّهَا النَّبِيُّ اِنَّاۤ اَرۡسَلۡنٰكَ شَاهِدًا
وَّمُبَشِّرًا وَّنَذِيۡرًا ۙ وَّدَاعِيًا اِلَى اللّٰهِ
بِاِذۡنِهٖ وَسِرَاجًا مُّنِيۡرًا

(الاحزاب:46تا47)

يٰۤاَيُّهَا الرَّسُوۡلُ بَلِّغۡ مَاۤ اُنۡزِلَ
اِلَيۡكَ مِنۡ رَّبِّكَ ؕ وَاِنۡ لَّمۡ تَفۡعَلۡ فَمَا
بَلَّغۡتَ رِسَالَتَهٗ ؕ وَاللّٰهُ يَعۡصِمُكَ مِنَ
النَّاسِ ؕ اِنَّ اللّٰهَ لَا يَهۡدِى الۡقَوۡمَ
الۡكٰفِرِيۡنَ (المائدہ:68)

ଉପରୋକ୍ତ ଦୁଇଗୋଟି ଆୟତର ଅନୁବାଦ ହେଉଛି ଏପରି:- ହେ ନବୀ! ଆମ୍ଭେ ତୁମ୍ଭଙ୍କୁ (ଏହି ସଂସାର ପାଇଁ) ତତ୍ୱାବଧାରକ (ଓ ବିଶ୍ୱାକାରୀ ମାନଙ୍କ ପାଇଁ) ସୁସମାଚାର ଦାତା (ଓ ଅବିଶ୍ୱାସକାରୀଙ୍କ ପାଇଁ) ଭୟ ପ୍ରଦର୍ଶକ ଭାବେ ପ୍ରେରଣ କରିଅଛୁ । ଏବଂ ଅଲ୍ଲାଃଙ୍କ ଆଦେଶ ଅନୁସାରେ ତାହାଙ୍କ ଆଡକୁ ଆହ୍ୱାନକାରୀ ଭାବରେ ଓ ଏକ ଦିପ୍ତୀମାନ ସୂର୍ଯ୍ୟ ଭାବରେ (ପ୍ରେରଣ କରିଅଛୁ)

ହେ ରସୁଲ୍ ! ତୁମ୍ଭ ପାଳନକର୍ତାଙ୍କ ଠାରୁ ତୁମ୍ଭପ୍ରତି ଯାହା (ଅର୍ଥାତ୍ ଯେଉଁ ବାଣୀ) ଅବତୀର୍ଣ୍ଣ ହୋଇଛି ତାହାକୁ (ଲୋକମାନଙ୍କ ନିକଟରେ ପହଂଚାଇଦିଅ ଏବଂ ଯଦି ତୁମ୍ଭେ (ଏପରି) ନ କରିବ ତେବେ (ଧରାଯିବ ଯେ) ତୁମ୍ଭେ ତାହାଙ୍କର ଆଦୌ ପହଂଚାଇନାହଁ । ଅଲ୍ଲାଃ ତୁମ୍ଭଙ୍କୁ ଲୋକମାନଙ୍କ (ଆକ୍ରମଣ) ଠାରୁ ରକ୍ଷା କରିବେ । ଅଲ୍ଲାଃ ଅବିଶ୍ୱାସକାରୀ ଲୋକମାନଙ୍କୁ କଦାପି (ସଫଳତାର) ପଥ ଦେଖାଇବେନାହିଁ ।

ଆଜିଠାରୁ ୧୪୦୦ ବର୍ଷ ପୂର୍ବେ ସମଗ୍ର ବିଶ୍ୱରେ ଅନ୍ଧକାର ଓ ଅସତ୍ର ପସରା ବ୍ୟାପି ରହିଥିଲା ଯାହାର ନକ୍ସା ପବିତ୍ର କୋରାନରେ ଏପରି ଟଣା ଯାଇଛି *ଜହରଲ୍ ଫସାଦୁ ଫିଲ୍ ବର୍ରେ ୱଲ ବହର୍* । ଅର୍ଥାତ ଗ୍ରନ୍ଥଧାରୀ ଓ ଅଣଗ୍ରନ୍ଥଧାରୀ ଉଭୟଙ୍କ ମଧ୍ୟରେ ବିଭ୍ରାଟ ଦେଖିବାକୁ ମିଳୁଥିଲା । ବିଶେଷକରି ଆରବର (ଲୋକମାନଙ୍କ ମଧ୍ୟରେ) ବ୍ୟକ୍ତିଗତ ଓ ସାମୁହିକ ଉଭୟ ସ୍ତରରେ ଚାରିତ୍ରିକ ଓ ଆଧ୍ୟାତ୍ମିକ ବିଭ୍ରାଟ ଅନ୍ଧକାର ମୟ ରାତିରେ ଅତିବାହିତ ହେଉଥିଲା । ଯେ ସତ୍ ଓ ଅସତ୍, କଳାଧଳା ମଧ୍ୟରେ କୌଣସି ପ୍ରଭେଦ କରୁନଥିଲେ । ଖାନା କାବା ଯାହାକି ପ୍ରାରମ୍ଭରୁ ଅଲ୍ଲାଃତାଲାଙ୍କ ଉପାସନାର ପିଠସ୍ଥଳୀ ଥିଲା । ସେଠାରେ ମଧ୍ୟ ପ୍ରତିଦିନ ଗୋଟିଏ ନୂତନ ପ୍ରତିମା ପୂଜା କରାଯାଉଥିଲା । ଏପରି ୩୬୦ ପ୍ରତିମା ସେଠାରେ ପୂଜା ପାଉଥିଲେ । ଝଗଡ଼ା, ବିଭ୍ରାଟ, ହତ୍ୟା, ମଦପାନ, କୁକର୍ମ, ସମସ୍ତ ପ୍ରକାରର ମନ୍ଦ ଓ ଅପକର୍ମ ସେମାନଙ୍କ ନିତୀଦିନର କର୍ମ ଥିଲା । ଏବଂ ଆରବ ଜାତି ଯିଏ କିଛି ଦଳସମୂହର ସମାହାର ଥିଲେ କଦାପି କୌଣସି ନିୟମ କାନୁନ୍ ଓ ପ୍ରଶାସନର ଅଧିନରେ ରହି ତାହାର ନିର୍ଦ୍ଦେଶ ମୁତାବକ ପାଳନ କରିନଥିଲେ ।

ସେହି ପୂର୍ଣ୍ଣ ଅନ୍ଧକାରମୟ ସମୟରେ ଏକ ଦୟାଳୁ ହୃଦୟ ଥିଲା ଯେ ନିଜ ଜାତିଭାଇଙ୍କ ପଥଭ୍ରଷ୍ଟ ଓ ଅପକର୍ମରେ ଜଡ଼ିତ ରହିବା ଦେଖି ବ୍ୟାକୁଳ ଥିଲା ଓ ସେହି ପିଡ଼ାରେ ସେ ଛଟପଟ ହେଉଥିଲା ଏବଂ ଐଶ୍ୱରୀକ ଆଲୋକ ପ୍ରାପ୍ତ କରିବା ପାଇଁ ଏକ ଉତ୍କଣ୍ଠା ଥିଲା । ସେ ଜଣେ ୨୫/୩୦ ବର୍ଷର ଯୁବକ ଥିଲା ଯେ ଏହି ବେଦନାରୁ ମୁକୁଳି ଆତ୍ମଶାନ୍ତି ଲାଭ କରିବା ନିମନ୍ତେ ମକ୍କାଠାରୁ ତିନି ମାଇଲ ଦୂର ଅବସ୍ଥିତ ହିରା ନାମି ପାହାଡ଼ ଗୁମ୍ଫାରେ ନିଜ ସୃଷ୍ଟିକର୍ତାଙ୍କ ଧ୍ୟାନରେ ମଜି ରହୁଥିଲେ । ଏବଂ ନିୟମିତ ଭାବରେ ୧୫ବର୍ଷ ପର୍ଯ୍ୟନ୍ତ ଦିର୍ଘ ଦିନଧରି ଏକାକି ରାତିଦିନ ଦୁଆ କରିବାରେ ମଗ୍ନ ରହୁଥିଲେ । ସେ ଥିଲେ ଆମ ଆକା, ମାର୍ଗଦର୍ଶକ, ଦୟାଳୁ କୃପାଳୁ ମହାମାନବ ହଜରତ ମହମ୍ମଦ ମୁସ୍ତଫା ସ:ଆ:ସ ।

ଶେଷରେ ଅଲ୍ଲାଃତାଲା ଆପଣଙ୍କ ଦୁଆ ସ୍ୱୀକାର କଲେ ଏବଂ ପବିତ୍ର ଆତ୍ମା ହଜରତ ଜିବରିଲ୍ ବିସ୍ୱସ୍ତଙ୍କ ଜରିଆରେ ନିଜ ଆତ୍ମା ଓ ସ୍ୱଷ୍ଟ ବାଣୀକୁ ଦେଇ ଆପଣଙ୍କ ନିକଟକୁ ପ୍ରେରଣ କଲେ । ଆପଣ ସ:ଆ:ସଙ୍କ ନିଷ୍ଠାପର ପ୍ରେମୀ ହଜରତ ମସିହ ମଉଦ ଆ.ସ ନିଜ କବିତାରେ ଲେଖିଛନ୍ତି-

ନୁର ଲାଏ ଆସମା ସେ
ଖୁଦ୍ ଭି ୱହ୍ ଏକ୍ ନୁର ଥେ
କୌମେ ୱହଶି ମେଁ ଅଗର
ପୈଦା ହୁଏ କ୍ୟା ଜାଏ ଆର ।

ଏହି ଐଶ୍ୱରିକ ପ୍ରକାଶରେ ଅନ୍ଧକାରକୁ ଦୂର କରି ପ୍ରକାଶ ଆଣିବା ଓ ପଥଭ୍ରଷ୍ଟ ଲୋକମାନଙ୍କୁ ଉଠାଇ ଆଲୋକିତ ମିନାରା ଉପରେ ବିରାଜମାନ କରାଇବା ନିମନ୍ତେ ଆପଣଙ୍କୁ ଆଦେଶ ଦିଆଗଲା କି **ବଲଲିଗ୍ ମା ଉନଯିଲା ଇଲୈକା** ଅର୍ଥାତ ହେ ମହମ୍ମଦ ! ବର୍ତମାନ ପବିତ୍ର କୋରାନର ଅବତୀର୍ଣ୍ଣ ପ୍ରତ୍ୟେକ ପଂକ୍ତି ଲୋକମାନଙ୍କୁ ଶୁଣାଇବାକୁ ହେବ ଓ ଲେଖାଇବାକୁ ହେବ ଓ ମନେରଖାଇବା ସହିତ ତଦନୁଯାୟୀ ଅମଳ କରିବାକୁ ହେବ । **ୱଇଲ୍ ଲମ୍ ତଫଅଲ୍ ଫମା ବଲ୍ଲଗତା ରିସାଲତହୁ** ଯଦି ଆପଣ ଏହି ପବିତ୍ର କର୍ତବ୍ୟ ସମ୍ପାଦନ କରିନପାରିଲେ (ତେବେ) ବାର୍ତା (ପହଁଚାଇବା) ର କର୍ତବ୍ୟ ସମ୍ପାଦନ ହୋଇପାରିବ ନାହିଁ । ଏହା କୌଣସି ସାଧାରଣ କାର୍ଯ୍ୟ ନଥିଲା । ଅଲ୍ଲାଃତାଲା ପବିତ୍ର କୋରାନରେ କୁହନ୍ତି ଏହି ପୂର୍ଣ୍ଣ ଧର୍ମଗ୍ରନ୍ଥକୁ ବହନ କରିବା ନିମନ୍ତେ ଭୂପୃଷ୍ଟ, ଗଗନ, ପର୍ବତ ଆଦିଙ୍କୁ କହିଲୁ **ଫଅବୈନା ଅଇଁ ୟହମିଲ୍ ନାହା ୱ ଅଶ୍ଫକନା ମିନହା** କିନ୍ତୁ ସେ ସମସ୍ତେ ମନା କରିଦେଲେ ଏବଂ ଏହାର ଭାର ବହନ କରିବାକୁ ଭୟ କଲେ । ହଁ **ୱ ହମଲ୍ନାହା ଇନ୍ସାନୁ** ଅର୍ଥାତ୍ ଜଣେ ମଣିଷ ଏହି ଭାରକୁ ଉଠାଇ ନେଲେ କାରଣ ସେ **ଜଲୁମ୍** ଓ **ଜହୁଲ୍** ଆଦି ସୁଗୁଣର ଅଧିକାରୀ ଥିଲେ । ଜୀବନ ପଥରେ ଆସୁଥିବା ସମସ୍ତ ପ୍ରକାରର ପ୍ରତିକୂଳ ପରିସ୍ଥିତିକୁ ସାମନା କରିବା ଏବଂ ସମସ୍ତ ପ୍ରକାର କଷ୍ଟ ଓ ଅସୁବିଧାକୁ ଅଲ୍ଲାଃଙ୍କ ଖାତିର ପାସୋରୀ ଜିବାର ହୃଦୟ ରଖୁଥିଲେ ।

ଅତଃ ହଜୁର ସ.ଆଙ୍କ ସମ୍ପୂର୍ଣ୍ଣ ଜୀବନୀ ଧର୍ମପ୍ରଚାରର କଠିନ ଯାତ୍ରା କୁହେ ଅରବଠାରୁ କୁରେଶଙ୍କୁ ବାର୍ତା ପହଂଚାଇବା ଠାରୁ ଆରମ୍ଭ ହୋଇଥିଲା । ହୁଜ୍ଜତୁଲ୍ ୱିଦା ସମୟରେ ଅରଫାତ୍ର ପଡ଼ିଆରେ ଆପଣଙ୍କ ଶେଷ ଉପଦେଶ ଶୁଣାଇବା ପର୍ଯ୍ୟନ୍ତ ତାହା ବର୍ଦ୍ଧିତ ଥିଲା । ମକ୍କାର ୧୩ବର୍ଷ ଓ ମଦିନାର ୧୦ବର୍ଷ ସମୁଦାୟ ୨୩ ବର୍ଷର ଗୋଟିଏ ଦିନ ସାକ୍ଷୀ ରହିଛି କି ହେ ଅଲ୍ଲାଃଙ୍କ ପ୍ରିୟ ନବୀ! ଆପଣ ଧର୍ମ ପ୍ରଚାରର କର୍ତବ୍ୟ ସମ୍ପାଦନ କରିଦେଲେ ।

ବର୍ତମାନ ଏଥିସମ୍ବନ୍ଧରେ ମୁଁ ହଜରତ ମହମ୍ମଦ ସ.ଆଙ୍କ ପବିତ୍ର ଜୀବନୀରୁ କିଛି ଘଟଣାବଳୀ ଉପସ୍ଥାପନ କରୁଅଛି । ଆପଣଙ୍କ ପ୍ରଚାର କରିବାର ପ୍ରଣାଳୀ ପବିତ୍ର କୋରାନର ଆଦେଶ **ଉଦ୍ଉ ଇଲା ସବିଲି ରବ୍ବିକା ବିଲ୍ ହିକମତେ ୱଲ୍ ମୌଇଜାତିଲ୍ ହସନାତ୍**ର ସୁନ୍ଦର ନମୁନାକୁ ପରିପ୍ରକାଶ କରୁଥିଲା ।

ହଜରତ ଉମର ବିନ୍ ଅନବସା ର.ଅ ବର୍ଣ୍ଣନା କରିଛନ୍ତି ମୁଁ ହଜୁର ସ.ଆଙ୍କ ଆର୍ବିଭାବ ହେବାର ପ୍ରାରମ୍ଭିକ ସମୟରେ ମକ୍କା ଆସିଲି । ସେତେବେଳେ ହଜୁର ସ.ଆ ନବୀ ହେବାର ଘୋଷଣା କରିନଥିଲେ କିନ୍ତୁ ମୁଁ ଆପଣଙ୍କୁ ପଚାରିଲି ଆପଣ କିଏ ? ଆପଣ ଉତର ଦେଲେ ମୁଁ ନବୀ ଅଟେ । ମୁଁ ପଚାରିଲି ନବୀ କାହାକୁ କୁହାଯାଏ ? ହଜୁର ସ.ଆ ଉତର ଦେଲେ ଅଲ୍ଲାଃଙ୍କ ପ୍ରେରୀତ ଦୂତଙ୍କୁ ନବୀ କୁହାଯାଏ । ମୁଁ ପଚାରିଲି କ'ଣ ଆପଣଙ୍କୁ ଅଲ୍ଲାଃତାଲା ପ୍ରେରଣ କରିଛନ୍ତି ? ଆପଣ ଉତର ଦେଲେ ହଁ । ମୁଁ କହିଲି ସେ ଆପଣଙ୍କୁ କେଉଁ ଶିକ୍ଷା ଦେଇ ପ୍ରେରଣ କରିଛନ୍ତି । ହଜୁର ଉତର ଦେଲେ ଅଲ୍ଲାଃଙ୍କ ଉପାସନା କରିବା, ପ୍ରତିମା ପୂଜାକୁ ବର୍ଜନ କରିବା ଏବଂ ରକ୍ତର (ନିକଟ) ସମ୍ପର୍କୀୟମାନଙ୍କ କର୍ତବ୍ୟ ସମ୍ପାଦନ କରିବା ପାଇଁ । ମୁଁ କହିଲି ଏହା ବହୁତ ସୁନ୍ଦର ଶିକ୍ଷା ଅଟେ । ଏହାକୁ କେତେ ଲୋକ ସ୍ୱୀକାର କଲେଣି ହଜୁର ଉତର ଦେଲେ ଜଣେ ସ୍ୱାଧୀନ ଓ ଜଣେ କ୍ରୀତଦାସ (ଅର୍ଥାତ ଅବୁବକର ଓ ଜୟଦ ର.ଅ) ଏଥିରେ ଉମରୋ ଇସଲାମ ସ୍ୱୀକାର କରିନେଲେ । ସେ କୁହନ୍ତି ପୁନଶ୍ଚ ମୁଁ ପଚାରିଲି ହେ ଅଲ୍ଲାଃଙ୍କ ରସୁଲ୍! କ'ଣ ମୋତେ ଏଠାରେ ରହି ଆପଣଙ୍କ ଅନୁସରଣ କରିବାକୁ ହେବ ? ଆପଣ ଉତର ଦେଲେ ନା ତୁମେ ନିଜ ଗୋଷ୍ଠୀଙ୍କ ନିକଟକୁ ଫେରିଯାଇ ଏହି ଶିକ୍ଷା ମୁତାବକ ଅମଳ କର । ହଁ ଯେତେବେଳେ ତୁମକୁ ମୋର ହିଜରତ୍ର ଖବର ମିଳିବ ସେତେବେଳେ ମୋର ଅନୁସରଣ କରିବ ।

(ବେହକି ଭାଗ-୨ ପୃଷ୍ଠା-୩୯)

ଏଠାରେ ଏହି ତଥ୍ୟ ଆଲୋଚନା କରିବା ଯୋଗ୍ୟ କି ପ୍ରାରମ୍ଭିକ ସମୟରେ ତବ୍ଲିଗ୍ କରିବାର ପାର୍ଶ୍ୱ ସ୍ୱଷ୍ଟ ରୂପେ ଦୃଷ୍ଟିଗୋଚର ହେଉଥିଲା । (ସେମାନଙ୍କ) ଉନ୍ନତି ସ୍ୱଷ୍ଟ ଭାବରେ ଦୃଶ୍ୟମାନ ହେଉଥିଲା । ପ୍ରାରମ୍ଭରେ କେବଳ ଏକେଶ୍ୱରବାଦ ଓ ହଜୁର ସ.ଅଙ୍କର ନବୀ ହେବା ସ୍ୱୀକାର କରିବା ସହିତ ସୃଷ୍ଟି ସହ ଦୟା ଆଚରଣ କରିବାର ନିର୍ଦ୍ଦେଶ ଦିଆଯାଇଥିଲା । ପରବର୍ତୀ ସମୟରେ ଯେଭଳି ଅଲ୍ଲାଃଙ୍କ ବାଣୀ ଅବତୀର୍ଣ୍ଣ ହେଲା ସେଥିପ୍ରତି ମୁସଲମାନମାନଙ୍କ ଧ୍ୟାନ ଆକର୍ଷିତ କରାଗଲା ।

ସେହିପରି ପ୍ରାରମ୍ଭିକ ସମୟରେ ଜଣ ଜଣକୁ ପ୍ରଚାର କରାଯାଉଥିଲା ଏବଂ ତାହା ମଧ୍ୟ ଗୋପନ ଭାବରେ ନା କି ସର୍ବସାଧାରଣରେ ଉନ୍ମୁକ୍ତ ଭାବରେ । ହଜରତ ଅବୁବକର ର.ଅ ଯେ କି ପ୍ରାରମ୍ଭିକ ମସୟରେ ବିଶ୍ୱାସ ଆଣିଥିଲେ ସେ ମଧ୍ୟ କୁରୈଶର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ (ଇସଲାମର) ବାର୍ତା ପହଂଚାଉଥିଲେ । ଏପରି ଗୋଟିଏ ଗୋଟିଏ ଦ୍ୱିପ ପ୍ରଜ୍ୱଳିତ ହୋଇଚାଲିଲା ।

ନବୁୱତର ତିନି ବର୍ଷ ପରେ ଆପଣଙ୍କୁ ଅଲ୍ଲାଃତାଲା ଆଦେଶ ଦେଲେ **ଫସ୍ଦଅ ବିମା ତୁମର୍ ୱ ଆରିଜ୍ ଅନିଲ୍ ମୁଶରିକିନ୍** (ହିଜର୍-୯୫) ଅର୍ଥାତ ଆପଣଙ୍କୁ ଯେଉଁ ଆଦେଶ ଦିଆଯାଇଛି ବର୍ତମାନ ଆପଣ ତାହାକୁ ସ୍ୱାଧୀନ ଭାବରେ ପ୍ରଚାର କରନ୍ତୁ ଏବଂ ଅମାନ୍ୟକାରୀଙ୍କ ଠାରୁ ବିମୁଖଗାମୀ ଅବଲମ୍ବନ କରନ୍ତୁ ଏଥିସହିତ ଆଦେଶ ଦେଲେ କି ସ୍ୱାଧିନ ଭାବରେ ପ୍ରଚାର କରିବାର ଶୁଭାରମ୍ଭ ନିଜ ସମ୍ପର୍କୀୟମାନଙ୍କଠାରୁ ଆରମ୍ଭ କରନ୍ତୁ । **ୱ ଅନ୍ୟିର୍ ଅଶିରତକାଲ୍ ଅକରବିନ୍** (ଶୋଅରା:୨୧୫) ଅର୍ଥାତ ନିଜ ନିକଟ ସମ୍ପର୍କୀୟମାନଙ୍କୁ ସତର୍କ କର ।

ସୁତରାଂ ଏଥିନିମନ୍ତେ ଆପଣ ଏହି ଯୋଜନା କଲେ କି ସକାଳୁ କୋହେ ସଫା (ସଫା ନାମକ ପାହାଡରେ) ରେ ଚଢି କୁରୈଶର ବିଭିନ୍ନ ଦଳଙ୍କ ନାମ ନେଇ ଡ଼ାକିଲେ କି ହେ ଅବଦୁଲ୍ ମୁତଲିବ୍ଙ୍କ ସନ୍ତାନମାନେ! ହେ ଅବଦୁଲ୍ ମନାଫର

ସନ୍ତାନମାନେ! ହେ କୁସିର ସନ୍ତାନମାନେ ଇତ୍ୟାଦି (ଆରବରେ ଏହି ପ୍ରଥା ପ୍ରଚଳିତ ଥିଲା କି ଯଦି କେହି ଅସୁବିଧାରୁ ମୁକୁଳିବା ନିମନ୍ତେ ଲୋକମାନଙ୍କୁ ଏକତ୍ରିତ କରିବାର ଥାଏ ତେବେ ଏହିପରି ଉଚ୍ଚ ସ୍ୱରରେ ଡ଼ାକରା ଦିଆଯାଇଥାଏ) ତେବେ ଯେତେବେଳେ ବିଭିନ୍ନ ଦଳର ଲୋକେ ହଜୁର ସ.ଆଙ୍କ ଡ଼ାକରା ଶୁଣିଲେ ସେମାନେ ସେଠାରେ ଏକତ୍ରିତ ହୋଇଗଲେ । ହଜୁର ସ.ଆ ତାଙ୍କୁ କହିଲେ-

ମୁଁ ଜଣେ ସତର୍କକାରୀ ଅଟେ । ମୋ ଓ ତୁମ ମଧ୍ୟରେ ପାର୍ଥକ୍ୟ ସେହି ବ୍ୟକ୍ତି ପରି ଯେ ଏକ ଆକ୍ରମଣକାରୀ ଶତ୍ରୁକୁ ଦେଖିବା ପରେ ନିଜ ପରିବାର ବର୍ଗଙ୍କୁ ସର୍ତକ କରେ କିନ୍ତୁ ତାହାକୁ ଏହି ଭୟ ମଧ୍ୟ ଏହିଥାଏ କି ସେମାନେ ତାହାର କଥା ଶୁଣୁବେ ନାହିଁ । ଏବଂ ସେ ଚିତ୍କାର କରି ସମସ୍ତଙ୍କୁ ସାହାଯ୍ୟ ନିମନ୍ତେ ଡ଼ାକିବା ଆରମ୍ଭ କରିଥାଏ ।

ପୁନଃ ଆପଣ କହିଲେ ଯଦି ମୁଁ ତୁମ୍ଭମାନଙ୍କୁ କହେ କି ଏହି ପର୍ବତର ପାଦ ଦେଶରେ ଏକ ସେନାବାହିନୀ ତୁମ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ଅଛି ତେବେ କଣ ତୁମେ ମୋ କଥା ବିଶ୍ୱାସ କରିବ? ସେମାନେ ସମସ୍ତେ ଏକସ୍ୱରରେ କହିଉଠିଲେ କାହିଁକି ନୁହେଁ? ଆମେ ଆଜି ପର୍ଯ୍ୟନ୍ତ ଆପଣଙ୍କୁ ମିଥ୍ୟାବଚନ କହିବାର ଶୁଣି ନାହୁଁ । ଆମେ ସର୍ବଦା ଆପଣଙ୍କୁ ସତ୍ୟବାଦୀ ରୂପେ ପାଇଛୁ । ସେତେବେଳେ ହଜୁର ସ. ଆ କହିଲେ ମୁଁ ତୁମକୁ ଅଲ୍ଲାଃଙ୍କ ମାର୍ଗ ପ୍ରତି ଡ଼ାକରା ଦେଉଅଛି ଏବଂ ତାହାର କୋପରୁ ବଂଚିବାକୁ ଡ଼ରାଉଅଛି ।

ଏହି ବାର୍ତା ଶୁଣିବା ମାତ୍ରେ ଅବୁ ଲହବ୍ କହିଲେ *ତବବାନ୍‌ଲକା ଅଲିହାଜା ଜମଅତନା* ହେ ମହମ୍ମଦ! ତୁମ ଉପରେ (ଅଲ୍ଲାଃ ନକରନ୍ତୁ) ଅଭିଶାପ ପଡ଼ୁ । କଣ ତୁମେ ଏଇଥିପାଇଁ ଆମ ସମସ୍ତଙ୍କୁ ଜମା କରିଥିଲ ଏବଂ ସେ ଉଠିଗଲେ ତାଙ୍କ ପରେ ଅନ୍ୟମାନେ ମଧ୍ୟ ଉଠି ଚାଲିଗଲେ ।

*(ବୁଖାରୀ ବାବ- ୨୫୮)*

ନିଜ ନିକଟ ସମ୍ପର୍କୀୟମାନଙ୍କୁ ପ୍ରଚାର କରିବା ନିମନ୍ତେ ହଜୁର ସ.ଆ ଆଉଏକ ସୁଦୃଢ଼ ଯୋଜନା ପ୍ରସ୍ତୁତ କଲେ କି ସେମାନଙ୍କୁ ଖାଇବା ନିମନ୍ତେ ନିମନ୍ତ୍ରଣ କଲେ ଏବଂ ସେହି ସମୟରେ ଅଲ୍ଲାଃଙ୍କ ବାର୍ତା ପହଂଚାଇଲେ । ଅତଃ ହଜରତ ଅଲୀ ଆଦେଶ ମୁତାବକ ଛେଳୀ ଗୋଡ଼ର୍ ତରକାରୀ ଓ ରୋଟି ପ୍ରସ୍ତୁତ କରି ମୁତଲିବ୍ ବଂଶଧରଙ୍କ ପାଖାପାଖି ୪୦ଜଣ ସଦସ୍ୟଙ୍କୁ ଆମନ୍ତ୍ରଣ କଲେ ଯେଉଁମାନଙ୍କ ମଧ୍ୟରେ ହଜୁର ସ.ଆଙ୍କ ସମସ୍ତ ଚାଚା ଅବୁ ତାଲିବ୍, ହମଜାଃ, ଅବାସ, ଅବୁ ଲହବ୍ ଅସି ସାମିଲ୍ ହୋଇଥିଲେ । ଖାଇବା ପରେ ହଜୁର ସ.ଆ ଯେତେବେଳେ କିଛି କହିବାକୁ ବାହାରିଲେ ସେତେବେଳେ ଆପଣଙ୍କ ଚଚ୍ଚା ଅବୁ ଲହବ୍ ଚିତ୍କାର କରି କହିଲେ ତୁମ ଉପରେ କେହି ଜାଦୁ କରିଦେଇଛନ୍ତି । ଏଥିରେ ସମସ୍ତେ ଉଠି ଚାଲିଗଲେ ।

ହଜୁର ସ.ଆ ହଜରତ ଅଲୀଙ୍କୁ କହିଲେ ପୁନର୍ବାର ନିମନ୍ତ୍ରଣ ଦିଅ । ଅତଏବ ଆଉଥରେ ଖାଇବାର ପ୍ରବନ୍ଧ କରି ଉକ୍ତ ସମସ୍ତ ସମ୍ପର୍କୀୟମାନଙ୍କୁ ଡ଼ାକାଗଲା କିନ୍ତୁ ଏଥର ହଜୁର ସ.ଆ ଖାଇବା ପୂର୍ବରୁ ପ୍ରବଚନ ଦେବା ଆରମ୍ଭ କଲେ-

ହେ ଅବଦୁଲ୍ ମୁତଲିବଙ୍କ ସନ୍ତାନମାନେ! ଅଲ୍ଲାଃଙ୍କ ରାଣ କୌଣସି ଆରବର ଯୁବକ ନିଜ ଗୋଷ୍ଠୀ ନିମନ୍ତେ ଏହାଠାରୁ ବଡ଼ ଓ ଉତମ ସନ୍ଦେଶ ଆଣି ନାହାନ୍ତି, ଯାହା ମୁଁ ତୁମ ନିକଟକୁ ଆଣିଅଛି । ମୁଁ ତୁମ ନିକଟକୁ ଇହ ଓ ପରକାଳର ସଫଳତା ନେଇ ଆସିଅଛି । ମୋତେ ଅଲ୍ଲାଃ ଆଦେଶ ଦେଇଛନ୍ତି କି ତୁମକୁ ତାଙ୍କ ମାର୍ଗଆଡ଼କୁ ଡ଼ାକିବି । ଅତଃ ତୁମମାନଙ୍କ ମଧ୍ୟରୁ କିଏ ଅଛି ଯିଏ ମୋର ସାହାଯ୍ୟ କରିବ । ସମସ୍ତେ ନିରବ ରହିଲେ କିନ୍ତୁ ଜଣେ କମ୍ ବୟସର ବାଳକ ହଜରତ ଅଲୀ ଉଠିଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ନବୀ! ମୁଁ ଉପସ୍ଥିତ ଅଛି କିନ୍ତୁ ବାକି ଲୋକମାନେ ହସିହସି ଉଠିଚାଲିଗଲେ ।

*(ତଫସିରି ତବରୀ ଭାଗ-୯ ପୃ-୪୮୧)*

ତେବେ ଏପର୍ଯ୍ୟନ୍ତ ଏକାକି ଭାବରେ ଅଧିକରୁ ଅଧିକ (ନିଜ) କୁଟୁମ୍ବର ଲୋକମାନଙ୍କୁ ଏକତ୍ର କରି ବାର୍ତା ପହଂଚାଇବାକୁ ଚେଷ୍ଟା କରାଯାଉଥିଲା । କିନ୍ତୁ ବର୍ତମାନ ଏହି ଆବଶ୍ୟକତା ଅନୁଭବ କରାଯାଉଥିଲା କି କୌଣସି (ସ୍ଥାୟୀ) କେନ୍ଦ୍ର ହୁଅନ୍ତା ଯେଉଁଠାରେ ନୂତନ ମୁସଲମାନମାନଙ୍କୁ ଏକତ୍ର କରାଇ ପରସ୍ପର ସହିତ ପରିଚିତ କରାଯାଆନ୍ତା । ସୁତରାଂ ହଜରତ ଅରକମ୍ ବିନ୍ ଅରକମ୍ ଯେ ୧୦ ଜଣଙ୍କ ପରେ ବୟତ କରିଥିଲେ ତାଙ୍କ ଘର ଯାହ କୋହେ ସଫାର ପାଦ ଦେଶରେ ଅବସ୍ଥିତ ଥିଲା । ସେ ତାହାକୁ ଏଥିନିମନ୍ତେ ଅର୍ପଣ କରିଦେଲେ ଯାହାକୁ ମୁସଲମାନମାନଙ୍କ ପ୍ରଥମ ଦାରୁଲ୍ ତବଲିଗ୍ (ପ୍ରଚାର କେନ୍ଦ୍ର)ର ସୌଭାଗ୍ୟ ଅର୍ଜନ ହୋଇଥିଲା । ସେହି ଘରକୁ ହଜରତ ଉମର ର.ଅ ହଜୁର ସ.ଆଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆସିଥିଲେ ରାସ୍ତାରେ ନିଜ ଭଉଣୀ ଓ ଭିଣୋଇ ଯେ କି ମୁସଲମାନ ହୋଇସାରିଥିଲେ ତାଙ୍କ ସହ ତର୍କବିତର୍କରେ ପଡ଼ିଗଲେ ସେମାନଙ୍କଠାରୁ ସୁରେ ତ୍ୱାହାର କିଛି ପଂକ୍ତି ଶୁଣିବା ପରେ ତାଙ୍କ ହୃଦୟ ଏପରି ନରମ ହୋଇଗଲାକି ସେଠାରୁ ଉଠି ସିଧା ଦାରୁଲ୍ ଅରକମ୍ ପହଂଚିଲେ ଏବଂ ହଜୁର ସ.ଆଙ୍କ ପବିତ୍ର ହାତରେ ବୟତ କରିନେଲେ । ଅତଃ ହଜରତ ଉମର ର.ଅ ଜଣେ ସାହାସି, ବଳବାନ ଓ ସମ୍ମାନନୀୟ ବ୍ୟକ୍ତି ଥିଲେ ତାଙ୍କର ମୁସଲମାନ ହେବାରେ ମୁସଲମାନମାନେ ମୁକ୍ତ ଭାବରେ ନାରା ତକବିରର ଶ୍ଲୋଗାନ ଦେଲେ ଏବଂ ଖୋଲାଖୋଲି ଭାବରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଲେ ।

*(ସିରତୁନ୍ ନବୁଓ୍ୱତ୍ ଭାଗ-୧ ପୃ-୩୪୩)*

ବର୍ତମାନ ମୁକ୍ତ ଭାବରେ ପ୍ରଚାର କରିବା ଯୋଗୁଁ ଜଣେ ଜଣେ ତଥା ଦୁଇଦୁଇ ଜଣ ଲେଖାଏଁ କ୍ରୀତଦାସ ଓ ସ୍ୱାଧିନ ଲୋକେ ମୁସଲମାନ ହେବା ଆରମ୍ଭ କରିଦେଲେ ଏହିପରି ଗୋଟିଏ ଜମାଅତ ଗଠନ ହୋଇଗଲା । ଏତଦ୍ୱାରା କୁରୈଶ୍ ମକ୍କାବାସୀଙ୍କୁ ନିଜ ସରଦାରୀ ହାତରୁ ଚାଲି ଯିବାର ଭୟ ଲାଗିବା ଦୃଶ୍ୟମାନ ହେଲା । ସୁତରାଂ ଦିନେ ଅବୁ ଜହଲ୍ କୁରେଶର ସରଦାରମାନଙ୍କ ବୈଠକରେ କହିଲା ମହମ୍ମଦ ସ.ଆଙ୍କ ମମାଲା ଦିନକୁ ଦିନ ବଢ଼ିଚାଲିଛି । ଅତଏବ ସେମାନେ ଯୋଜନା ବଦ୍ଧ ଭାବରେ ବିରୁଦ୍ଧାଚରଣ କରିବା ଆରମ୍ଭ କରିଦେଲେ କେବଳ କଥାରେ ନୁହେଁ ବରଂ ଶାରୀରିକ ଯନ୍ତ୍ରଣା ଦେବା ଆରମ୍ଭ କରିଦେଲେ । ଯେଉଁ କ୍ରିତଦାସମାନେ ଥିଲେ ସେମାନଙ୍କ ଉପରେ ତାଙ୍କ ମାଲିକମାନେ ଅତ୍ୟାଚାରର ସୀମା ଟପିଗଲେ ଏବଂ ଯେଉଁମାନେ ସ୍ୱାଧିନ ଥିଲେ ତଥା ଗୋଷ୍ଠୀରେ ସେମାନଙ୍କର ମର୍ଯ୍ୟାଦା ଥିଲା ସେମାନଙ୍କୁ ମଧ୍ୟ ଭିନ୍ନ ଭିନ୍ନ କିସମର କଷ୍ଟ ସହ୍ୟ କରିବାକୁ ପଡୁଥିଲା ହଜୁର ସ.ଆ ଉକ୍ତ ଅମାନ୍ୟକାରୀଙ୍କ ମୂଖ୍ୟ ଲକ୍ଷ ଥିଲେ । ଏକଦା ହଜୁର ଖାନା କାବାରେ ନମାଜ ପାଠ କରୁଥିଲେ ଏତିକି ବେଳେ ମଳରେ ଭରା ଓଟର ଅନ୍ତବୁଜୁଳି ଆଣି ଆପଣଙ୍କ ପିଠି ଉପରେ ଲଦି ଦେଇ ଉଚ୍ଚ ସ୍ୱରରେ ହସିବାକୁ ଲାଗିଲେ । ପୁଣି କଦାଚିତ୍ ଚଦରରେ ଗଳା ଚିପି ହତ୍ୟା କରିବାକୁ ଚେଷ୍ଟା କରାଗଲା । ଅନେକ ଥର ବିଷ ଦେଇ ହତ୍ୟା କରିବାକୁ ଚେଷ୍ଟା କରାଗଲା । ରାସ୍ତାରେ ଯାଉଥିବା ବେଳେ ଆପଣଙ୍କ ଉପରେ ଅଳିଆ ଫିଙ୍ଗିବା ଓ କଟୁ ଭାଷାରେ ହୃଦୟକୁ ଆଘାତ କରିବା ତ ସେମାନଙ୍କର ନିତିଦିନିଆ କାର୍ଯ୍ୟ ଥିଲା ।

ସେ ଯାହା ହେଉ ନା କାହିଁକି ୧୩ ବର୍ଷର ମକ୍କା ଜୀବନୀ ଅମାନ୍ୟକାରୀଙ୍କ ବିରୁଦ୍ଧାଚରଣ, ଯନ୍ତ୍ରଣା ଏବଂ ହିଂସ୍ର ପରି ଅତ୍ୟାଚାରର ଦୀର୍ଘ ସମୟ ଯାହାକି ଏହି ଅବସରରେ ଶୁଣାଇବା ସମ୍ଭବ ନୁହେଁ ।

କିନ୍ତୁ ଏଠାରେ ଏହି ଚର୍ଚ୍ଚା କରିବା ଆବଶ୍ୟକ କି ହଜୁର ସ.ଆଙ୍କ ଚାଚା ଅବୁତାଲିବ୍ ଯଦିଓ ଆପଣଙ୍କ ଆନୁଗତ୍ୟ ସ୍ୱୀକାର କରିନଥିଲେ କିନ୍ତୁ ନିଜ ପୁତୁରାର ପୁଣ୍ୟ, ସାଧନା ଓ ଧର୍ମପ୍ରଚାରରେ ନିଷ୍ଠାପୂର୍ଣ୍ଣ ଉତ୍ସାହ ଦେଖି ପ୍ରଭାବିତ ଥିଲେ । ସେଥିପାଇଁ ସେ ଆପଣଙ୍କୁ ସାହାଯ୍ୟ କରିବା ନିମନ୍ତେ ଅଂଟା ଭିଡ଼ି ଛିଡ଼ା ହୋଇଥିଲେ । ଯାହାଫଳରେ କୁରେଶ ଆପଣଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାରୁ ଦୂରେଇ ରହିଥିଲା । ଶେଷରେ ସେମାନେ ଅବୁ ତଲହାଙ୍କୁ ହଜୁର ସ.ଆଙ୍କ ସହାଯ୍ୟ ସହଯୋଗ କରିବାରୁ ନିବୃତ୍ତ ରହିବାକୁ ଡ଼ରାଇଲେ । ଅତଃ କୁରେଶର ମାନ୍ୟଗଣ ବ୍ୟକ୍ତିମାନେ ଅବୁ ତାଲିବଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ-

ବର୍ତମାନ ମାମଲା ସୀମା ଲଙ୍ଘନ କରିଗଲାଣି ଏବଂ ଆମକୁ ଅପବିତ୍ର, ଦୁଷ୍ଟ, ମନ୍ଦ ଓ ସଇତାନର ସନ୍ତାନ କୁହାଯାଉଅଛି ଏବଂ ଆମ ଉପାସ୍ୟମାନଙ୍କୁ ନର୍କର ଇନ୍ଧନ କୁହାଯାଉଅଛି । ଆମ ଗୁରୁଜନମାନଙ୍କୁ ଅଜ୍ଞାନ କହି ସମ୍ବୋଧନ କରାଯାଉଅଛି । ତେଣୁ ବର୍ତମାନ ଆମେ ଧୈର୍ଯ୍ୟ ରକ୍ଷା କରିପାରିବୁ ନାହିଁ । ଯଦି ତୁମେ ତାଙ୍କର ସାଥ୍ ଛାଡ଼ିବ ନାହିଁ ତେବେ ଆମେ ମଧ୍ୟ (ତୁମ ସହ ସମାନ ଆଚରଣ କରିବାକୁ) ବାଧ୍ୟ ହେବୁ । "ଅବୁ ତାଲିବ ହଜୁର ସ.ଆଙ୍କୁ ଡ଼ାକାଇ କହିଲେ- ହେ ମୋ ପୁତରା! ବର୍ତମାନ ତୁମ ଅପନିନ୍ଦାରେ ଗୋଷ୍ଠୀ ଅତ୍ୟନ୍ତ ଉତ୍ୟକ୍ତ ହୋଇଗଲେଣି ଏବଂ ଅସମ୍ଭବ ନୁହେଁ କି ସେମାନେ ତୁମ ସହିତ ମୋତେ ମଧ୍ୟ ହତ୍ୟା କରିଦେବେ । ତୁମେ ସେମାନଙ୍କ ଜ୍ଞାନୀମାନଙ୍କୁ ମୂର୍ଖ କହିଲ ଏବଂ ସେମାନଙ୍କ ଗୁରୁଜନମାନଙ୍କୁ ଦୁଷ୍ଟ କହିଲ ଏବଂ ତାଙ୍କ ସମ୍ମାନୀୟ ପ୍ରତିମା ଗୁଡ଼ିକର ନାମ ନର୍କର ଇନ୍ଧନ ରଖିଲ ତଥା ସେମାନଙ୍କୁ ଅପବିତ୍ର ଓ ସଇତାନର ସନ୍ତାନ କହିଲ । ମୁଁ ତୁମ ଶୁଭକାମନା କରି କହୁଅଛି ଓ ସତର୍କ କରାଇ ଦେଉଅଛି କି ନିଜ କଥାକୁ ଏଥି ମଧ୍ୟରେ ସୀମିତ ରଖ ଏବଂ ଏସବୁ ଅପନିନ୍ଦା କରିବାରୁ ନିବୃତ ରୁହ । ନଚେତ୍ ମୁଁ (ତୁମ ପାଇଁ) ସମ୍ପ୍ରଦାୟର ମୁକାବିଲା କରିବାର ସାମର୍ଥ୍ୟ ରଖୁ ନାହିଁ । ହଜୁର ସ.ଆ ତାଙ୍କୁ ଉତର ଦେଇ କହିଲେ-

ହେ ଚାଚା! ଏହା ଅପନିନ୍ଦା ନୁହେଁ ବରଂ ସତ୍ୟର ପରିପ୍ରକାଶ ଅଟେ ଏବଂ ଉଚିତ୍ ସ୍ଥାନରେ ଉଚିତ୍ କଥା କହିବା ଅଟେ ଏବଂ ଏହି କାର୍ଯ୍ୟ ନିମନ୍ତେ ମୁଁ ପ୍ରେରିତ । ଯଦି ଏଥିରେ ମୋତେ ମୃତ୍ୟୁ ମିଳେ ତେବେ ମୁଁ ଖୁସିର ସହିତ ତାହାକୁ ସ୍ୱୀକାର କରିବି । ମୋ ଜୀବନ ଏହି ମାର୍ଗରେ ଉତ୍ସର୍ଗ ମୁଁ ମୃତ୍ୟୁ ଭୟରେ ସତ୍ୟର ପ୍ରକାଶ କରିବାରୁ ନିବୃତ ରହିପାରିବି ନାହିଁ । ହେ ମୋର ଚଚା! ଯଦି ତୁମକୁ ନିଜ ଦୁର୍ବଳତା ଓ ସମସ୍ୟାରେ ପଡ଼ିବାର ଚିନ୍ତା ରହିଛି ତେବେ ମୋତେ ନିଜ ସାହାଯ୍ୟ ସହଯୋଗରୁ ପ୍ରଦାନ କରିବାରୁ ବଂଚିତ ରଖ । ଅଲ୍ଲାଃଙ୍କ ରାଣ ଯଦି ମୁଁ ଏହି ମାର୍ଗରେ ହତ୍ୟା କରାଯାଏ ତେବେ ମୁଁ ସର୍ବଦା କାମନା କରିବି କି ବାରମ୍ବାର ଏହି ମାର୍ଗରେ ଜୀବିତ ହୋଇ ମୃତ୍ୟୁ ବରଣ କରେ । ଏହା ଭୟ କରିବାର ସ୍ଥାନ ନୁହେଁ ବରଂ ଏହି ମାର୍ଗରେ ଦୁଃଖ ସହ୍ୟ କଲେ ମୋତେ ଅସିମୀତ ଆନନ୍ଦ ପ୍ରାପ୍ତ ହେଉଅଛି ।

ହଜୁର ସ.ଆ ଏହା ଅଭିଭାଷଣ ଦେବା ସମୟରେ ଆପଣ ସ:ଆ:ସଙ୍କ ମୁଖମଣ୍ଡଳ ସତ୍ୟଆଲୋକରେ ଝଲସୁଥିଲା । ଯେତେବେଳେ ଆପଣ ନିଜ କଥା ରଖିନେଲେ ସେତେବେଳେ ସତ୍ୟର ଆଲୋକ ଦେଖି ଅବୁତାଲିବଙ୍କ ଚକ୍ଷୁରୁ ଧାର ଧାର ଲୁହ ଝରିପଡ଼ିଲା ଏବଂ କହିଲେ ମୁଁ ତୁମର ଏହି ଉଚ୍ଚାକାଂକ୍ଷୀ ଓ ପଦମର୍ଯ୍ୟାଦାକୁ ଜାଣିନଥିଲି । ତୁମର ରଙ୍ଗ ଅନ୍ୟ ପ୍ରକାର ଓ ସ୍ତର ହେଉଛି ଅଲଗା ଅର୍ଥାତ୍ ବହୁ ଉର୍ଦ୍ଧ ସ୍ତରରେ ଅବସ୍ଥିତ ରହିଛ ।

ଯାଅ ! ନିଜ କାମ କରିଚାଲ ଯେପର୍ଯ୍ୟନ୍ତ ମୁଁ ଜୀବିତ ରହିଛି ଏବଂ ଯେପର୍ଯ୍ୟନ୍ତ ମୋର ଶକ୍ତି ସାମର୍ଥ୍ୟ ମୁଁ ତୁମ ସହିତ ଅଛି ।

ନିଷ୍ପାପର ପ୍ରେମୀ ହଜରତ ମସିହ ମଉଦ ଆ.ସ ନିଜ ପୁସ୍ତକ ଅଜାଲାଃ ଔହାମ ଭାଗ-୧ ପୃଷ୍ଠା-୧୦,୧୧ରେ ଏହି ଘଟଣା ଏବଂ କଥନ ଦରଜ କରି ଫୁଟ୍‌ନୋଟ୍‌ସରେ ଲେଖିଲେ-

ଏସବୁ ବିଷୟ ଅବୁତାଲିବଙ୍କ ଜୀବନି ଯଦିଓ ପୁସ୍ତକରେ ଦରଜ ଅଛି କିନ୍ତୁ ଏସମସ୍ତ ତଥ୍ୟ ଐଶ୍ୱରିକବାଣୀ ଅଟେ ଯାହାକି ଅଲ୍ଲାଃତାଲା ଏହି ଅଧମର ହୃଦୟରେ ଅବତିର୍ଣ୍ଣ କଲେ କେବଳ କିଛି ପଦ ବ୍ୟାଖ୍ୟା କରିବା ଉଦ୍ଦେଶ୍ୟରେ ଅଧମ ଦରଜ କରୁଅଛି- **ସୁବ୍‌ହାନଲ୍ଲାହି ଓ୍ୱବିହମ୍ଦିହି ସୁବ୍‌ହାନଲ୍ଲାହିଲ୍ ଅଜିମ୍ ଅଲ୍ଲାଃହୁମ୍ମା ସୋଲେଆଲା ମୁହମ୍ମଦିନ୍ ଓ୍ୱ ଆଲେ ମୁହମ୍ମଦ୍ ।**

ତେବେ ସେ ଯାହା ହେଉ କୁରେଶର ସରଦାରମାନଙ୍କ ଏହି ଚେଷ୍ଟା ଯେତେବେଳେ ନିରର୍ଥକ ସାବ୍ୟସ୍ତ ହେଲା ସେତେବେଳେ ସେମାନେ ହଜୁର ସ.ଆ ଓ ଆପଣଙ୍କ ଉଭୟ ସ୍ୱାଧିନ ଓ କ୍ରିତଦାସ ସାହାବା ମକ୍କାବାସୀଙ୍କ ଅଧିକରୁ ଅଧିକ ଅନ୍ୟାୟ ଅତ୍ୟାଚାରର ଶିକାର ହେଲେ । ଏପରିକି ଆପଣ କେତେକ ସାହାବାଙ୍କ ଅଭାବ ଅନାଟନ ଦେଖି ସେମାନଙ୍କୁ ହବଶା ପଳାୟନ କରିବାର ନିର୍ଦ୍ଦେଶ ଦେଲେ କିନ୍ତୁ ସ୍ୱଂୟ ସେମାନଙ୍କ ଅତ୍ୟାଚାରର ଶିକାର ହେଉଥିଲେ । ଯେତେବେଳେ ସେମାନେ ଦେଖିଲେ କି ହଜରତ ହମଜାଃ ଓ ହଜରତ ଉମର ର.ଅଙ୍କ ପରି ମାନ୍ୟଗଣ ବ୍ୟକ୍ତମାନେ ଇସଲାମ ସ୍ୱୀକାର କରୁଛନ୍ତି ଏବଂ ଏହି ମାମଲା ପ୍ରତିଦିନ ବଢିଚାଲିଛି ସେତେବେଳେ କୁରେଶ୍ର ସରଦାରମାନେ ପରସ୍ପର ସହ ପରାମର୍ଶ କରି ନିଷ୍ପତି ନେଲେ କି ହଜୁର ସ.ଆ ଓ ବନୁ ହାଶିମ, ବନୁ ମୁତଲିବ୍‌ର ସମସ୍ତ ସଦସ୍ୟଙ୍କୁ ବାଛନ୍ଦ କରିଦେବା ଏବଂ ଏପରି ସମ୍ପୂର୍ଣ୍ଣ ରୂପେ ବାଛନ୍ଦ କରିବାର ପ୍ରତିଶ୍ରୁତିନାମା ପ୍ରସ୍ତୁତ କରି ସମସ୍ତ ବଡ଼ ବଡ଼ ସରଦାରମାନଙ୍କ ହସ୍ତାକ୍ଷର କରାଇ ନେଇ କାବାର କାନ୍ଥରେ ଲଟକାଇ ଦିଆଗଲା । ପରିଣାମ ସ୍ୱରୂପ କୁରେଶର ଦୁଇ ବଡ଼ ଗୋଷ୍ଠୀ ବନୁ ହାଶିମ୍ ଓ ବନୁ ମୁତଲିବ୍ ଶୋଏବେ ଅବୁ ତାଲିବ୍ ଯାହାକି ଏକ ପାହାଡ଼ିଆ ଅଂଚଳ ଥିଲା, ତା ଭିତରେ କଏଦୀ ହୋଇ ରହିଗଲେ । ତିନି ବର୍ଷ ପର୍ଯ୍ୟନ୍ତ ଏହି ସାମାଜିକ ବାଛନ୍ଦର କଷ୍ଟ ସହ୍ୟ କଲେ । ଶେଷରେ ୧୦ ନବଓ୍ୱୀରେ ହଜୁର ସ.ଆଙ୍କର ଗୋଟିଏ ଦିବ୍ୟ ସ୍ୱପ୍ନ ଆଧାରରେ ଦେଖାଗଲା କି ଉକ୍ତ ପ୍ରତିଶ୍ରୁତି ନାମାରେ କେବଳ ଅଲ୍ଲାଃଙ୍କ ନାମ ବ୍ୟତୀତ ସମସ୍ତ ଲେଖାକୁ ଉଈ ଖାଇ ନଷ୍ଟ କରିଦେଇଛି ସେତେବେଳେ କେତେକ ମାନ୍ୟଗଣ ବ୍ୟକ୍ତିଙ୍କ କହିବାରୁ ଉକ୍ତ ବାଛନ୍ଦକୁ ଉଠାଇ ଦିଆଗଲା ।

*(ସିରତୁନ୍ ନବୁଓ୍ୱା ଭାଗ- ୧ ପୃଷ୍ଠା-୩୫୦)*

ଉକ୍ତ ତିନି ବର୍ଷର ବାଛନ୍ଦ ଓ ଯନ୍ତ୍ରଣାରୁ ମୁକ୍ତ ହେବା ସଙ୍ଗେସଙ୍ଗେ ୧୧ନବଓ୍ୱୀରେ ହଜୁର ସ.ଆଙ୍କ ଚଚା ଅବୁତାଲିବ୍ ଏବଂ କିଛିଦିନ ବ୍ୟବଧାନରେ ଆପଣଙ୍କ ପତ୍ନୀ ହଜରତ ଖଦିଜାଃଙ୍କର ଦେହାନ୍ତ ଘଟିଲା । ଅବୁ ତାଲିବ୍‌ଙ୍କ ଦେହାନ୍ତ ପରେ ହଜୁର ସ.ଆଙ୍କ ଉପରେ ଅତ୍ୟାଚାର ଅଧିକ ବଢିଗଲା କିନ୍ତୁ ଆପଣ ସେହି କଷ୍ଟ ଓ ଅତ୍ୟାଚାରକୁ ତିଳେ ହେଲେ ଖାତିର କରୁନଥିଲେ ଯଦି କୌଣସି ଚିନ୍ତା ଥିଲା ତେବେ ତାହା କେବଳ ଇସଲାମ ପ୍ରଚାର କରିବାର ଚିନ୍ତା ଥିଲା ଏବଂ ଯେଉଁ ଦିନ କେହି (ଆପଣଙ୍କ) କଥା ଶୁଣିବାକୁ ମିଳୁନଥିଲେ ସେହିଦିନ ଆପଣଙ୍କୁ ବୋଝ ପରି ଲାଗୁଥିଲା ।

ସୁତରାଂ ଐଶ୍ୱରିକବାଣୀ ଶୁଣାଇବା ନିମନ୍ତେ ଆପଣ ଏକ ଖସଡ଼ା ପ୍ରସ୍ତୁତ କଲେ କି ମକ୍କାର ଆଖପାଖ ଅକାଯ, ଜୁଲ୍‌ମଜାଯ ଏବଂ ମଜନାଃରେ ମେଳା ଲାଗୁଥିଲା । ଅତଃ ଆପଣ ସେହି ମେଳାକୁ ଚାଲିଯାଉଥିଲେ ଏବଂ ଯିଏ ମିଳୁଥିଲା ତାହାକୁ ଅଲ୍ଲାଃଙ୍କ ବାର୍ତ୍ତା ଶୁଣାଉଥିଲେ ।

ରବିୟା ବିନ୍ ଅବାଦ ବର୍ଣ୍ଣନା କରିଛନ୍ତି କି ମୁଁ ହଜୁର ସ.ଆଙ୍କୁ ଜୁଲ୍ ମଜାୟର ମେଳାରେ ଦେଖିବାକୁ ପାଇଲି । ଆପଣ ଲୋକମାନଙ୍କୁ ଅଲ୍ଲାଃଙ୍କ ମାର୍ଗଆଡକୁ ଡ଼ାକି ଦେଉଥିଲେ ଏବଂ କହୁଥିଲେ କି ହେ ଲୋକମାନେ ! କୁହ ଅଲ୍ଲାଃଙ୍କ ବ୍ୟତୀତ କେହି ଉପାସ୍ୟ ନାହିଁ ତେବେ ତୁମେ ମୁକ୍ତି ଲାଭ କରିବ । ଅଲ୍ଲାଃ ତୁମମାନଙ୍କୁ ଆଦେଶ ଦେଉଛନ୍ତି କି ତୁମେ ତାଙ୍କର ଉପାସନା କର ଏବଂ ତାଙ୍କ ସହ କାହାରିକୁ ସମତୁଲ୍ୟ କର ନାହିଁ ଓ ଜାଣି ରଖ ମୁଁ ତୁମ ପାଇଁ ତାଙ୍କ ନିକଟର ଦୂତ ହୋଇଆସିଅଛି । ଯେଉଁସ୍ଥଳେ ଆପଣ ବାର୍ତ୍ତା ପହଂଚାବାରେ ବ୍ୟସ୍ତ ଥିଲେ ସେଠାରେ ଅବୁ ଜହଲ୍ ଓ ଅବୁ ଲହବ୍ ମଧ୍ୟ ବିରୁଦ୍ଧାଚରଣରେ ସ୍ୱର ଉତଳନ କରିଚାଲିଥିଲେ ଏବଂ ଲୋକମାନଙ୍କୁ ପଥଭ୍ରଷ୍ଟ କରିବା ଉଦ୍ଦେଶ୍ୟରେ କହୁଥିଲେ କି ମହମ୍ମଦ କଥା ଶୁଣ ନାହିଁ, ସେ ତୁମକୁ ତୁମର ଧର୍ମଭ୍ରଷ୍ଟ କରିଦେବ ସେ ଜଣେ ମିଥ୍ୟାବାଦୀ ଅଟେ ।

ସମ୍ମାନୀୟ ଶ୍ରୋତାଗଣ ! ହଜୁର ସ.ଆଙ୍କ ଧର୍ମପ୍ରଚାରରେ ତାଇଫ ଯାତ୍ରାର ଚର୍ଚ୍ଚା ନକଲେ ବିଷୟବସ୍ତୁଟି ଅସମ୍ପୂର୍ଣ୍ଣ ରହିଯିବ । ମକ୍କାଠାରୁ ୪୦ମାଇଲ୍ ଦୂରରେ ଅବସ୍ଥିତ ତାଇଫ୍ ବସ୍ତିକୁ ହଜୁର ସ.ଆ ନିଜର ଜଣେ ସ୍ୱାଧିନ କ୍ରୀତଦାସ ଜଏଦଙ୍କୁ ସାଥିରେ ନେଇ ପହଂଚିଗଲେ ଯେଉଁଠାରେ ଅନ୍ୟାନ୍ୟ ମାନ୍ୟଗଣ ବ୍ୟକ୍ତିଙ୍କ ବ୍ୟତୀତ ଶକିଫ୍ କବିଲାର ତିନି ଜଣ ସରଦାର ଉପସ୍ଥିତ ଥିଲେ ଯାହାଙ୍କ ସହ ହଜୁର ସ.ଆଙ୍କ ଅଜା ଘର ସମ୍ପର୍କ ଥିଲା । ହଜୁର ତାଙ୍କୁ ଇସଲାମ ସ୍ୱୀକାର କରିବାର ନିମନ୍ତ୍ରଣ ଦେଲେ ଏବଂ କୁରେଶ୍ ମକ୍କାଙ୍କ ଅତ୍ୟାଚାରର ଚର୍ଚ୍ଚା କରି ସାହାଯ୍ୟ କାମନା କଲେ । ଏହା ଶୁଣି ଜଣେ ସରଦାର କହିଲା "ଯଦି ତୁମକୁ ଅଲ୍ଲାଃ ଅବତାର କରି ପ୍ରେରଣ କରିଛନ୍ତି ତେବେ ସେ କାବାର ପର୍ଦ୍ଦା ଫାଡୁଅଛି" ଆଉ ଜଣେ କହିଲେ "କଣ ଅଲ୍ଲାଃଙ୍କୁ ତୁମ ବ୍ୟତୀତ ଅନ୍ୟ କେହି ରସୁଲ୍ ମିଳିଲେ ନାହିଁ ଯାହାଙ୍କୁ ସେ ପ୍ରେରଣ କରିଥାନ୍ତେ" ତୃତୀୟ ବ୍ୟକ୍ତି କହିଲା "ଅଲ୍ଲାଃଙ୍କ ରାଣ ! ମୁଁ ତ ତୁମ ସହ କଥାବାର୍ତ୍ତା କରିବାକୁ ପସନ୍ଦ କରୁ ନାହିଁ "... *(ଇବନେ ହଶାମ୍ ଭାଗ-୧ ପୃଷ୍ଠା-୪୧୯)* ଏବଂ କହିଲେ ଏହି ବସ୍ତିରୁ ସଙ୍ଗେସଙ୍ଗେ ବାହାରି ଯାଅ ଏବଂ କେବଳ ଏତିକିରେ ଅଟକିଗଲେ ନାହିଁ ବରଂ କେତେକ କ୍ରୀତଦାସ ଓ ଦୁଷ୍ଟ ଯୁବକଙ୍କୁ ଆପଣଙ୍କ ପଛରେ ଲଗାଇ ଦେଲେ ଯେ ଆପଣଙ୍କୁ ଗାଳି ଦେବା ଓ ଅଭାଷା କହିବା ଦ୍ୱାରା ଆପଣଙ୍କ ଚର୍ତୁପାଶ୍ୱରେ ଲୋକେ ଜମା ହୋଇଗଲେ ଯେଉଁମାନେ ଆପଣଙ୍କ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇ ଆପଣଙ୍କ ଉପରେ ପଥର ବର୍ଷଣ କରିବା ଆରମ୍ଭ କରିଦେଲେ । ହଜରତ ଜଏଦ ହଜୁରଙ୍କ ସମ୍ମୁଖରେ ଢାଲ ସଦୃଶ ଛିଡ଼ା ହୋଇ ରକ୍ଷା କରିବାକୁ ଚେଷ୍ଟା କଲେ କିନ୍ତୁ ସେ ଏକାକି କିଭଳି ବା ଏହାର ମୁକାବିଲା କରିପାରିଥାନ୍ତେ । ହଜୁର ସ.ଆଙ୍କ ଗୋଡ଼ ରକ୍ତରେ ଜୁଡୁବୁଡୁ ହେବା ସହିତ ଆପଣଙ୍କ ଜୋତା ରକ୍ତରେ ଭରିଗଲା ଏବଂ ଜଏଦଙ୍କୁ ମଧ୍ୟ ଗଭୀର ଆଘାତ ଲାଗିଥିଲା । ଉକ୍ତ ଅତ୍ୟାଚାରୀମାନେ ସେତେବେଳେ ପଛକୁ ଫେରିଲେ ଯେତେବେଳେ ହଜୁର ଉତବାଃ ଓ ଶୈବାଃଙ୍କ, ଯେଉଁମାନେ ମକ୍କାର ସରଦାରଙ୍କ ଥିଲେ, ତାଙ୍କ ଅଙ୍ଗୁର ବଗିଚାରେ ସରଣ ନେଲେ ।

କହିବାକୁ ଗଲେ ତାଇଫ୍ ଦିନ ଆମ ପ୍ରିୟ ନବୀ ହଜରତ ମହମ୍ମଦ ସ.ଆଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ ଦିନ ଥିଲା । ହଜରତ ଆଏଶା ର.ଆ ଏକଦା ହଜୁର ସ.ଆଙ୍କୁ ପଚାରିଲେ କି ଓ୍ୱହଦର ଦିନ ଠାରୁ ବଳି କଠିନ୍ ଦିନ ଆପଣଙ୍କ ଉପରେ ଆସିଛି (ଓ୍ୱହଦ ଯୁଦ୍ଧରେ ଆପଣଙ୍କ ପବିତ୍ର ଦାନ୍ତ ଶହିଦ୍ ହୋଇଥିଲା ଏବଂ ମୁଖମଣ୍ଡଳ ମଧ କ୍ଷତ ହୋଇଥିଲା) ହଜୁର ସ.ଆ କୁହନ୍ତି ଆଏଶା ! ମୋତେ ତୁମ ଜାତିଭାଇଙ୍କ ଠାରୁ ଅନେକ କଷ୍ଟ ସହ୍ୟ କରିବାକୁ ପଡ଼ିଛି କିନ୍ତୁ ସବୁଠାରୁ ବଳି କଷ୍ଟ ତାଇଫ୍ ଯାତ୍ରାରେ ପହଂଚିଥିଲା । ସେତେବେଳେ ମୁଁ ଅଚେତ ହେବାପରି ଭୟଙ୍କର ଅବସ୍ଥାରେ ଆଗକୁ ବଢିଚାଲି ଥିଲି । ସେହିସମୟରେ ଦେଖୁଥିଲି କି ଗୋଟିଏ ବାଦଲ ମୋତେ ଘୋଡାଇ ତାର ନିଜ ଛାଇତଳେ ରଖିଛି । ସେତେବେଳେ ପାହଡ଼ର ଦେବଦୂତ ମୋତେ ସଲାମ କରି କହିଲେ ମୁଁ ପାହଡ଼ର ଦେବଦୂତ ଅଟେ ମୋତେ ଆପଣଙ୍କ ଈଶ୍ୱର ପ୍ରେରଣ କରିଛନ୍ତି କି ଆପଣ ଯାହା ଆଦେଶ କରିବେ ତାହାକୁ ମୁଁ ପାଳନ କରିବି । ହେ ମହମ୍ମଦ ସ.ଆ ! କଣ ଆପଣ ଚାହିଁଛନ୍ତି କି ମୁଁ ଉକ୍ତ ବସ୍ତିକୁ ତାହାର ଉଭୟ ପାର୍ଶ୍ୱରେ ଥିବା ପାହାଡ଼ ଦ୍ୱୟ ଦ୍ୱାରା ଧ୍ୱଂସ କରିଦେବି । ହଜୁର ସ.ଆ କହିଲେ- ନା ନା ଏପରି କରିବ ନାହିଁ ! ମୋର ଆଶା କି ଅଲ୍ଲାଃତାଲା ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରେ ଏପରି ଲୋକଙ୍କୁ ସୃଷ୍ଟି କରିବେ ଯେ ଏକ ଅଲ୍ଲାଃଙ୍କର ଉପାସନା କରିବେ ଏବଂ ତାଙ୍କ ସହ କାହାରିକୁ ସମତୁଲ୍ୟ କରିବେ ନାହିଁ ।

*(ବୁଖାରୀ ବଦଉଲ୍ ଖଲ୍‌କ୍, ଖଣ୍ଡ-୭)*

ସମ୍ମାନୀୟ ଶ୍ରୋତାଗଣ ! ହଜରତ ମହମ୍ମଦ ସ.ଆଙ୍କ ହୃଦୟ ଧର୍ମପ୍ରଚାର ନିମନ୍ତେ ଯେଭଳି ଉତ୍ସାହିତ ଥିଲା ଏବଂ ମକ୍କାର ଅମାନ୍ୟକାରୀମାନେ ବିଶ୍ୱାସ ନଆଣିବା ଯୋଗୁଁ ଆପଣଙ୍କୁ ଯେଭଳି ଦୁଃଖ ଓ କଷ୍ଟ ପହଂଚିଥିଲା ତାହାର ଅବସ୍ଥା କେବଳ ସର୍ବଜ୍ଞ ଅଲ୍ଲାଃ ହିଁ ଜାଣନ୍ତି । ଅତଏବ ଅଲ୍ଲାଃତାଲା ଆପଣଙ୍କ ହୃଦୟ ବେଦନାର ନକ୍ସା କିଛି ଏଭଳି ଆକାରରେ ଟାଣିଛନ୍ତି *ଲାଅଲ୍ଲକା ବାଖିଉଁ ନଫସକା ଅଲ୍ଲା ୟକୁନୁ ମୁମିନିନ୍* (ଶୋଅରା-୪) ଅର୍ଥାତ ହେ ମହମ୍ମଦ ! କଣ ସେମାନେ ମୋମିନ୍ ନହେବା କାରଣରୁ ତୁମେ ନିଜ ଜୀବନ ଧ୍ୱଂସ କରିଦେବ ।

ହଜରତ ମହମ୍ମଦ ସ.ଆଙ୍କ ତାଇଫ ଯାତ୍ରାରେ ଅଲ୍ଲାଃଙ୍କ ମାର୍ଗରେ ଯେଉଁ ଅତ୍ୟାଚାର ଓ କଷ୍ଟ ସହ୍ୟ କରିଥିଲେ ତାହାର ପରିଣାମ ୧୨ବର୍ଷ ପରେ ବାହାରିଲା । ସୁତରାଂ ୯ହିଜରୀରେ ଯେତେବେଳେ ହଜୁର ସ.ଆ ତବୁକ୍ ଯୁଦ୍ଧରୁ ଫେରୁଥିଲେ ସେତେବେଳେ ତାଇଫର ଜଣେ ସରଦାର ନିଜ କବିଲାର ପ୍ରତିନିଧିତ୍ୱ କରି କହିଲେ ଆମେ ସମସ୍ତେ ଇସଲାମ ସ୍ୱୀକାର କରିନେଇଛୁ ।

ସେଯାହା ହେଉ **ଫସ୍‌ଦ ବିମା ତୁମର୍**ର ଆଦେଶ ଅବତିର୍ଣ୍ଣ ହେବାପରେ ମକ୍କା ଅବଧିର ୧୦ବର୍ଷ ଗୋଟିଏ ଗୋଟିଏ ଦିନ ହଜୁର ସ.ଆ ଧର୍ମପ୍ରଚାରରେ ଅତିବାହିତ କରିଥିଲେ । କିନ୍ତୁ ମକ୍କାର କଠିନ ଶିଳାଯୁକ୍ତ ଭୂମିରେ ଯେଉଁସ୍ଥଳେ କିଛି ଉତ୍ସର୍ଗୀ ସ୍ୱାଧିନ ଓ କ୍ରିତଦାସ ଆପଣଙ୍କୁ ହାସଲ ହୋଇଥିଲେ ସେଠାରେ କୁରେଶର ସରଦାର ଏହି ଐଶ୍ୱରିକ ବାର୍ତ୍ତାକୁ କେବଳ ଅସ୍ୱୀକାର କଲେ ନାହିଁ ବରଂ ହଜୁର ସ.ଆ ଓ ହାତଗଣତି ସାହାବାଙ୍କ ବଂଚିବା କଷ୍ଟକର କରିଦେଲେ । ପୁଣି ସେମାନେ ଯେତେବେଳେ ଦେଖିଲେ କି ହଜୁର ସ.ଆ କୌଣସି ମତେ ଅଲ୍ଲାଃଙ୍କ ଆଡ଼କୁ ଲୋକମାନଙ୍କୁ ଡ଼ାକରା ଦେବାରେ ଅବହେଳା କରୁନାହାନ୍ତି ସେତେବେଳେ ସମସ୍ତ ବସ୍ତି ମିଳିତ ଭାବରେ ଏହି ନିଷ୍ପତି କରୁଛନ୍ତି କି ପ୍ରତ୍ୟେକ ବସ୍ତିରୁ ଜଣେ ଜଣେ ପ୍ରତିନିଧି ଏକାଠି ହୋଇ ହଜୁର ସ.ଆଙ୍କ ଘର ଚାରିପଟେ ପହରା ଦିଅନ୍ତୁ ଏବଂ ସେ ବାହାରକୁ ବାହାରିଲେ ତାଙ୍କୁ ହତ୍ୟା କରିଦେବ । ସେପଟେ ଅଲ୍ଲାଃତାଲା ୟସରବ୍ ଯାହାକି ପରବର୍ତୀ ସମୟରେ ମଦିନା ନାମରେ ଖ୍ୟାତି ଅର୍ଜନ କଲା ସେଠାରେ କିଛି ଉତ୍ସର୍ଗୀ ଲୋକଙ୍କୁ ପ୍ରସ୍ତୁତ କରିଦେଲେ ଯେଉମାନେ ବୟତେ ଉକବା ପ୍ରଥମ ଓ ଦ୍ୱିତୀୟରେ ଆପଣଙ୍କୁ ପ୍ରଦାନ ହୋଇଥିଲେ । ସୁତରାଂ ଅଲ୍ଲାଃତାଲା

ଆପଣଙ୍କୁ ସଙ୍ଗେସଙ୍ଗେ ମକ୍କାରୁ ପଳାୟନ କରିବାର ଆଦେଶ ଦେଲେ ଏବଂ ଆପଣଙ୍କୁ ଅଲ୍ଲାଃ ବିଶେଷ ସୁରକ୍ଷା ବଳୟ ମଧ୍ୟରେ ନିଜ ପ୍ରିୟ ସାଥି ହଜରତ ଅବୁବକରଙ୍କ ସହିତ ଆପଣଙ୍କ ଘର ଚାରିପଟେ ଜଗିରହିଥିବା ଲୋକଙ୍କ ଆଖି ଆଗରେ ମକ୍କାରୁ ଗାରେ ସୋର (ସୋର୍ ନାମକ ଗୁମ୍ଫା) ରେ ତିନି ଦିନ ଅବସ୍ଥାନ କରିବା ଅନ୍ତେ ମଦିନା ହିଜରତ୍ କରାଇଲେ । ତାପରେ ମକ୍କାର ଉତ୍ସର୍ଗୀ ଧିରେଧିରେ ହିଜରତ୍ କରି ମଦିନା ଆସିଗଲେ ଏବଂ ଅନସାରମାନଙ୍କ ଏକ ଜମାଅତ ଗଠନ ହୋଇଗଲା । ତାପରେ ଧର୍ମପ୍ରଚାରର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା । ୟହୁଦି, ଈଶାଇ ତଥା ସର୍ବସାଧାରଣମାନଙ୍କୁ ମଧ୍ୟ (ଇସଲାମ)ର ବାର୍ତା ପହଂଚାଗଲା । ଏପରିକି ହଜୁର ସ.ଆ ଆଖପାଖର ବଡ଼ ବଡ଼ ସାମ୍ରାଜ୍ୟର ସମ୍ରାଟ ଓ ସରଦାରମାନଙ୍କ ନିକଟକୁ ପତ୍ର ଲେଖିଲେ । ଅତଏବ କିସରା (ଇରାନ୍‌ର ସମ୍ରାଟ) କୈସର (ରୋମ୍‌ର ସମ୍ରାଟ), ମିଶରର ସମ୍ରାଟ, ଗସାନର ରାଜା, ୟମାମାର ସରଦାର, ଓମାନ ତଥା ବେହରେନ୍ ଆଦିଙ୍କୁ ମଧ୍ୟ ସନ୍ଦେଶ ପ୍ରେରଣ କରାଗଲା । କେତେକ ଭାଗ୍ୟଶାଳୀ ରାଜାମାନେ ହଜୁର ସ.ଆଙ୍କ ପତ୍ରକୁ ନିଜ ଚକ୍ଷୁସ୍ପର୍ଶ କରାଇଲେ ଏବଂ ମର୍ଯ୍ୟାଦା ପ୍ରଦାନ କଲେ । ତାପରେ ଅଲ୍ଲାଃ ମଧ୍ୟ ସେମାନଙ୍କ ଉପରେ କୃପା ବର୍ଷଣ କଲେ । କିନ୍ତୁ କେତେକ ରାଜ ତାହାର ତିରସ୍କାର କଲେ ଏବଂ ପତ୍ରକୁ ଚିରିଦେଲେ ଯଦ୍ୱାରା ଅଲ୍ଲାଃତାଲା ସେମାନଙ୍କ ସାମ୍ରାଜ୍ୟକୁ ଖଣ୍ଡଖଣ୍ଡ କରିଦେଲେ ।

ତାପରେ ଅଲ୍ଲାଃଙ୍କ ଆଦେଶକ୍ରମେ ବଦର ଯୁଦ୍ଧରୁ ଆତ୍ମରକ୍ଷାର ଯୁଦ୍ଧ ଆରମ୍ଭ ହେଲା ସେଥିରେ ମଧ୍ୟ ଧର୍ମପ୍ରଚାର ସମସ୍ତ ଦିଗରୁ ସଫଳ ହେଲା । ଅତଃ ଖୈବର ଯୁଦ୍ଧରେ ହଜୁର ସ.ଆ ହଜରତ ଅଲୀଙ୍କ ହାତରେ ଇସଲାମର ଧ୍ୱଜା ଦେଇ କହିଲେ ବର୍ତମାନ ବାହାରି ସିଧା ସେମାନଙ୍କ ଅଂଚଳରେ ପହଂଚ । ଏବଂ ସର୍ବପ୍ରଥମେ ତାଙ୍କୁ ଇସଲାମ ସ୍ୱୀକାର କରିବାକୁ ନିମନ୍ତ୍ରଣ କରିବ ଏବଂ ଅଲ୍ଲାଃଙ୍କ କର୍ତବ୍ୟ ସମ୍ବନ୍ଧରେ ଅବଗତ କରିବ । ପୁଣି କହିଲେ ଅଲ୍ଲାଃଙ୍କ ରାଣ ! ଯଦି ଅଲ୍ଲାଃତାଲା ତୁମ ପ୍ରଚାର ଦ୍ୱାରା ମାତ୍ର ଜଣେ ସତପଥ ଲାଭ କରେ, ତେବେ ତାହା ତୁମ ପାଇଁ ଲୋହିତ ରଙ୍ଗର ଓଟଠାରୁ ମଧ୍ୟ ଶ୍ରେୟସ୍କର ଅଟେ ।

ସମ୍ମାନୀୟ ଶ୍ରୋତାଗଣ ! ସାରା ଜୀବନ ଧର୍ମପ୍ରଚାରର କର୍ତବ୍ୟ ସମ୍ପାଦନ କରିବା ଅନ୍ତେ ନିଜ ଜୀବନର ଅନ୍ତିମ ହଜ୍ ଯାହାକି ହୁଜ୍ଜତୁଲ୍ ୱିଦା ନାମରେ ପ୍ରସିଦ୍ଧ ଅଗଣିତ ମୁସଲମାନମାନଙ୍କ ଉପସ୍ଥିତିରେ କହିଲେ **ଅଲ୍ଲାଃହୁମ୍ମା ହଲ୍ ବଲ୍ଲଗତୁ !** ଅର୍ଥାତ୍ ଅଲ୍ଲାଃଙ୍କ ଖାତିର ସାକ୍ଷୀ ଦିଅ କି କଣ ମୁଁ ଅଲ୍ଲାଃଙ୍କ ବାର୍ତା ପହଂଚାଇ ଦେଇଛି । ସମସ୍ତେ ଏକ ସ୍ୱରରେ କହିଲେ **ଅଲ୍ଲାଃହୁମ୍ମା ନାମ୍ !** ହଁ ହେ ଅଲ୍ଲାଃଙ୍କ ରସୁଲ୍ ଆମେ ସାକ୍ଷୀ ଦେଉଅଛୁ କି ଆପଣ ଧର୍ମପ୍ରଚାରର କର୍ତବ୍ୟ ସମ୍ପାଦନ କରିଦେଇଛନ୍ତି ତାପରେ ଆପଣ କହିଲେ **ଅଲ୍ଲାଃହୁମ୍ମା ଅଶହଦ୍ !** ହେ ଅଲ୍ଲାଃ ତୁମେ ସାକ୍ଷୀ ରୁହ ।

*(ବୁଖାରୀ କିତାବୁଲ୍ ହଜ୍ ଖଣ୍ଡ-୧୩୧)*

ଏହି ସମସ୍ତ ହୱାଲା ମାନନୀୟ ହାଫିଜ୍ ମୁଜଫର୍ ସାହେବଙ୍କ ଲିଖିତ "ଉସୱାଏ ଇନସାନ୍ କାମିଲ୍" ପୁସ୍ତକରୁ ନିଆଯାଇଛି ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଅତଃ ଆମ ନବୀ ସ.ଆଙ୍କ ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ଜଣେ ଶେଷ୍ଠ ସୁଧାରକ ଥିଲେ ଯେ ହଜିଯାଇଥିବା ସତ୍ୟକୁ ପୁନଃ ସଂସାରରେ ଫେରାଇ ଆଣିଥିଲେ । ଏହା ହିଁ ଏକ ବଡ଼ ପ୍ରମାଣ ଅଟେ ହଜୁର ସ.ଆଙ୍କ ନବୁୱତ୍ ପ୍ରତିପାଦନ କରିବା ନିମନ୍ତେ । ଆପଣ ଏକ ଏପରି ଯୁଗରେ ଆବିର୍ଭାବ ଓ ଅବତିର୍ଣ୍ଣ ହୋଇଥିଲେ, ଯେତେବେଳେ ସେହି ଯୁଗ ସର୍ବନିମ୍ନ ସ୍ତରକୁ ଚାଲିଯାଇଥିଲା ଏବଂ ସମୟ ଜଣେ ବିଶିଷ୍ଟ ନବୀର ଆବଶ୍ୟକ ମଣୁଥିଲା ଏବଂ ସେ ସମୟ ଆପଣ ଏପରି ସମୟରେ ସଂସାରରୁ ବିଦାୟ ନେଲେ ଯେତେବେଳେ ଲକ୍ଷାଧିକ ଲୋକ ଶିରକ୍ ଓ ପ୍ରତିମା ପୂଜା ପରିହାର କରି ଏକେଶ୍ୱରବାଦ ଓ ସତ୍‌ମାର୍ଗର ପଥିକ ହୋଇ ଯାଇଥିଲେ । ପ୍ରକୃତରେ ଏହି ଅସାଧାରଣ ପରିବର୍ତନ ହଜୁର ସ.ଆଙ୍କ ମାଧ୍ୟମରେ ହେବା ଧାର୍ଯ୍ୟ ଥିଲା । ଆପଣ ଏକ ହିଂସ୍ର ସ୍ୱଭାବ (ମଣିଷ) ଜାତିକୁ ମାନବିକତାର ଶିକ୍ଷା ଦେଲେ ଅବା ଅନ୍ୟ ଅର୍ଥରେ କହିବାକୁ ଗଲେ ପଶୁମାନଙ୍କୁ ମଣିଷ କରିଦେଲେ, ପୁଣି ମଣିଷଙ୍କୁ ଚରିତ୍ରବାନ୍ ମଣିଷ ଏବଂ ଚରିତ୍ରବାନ୍ ମାଣିଷଙ୍କୁ ଈଶ୍ୱର ପ୍ରେମି ମଣିଷ ରୂପେ ଗଢିତୋଳି ଦେଲେ ଏବଂ ସେମାନଙ୍କ ମଧ୍ୟରେ ଆଧାତ୍ମିକତାର ଆତ୍ମା ଫୁଙ୍କିଦେଲେ ଏବଂ ପ୍ରକୃତ ଅଲ୍ଲାଃଙ୍କ ସହ ସେମାନଙ୍କର ସମ୍ପର୍କ ସ୍ଥାପନ କରାଇଦେଲେ । ସେମାନେ ଅଲ୍ଲାଃଙ୍କ ମାର୍ଗରେ ଛେଳିମେଣ୍ଢା ପରି ବଳି ପଡ଼ିଲେ ଏବଂ ପିମ୍ପୁଡ଼ି ପରି ପାଦରେ ଦଳାଗଲେ କିନ୍ତୁ ନିଜର ବିଶ୍ୱାସକୁ ହାତଛଡ଼ା କଲେ ନାହିଁ ବରଂ ପ୍ରତ୍ୟେକ କଠିନ ପରିସ୍ଥିତିରେ ମଧ୍ୟ ଆଗକୁ ବଢିଚାଲିଲେ । ଅତଃ କୌଣସି ସନ୍ଦେହ ନାହିଁ ଯେ ଆମ ନବୀ ହଜରତ ମହମ୍ମଦ ସ.ଆ ଆଧାତ୍ମିକତା ସ୍ଥାପନ କରିବାରେ ଦ୍ୱିତୀୟ ଆଦମ ବରଂ ପ୍ରକୃତ ଆଦମ ଥିଲେ । ଯାହାଙ୍କ ମାଧ୍ୟମରେ ସମସ୍ତ ମାନବ ଜାତି ଶ୍ରେଷ୍ଠତାର ସ୍ତରରେ ପହଂଚିଲେ ଏବଂ ସମସ୍ତ ଉତମ କର୍ମ ନିଜ ନିଜ କାର୍ଯ୍ୟରେ ଲାଗିଗଲେ ଏବଂ ମଣିଷ ଚରିତ୍ରର କୌଣସି ଶାଖା ବାହାରେ ରହିଲା ନାହିଁ ଏବଂ ଖତମେ ନବୁୱତ୍ କେବଳ ଆପଣଙ୍କ ସହ କେବଳ କାଳର ବିଳମ୍ବ ଯୋଗୁଁ ନୁହେଁ ବରଂ ନବୁୱତର ସମସ୍ତ ଶ୍ରେଷ୍ଠତା ଯୋଗୁ ଆପଣଙ୍କ ମଧ୍ୟରେ ଶେଷ ହେଲା । *(ଲେକଚର୍ ସିଆଲ୍ କୋଟ ଭାଗ-୨୦, ପୃ-୨୦୬,୨୦୭)*

ସମ୍ମାନୀୟ ଶ୍ରୋତାଗଣ ! ହଜରତ ମହମ୍ମଦ ସ.ଆ କେବଳ ଆରବ ବାସୀଙ୍କ ନିମନ୍ତେ ଅବତାର ହୋଇ ଆସିନଥିଲେ ବରଂ ସମସ୍ତ ମାନବ ଜାତି ନିମନ୍ତେ ଆସିଥିଲେ । ଅତଏବ ଅଲ୍ଲାଃତାଲା ପବିତ୍ର କୋରାନରେ ଆପଣଙ୍କ ସମ୍ବନ୍ଧରେ କୁହନ୍ତି **କୁଲ୍ ୟାଆୟୁହନ୍ନାସୁ ଇନ୍ନି ରସୁଲୁଲ୍ଲାହି ଇଲୈକୁମ୍ ଜମିଆ** (ଆରାଫ୍:୧୫୯) ଅର୍ଥାତ ହେ ମହମ୍ମଦ ସ.ଆ ! ତୁମେ କହିଦିଅ କି ହେ ମାନବ ଜାତି ନିଶ୍ଚିତ ରୂପେ ମୁଁ ତୁମ ସମସ୍ତଙ୍କ ନିମନ୍ତେ ଅଲ୍ଲାଃଙ୍କ ନିକଟରୁ ପ୍ରେରିତ ଦୂତ ଅଟେ । ପୂର୍ବରୁ ମୁଁ ସୁରେ ଅହେଯାବର ଯେଉଁ ପଙ୍କ୍ତିଂ ପାଠ କରିଆସିଲି ସେଥିରେ ଆପଣଙ୍କୁ ସିରାଜମ୍ ମୁନିରା କୁହାଯାଇଅଛି । ଏଥିରେ ସନ୍ଦେଶ ରହିଛି କି ହଜୁର ସ.ଆଙ୍କ ପବିତ୍ର ଜୀବନ କାଳରେ ସମଗ୍ର ମାନବ ଜାତିକୁ ବାର୍ତା ପହଂଚାଇବା ସମ୍ଭବ ନଥିଲା । କିନ୍ତୁ ସେହି ଆଧାତ୍ମିକ ସୂର୍ଯ୍ୟର ଅସ୍ତ ଯିବାରେ ମଧ୍ୟ ତାହାର ଆଲୋକ ଶେଷ ହୋଇ ନଥିଲା କାରଣ ତାପରେ ଚନ୍ଦ୍ରମା ଉଦୟ ହୋଇ ସୂର୍ଯ୍ୟଙ୍କ ଆଲୋକରେ ସଂସାରକୁ ଆଲୋକିତ କରିବା ବିଧାନ ଥିଲା ଏବଂ ପୂର୍ଣ୍ଣ ଚନ୍ଦ୍ର ପରି ଅର୍ଥାତ ଆପଣଙ୍କ ଆଧାତ୍ମିକ ଉତରାଧିକାରୀ ହଜରତ ମସିହ ମଉଦଙ୍କ ମାଧ୍ୟମରେ ଇସଲାମର ବିଜୟ ହେବା ଧାର୍ଯ୍ୟ ଥିଲା । ଯାହାର ପ୍ରତିଶୃତି ସୁରେ ଜୁମାର ପଙ୍କ୍ତିଂ **ୱ ଆଖରିନା ମିନ୍‌ହୁମ୍ ଲମ୍ମା ୟଲ୍‌ହକୁ ବିହିମ୍‌**ରେ ଦିଆଯାଇଛି ।

ହଜରତ ମସିହ ମଉଦ ଆ.ସ ନିଜ ପୁସ୍ତକରେ ବେଶ୍ ସ୍ପଷ୍ଟ ଭାବରେ ଏହା ବର୍ଣ୍ଣନା କରିଛନ୍ତି କି ହଜରତ ମହମ୍ମଦ ସ.ଆ ପ୍ରଥମ ପର୍ଯ୍ୟାୟରେ ସତପଥ ପ୍ରାପ୍ତି ପୂର୍ଣ୍ଣ ହେବାର କର୍ତବ୍ୟକୁ ବେଶ୍ ଉତମ ରୂପେ ସମ୍ପର୍ଣ୍ଣ କଲେ । ବର୍ତମାନ ଆପଣଙ୍କ ଦ୍ୱିତୀୟ ଆଗମନ ଯାହାକି ଆପଣଙ୍କ ଆଧାତ୍ମିକ ଉତରାଧିକାରୀ ହଜରତ ମସିହ ମଉଦଙ୍କ ଅସ୍ତିତ୍ୱରେ ଆବିର୍ଭାବ ହେବା ଧାର୍ଯ୍ୟ ଥିଲା ଯାହାକି ପ୍ରଚାରର ପୂର୍ଣ୍ଣତା ନିମନ୍ତେ ଧାର୍ଯ୍ୟ ହୋଇଥିଲା । ଯେଉଁଥିପାଇଁ ଅଲ୍ଲାଃତାଲା ମିର୍ଜା ଗୁଲାମ ଅହେମଦ ଆ.ସଙ୍କୁ ହଜରତ ମହମ୍ମଦ ସ.ଆଙ୍କ ପୂର୍ଣ୍ଣ ପ୍ରତିବିମ୍ବ ଓ ଅନୁରୂପରେ ମସିହ ଓ ମେହେଦିର ଆସନ ପ୍ରଦାନ କରି ଭାରତ ବର୍ଷରେ ଆବିର୍ଭାବ କଲେ ଏବଂ ବାର୍ତା ପହଂଚାଇବାର ସମସ୍ତ ମାଧ୍ୟମ ଜରିଆରେ ସଂସାରକୁ ଆବଶ୍ୟକ ଥିଲା, ତାହା ପ୍ରଦାନ କଲେ ।

ବର୍ତମାନ ଆବଶ୍ୟକ ରହିଛି କି ଜମାଅତର ସମସ୍ତ ସଦସ୍ୟ ବାର୍ତା ପହଂଚାଇବାର ମାଧ୍ୟମଗୁଡ଼ିକୁ ବ୍ୟବହାର କରି ପ୍ରଚାର କାର୍ଯ୍ୟ ସମ୍ପାଦନ କରନ୍ତୁ ।

ଆମର ପ୍ରିୟ ଆକା ପଂଚମ ଖଲିଫା ଏକଦା ନିଜ ଖୁତବା ଜୁମାରେ ୮ ଡ଼ିସେମ୍ବର ୨୦୧୭ରେ ଜମାଅତକୁ ଧର୍ମପ୍ରଚାର କରିବା ପ୍ରତି ଅହେମଦିମାନଙ୍କ ଧ୍ୟାନ ଆକର୍ଷିତ କରି କହିଲେ- ଆମ୍ଭକୁ ନିଜ ପ୍ରଚାର କାର୍ଯ୍ୟରେ ଏକ ନିୟମାନୁବର୍ତୀ ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଏପରି ନୁହେଁ କି ବର୍ଷକରେ ଥରେ କିମ୍ବା ଦୁଇ ଥର ତରବିୟତ୍‌ର ୧୦ଦିନ ଜଲସା କରିନେଲେ ବା ଏଥି ମୁତାବକ ରାସ୍ତାରେ ଛିଡ଼ା ହୋଇ ପତ୍ରିକା ବଣ୍ଟନ କରିଦେଲେ କି କର୍ତବ୍ୟ ସମ୍ପାଦନ ହୋଇଗଲା ବୋଲି ।

ଅଲ୍ଲାଃତାଲା ବୁଦ୍ଧିମାନ ଓ ଦୃଢ ପ୍ରମାଣର ସହିତ ପ୍ରଚାର କାର୍ଯ୍ୟ କରିବାର ନିର୍ଦ୍ଦେଶ ଦେଇଛନ୍ତି । ଏଥି ମୁତାବକ କାର୍ଯ୍ୟ କରିବା ଏବଂ ନିୟମିତ ଭାବରେ ତାହାକୁ ସମ୍ପାଦନ କରିବା ଆମର କର୍ତବ୍ୟ ଅଟେ । ଯେପରିକି ଅଲ୍ଲାଃ କହିଛନ୍ତି ଏହାର ପରିଣାମ ସ୍ୱୟଂ ସେ ପ୍ରଦାନ କରିବେ । କିଏ ଅନ୍ଧକାରରେ ଘୁରିବୁଲିବ ଓ କିଏ ସତ୍‌ପଥ ପ୍ରାପ୍ତ କରିବ ତାହା ଅଲ୍ଲାଃଙ୍କୁ ଜଣା ଯଦି ଆମକୁ ପଚରାଯାଏ ତେବେ କେବଳ ଏତିକି ଯେ କଣ ତୁମେ ବାର୍ତା ପହଂଚାଇବାର କର୍ତବ୍ୟ ସମ୍ପାଦନ କରିଥିଲ ? ଅବା କାହିଁକି ତୁମେ ନିଜର ଏହି କର୍ତବ୍ୟ ସମ୍ପାଦନ କଲ ନାହିଁ ? ଏବଂ କାହିଁକି ଅଲ୍ଲାଃଙ୍କ ଆଦେଶର ପାଳନ କଲ ନାହିଁ ? କିଏ ସତ୍‌ପଥ ପ୍ରାପ୍ତ କରିବ ଏବଂ କିଏ ପାଇବ ନାହିଁ ତାହା କେବଳ ଅଲ୍ଲାଃତାଲାଙ୍କୁ ଜଣା । ଯଦି ଆମେ ନିଜ କର୍ତବ୍ୟ ସମ୍ପାଦନ କରୁଅଛେ ତେବେ ମରିବା ଅନ୍ତେ ସଂସାରବାସୀ ଅତିକମରେ ଏହା କହିବେ ନାହିଁ କି ଆମେ ଇସଲାମର ବାର୍ତା ପହଂଚାଇ ନଥିଲୁ ।

ନିଜ ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ ହଜରତ ମସିହ ମଉଦ ଆ.ସଙ୍କ ଏହି ଉପଦେଶ ଶୁଣାଇ କହିଲେ- ଇସଲାମର ସୁରକ୍ଷା ଓ ସତ୍ୟତା ପ୍ରକାଶ କରିବା ନିମନ୍ତେ ସର୍ବପ୍ରଥମେ ତୁମେ ନିଜେ ମୁସଲମାନ ହେବାର ନମୁନା (ଦୃଷ୍ଟାନ୍ତ) ଦେଖାଅ । ଦ୍ୱିତୀୟରେ ତାହାର ସୌନ୍ଦର୍ଯ୍ୟ ଓ ସୁଗୁଣଗୁଡ଼ିକୁ ସଂସାରରେ ପ୍ରସାର କର । (ମଲଫୁଜାତ୍ ଭାଗ-୮ ପୃ-୩୨୩)

ଏହା ପରେ ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ପ୍ରଚାର କରିବା ନିମନ୍ତେ ନିଜ ଅବସ୍ଥାରେ ପ୍ରଥମେ ପରିବର୍ତନ ଆଣିବା ନିହାତି ଜରୁରୀ ଅଟେ । ଜଣେ ସତ୍ୟବାଦୀ ମୁସଲମାନର ନମୁନା ଏହା ଅଟେ କି ସେ ମଣିଷ ପରି ମଣିଷ ହୋଇଯାଉ ତାପରେ ପ୍ରଶ୍ନ ହିଁ ଉଠୁ ନାହିଁ କି ଲୋକମାନଙ୍କ ଧ୍ୟାନ ତାହା ପ୍ରତି କେନ୍ଦ୍ରିତ ନହେବ । ତାହାର ନମୁନା ଦେଖି ଲୋକେ ତାହା ପ୍ରତି ଆକର୍ଷିତ ହୋଇଥାନ୍ତି ଏପରି ନିୟମିତ ଭାବରେ ପ୍ରଚାର କରିବା ପୂର୍ବରୁ ପ୍ରଚାରର ମାର୍ଗ ଖୋଲିବା ଆରମ୍ଭ ହୋଇଯାଇଥାଏ । ଅଲ୍ଲାଃତାଲା ଆମ୍ଭକୁ ଏଥି ମୁତାବକ ଅମଳ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । *ୱ ଆଖିରୁ ଦାୱାନା ଅନିଲ୍ ହମ୍‌ଦୋ ଲିଲାହେ ରବ୍‌ବିଲ୍ ଆଲମିନ୍ ।*

ପୃଷ୍ଠା-୧ ର ଅବଶିଷ୍ଟାଂଶ......

ସ:ଆ:ସ କହିଲେ କଣ ସେହି ନୈନଓ୍ୱା ଯାହା ଖୁଦାଙ୍କ ପୁଣ୍ୟ ଭକ୍ତ ୟୁନୁସ୍ ବିନ୍ ମତାଃଙ୍କ ସ୍ଥାନ ଥିଲା । ଅଦାସ୍ କହିଲା ହଁ । କିନ୍ତୁ ଆପଣ ୟୁନୁସଙ୍କ କଥା କିପରି ଜାଣିଲେ ? ଆପଣ ସ:ଆ:ସ କହିଲେ ସେ ମୋର ଭାଇ ଥିଲେ, କାରଣ ସେ ମଧ୍ୟ ଅଲ୍ଲାଃଙ୍କ ନବୀ (ପ୍ରେରୀତ ଦୂତ) ଥିଲେ ଓ ମୁଁ ମଧ୍ୟ ଅଲ୍ଲାଃଙ୍କର ନବୀ । ପୁଣି ଆପଣ ସ:ଆ:ସ ତାକୁ ଇସ୍‌ଲାମ୍‌ର ତବ୍‌ଲିଗ୍ କଲେ, ଯାହା ତାକୁ ବହୁତ ପ୍ରଭାବିତ କଲା ଓ ସେ ଆଗକୁ ବଢ଼ି ଉତ୍ସାହିତ ହୋଇ ପ୍ରେମର ସହିତ ଆପଣ ଆ:ସଙ୍କ ହାତକୁ ଚୁମା ଦେଲା । ଏହି ଦୃଶ୍ୟକୁ ଦୂରରୁ ଛିଡ଼ା ହୋଇ ଉତ୍‌ବାଃ ଓ ଶୈବାଃ ଦେଖିନେଲେ । ସୁତରାଂ ଯେବେ ଅଦାସ୍ ତାଙ୍କ ପାଖକୁ ଫେରିଲା ସେମାନେ ପଚାରିଲେ ଅଦାସ୍ । ତୁମକୁ କଣ ହୋଇଥିଲା କି ତୁମେ ତାଙ୍କ ହାତକୁ ଚୁମା ଦେଲ । ସେହି ବ୍ୟକ୍ତି ତ ତୁମ ଧର୍ମକୁ ନଷ୍ଟ କରିଦେବ ଯେବେ କି ତୁମ ଦୀନ୍ (ଧର୍ମ) ତା ଧର୍ମଠାରୁ ଉତ୍ତମ ।

(ସିରତ୍ ଖାତମୁନ୍ ନବୀୟିନ୍ ଲେଖକ- ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ ର:ଅ, ପୃଷ୍ଠା-୧୮୨, ମୁଦ୍ରଣ- ୨୦୦୪ କାଦିଆନ୍)

ଅଦାସ୍‌ଙ୍କ ଇମାନ୍ ଆଣିବା ବିଷୟରେ ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ମନମୁଗ୍ଧକାରୀ ବର୍ଣ୍ଣନାରୁ କିଛି ଧାଡ଼ି ଉପସ୍ଥାପନ କରାଯାଉଛି । ଆପଣମାନେ ଏହା ପଢ଼ି ବହୁତ ଆନନ୍ଦିତ ହେବେ । ହଜୁର୍ ର:ଅ କହୁଛନ୍ତି:- ଅଦାସ୍ ନୈନଓ୍ୱା ନିବାସୀ ଜଣେ ଇସାଇ ଥିଲା । ଯେବେ ସେ ସେହି ଅଙ୍ଗୁରକୁ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ମୁଖରେ ଉପସ୍ଥାପନ କଲା ଓ ଆପଣ ସ:ଆ:ସ ଏହା କହି ସେହି ଅଙ୍ଗୁରକୁ ରଖିନେଲେ କି ଅଲ୍ଲାଃଙ୍କ ନାମ ସହିତ ଯିଏ ଅଶେଷ ଦୟାବାନ୍ ଓ ସଦା କରୁଣାମୟ ଅଟନ୍ତି, ମୁଁ ଏହାକୁ ନେଉଅଛି, (ଏହାଶୁଣି) ତା ମନରେ ଇସାଇଅତ୍‌ର କଥା ତାଜା ହୋଇଗଲା । ସେ ଏହା ଅନୁଭବ କଲା କି ଯେପରି ତା ସମ୍ମୁଖରେ ଖୁଦାଙ୍କର ଜଣେ ନବୀ ବସିଛନ୍ତି ଓ ଯିଏ ଇସ୍‌ରାଇଲୀ ନବୀମାନଙ୍କ ଭାଷାରେ କଥା କହୁଅଛି । ତାକୁ ରସୁଲେ କରିମ୍ ସ:ଆ:ସ ପଚାରିଲେ ତୁମେ କେଉଁଠିକାର ନିବାସୀ ? ଯେବେ ସେ କହିଲା କି ମୁଁ ନୈନଓ୍ୱା ନିବାସୀ ବୋଲି ଏଥିରେ ଆପଣ ସ:ଆ:ସ କହିଲେ:- ସେହି ପୁଣ୍ୟବନ୍ତ ବ୍ୟକ୍ତି ୟୁନୁସ୍ ଆ:ସ ଯିଏ ମତାଙ୍କ ସୁପୁତ୍ର ଥିଲେ ଓ ନୈନଓ୍ୱାର ବାସିନ୍ଦା ଥିଲେ, ସେ ମୋ ପରି ଖୁଦାଙ୍କର ଜଣେ ନବୀଥିଲେ । ପୁଣି ଆପଣ ସ:ଆ:ସ ତାକୁ ନିଜ ଧର୍ମର ତବ୍‌ଲିଗ୍ ଆରମ୍ଭ କରିଦେଲେ । ଅଦାସ୍‌ର ଆଶ୍ଚର୍ଯ୍ୟ ହେବା କିଛି କ୍ଷଣ ମଧ୍ୟରେ ବିସ୍ମିତରେ ପରିଣତ ହୋଇଗଲା ଓ ବିସ୍ମିତ ଇମାନ୍ (ବିଶ୍ୱାସ)ରେ ପରିଣତ ହୋଇଗଲା ଓ ଅଳ୍ପ ସମୟ ମଧ୍ୟରେ ସେହି ଅପରିଚିତ କ୍ରିତଦାସ ଜଣକ ଲୁହଭରା ଆଖିରେ ଆଁ ହଜ୍‌ରତ୍ ସ:ଆ:ସକୁ କୁଣ୍ଢାଇ ପକାଇଲା ଓ ଆପଣଙ୍କ ହାତ ଓ ପାଦକୁ ଚୁମା ଦେବାକୁ ଲାଗିଲା" ।

(ନବୀୟୌଁ କା ସରଦାର୍, ପୃଷ୍ଠା-୪୦, ସଂସ୍କରଣ-୨୦୦୧, କାଦିଆନ୍)

ପାଠକେ ଚିନ୍ତା କରନ୍ତୁ ! ଆଁ ହଜ୍‌ରତ୍ ସ:ଆ:ସ ରକ୍ତରେ ଜୁଡୁବୁଡୁ ଥିଲେ । ଅତ୍ୟନ୍ତ ଦୁଃଖ କଷ୍ଟ ଓ ଆଘାତରେ ମ୍ରିୟମାଣ, ଭୀଷଣ ଥକ୍କାପଣ ଓ ଦୁର୍ବଳତା ଅବସ୍ଥାରେ ମଧ୍ୟ ଆପଣ ସ:ଆ:ସ ସେହି ଅବସରକୁ ହାତଛଡ଼ା କଲେନାହିଁ ଓ ଅଦାସ୍‌କୁ ତବ୍‌ଲିଗ୍ କରି ମୁସଲମାନ୍ ବନାଇଦେଲେ ଓ ତାକୁ ଅଗ୍ନିରୁ ମୁକ୍ତି ଦିଆଇଲେ ।

ହଜ୍‌ରତ୍ ଆଇଶା ର:ଅଙ୍କ ଠାରୁ ବର୍ଣ୍ଣିତ କି ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ପଚାରିଲି କି ହଜୁର୍ ଓ୍ୱହଦ୍‌ର ଦିନଠାରୁ ମଧ୍ୟ ଅଧିକା କଷ୍ଟକର ଦିନ କେବେ ଆପଣଙ୍କ ଉପରେ ଆସିଛି କି ? (ଓ୍ୱହଦ୍ ଯୁଦ୍ଧରେ ହଜୁର୍ ସ:ଆ:ସଙ୍କ ପବିତ୍ର ଦାନ୍ତ ଶହିଦ୍ ହୋଇଯାଇଥିଲା ଓ ଶୀରସ୍ତ୍ରାଣର ଗୋଟିଏ ଅଂଶ ମୁଣ୍ଡ ଭିତରେ ଭାଙ୍ଗି ପଶିଯାଇଥିଲା) ଏଥିରେ ହଜୁର୍ ସ:ଆ:ସ କହିଲେ- ହେ ଆଇଶା ! ତୁମ କୌମ୍ ଠାରୁ ମୋତେ ବହୁତ କଷ୍ଟ ପହଂଚିଛି । କିନ୍ତୁ ଉକ୍‌ବା ଦିନ ବହୁତ ଅଧିକ କଷ୍ଟ ଉଠାଇଛି । ଯେତେବେଳେ ମୁଁ (ଅଲ୍ଲାଃଙ୍କ) ସତ୍ୟ ବାର୍ତ୍ତାକୁ ପହଂଚାଇବା ପାଇଁ ତାଏଫ୍‌ରେ ଇବ୍‌ନେ ଅବ୍‌ଦ୍ ୟାଲିଲ୍ (କନାନା)ଙ୍କ ପାଖକୁ ଗଲି (ସେ ଏଠିକାର ଲୋକମାନଙ୍କୁ ଗଣ୍ଡଗୋଳ କରିବାରୁ ନିବୃତ୍ତ ରଖିବେ ଓ ତବ୍‌ଲିଗେ ହକ୍ ସିଲ୍‌ସିଲାରେ ମୋତେ ସାହାଯ୍ୟ କରିବେ ବୋଲି) । (କିନ୍ତୁ) ସେ ମୋତେ କୌଣସି ସାହାଯ୍ୟ କଲେ ନାହିଁ । ଓ ଲୋକମାନଙ୍କ ଅତ୍ୟାଚାର ଏତେ ବଢ଼ିଗଲା ଯେ ଦୁଃଖରେ ମ୍ରିୟମାଣ ହୋଇ ଭୀଷଣ ରୂପେ ହାଲିଆ ହୋଇଯିବା ଯୋଗୁ ମୁଁ ଏହା ମଧ୍ୟ ଜାଣିପାରିଲି ନାହିଁ କି ମୁଁ କେଉଁଆଡ଼େ ଯାଉଛି । ଏହିଭଳି ଅବସ୍ଥାରେ କରନେ ସାଲବ୍ (ଗୋଟିଏ ପାହାଡର ପଥର)ର କଡରେ ଟିକିଏ ଆରାମ ପାଇବା ପାଇଁ ବସିଗଲି । ସେଠାରେ ଯେତେବେଳେ ମୁଁ ମୋ ମୁଣ୍ଡକୁ ଉପରକୁ ଉଠାଇଲି ତ ଦେଖିବାକୁ ପାଇଲି କି ବାଦଲ ମୋ ଉପରେ ଛାଇ କରିଛି ଓ ସେଥିରେ ଜିବ୍ରାଇଲ୍ ଅଛନ୍ତି । ଜିବ୍ରାଇଲ୍ କହିଲେ ଅଲ୍ଲାଃ ସେହି ସମସ୍ତ କଥା ଶୁଣିସାରିଛନ୍ତି, ଯାହା ତୁମର କୌମ୍ ତୁମକୁ କହିଛି ଓ ଯେଉଁ ଦୁଃଖ କଷ୍ଟ ତୁମକୁ ପହଂଚାଇଛନ୍ତି । ମୋ ସହିତ ଅଲ୍ଲାଃତାଲା ପାହାଡର ଫରିସ୍ତାଙ୍କୁ ପଠାଇଛନ୍ତି, ଯଦ୍ୱାରା ତୁମେ ଯାହା କିଛି ଏହି କୌମ୍ ବିଷୟରେ ନିଷ୍ପତି ନେବ ସେମାନେ ତାହା ହିଁ କରିବେ । ପୁଣି ପାହାଡର ଫରିସ୍ତା ମଧ୍ୟ ମୋତେ ସଲାମ୍ କରି କହିଲେ କି ହେ ମୁହମ୍ମଦ୍ ମୁଁ ହେଉଛି ମଲକୁଲ୍ ଜିବାଲ୍ । ଅଲ୍ଲାଃତାଲା ତୁମ କୌମ୍‌ର ସେହି ସମସ୍ତ କଥା ଓ ସେହି ସମସ୍ତ କଷ୍ଟ, ଯାହା ତୁମକୁ ସେମାନେ ଦେଇଛନ୍ତି, ସେ ସବୁ ଶୁଣିସାରିଛନ୍ତି । ତୁମକୁ ସାହାଯ୍ୟ କରିବା ପାଇଁ ମୋତେ ପଠାଇଛନ୍ତି । ଆପଣ ମୋତେ ଯାହା ହୁକୁମ୍ କରିବେ ତା ମୁତାବକ ମୁଁ କାର୍ଯ୍ୟ କରିବି । ଯଦି ଆପଣ କହିବେ କି ଏହି ଦୁଇ ପାହାଡକୁ (ଯାହାଙ୍କ ମଝିରେ ତାଏଫ୍‌ର ସହର ରହିଛି) ଏକାଠି କରିବା ପାଇଁ ଓ ସେ ଦୁଇ ପାହାଡ ମଝିରେ ରହୁଥିବା ଲୋକମାନଙ୍କୁ ପେଶିଦେବାପାଇଁ, ତେବେ ମୁଁ ଏହା କରିବା ପାଇଁ ପ୍ରସ୍ତୁତ ଅଛି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ ପାହାଡର ଫରିସ୍ତାଙ୍କୁ କହିଲେ- ମୋର ଏ ଆଶା ଅଛି କି ଏହି ଲୋକମାନଙ୍କ ଆସନ୍ତା ପିଢ଼ୀରେ ଏପରି ଲୋକେ ଜନ୍ମ ନେବେ ଯେଉଁମାନେ ଅନେକେଶ୍ୱରବାଦ ଅର୍ଥାତ୍ ଶିର୍କ(ବହୁ ଦେବାବେଦୀ ପୂଜା କରୁଥିବା ଲୋକେ)ରୁ ନିବୃତ୍ତ ରହିବେ ଓ ଏକ ଓ ଅଦ୍ୱିତୀୟ ଖୁଦାଙ୍କ ଉପାସନା କରିବେ । ସେଥିପାଇଁ ମୁଁ ସେହି ଲୋକମାନଙ୍କୁ ନିଃଶେଷ କରିବାକୁ ଅନୁମତି ଦେଇପାରିବି ନାହିଁ ।

(ମୁସ୍‌ଲିମ୍ କିତାବୁଲ୍ ଜିହାଦ୍ ବାବ୍ ମା ଲକିୟନ୍ ଲବିୟୁ ସ:ଆ:ସ ମିନ୍ ଅଜଲ୍ ମୁଶ୍‌ରିକିନା ଓ୍ୱଲ୍ ମୁନାଫିକିନା) (ବହଓ୍ୱାଲା ପୁସ୍ତକ ହଦିକତୁସ୍ ସ୍ୱାଲେହିନ୍ ସଂସ୍କରଣ ମୋହତ୍‌ରମ୍ ମୌଲାନା ସଇଫୁର୍ ରହେମାନ୍ ସାହେବ, ହଦିସ୍ ନଂ-୪୨)

ପାଠକେ ଚିନ୍ତା କରନ୍ତୁ ! ଯେତେବେଳେ ପାହାଡର ଫରିସ୍ତା ଆସି କହିଲେ କି ଯଦି ଅନୁମତି ଦେବେ ତେବେ ତାଏଫ୍‌ର ଦୁଇପଟେ ଥିବା ପାହାଡକୁ, ସେମାନଙ୍କର ଧୃଷ୍ଟତା ଯୋଗୁ ଦଣ୍ଡ ଦେଇ ମିଶାଇ ଦେବି ଫଳତଃ ସେମାନଙ୍କ ମଧ୍ୟରୁ ଜଣେ ମଧ୍ୟ ଜିବୀତ ରହିବେ ନାହିଁ । ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ କଣ ଉତର ଦେଲେ ? ଆପଣ ସ:ଆ:ସ କହିଲେ:- "ମୋର ବିଶ୍ୱାସ ଅଛି କି ସେହି ଲୋକମାନଙ୍କ ପିଢ଼ୀରୁ ଏପରି ଲୋକେ ଜନ୍ମ ହେବେ ଯିଏ ଶିର୍କ୍‌ରୁ ନିବୃତ୍ତ ରହିବା ବାଲା ଓ ଏକ ଇଶ୍ୱରଙ୍କୁ ଉପାସନା କରିବା ବାଲା ହେବେ" । ଆପଣଙ୍କ ହୃଦୟରେ କି ପ୍ରକାର ଦୟାଭାବ ଓ ସହାନୁଭୂତି ଥିଲା କି ସମଗ୍ର ମାନବ ଜାତି କିପରି ନିଜର ପ୍ରକୃତ ସୃଷ୍ଟିକର୍ତ୍ତା ଓ ମାଲିକଙ୍କୁ ଚିହ୍ନି ନେଉ ଓ ଜଣେ ମଧ୍ୟ ମୁଶ୍‌ରିକ୍ ଏ ସଂସାରରେ ବାକି ନରୁହନ୍ତୁ ।

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ନିଜର ଖୁତ୍‌ବା ଜୁମା ୨୦ ଏପ୍ରିଲ୍ ୨୦୧୮ରେ କହୁଛନ୍ତି:- "ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ଅବସରରେ ହଜ୍‌ରତ୍ ଅଲୀ ର:ଅଙ୍କୁ ସମ୍ବୋଧନ କରି କହିଲେ କି ଖୁଦାଙ୍କ ରାଣ, ତୁମ ଜରିଅରେ ଜଣେ ବ୍ୟକ୍ତିଙ୍କ ହିଦାୟତ୍ (ମାର୍ଗଦର୍ଶନ) ଲାଭ କରିବା ତୁମ ପାଇଁ ଉଚ୍ଚ ଶ୍ରେଣୀର ଲୋହିତ ଓଟ ମିଳିଯିବାଠାରୁ ମଧ୍ୟ ଉତ୍ତମ । ଏହି ସାଂସାରିକ ଧନ ସମ୍ପତି ତା ମୁକାବିଲାରେ କୌଣସି ଅର୍ଥ ରଖୁନାହିଁ । ତେଣୁ ତୁମେ ତବ୍‌ଲିଗ୍ କର ଓ କାହାର ହିଦାୟତ୍ ପାଇଯିବାର ମାଧ୍ୟମ ସାଜ । ଅଲ୍ଲାଃତାଲାଙ୍କ ପୁରସ୍କାର ଗୁଡିକର ଉତରାଧିକାରୀ ହେବାପାଇଁ ଏହା ଆବଶ୍ୟକ ଅଟେ କି ଆମେ ତବ୍‌ଲିଗ୍ କରିବା ଓ ଏ ସଂସାର ହିଦାୟତ୍ (ମାର୍ଗଦର୍ଶନ) ପାଇଁ ସମୟ ଦେବା" ।

ଅଲ୍ଲାଃତାଲା ଆମକୁ ସୟଦ୍‌ନା ଓ ମୌଲାନା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଏହି ଉତ୍ତମ ଆଦର୍ଶକୁ ଆପଣେଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ହଜୁର୍ ଅନୱ୍ୱର୍ ଅ:ବ:ଅଙ୍କ ଆଦେଶ ମୁତାବକ ଆମେ ତବ୍‌ଲିଗ୍ ଓ ଅମଲେ ସ୍ୱାଲେହା (ଉତ୍ତମ କାର୍ଯ୍ୟ) ଜରିଆରେ ମାନବ ଜାତି ପାଇଁ ହିଦାୟତ୍‌ର ମାର୍ଗ ଉନ୍ମୁକ୍ତ କରିବା ବାଲା ହେଉ । ଆମିନ୍ !

*(ମନ୍‌ସୁର୍ ଅହେମଦ୍ ମସ୍‌ରୁର୍)*

ପୃଷ୍ଠା-୨ ର ଅବଶିଷ୍ଟାଂଶ......

ହେବେ, ଯିଏ ନିଜ ଇଲହାମାତ୍(ଐଶ୍ୱରିକ ବାଣୀ) ଜରିଆରେ ତାଙ୍କ ସମର୍ଥନ କରିବ । ଏହିପରି ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କୁ ତିନୋଟି ସାକ୍ଷୀ ହାସଲ ହୋଇଛି । ପ୍ରଥମଟି ନିଜେ ନିଜ ଭିତରେ ପ୍ରମାଣ ରଖିଛି । ଦ୍ୱିତୀୟଟି ତାଙ୍କ ଉମ୍ମତ୍‌ରେ ଅଉଲିୟା ଅଲ୍ଲାଃ (ଅଲ୍ଲାଃଙ୍କ ପ୍ରିୟତମ ବ୍ୟକ୍ତି ବିଶେଷ) ଜନ୍ମ ହେଉଥିବେ । ଯେଉଁମାନେ ତାଙ୍କ ସତ୍ୟତାର ସାକ୍ଷୀ ଦେବେ । ତୃତୀୟରେ ତାଙ୍କ ପୂର୍ବରୁ ମଧ୍ୟ ହଜ୍‌ରତ୍ ମୁସା ଆ:ସଙ୍କ ପୁସ୍ତକ ତାଙ୍କ ସତ୍ୟତାର ସାକ୍ଷୀ ଦେଉଅଛି । ଏତେ ସାକ୍ଷୀ ଅନ୍ୟ କୌଣସି ନବୀଙ୍କ ନିମନ୍ତେ ଉପଲବ୍ଧ ନାହିଁ ।

(ତଫସିର ସଗିର ପୃଷ୍ଠା-୩୫୩)

❁ وَاِذْ قَالَ عِيْسَى ابْنُ مَرْيَمَ يٰبَنِيْٓ اِسْرَآءِيْلَ اِنِّيْ رَسُوْلُ اللّٰهِ اِلَيْكُمْ مُّصَدِّقًا لِّمَا بَيْنَ يَدَيَّ مِنَ التَّوْرٰىةِ وَمُبَشِّرًاۢ بِرَسُوْلٍ يَّاْتِيْ مِنْۢ بَعْدِي اسْمُهٗٓ اَحْمَدُ ۭ فَلَمَّا جَآءَهُمْ بِالْبَيِّنٰتِ قَالُوْا هٰذَا سِحْرٌ مُّبِيْنٌ ○ (اَلصّف آیت 7)

ଅର୍ଥାତ୍- ଏବଂ (ସ୍ମରଣ କର) ଯେତେବେଳେ ମରିୟମ-ନନ୍ଦନ ଇସା ନିଜ ସମ୍ପ୍ରଦାୟକୁ କହିଲେ, "ହେ ଇସ୍‌ରାଇଲିୟ ସନ୍ତାନମାନେ ! ଆମ୍ଭେ ଅଲ୍ଲାଃଙ୍କ ତରଫରୁ ତୁମମାନଙ୍କ ନିକଟକୁ ରସୁଲ୍ ଭାବରେ ଆସିଅଛୁ । ଯାହା (ଅର୍ଥାତ୍ ଯେଉଁ ବାଣୀ) ଆମ୍ଭର ଆଗମନ ପୂର୍ବରୁ ଅବତୀର୍ଣ୍ଣ ହୋଇଅଛି, ଅର୍ଥାତ୍ ତୌରାତ୍, ଆମ୍ଭେ ତାହାର ଭବିଷ୍ୟବାଣୀର ପ୍ରତିପାଦିତ କରୁଅଛୁ, ଏବଂ ଏପରି ଜଣେ ରସୁଲଙ୍କ ସମ୍ବନ୍ଧରେ ସୁସମାଚର ଦେଉଅଛୁ ଯେ କି ଆମ୍ଭ ପରେ ଆସିବେ, ଯାହାଙ୍କର ନାମ ଅହମଦ୍ ହେବ" । (କିନ୍ତୁ) ଏହାପରେ ଯେତେବେଳେ ସେ ରସୁଲ୍ ପ୍ରମାଣ ସହିତ ଆସିଥିଲେ, ସେତେବେଳେ ସେମାନେ କହିଥିଲେ, "ଏହା ସ୍ପଷ୍ଟ ପ୍ରତାରଣା" ।

❁ هُوَ الَّذِيْٓ اَرْسَلَ رَسُوْلَهٗ بِالْهُدٰى وَدِيْنِ الْحَقِّ لِيُظْهِرَهٗ عَلَى الدِّيْنِ كُلِّهٖ ۙ وَلَوْ كَرِهَ الْمُشْرِكُوْنَ ○ (اَلصّف آیت 10)

ଅର୍ଥାତ୍- ସେ (ଅଲ୍ଲାଃ) ହିଁ ନିଜ ରସୁଲଙ୍କୁ ସତ୍‌ପଥ ସହିତ ଓ ସତ୍ୟଧର୍ମ ପ୍ରଦାନ କରି ପ୍ରେରଣ କରିଛନ୍ତି । ଯଦ୍ୱାରା କି ମୁଶ୍‌ରିକ୍‌ମାନେ ଯେତେ ଅପସନ୍ଦ କଲେ ମଧ୍ୟ (ସେ) ତାହାଙ୍କୁ ସମସ୍ତ ଧର୍ମ ଉପରେ ବିଜୟୀ କରିବେ । (ସୁରା ସଫ୍:୧୦)

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃ ଏହି ଆୟତ ଗୁଡିକୁ ବ୍ୟାଖ୍ୟା କରି କହୁଛନ୍ତି:- **(ଆୟତ ନଂ-୭)** ଏହି ଆୟତରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶାନେ ଅହେମଦୀୟତ୍ (ଅହେମଦୀୟତ୍‌ର ମହିମା) ର ପ୍ରକାଶ ହେବା ବିଷୟରେ ଭବିଷ୍ୟବାଣୀ କରାଯାଇଛି । ଆପଣ ସ:ଆ:ସ ମୁହମ୍ମଦ୍ ରୂପେ ମଧ୍ୟ ଶୋଭାମଣ୍ଡନ ହେଲେ ଯାହାର ଭବିଷ୍ୟବାଣୀ ହଜ୍‌ରତ୍ ମୁସା ଆ:ସ କରିଥିଲେ ଏବଂ ଅହେମଦ୍ ରୂପେ ମଧ୍ୟ ଆବିର୍ଭାବ ହେଲେ ଯାହାଙ୍କ ଭବିଷ୍ୟବାଣୀ ହଜ୍‌ରତ୍ ଇସା ଆ:ସ କରିଥିଲେ ।

**(ଆୟତ ନଂ-୧୦)** ଏହି ଆୟତରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିଶ୍ୱନବୀ ହେବାର ସ୍ପଷ୍ଟୀକରଣ ଉଲ୍ଲେଖ କରାଯାଇଛି ଅର୍ଥାତ୍ ଆପଣ ସ:ଆ:ସ କୌଣସି ଗୋଟିଏ ଦୀନ୍(ଧର୍ମ) କୁ ମାନୁଥିବା ଲୋକଙ୍କ ପ୍ରତି ଆବିର୍ଭାବ ହୋଇନାହାଁନ୍ତି । ବରଂ ସମସ୍ତ ବିଶ୍ୱ ପାଇଁ ଓ ପ୍ରତ୍ୟେକ ଧର୍ମର ଅନୁଗାମୀଙ୍କ ନିମନ୍ତେ ଆବିର୍ଭାବ ହୋଇଛନ୍ତି । ସେ ସମସ୍ତଙ୍କ ଉପରେ (ଆପଣ) ବିଜୟୀ ହେବେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:- "ଏହା ହେଉଛି ପବିତ୍ର କୋରାନ୍‌ର ଏକ ମହାନ୍ ଭବିଷ୍ୟବାଣୀ, ଯାହାପ୍ରତି ସମସ୍ତ ଗବେଷଣାରତ ଓ୍ୱଲେମାମାନେ ଏକମତ ଅଛନ୍ତି । ଅର୍ଥାତ୍ ଏହି (ପେଶଗୋଇଟି) ମସିହ୍ ମଉଦ୍‌ଙ୍କ ଦ୍ୱାରା ପୁରଣ ହେବ" ।

(ତରିୟାକୁଲ୍ କୁଲୁବ୍, ରୁହାନି ଖଜାଏନ୍, ଖଣ୍ଡ-୧୫, ପୃଷ୍ଠା-୨୩୨)

ପୃଷ୍ଠା-୪ ର ଅବଶିଷ୍ଟାଂଶ........

ବୁଦ୍ଧି ଏତେ ଦୂରରେ ରହିଛି ଯେତେ ଦୂରରେ ରାତି, ଦିନଠାରୁ ରହିଛି । ସେ ନିଜ ପବିତ୍ର କୋରାନ୍ ଓ ନିଜ ପ୍ରିୟ ରସୁଲେ ମୁସ୍ତଫା ସ:ଆ:ସଙ୍କ ଜରିଆରେ ସହର ଓ ଜଙ୍ଗଲର ସମସ୍ତ ଅଧିବାସୀମାନଙ୍କୁ ସ୍ପଷ୍ଟ ନିମନ୍ତ୍ରଣ ଦେଇଛନ୍ତି । ପୁଣି ଦରୁଦ୍ ଓ ସଲାମ୍ (ଅଲ୍ଲାଃଙ୍କ ଆଶିର୍ବାଦ) ହେଉ, ତାଙ୍କ ପ୍ରିୟତମ ମୁହମ୍ମଦ୍ ଖାତମୁନ୍ ନବୀୟିନ୍ ଓ ଫଖ୍‌ରୁଲ୍ ମୁରସଲିନ୍ (ଅବତାରମାନଙ୍କ ଗର୍ବ) ସ:ଆ:ସଙ୍କ ଉପରେ ଯିଏ ଦଲାଏଲ୍ ଓ୍ୱ ବରାହିନ (ସ୍ପଷ୍ଟ ପ୍ରମାଣମାନ) ସହିତ ଆସିଲେ ଓ ସେ ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କଲେ ଓ ସାରା ସଂସାରକୁ ଇସ୍‌ଲାହ୍ (ସଂସ୍କାର) କରିବା ପାଇଁ ଦାୟିତ୍ୱ ବହନ କଲେ । ଫଳତଃ ଅନେକ ଲୋକେ ଯେଉଁମାନେ ନିଜ ମନଇଛାରେ କାଳାତିପାତ କରୁଥିଲେ, ସେମାନେ ଆଧାତ୍ମିକ ଦଳରେ ସାମିଲ୍ ହୋଇଗଲେ ଓ ଅନେକ ବାକ୍‌ପଟୁ ଓ କ୍ରୋଧରେ ଜର୍ଜରିତ ଥିବା ଲୋକେ ଏପରି ଥିଲେ ଯେଉଁମାନେ ଅତ୍ୟନ୍ତ ଭଦ୍ର, ସଭ୍ୟ ଓ ଶିଷ୍ଟାଚାର ସମ୍ପନ୍ନ ହୋଇ ପବିତ୍ର ହୋଇଗଲେ । ହେ ଅଲ୍ଲାଃ ! ଏହି ରସୁଲ୍ ଓ୍ୱ ଉମ୍ମି (ନିରକ୍ଷର) ନବୀଙ୍କ ଉପରେ ଦରୁଦ୍ ପ୍ରେରଣ କର, ଯିଏ ନିଜ ସମ୍ପୂର୍ଣ୍ଣତାରେ ସମସ୍ତ ଅବତାରଙ୍କ ଠାରୁ ବଳିଯାଇଛନ୍ତି ଓ ଯିଏ ଚରିତ୍ର ଓ ବିଶେଷ ଗୁଣରେ ସମସ୍ତ ବୈଭବତାକୁ ନିଜ ଭିତରେ ଧରି ରଖିଛନ୍ତି । ଯେଉଁମାନେ ମୁନାଫିକ୍ ଥିଲେ ଓ ନିଷ୍ପାପର ନଥିଲେ ହଜୁର୍ ସେହି ଲୋକମାନଙ୍କ ହୃଦୟରେ ପ୍ରେମଭାବ ଜାଗ୍ରତ କରିଦେଲେ ଓ ଏପରି ଜାତିକୁ ସୁଧାରି ଦେଲେ ଯେଉଁମାନେ ମୁଶ୍‌ରିକ୍ (ଅନେକେଶ୍ୱରବାଦୀ) ଥିଲେ, ଏକେଶ୍ୱରବାଦୀ ନଥିଲେ । ଓ ଏପରି ଲୋକଙ୍କୁ ପବିତ୍ର କଲେ ଯିଏ ବ୍ୟଭିଚାରୀ ଓ ଦୁରାଚାରୀ ଥିଲେ, ଧର୍ମପରାୟଣ ନଥିଲେ । ଯେଉଁମାନେ ନିଜ ମନର ଗାଡ଼ିରେ ବସିଥିଲେ ଓ ଅଲ୍ଲାଃଙ୍କ ତରଫରୁ ପରିଚାଳିତ ଓ ଜାଗ୍ରତ ନଥିଲେ । ଓ ରସୁଲେ କରିମ୍ ସ:ଆ:ସ ଉମ୍ମି ଥିଲେ ଅର୍ଥାତ୍ ସାଂସାରିକ ଓ ଧାର୍ମିକ ଜ୍ଞାନ ସମ୍ପର୍କରେ କିଛି ପଢ଼ିନଥିଲେ । ସେ ଅଶିକ୍ଷିତ ଓ ଅନ୍ଧ କୌମ୍‌ରେ ବଢ଼ିଛନ୍ତି ଓ ଆପଣ ସ:ଆ:ସ ଜ୍ଞାନୀ ଓ ବିଜ୍ଞ ଲୋକଙ୍କ ଚେହେରା ମଧ୍ୟ ଦେଖିନଥିଲେ । ବରଂ ଆପଣ ନିଜର ଘରର ବାହାରକୁ ଆସିନାହାଁନ୍ତି ଓ ନାଁ କେବେ ଆପଣ ନିଜ ସାଙ୍ଗସାଥି ଓ ପଡୋଶୀମାନଙ୍କୁ ଛାଡ଼ି କେବେ ଯାତ୍ରା କରିଛନ୍ତି । ଏହା ସବୁ ସତ୍ତ୍ୱେ ମଧ୍ୟ ଆପଣ ସ:ଆ:ସ ସଂସାରର ସମସ୍ତ ଲୋକମାନଙ୍କ ଠାରୁ ଓ ଜ୍ଞାନୀଗୁଣିଙ୍କ ଠାରୁ ନିଜ ଜ୍ଞାନ, ବୁଦ୍ଧି, ବର୍‌କାତ୍, ନିଜର ବୈଭବ ଓ ଜ୍ୟୋତିରେ ଆଗକୁ ବଢ଼ିଗଲେ । ଏପରିକି ଆପଣଙ୍କ ହିଦାୟତ୍‌ର କୃପା ପୂର୍ବ, ପଶ୍ଚିମ, ନିଜ ଓ ପର ସମସ୍ତଙ୍କୁ ଢ଼ାଙ୍କିନେଲା ଓ ପ୍ରତ୍ୟେକ ଜ୍ଞାନୀ ଗୁଣୀ ନିଜର ଜ୍ଞାନକୁ ଆପଣ ସ:ଆ:ସଙ୍କ ବର୍‌କାତ୍ ପାଇବା ପ୍ରତି ପ୍ରସାରିତ କଲେ ଓ ଲୋକମାନଙ୍କ ହାତ ହଜୁର୍ ସ:ଆ:ସଙ୍କ ନିକଟରେ ଥିବା ଲାଭ, କୃପା ଓ ଉତମତା ଆଡକୁ ଲମ୍ବି ଆସିଲା । ସୁତରାଂ ଆପଣ ଲୋକମାନଙ୍କୁ କଲ୍ୟାଣ, ମଙ୍ଗଳ ଓ ଶାନ୍ତିର ମାର୍ଗ ଦେଖାଇଲେ ଏବଂ ସେମାନଙ୍କୁ ବିଭେଦତା, ବିଚ୍ଛେଦ ଓ ଅନ୍ଧକାର ମାର୍ଗରୁ ମୁକ୍ତି ପ୍ରଦାନ କଲେ ଓ ସେମାନଙ୍କ ସବୁ ପ୍ରକାରର କପଟାଚାର, ଦ୍ୱେଷ, ବିଭେଦ, ଲଢ଼ାଇ, ଝଗଡ଼ା ଏବଂ ଦୁଷ୍ଟ ପ୍ରକୃତିର ସମସ୍ତ ଖରାପ ଗୁଣକୁ ପବିତ୍ର କରାଇଲେ । ପୁଣି ଆପଣ ସ:ଆ:ସ (ଲୋକଙ୍କ) ଦୃଷ୍ଟିକୁ ଜ୍ୟୋତି ପ୍ରଦାନ କଲେ, ସଦ୍‌ଭାବ ସୃଷ୍ଟି କଲେ ଓ ବନ୍ଧନମୁକ୍ତ କରାଇଲେ । ଏପରିକି ଆପଣ ସ:ଆ:ସ ଲୋକମାନଙ୍କର ଥିବା ହୃଦୟରେ ଆଜ୍ଞାନୁବର୍ତିତା/ସ୍ୱୀକରଣ ଓ ପ୍ରସନ୍ନତାର ଆତ୍ମା ସୃଷ୍ଟି କରିଦେଲେ । ସେମାନଙ୍କ କୁଫୁର୍ (ଅମାନ୍ୟକାରୀ ହେବା) ଆବେଗକୁ ଶିଥିଳ କରିଦେଲେ । ସେମାନଙ୍କୁ ଧୈର୍ଯ୍ୟବାନ୍ ବନାଇଲେ । ତାଙ୍କ ପୁରୁଷାର୍ଥକୁ ଦୃଢ଼ କଲେ ଓ ପାଦକୁ ସୁଦୃଢ଼ କଲେ । ଫଳତଃ ସେମାନେ ନିଜ ରାସ୍ତା ଓ ନିଜ ଲକ୍ଷ୍ୟସ୍ଥଳକୁ ଦେଖିପାରିଲେ ଏବଂ ମଧୁର, ସ୍ୱଚ୍ଛ ଓ ଥଣ୍ଡା ପାଣିର କୂଳରେ ପହଂଚିଗଲେ । ସେ ସମସ୍ତଙ୍କୁ ପବିତ୍ର କରାଗଲା । ଫଳତଃ ସେମାନେ ଏପରି ଶୁଦ୍ଧ, ପବିତ୍ର ଓ ସ୍ୱଚ୍ଛ ହୋଇଗଲେ କି ସେମାନେ ଉତମ ପୁରୁଷ ରୂପେ ବିବେଚିତ ହେଲେ ।

(କରାମାତୁସ୍ ସ୍ୱାଦେକିନ୍, ଉର୍ଦ୍ଦୁ ଅନୁବାଦ, ପୃଷ୍ଠା-୫)

*ପୃଷ୍ଠା-୯ ର ଅବଶିଷ୍ଟାଂଶ......*

ଭିତରେ ହିଁ ରହିଯାଏ ତାହା କୌଣସି ପଦମର୍ଯ୍ୟାଦା ପର୍ଯ୍ୟନ୍ତ ତୁମକୁ ପହଂଚାଇ ପାରିବ ନାହିଁ" । ଆପଣ କହୁଛନ୍ତି "ଖୁଦାତାଲାଙ୍କ ମହିମାକୁ ନିଜ ହୃଦୟରେ ଧରିରଖ ଓ ତାର ତେଜ ଓ ପ୍ରତାପକୁ ନିଜ ଆଖି ସାମନାରେ ରଖ ଓ ମନେରଖକି ପବିତ୍ର କୋରାନ୍‌ରେ ପାଖାପାଖି ପାଂଚଶହ ନିର୍ଦ୍ଦେଶ ରହିଛି । ଓ ସେ ତୁମର ପ୍ରତ୍ୟେକ ଅଙ୍ଗ ଓ ପ୍ରତ୍ୟେକ ଶକ୍ତି ଓ ପ୍ରତ୍ୟେକ ସ୍ଥାନ ଓ ପ୍ରତ୍ୟେକ ଅବସ୍ଥା ଓ ପ୍ରତ୍ୟେକ ବୟସ ଓ ପ୍ରତ୍ୟେକ ବୁଝିବାର ସ୍ତର ଓ ପ୍ରାକୃତିକ ସ୍ତର ଓ ବ୍ୟବହାରର ସ୍ତର ଓ ବ୍ୟକ୍ତିଗତ ଏବଂ ସାଙ୍ଗଠନିକ ସ୍ତର ଦୃଷ୍ଟିକୋଣରୁ ଗୋଟିଏ ଆଧାତ୍ମିକ ନିମନ୍ତ୍ରଣ ତୁମର କରିଅଛି" । ତେଣୁ ବୁଦ୍ଧି ମୁତାବକ ମଧ୍ୟ, ପ୍ରକୃତି ମୁତାବକ ମଧ୍ୟ ଓ ଅଲ୍ଲାଃତାଲାଙ୍କ ସହିତ ଯେଉଁ ସମ୍ପର୍କ ରହିଛି ତା ମୁତାବକ ମଧ୍ୟ, ବ୍ୟକ୍ତିଗତ ରୂପେ ମଧ୍ୟ ଓ ସାଙ୍ଗଠନିକ ରୂପରେ ମଧ୍ୟ ଗୋଟିଏ ନିମନ୍ତ୍ରଣ ଅଲ୍ଲାଃତାଲା କରିଛି । ଏହାକୁ ପ୍ରତ୍ୟେକ ଅହେମଦୀ ବୁଝିବା ଆବଶ୍ୟକ ଓ ଏଥିପାଇଁ ଯେଉଁଠି ଜ୍ଞାନ ଆହରଣ ଓ ଇମାନ୍‌ର ଉନ୍ନତି କରିବାକୁ ପଡ଼ିବ ସେଠି ଏହାକୁ ଆଚରଣରେ ମଧ୍ୟ ପରିପ୍ରକାଶ କରିବାକୁ ହେବ । ଆପଣ କହୁଛନ୍ତି "ତେଣୁ ତୁମେ ଏହି ଦାୱ୍‌ତ୍ (ନିମନ୍ତ୍ରଣ) କୁ କୃତଜ୍ଞତାର ସହିତ ଗ୍ରହଣ କର ଓ ଯେତିକି ଖାଦ୍ୟ ତୁମପାଇଁ ପ୍ରସ୍ତୁତ କରାଯାଇଛି ସେ ସବୁକୁ ଖାଓ ଓ ସବୁଥିରୁ ଲାଭ ଉଠାଓ । ଯେଉଁ ବ୍ୟକ୍ତି ଉକ୍ତ ସମସ୍ତ ନିର୍ଦ୍ଦେଶ ଗୁଡିକରୁ ଗୋଟିଏକୁ ମଧ୍ୟ ଟାଳି ଦେଉଛି, ମୁଁ ସତ୍ୟ କହୁଅଛି କି ସେ ନିଶ୍ଚିତ ରୂପେ ନିଷ୍ପତି ଦିନ ଧରାପଡ଼ିଯିବ, ଯଦି ନଜାତ୍ (ମୁକ୍ତି) ଚାହୁଁଅଛ ତେବେ ଦୀନୁଲ୍ ଅଜାଇଜ୍ (ନମ୍ରତା ସମ୍ପନ୍ନ ଧର୍ମ) କୁ ଗ୍ରହଣ କର ଓ ବିନମ୍ରତାର ସହିତ ପବିତ୍ର କୋରାନ୍‌ର ଜୁଆଳିକୁ ନିଜ କାନ୍ଧରେ ଉଠାଇ ଧରିରଖ । କାହିଁକିନା ଖଳ ପ୍ରକୃତିର ଲୋକେ ନିଃଶେଷ ହେବେ ଓ ବଦ୍‌ମାସ୍ ନର୍କରେ ପଡ଼ିବେ । କିନ୍ତୁ ଯିଏ ଗରିବଙ୍କ ପରି ବେକ ନୁଆଇ ଦେଉଛି ସେ ମୃତ୍ୟୁରୁ ବଂଚିଯିବ । ସାଂସାରିକ ସୁଖ ପାଇବା ସର୍ତ ନେଇ ଇଶ୍ୱରଙ୍କ ଉପାସନା କରନାହିଁ" । ସାଂସାରିକ ମନବାଞ୍ଛାକୁ ପୁରା କରିବା ପାଇଁ, ନିଜ ଇଚ୍ଛାକୁ ପୁରଣ କରିବାର ସର୍ତକୁ ନିଜ ଉପାସନାରେ ଲଗାଅ ନାହିଁ । କାରଣ ଏହିଭଳି ଉପାସନା ହୁଏନାହିଁ । ଆପଣ କହୁଛନ୍ତି କି ଯଦି ତୁମେ ସାଂସାରିକ ସର୍ତ ଲଗାଇବ ତେବେ "ଏହିପରି ଭାବନା ପାଇଁ ଗାଡ଼ ରଖାଯାଇଅଛି । ବରଂ ତୁମେ ତାର ଏଇଥିପାଇଁ ଉପାସନା କର କି ଉପାସନା କରିବା ହେଉଛି ସୃଷ୍ଟିକର୍ତାଙ୍କ ନିମନ୍ତେ ତୁମର କର୍ତବ୍ୟ । ତୁମର ଉପାସନ ତୁମ ଜୀବନ ହୋଇଯିବା ଉଚିତ୍ ଓ ତୁମ ପୁଣ୍ୟ କରିବାର ଉଦ୍ଦେଶ୍ୟ କେବଳ ଏତିକି ରହୁ କି ସେହି ପ୍ରିୟତମ ସୌନ୍ଦର୍ଯ୍ୟମୟ ବାସ୍ତବିକ (ଇଶ୍ୱର ତୁମ ଉପରେ) ରାଜି ହୋଇଯାଉ । କାରଣ ଏହାଠାରୁ କମ୍ ବିବେଚନା କରିବା ହେଉଛି ଠୋକର୍ ଖାଇବାର ସ୍ଥାନ" ।

*(ଅଜାଲା ଅଉହାମ୍, ରୁହାନି ଖଜାଏନ୍, ଖଣ୍ଡ-୩, ପୃଷ୍ଠା ୫୪୬-୫୪୮)*

ଅଲ୍ଲାତାଲା ଆମକୁ ଉକ୍ତ କଥା ଉପରେ ଅମଳ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମର ପ୍ରତ୍ୟେକ ଦିନ ଓ ପ୍ରତ୍ୟେକ ପାଦ ପୁଣ୍ୟରେ ଆଗକୁ ବଢ଼ିବାବାଲା ପାଦ ହେଉ । ପାକିସ୍ତାନ୍‌ର ଅହେମଦୀ ମାନଙ୍କୁ ମଧ୍ୟ ବିଶେଷ ରୂପେ ଦୁଆ ପ୍ରତି ଧ୍ୟାନ ଦେବା ଉଚିତ୍ ଓ ନିଜ ଅବସ୍ଥା ପ୍ରତି ଧ୍ୟାନ ଦେଇ ସେମାନଙ୍କୁ ଅଧିକରୁ ଅଧିକ ଅଲ୍ଲାଃଙ୍କ ସାନିଧ ଲାଭ କରିବା ଉଚିତ୍ । ସେଠାରେ ସବୁଠାରୁ ଅଧିକା ଅତ୍ୟାଚାର ଅହେମଦୀମାନଙ୍କ ଉପରେ କରାଯାଉଛି ଓ ପ୍ରତ୍ୟେକ ଦିନ ସେମାନଙ୍କ ପାଇଁ ନୁଆ ନୁଆ କାନୁନ୍ ପାସ୍ କରାଯାଉଛି, ଅର୍ଥାତ୍ ବନାଯାଉଛି । ଅଲ୍ଲାଃତାଲା ସମସ୍ତ ଅହେମଦୀମାନଙ୍କୁ ନିଜ ସୁରକ୍ଷାରେ ରଖନ୍ତୁ । ଶତ୍ରୁମାନଙ୍କର ସମସ୍ତ ଯୋଜନା ପଣ୍ଡ ଓ ଅସଫଳ ହେଉ ।

ଜଲ୍‌ସା ପରେ ସମସ୍ତ ସାମିଲ୍ ହୋଇଥିବା (ଅତିଥିମାନେ) ଯେଉଁମାନେ ବର୍ତମାନ କାଦିଆନ୍‌ରେ ଅଛନ୍ତି, ଅଲ୍ଲାଃତାଲା ସେମାନଙ୍କୁ କୁଶଳ ଓ ମଙ୍ଗଳ ସହିତ ନିଜ ନିଜ ଘରକୁ ଫେରାଇ ନେଇଯାଉ ଏବଂ ଜଲ୍‌ସା ଦିନ ଗୁଡ଼ିକରେ ଯେଉଁ ବର୍‌କାତ୍ ହାସଲ କରିଛନ୍ତି ସେଗୁଡ଼ିକ ନିଜ ଜୀବନର ଅଂଶ ବନାନ୍ତୁ ।

ଏହାପରେ ଆମେ ଦୁଆ କରିବା । କିନ୍ତୁ ଦୁଆ ପୂର୍ବରୁ ମୁଁ ସେଠିକାର ଉପସ୍ଥାନର ରିପୋର୍ଟ ମଧ୍ୟ ଦେଇଦେଉଛି । ଅଲ୍ଲାଃତାଲାଙ୍କ ଫଜଲରୁ ବର୍ତମାନ କାଦିଆନ୍‌ର ଜଲ୍‌ସାରେ ମଧ୍ୟ ୪୪ଟି ଦେଶରୁ ପ୍ରତିନିଧିତ୍ୱ ହୋଇଛି ଓ ୨୦୦୪୮ ଜଣଙ୍କର ଉପସ୍ଥାନ ରହିଛି ଯାହା ବିଗତ ବର୍ଷଠାରୁ ପାଖାପାଖି ୬୦୦୦ ଅଧିକା ଓ ଏଠିକାର ଯେଉଁ ଉପସ୍ଥାନ ଅଛି ତାହା ହେଉଛି ୫୩୦୦ । ଅଲ୍ଲାଃତାଲା ସମସ୍ତ ଯୋଗଦେଇଥିବା ଲୋକମାନଙ୍କର ସୁରକ୍ଷା କରନ୍ତୁ । ଏବେ ଦୁଅ କରିନିଅନ୍ତୁ ।

*ପୃଷ୍ଠା-୧୪ ର ଅବଶିଷ୍ଟାଂଶ......*

ମହିଳାମାନଙ୍କ ସହିତ ସମ୍ପର୍କିତ, ଅଧିକ ସ୍ୱାଧିନତାର ସହିତ ସେମାନେ ଆପଣ ସ:ଆ:ସଙ୍କୁ ପଚାରି ପାରୁନଥିଲେ ଓ ଆ ମୁକାବିଲାରେ ମହିଳାମାନଙ୍କର ଶିକ୍ଷାଗତ ଯୋଗ୍ୟତା ପୁରୁଷ ମାନଙ୍କ ଅପେକ୍ଷା କମ୍ ଓ ମୁର୍ଖତାପୁର୍ଣ୍ଣ ରସମ୍ (ପ୍ରଥା) ଉପରେ ଚାଲିବା ଅପେକ୍ଷାକୃତ ଅଧିକା ହୋଇଥାଏ । ସେଥିଯୋଗୁ ସେମାନେ ନିଜର ବ୍ୟବହାରିକ ଧାର୍ଯ୍ୟ ଶୈଳୀରେ କୌଣସି ପ୍ରକାର ପରିବର୍ତନ ଆଣିବା ପାଇଁ ଶିଘ୍ର ପ୍ରସ୍ତୁତ ହୋଇନଥାନ୍ତି । ଏହିଭଳି ପରିସ୍ଥିତିରେ ମହିଳାମାନଙ୍କ ତାଲିମ୍ ଓ ତର୍‌ବିୟତ୍ ନିମନ୍ତେ ବିଶେଷ ବ୍ୟବସ୍ଥା କରିବାର ଆବଶ୍ୟକ ଥିଲା ଓ ଏହାର ଉତମ ଓ ସୁନ୍ଦର ମାର୍ଗ ଏହା ଥିଲା କି ଆଁ ହଜ୍‌ରତ୍ ସ:ଆ:ସ ଯୋଗ୍ୟା ମହିଳା ମାନଙ୍କୁ ବିବାହ କରି ସେମାନଙ୍କୁ ନିଜ ତର୍‌ବିୟତ୍‌ରେ ଆଣି ଉକ୍ତ କାମ ପ୍ରତି ଯୋଗ୍ୟ ବନାଇ ଦିଆଯାଉ । ଏହାପରେ ପୁଣି ଆପଣଙ୍କର ଏହି ସ୍ତ୍ରୀ ମାନେ ମୁସଲ୍‌ମାନ୍ ମହିଳା ମାନଙ୍କର ତାଲିମ୍ ଓ ତର୍‌ବିୟତ୍‌ର କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବେ । ସୁତରାଂ ଏହି ଉପାୟ ଫଳପ୍ରଦ ହେଲା ଓ ମୁସଲ୍‌ମାନ୍ ମହିଳାମାନେ ବହୁତ ସୁନ୍ଦର ରୂପେ ଅଳ୍ପ ସମୟ ମଧ୍ୟରେ ନିଜ ଜୀବନକୁ ନୁତନ ଶରୀୟତ୍ ମୁତାବକ ଗଢ଼ି ତୋଳିନେଲେ । ଏପରିକି ସଂସାରର କୌଣସି ଜାତିରେ ଏ ଉଦାହରଣ ଦୃଷ୍ଟିଗୋଚର ହୁଏନାହିଁ କି ମହିଳାମାନେ ଏତେ କମ୍ ସମୟରେ ଏତେ ଉଚ୍ଚ ସ୍ତରର ସମ୍ପୂର୍ଣ୍ଣ ଶିକ୍ଷାକୁ ବିଲ୍‌କୁଲ୍ ନୁଆ କାନୁନ୍ ଓ ନୁଆ ସଂସ୍କୃତିକୁ ଗ୍ରହଣ କରିଥିବେ ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ବିବାହ କୌଣସି ବିଷୟ ବାସନା ବା କାମ ଇଚ୍ଛା ଅନ୍ତର୍ଗତ ନଥିଲା ବରଂ ତାହା ଦୀନୀ ଉଦ୍ଦେଶ୍ୟ ଅନ୍ତର୍ଗତ ଥିଲା । ଏହାର ଏକ କ୍ରିୟାତ୍ମକ ଓ ବ୍ୟବହାରିକ ପ୍ରମାଣ ଏକଥାରୁ ମଧ୍ୟ ମିଳୁଛି କି ଆପଣ ସ:ଆ:ସ କିଛି ଏପରି ମହିଳାମାନଙ୍କୁ ମଧ୍ୟ ବିବାହ କରିଥିଲେ, ଯେଉଁମାନଙ୍କର ବୟସ ଏତେ ହୋଇଯାଇଥିଲା କି ସେମାନେ ସନ୍ତାନ ଜନ୍ମ କରିବା ପାଇଁ ଅସମର୍ଥ ଥିଲେ । ଉଦାହରଣ ସ୍ୱରୂପ ହଜ୍‌ରତ୍ ଉମେ ସଲ୍‌ମା ର:ଅ ଯାହାଙ୍କୁ ଆପଣ ସ:ଆ:ସ ୪ ହିଜିରିରେ ବିବାହ କରିଥିଲେ । ତାଙ୍କର ବୟସ ସେତେବେଳେ ସନ୍ତାନ ଜନ୍ମ କରିବା ଇତ୍ୟାଦିର ସୀମା ପାର୍ କରିଯାଇଥିଲା । ତେଣୁ ସେ ଏହି ଆଧାରରେ ବିବାହ ନ କରିବା ପାଇଁ ବାହାନା ମଧ୍ୟ କଲେ । କିନ୍ତୁ ଯେହେତୁ ଆପଣ ସ:ଆ:ସଙ୍କର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଧାର୍ମିକ ଉଦ୍ଦେଶ୍ୟ ଥିଲା ଓ ଏହି ଉଦ୍ଦେଶ୍ୟ ପାଇଁ ଉକ୍ତ ମହିଳାଜଣକ ବହୁତ ଯୋଗ୍ୟା ଥିଲେ ସେଥିପାଇଁ ଆପଣ ସ:ଆ:ସ ତାଙ୍କୁ ରାଜି ହେବା ପାଇଁ ବାଧ କରି ତାଙ୍କ ସହିତ ବିବାହ କଲେ । (ନସାଇ ବହୱାଲା ଜର୍‌କାନି, ଖଣ୍ଡ-୨, ହାଲାତ୍ ଉମେ ସଲ୍‌ମା ଏବଂ ଇବ୍‌ନେ ସାଦ୍, ଖଣ୍ଡ-୮ ହାଲାତ ଉମେ ସଲ୍‌ମା)

ସୁତରାଂ ଯେଉଁ ସବୁ ଉଦ୍ଦେଶ୍ୟ ଗୁଡିକୁ ଦୃଷ୍ଟିରେ ରଖି ଆଁ ହଜ୍‌ରତ୍ ସ:ଆ:ସଙ୍କ ବିବାହ ହୋଇଥିଲା ତାହା ଅତ୍ୟନ୍ତ ମୁବାରକ୍ ଓ ପବିତ୍ର ଉଦ୍ଦେଶ୍ୟ ଥିଲା ଓ ଏହା ନବୁୱ୍‌ତର ଦାୟିତ୍ୱ ତୁଲାଇବା ନିମନ୍ତେ କରିବା ବିଶେଷ ରୂପେ ଥିଲା । କେବଳ ବିବାହରେ ହିଁ ସିମୀତ ନଥିଲା ବରଂ ଯଦି ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନ ଚରିତକୁ ଅଧ୍ୟୟନ କରାଯାଏ ତେବେ ସେଥିରୁ ଜଣାଯାଉଛି ଆପଣ ସ:ଆ:ସ ଯାହା କାର୍ଯ୍ୟ ମଧ୍ୟ କରୁଥିଲେ ତାହା ସାଂସାରିକ ହେଉ ବା ଧାର୍ମିକ, ସେଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ରୂପେ ଆପଣ ସ:ଆ:ସଙ୍କ ପ୍ରାଥମିକ ଉଦ୍ଦେଶ୍ୟ ନବୁୱ୍‌ତର ଦାୟିତ୍ୱ ଗୁଡ଼ିକୁ ପ୍ରଦାନ କରିବା ଥିଲା । ଓ ସାଂସାରିକ ନେମତ୍ (ସୁଖସାମଗ୍ରୀ) ଠାରୁ ଆପଣଙ୍କୁ କେବେ ବି କୌଣସି ପ୍ରକାରର ଅନୁରାଗ ନଥିଲା । ନିମ୍ନଲିଖିତ ହଦିସ୍ ନିଶ୍ଚିତ ରୂପେ ଆପଣଙ୍କ ଜୀବନର ଉତମ ନକ୍ସା ଅଟେ ।

عَنِ ابْنِ مَسْعُوْدٍ اَنَّ رَسُوْلَ اللّٰہِ صلی اللہ علیہ وسلم نَامَ عَلٰی حَصِیْرٍ فَقَامَ وَقَدْ اَثَّرَ فِیْ جَسَدِہٖ فَقَالَ ابْنُ مَسْعُوْدٍ یَا رَسُوْلَ اللّٰہِ لَوْ اَمَرْتَنَا اَنْ نَبْسُطَ لَکَ وَنَعْمَلَ فَقَالَ مَالِیْ وَلِلدُّنْیَا وَمَا اَنَا وَالدُّنْیَا اِلَّا کَرَاکِبٍ اِسْتَظَلَّ تَحْتَ شَجَرَۃٍ ثُمَّ رَاحَ وَتَرَکَھَا۔

ଅର୍ଥାତ୍- ଇବ୍‌ନେ ମସ୍‌ଉଦ୍ ବର୍ଣ୍ଣନା କରୁଛନ୍ତି କି ଏକଦା ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ମୋଟା ଓ ଖଦଡ ପଟି ଉପରେ ଶୋଇଯାଇଥିଲେ । ଯେବେ ଆପଣ ସ:ଆ:ସ ଉଠିଲେ ସେହି ପଟିର ଚିହ୍ନ

ଗୁଡିକ ଆପଣଙ୍କ ଶରୀରରେ ଦୃଷ୍ଟିଗୋଚର ହୋଇଥିଲା । ଏଥିରେ ମୁଁ କହିଲି ହେ ରସୁଲଲ୍ଲାଃ ଆପଣ ଯଦି ପସନ୍ଦ କରିବେ ତେବେ ଆମେ ଆପଣଙ୍କ ନିମନ୍ତେ ଆରାମ ଓ ସୁଖ ବିଶ୍ରାମର ସାମାନ୍ ଯୋଗାଇ ଦେବୁ । ଏଥିରେ ଆପଣ ସ:ଆ:ସ କହିଲେ ଇବ୍‌ନେ ମସଉଦ୍ ! ମୋତେ ସାଂସାରିକ ସୁଖ ସାମଗ୍ରୀ/ନିଧି ସହିତ କଣ କାମ । ମୋର ଏବଂ ସଂସାରର ଉଦାହରଣ ଏପରିକି ଯେପରି ଜଣେ ଯାତ୍ରୀ ରାସ୍ତାରେ ଚାଲୁଥାଏ ଓ ଅଳ୍ପ ସମୟ ପାଇଁ କୌଣସି ଗଛର ଛାଇତଳେ ଦମ୍ ମାରିବା ପାଇଁ ରହିଯାଏ ଓ ପୁଣି ଉଠି ନିଜର ଗନ୍ତବ୍ୟ ପଥରେ ଚାଲିବାକୁ ଲାଗିଯାଏ ।

(ମସ୍‌ନଦ୍ ଅହେମଦ୍ ଏବଂ ତିରିମିଜି ବହ୍‌ୱାଲା ମିଶ୍‌କାତ୍ କିତାବୁର୍ ରକାକ୍ ପୃଷ୍ଠା-୪୪୨)

ଏହି ହଦିସ୍‌ର ଅର୍ଥ ଏହା ନୁହେଁ କି ସାଂସାରିକ ସୁଖ ସାମଗ୍ରୀ/ପ୍ରସାଦ/ନିଧି/କୃପାରୁ ଲାଭ ଉଠାଇବା ମନା କରାଯାଇଛି । କାରଣ ଇସ୍‌ଲାମ୍ କୌଣସି ପ୍ରକାରର ବୈଧ ସୁଖ ସାମଗ୍ରୀରୁ ଉଚିତ୍ ରୂପେ ଲାଭ ଉଠାଇବା ପାଇଁ ମନା କରେନାହିଁ ବରଂ ପବିତ୍ର କୋରାନ୍‌ରେ ଏ ଦୁଆ କରିବା ପାଇଁ ଶିକ୍ଷା ଦିଆଯାଇଛି କି

رَبَّنَآ اٰتِنَا فِی الدُّنْیَا حَسَنَةً وَّفِی الْاٰخِرَةِ حَسَنَةً (البقرۃ:202)

ଅର୍ଥାତ୍ - ହେ ଆମର ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କୁ ସାଂସାରିକ ସୁଖ ସାମଗ୍ରୀ/କୃପା ଆମକୁ ପ୍ରଦାନ କର ଓ ପରକାଳରେ ମଧ୍ୟ ସେହିସବୁ ନିଧି ଓ କୃପାରେ ଆମକୁ ଭାଗିଦାରୀ କରାଓ ।

ତେଣୁ ଉପରୋକ୍ତ ହଦିସ୍‌ରୁ କେବଳ ଏହି ଅର୍ଥ ନିଆଯାଇପାରିବ କି ମନୁଷ୍ୟଙ୍କୁ ନିଜ ଜୀବନର ଅସଲ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରାପ୍ତ ପାଇଁ ସାଂସାରିକ ନିଧି ଓ କୃପା ହାସଲ କରିନେବାକୁ ବୁଝିନେବା ଉଚିତ୍ ନୁହେଁ । ପୁଣି ଏହି ହଦିସ୍‌ରେ ଏ ପ୍ରମାଣ ମଧ୍ୟ ମିଳୁଛି କି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିଜପାଇଁ ସାଂସାରିକ ସୁଖ ସାମଗ୍ରୀ ହାସଲ କରିବା ପ୍ରତି କୌଣସି ଅନୁରାଗ ନଥିଲା । ଓ ଏହି ସାଂସାରିକ କୃପା ହାସଲ କରିବା ପ୍ରତି ଯେଉଁଠି ପ୍ରଶ୍ନ ଉଠୁଛି ତେବେ ଆପଣଙ୍କ ଜୀବନ ତ କେବଳ ଏକ ଯାତ୍ରୀର ଜୀବନ ପରି ଥିଲା ।

ବହୁବିବାହ ବିଷୟରେ ଚର୍ଚ୍ଚା କରାଯାଇଥିବା ଏହି ନୋଟ୍‌ରେ ଏକଥା ମଧ୍ୟ କହିବା ବାହୁଲ୍ୟ ହେବନାହିଁ କି ବହୁ ବିବାହର ଅନୁମତି ଦେବାରେ କେବଳ ଇସ୍‌ଲାମ୍ ଏକୁଟିଆ ନୁହେଁ ବରଂ ଦୁନିଆର ଅଧିକାଂଶ ଧର୍ମରେ ବହୁ ବିବାହର ଅନୁମତି ଦିଆଯାଇଛି । ଉଦାହରଣ ସ୍ୱରୂପ ମୁସୁଓ୍ୱି (ମୁସା ଆ:ସଙ୍କ) ଶରୀୟତ୍‌ରେ ଏହାର ଅନୁମତି ଅଛି । (ଇସ୍‌ତସ୍‌ନା ବାବ୍ ୨୧, ଆୟତ ୧୫, ସଲାତିନ୍ ୧, ବାବ୍ ୧୧, ଆୟତ ୩) ଏବଂ ବନି ଇସ୍‌ରାଇଲ୍‌ର ବହୁତ ନବୀ ଏହା ଉପରେ ଅମଳ କରିଥିଲେ । (ଉଦାହରଣ ସ୍ୱରୂପ ଦେଖନ୍ତୁ ହାଲାତ୍ ହଜ୍‌ରତ୍ ଇବ୍ରାହିମ୍, ହଜ୍‌ରତ୍ ଯାକୁବ୍, ହଜ୍‌ରତ୍ ଦାଉଦ୍ ଓ ହଜ୍‌ରତ୍ ସୁଲେମାନ୍ ଇତ୍ୟାଦି ଆ:ସ)

ହିନ୍ଦୁ ଧର୍ମରେ ବହୁବିବାହର ଅନୁମତି ରହିଛି (ମନୁ ୯/୧୨୨, ୯/୧୪୯, ୯/୧୮୩) ଏବଂ ଅନେକ ହିନ୍ଦୁ ମୁନି ଋଷିମାନେ ଏକାଧିକ ପତ୍ନୀ ରଖିଥିଲେ । ଉଦାହରଣ ସ୍ୱରୂପ କ୍ରିସନ୍ ଜୀ ବହୁବିବାହ ଉପରେ ଅମଳ କରିଥିଲେ । (ଶ୍ରୀ କ୍ରିସନ୍, ଲେଖକ-ଲାଲା ଲାଜପତ୍ ରାୟ, ପୃଷ୍ଠା-୯୭-୯୮) ଏବଂ ହିନ୍ଦୁ ରାଜା ମହାରାଜାମାନେ ଏପର୍ଯ୍ୟନ୍ତ ବହୁବିବାହ ଉପରେ ପରିଚାଳିତ ଅଛନ୍ତି । ସେହିପରି ହଜ୍‌ରତ୍ ମସିହ୍ ନାସିର୍‌ଙ୍କ ମଧ୍ୟ କୌଣସି କଥା ବହୁବିବାହର ଖିଲାଫ୍‌ରେ ଦୃଷ୍ଟିଗୋଚର ହେଉନାହିଁ । ଯେହେତୁ ମୁସା ଆ:ସଙ୍କ ଶରୀୟତ୍‌ରେ ଏହାର ଅନୁମତି ଥିଲା ଓ ବ୍ୟବହାରିକ ରୂପେ ମଧ୍ୟ ହଜ୍‌ରତ୍ ମସିହ୍ ନାସିର୍‌ଙ୍କ ଯୁଗରେ ବହୁବିବାହ କରିବାର ପ୍ରଥା ପ୍ରଚଳନ ଥିଲା । ସେଥିଯୋଗୁଁ ଏଥିପ୍ରତି ଚୁପ୍ ରହିବା ପ୍ରମାଣିତ କରୁଛି କି ସେ ଏହାକୁ ବୈଧ ବୋଲି ବିବେଚନା କରୁଥିଲେ । ତେଣୁ ଇସ୍‌ଲାମ୍ ଏଥିରେ କୌଣସି ନୂଆ କଥା ଆଣିନାହିଁ । ଅଧିକନ୍ତୁ ଇସ୍‌ଲାମ୍ ବହୁବିବାହ କରିବାର ଏକ ସୀମା ଧାର୍ଯ୍ୟ କରିଦେଇଛି । ଓ ଏପରି ସର୍ତ୍ତରେ ଏହାକୁ ବାନ୍ଧିଦେଇଛି କି ବ୍ୟତିକ୍ରମ ଅବସ୍ଥାରେ ଲୋକ ଓ କୌମ୍ ନିମନ୍ତେ ଏହା ଏକ ଫଳପ୍ରଦ ଓ ବାବର୍‌କତ୍ ନେଜାମ୍ କାଏମ୍ ହୋଇପାରିବ ।

ଏହି ନିବନ୍ଧର ଶେଷରେ ଏ କଥା ଚର୍ଚ୍ଚା କରିବା ମଧ୍ୟ ଆବଶ୍ୟକ ହୋଇଯାଇଛି କି ଯଦିଚ ବିରୋଧିମାନଙ୍କ ତରଫରୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ବହୁବିବାହ ଉପରେ ବହୁତ ଭୀଷଣ ଆରୋପ ଲଗାଯାଇଛି ଓ ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରକୃତି ଓ ନିଜ ଭାବନା ମୁତାବକ ଆପଣ ସ:ଆ:ସଙ୍କ ବହୁବିବାହ କରିବା ବିଷୟକୁ ଦେଖିଛନ୍ତି କିନ୍ତୁ ପୁଣି ମଧ୍ୟ ସତ୍ୟ କେବେ ନା କେବେ ବିରୋଧିମାନଙ୍କ କଲମ ଓ ଜିହ୍ୱା ଉପରେ ବିଜୟୀ ହୋଇଛି । ସେମାନେ ଯଦିଚ ସମ୍ପୂର୍ଣ୍ଣ ରୂପେ ନୁହେଁ ତେବେ ଅତି କମ୍‌ରେ ପାକ୍ଷିକ ରୂପେ ସତ୍ୟକୁ ଗ୍ରହଣ କରିଛନ୍ତି । ମିଷ୍ଟର୍ ମାର୍ଗୋଲେସ୍ ଯାହାଙ୍କ ଆଖି ସାଧାରଣତଃ ପ୍ରତ୍ୟେକ ସିଧା କଥାକୁ ଓଲଟା ଦେଖିବାର ଅଭ୍ୟସ୍ତ, ତଥାପି ମିଷ୍ଟର୍ ମାର୍ଗୋଲେସ୍ ମଧ୍ୟ ଏହି ମାମଲାରେ ସତ୍ୟକୁ ଗ୍ରହଣ କରିବା ପାଇଁ ବିବଶ ହୋଇଛନ୍ତି । ସେ ନିଜର ପୁସ୍ତକ "ମୁହମ୍ମଦ୍" ରେ ଲେଖୁଛନ୍ତି:-

"ମୁହମ୍ମଦ୍ (ସ:ଆ:ସ)ଙ୍କ ବହୁତ ଗୁଡିଏ ବିବାହ ଯାହା ଖଦିଜା ର:ଅଙ୍କ ପରେ ଅନୁଷ୍ଠିତ ହୋଇଛି, ଅଧିକାଂଶ ୟୁରୋପୀୟ ଲେଖକଙ୍କ ଦୃଷ୍ଟିରେ ତାହା ବିଷୟାବାସନା ଓ ଭୋଗବିଳାସ ବୋଲି ଅଭିହିତ କରାଯାଇଛି କିନ୍ତୁ ବାସ୍ତବରେ ଚିନ୍ତା କଲେ ଏହା ଜଣାଯାଉଛି କି ତାହା ଅଧିକାଂଶ ଏହି ଆବେଗରେ ଆଧାରିତ ନଥିଲା । ମୁହମ୍ମଦ୍ (ସ:ଆ:ସ)ଙ୍କ ବହୁତ ଗୁଡିଏ ବିବାହ ଜାତୀୟ ଓ ରାଜନୈତିକ ଉଦ୍ଦେଶ୍ୟ ଅନ୍ତର୍ଗତ ହୋଇଥିଲା । କାରଣ ମୁହମ୍ମଦ୍ (ସ:ଆ:ସ) ଏହା ଚାହୁଁଥିଲେ କି ନିଜ ବିଶେଷ ସାହାବୀ ମାନଙ୍କୁ ବିବାହ ମାଧ୍ୟମରେ ନିଜ ସହିତ ପ୍ରେମ ଓ ସ୍ନେହର ସମ୍ପର୍କରେ ଅଧିକରୁ ଅଧିକ ସଂଲଗ୍ନ କରନ୍ତୁ । ଅବୁବକର୍ ଓ ଉମର୍‌ଙ୍କ ଝିଅମାନଙ୍କର ବିବାହ ନିଶ୍ଚିତ ରୂପେ ଏହି ଭାବନାର ଅନ୍ତର୍ଗତ ହୋଇଥିଲା । ସେହିପରି ସମ୍ମାନୀୟ ସର୍ଦ୍ଦାର ଶ୍ରେଣୀର ଶତୃ ଓ ପରାଜୟ ବରଣ କରିଥିବା ସମ୍ମାନୀୟ ସର୍ଦ୍ଦାର ମାନଙ୍କ ଝିଅମାନଙ୍କ ସହିତ ମଧ୍ୟ ମୁହମ୍ମଦ୍ (ସ:ଆ:ସ)ଙ୍କ ବିବାହ ରାଜନୈତିକ ଉଦ୍ଦେଶ୍ୟ ଅନ୍ତର୍ଗତ ହୋଇଥିଲା ।..... ବାକି ବିବାହ ଗୁଡିକ ଏ ନିୟତରେ ହୋଇଥିଲା କି ଯଦ୍ୱାରା ଆପଣଙ୍କୁ ପୁତ୍ର ସନ୍ତାନ ଲାଭ ହେବ ଯାହା ଆପଣଙ୍କର ଅଭିଳାଷା ଥିଲା।"

*(ମାର୍ଗୋଲେସ୍ ପୃଷ୍ଠା-୧୭୬-୧୭୭)*

ଏହା ହେଉଛି ସେହି ବ୍ୟକ୍ତିଙ୍କ ରାୟ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନ ଚରିତ ଲେଖିଥିବା ଲେଖକ ମାନଙ୍କ ମଧ୍ୟରୁ ସବୁଠାରୁ ଅଧିକା ଘୃଣାଭାବ ଓ ଦ୍ୱେଷଭାବ ରଖିଥିଲେ । ଯଦିଚ ମାର୍ଗୋଲେସ୍ ସାହେବ୍‌ଙ୍କର ଏହି ରାୟ ସମ୍ପୂର୍ଣ୍ଣ ରୂପେ ଠିକ୍ ନୁହେଁ କିନ୍ତୁ ଏଥିରୁ ଏ ପ୍ରମାଣ ନିଶ୍ଚିତ ରୂପେ ମିଳୁଛି କି ସତ୍ୟ କିପରି ଜଣେ ଭୀଷଣ ଶତୃଙ୍କ ହୃଦୟକୁ ମଧ୍ୟ ପରାଜିତ କରିପାରେ ।

*ଅଲ୍‌ଫଜ୍‌ଲୋ ମା ଶହିଦତ୍ ବିହିଲ୍ ଆଦାଆ ।*

*(ସିରତ୍ ଖାତମୁନ୍ ନବୀଇନ୍, ପୃଷ୍ଠା-୪୩୨)*

---

*ପୃଷ୍ଠା-୧୮ ର ଅବଶିଷ୍ଟାଂଶ........*

ଅମାନ୍ୟକାରୀମାନେ କହୁଥିଲେ ଆମେ ସମଗ୍ର ସଂସାରରେ ଏପରି କୌଣସି ସମ୍ରାଟ ଦେଖିନାହୁଁ ଯାହାଙ୍କ ସହ ତାଙ୍କର ଅଧିନସ୍ଥ ଲୋକେ ଏଭଳି ପ୍ରେମ କରୁଥିବେ ।

*(ସିରତୁଲ୍ ହଲବିୟା ଭାଗ-୩ ପୃ-୧୦୧)*

ଯେତେବେଳେ ହଜୁର ସ.ଆ ଏସବୁ କାର୍ଯ୍ୟ ସମ୍ପାଦନ କରିଦେଲେ ଏବଂ ମକ୍କାବାସୀ ଆପଣଙ୍କ ସମ୍ମୁଖରେ ହାଜର ହେଲେ ସେତେବେଳେ ଆପଣ କହିଲେ ହେ ମକ୍କାବାସୀ ! ତୁମେମାନେ ଦେଖିନେଲ କି ଅଲ୍ଲାଃଙ୍କ ନିଦର୍ଶନ କିଭଳି ଗୋଟା ଗୋଟି ହୋଇ ପୂରଣ ହେଲା ବର୍ତ୍ତମାନ କୁହ ତୁମ କରିଥିବା ଅତ୍ୟାଚାର ଓ ଦୃଷ୍ଟାମିର କି ପ୍ରତିଦାନ ଦିଆଯିବା ଉଚିତ୍ ଯାହାକି ତୁମେ ଏକ ଅଲ୍ଲାଃଙ୍କ ଉପାସନା କରୁଥିବା ଗରିବ ଭକ୍ତମାନଙ୍କ ଉପରେ କରିଥିଲ ? ମକ୍କାବାସୀ ଉତର ଦେଲେ ଆମେ ଆପଣଙ୍କଠାରୁ ସେହି ଆଚରଣ ଆଶା କରୁଅଛୁ ଯାହାକି ହଜରତ ୟୁସୁଫ୍ ନିଜ ଭାଇମାନଙ୍କ ସହ କରିଥିଲେ । ଏହା ଅଲ୍ଲାଃଙ୍କ ବିଧାନ ଥିଲା ଯାହା ଫଳରେ ସେମାନଙ୍କ ମୁଖରୁ ସେହି କଥା ବାହାରିଲା ଯେଉଁ ଭବିଷ୍ୟବାଣୀ ଅଲ୍ଲାଃତାଲା ସୁରେ ୟୁସୁଫ୍‌ରେ କରିଥିଲେ ଏବଂ ମକ୍କା ବିଜୟ ହେବାର ୧୦ବର୍ଷ ପୂର୍ବରୁ କହିଥିଲେ କି ତୁମେ ମକ୍କାବାସୀଙ୍କ ସହ ସେହିପରି ଆଚରଣ କରିବ ଯେପରିକି ହଜରତ

ୟୁସୁଫ୍ ନିଜ ଭାଇମାନଙ୍କ ସହ କରିଥିଲେ । ଅତଃ ଯେତେବେଳେ ମକ୍କାବାସୀଙ୍କ ମୁହଁରୁ ଏହା ପ୍ରକାଶିତ ହୋଇଗଲା କି ହଜୁର ସ.ଆ ୟୁସୁଫ୍ଙ୍କର ମସିଲ୍ (ଅନୁରୂପ) ଅଟନ୍ତି ଏବଂ ୟୁସୁଫ୍ଙ୍କ ପରି ଅଲ୍ଲାଃତାଲା ତାଙ୍କ ଭାଇମାନଙ୍କ ଉପରେ ବିଜୟ ପ୍ରଦାନ କରିଥିଲେ ତେବେ ଆପଣ ମଧ୍ୟ ଘୋଷଣା କଲେ **ତାଲ୍ଲାହି ଲା ତସରିବା ଆଲୈ କୁମୁଲ୍ ୟୋମ୍**

ଅର୍ଥାତ୍ - ସେ କହିଲେ ଆଜି ତୁମମାନଙ୍କ ଉପରେ କୌଣସି ଦୋଷାରୋପ କରାହେବ ନାହିଁ ଏବଂ ଅଲ୍ଲାଃ ତୁମମାନଙ୍କୁ କ୍ଷମା ପ୍ରଦାନ କରିବେ ।

*(ସିରତୁଲ୍ ହଲବିୟା ଭାଗ-୩ ପୃ-୮୯)*

ଯେତେବେଳେ ହଜୁର ସ.ଆ କାବା ଭ୍ରମଣ କରିବା ଓ ତାହାର ବିଭିନ୍ନ ଉପାସନା ସମ୍ପାଦନ କରୁଥିଲେ ଏବଂ ନିଜ ଗୋଷ୍ଠୀବାସୀଙ୍କ ସହ କ୍ଷମା ଓ ଦୟା ଆଚରଣ କରୁଥିଲେ ସେତେବେଳେ ଅନସାରଙ୍କ ହୃଦୟ ଭିତରେ ଭିତରେ ବସିଯାଉଥିଲା ଏବଂ ସେମାନେ ପରସ୍ପରକୁ ଇଶାରା କରି କହୁଥିଲେ ସମ୍ଭବତଃ ଆଜି ଆମେ ଅଲ୍ଲାଃଙ୍କ ରସୁଲଙ୍କୁ ନିଜଠାରୁ ବିଦାୟ ଦେଉଅଛେ କାରଣ ତାଙ୍କ ସହର ତାଙ୍କୁ ଫେରାଇଦିଆଗଲା ଏବଂ ତାଙ୍କ ଗୋଷ୍ଠୀବାସୀ ତାଙ୍କୁ ସ୍ୱୀକାର କରିନେଲେଣି ସେତେବେଳେ ଅଲ୍ଲାଃତାଲା ହଜୁର ସ.ଆଙ୍କୁ ଓ୍ୱହି (ସ୍ୱର୍ଗବାଣୀ) ମାଧ୍ୟମରେ ଅନସାରଙ୍କ ଏହି ସନ୍ଦେହର ଖବର ପ୍ରଦାନ କଲେ ଆପଣ ମୁଣ୍ଡ ଉଠାଇ ଅନସାରମାନଙ୍କ ଆଡ଼କୁ ଚାହିଁଲେ ଏବଂ କହିଲେ ହେ ଅନସାର! ତୁମେମାନେ ମଣୁଅଛ କି ମହମ୍ମଦ ସ.ଆଙ୍କୁ ତାଙ୍କ ସହର ବାତ୍ସଲ୍ୟ ପିଡ଼ା ଦେଉଅଛି ଏବଂ ନିଜ ଗୋଷ୍ଠୀଙ୍କ ଭଲପାଇବା ଆକୃଷ୍ଟ କରୁଅଛି ବୋଲି । ଅନସାର କହିଲେ ଏହା ଠିକ୍ ଆମ ହୃଦୟରେ ଏହି ଭାବନା ଉଙ୍କିମାରିଥିଲା । ହଜୁର କହିଲେ ତୁମକୁ ଜଣାଅଛି ମୋ ନାମ କଣ ? ଅର୍ଥାତ ମୁଁ ଅଲ୍ଲାଃଙ୍କ ଭକ୍ତ ଓ ତାଙ୍କ ରସୁଲ ଅଟେ ତେବେ ଏହା କିଭଳି ସମ୍ଭବ କି ତୁମେ ଯେଉଁମାନେ ଇସଲାମର ଦୁର୍ବଳ ଅବସ୍ଥାରେ ନିଜ ଜୀବନ ଉତ୍ସର୍ଗ କରି ତାହାର ରକ୍ଷା କରିଥିଲ, ସେମାନଙ୍କୁ ଛାଡ଼ି ଅନ୍ୟ ସ୍ଥାନକୁ ଚାଲିଯିବି । ପୁନଶ୍ଚ କହିଲେ ହେ ଅନସାର! ଏହା କଦାପି ହୋଇନପାରେ ମୁଁ ଅଲ୍ଲାଃଙ୍କ ଭକ୍ତ ଓ ରସୁଲ ଅଟେ । ମୁଁ ଅଲ୍ଲାଃଙ୍କ ଖାତିର ନିଜ ଜନ୍ମ ମାଟିର ବଳିଦାନ ଦେଇଥିଲି । ତାପରେ ମୁଁ ନିଜ ଜନ୍ମ ମାଟିକୁ ଫେରି ନପାରେ । ମୋ ଜୀବନ ତୁମ ସହ ଜଡ଼ିତ ଏବଂ ମୋ ମରିବା ତୁମ ମରିବା ସହ ଯୋଡ଼ି ହୋଇଯାଇଛି । ମଦିନାର ଲୋକେ ଆପଣଙ୍କ କଥା ଶୁଣି, ଆପଣଙ୍କ ଭଲପାଇବା ଓ ଆପଣଙ୍କ ବିଶ୍ୱସ୍ତତା ଦେଖି ଅଶ୍ରୁ ଝରାଇ ଆଗକୁ ବଢ଼ିଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଅଲ୍ଲାଃଙ୍କ ରାଣ ଆମେ ତାହାର ରସୁଲଙ୍କ ଉପରେ ଭୁଲ ମତ ପୋଷଣ କଲୁ । ଅସଲ କଥା ଏହି କି ଯେ ଆମ ହୃଦୟ ଏହା ବରଦାସ୍ତ କରିପାରିବ ନାହିଁ କି ଅଲ୍ଲାଃଙ୍କ ରସୁଲ ଆମ ଓ ଆମ ସହରକୁ ଛାଡ଼ି ଅନ୍ୟ କେଉଁଆଡ଼େ ଚାଲିଯାନ୍ତୁ । ହଜୁର ସ.ଆ କହିଲେ ଅଲ୍ଲାଃ ଓ ଅଲ୍ଲାଃଙ୍କ ରସୁଲ ତୁମକୁ ନିଷ୍କପଟ ବୋଲି ଜାଣନ୍ତି ଓ ତୁମ ନିଷ୍ଠାର ସାକ୍ଷୀ ଦେଉଛନ୍ତି । ଯେତେବେଳେ ମହମ୍ମଦ ସ.ଆ ଓ ମଦିନାବାସୀଙ୍କ ମଧ୍ୟରେ ଏହି ମଧୁର ବାର୍ତାଳାପ ଚାଲିଥିଲା ଯଦି ସେତେବେଳେ ମକ୍କାବାସୀଙ୍କ ଚକ୍ଷୁରୁ ଅଶ୍ରୁ ବହି ଯାଇନଥିବ ତେବେ ସେମାନଙ୍କ ହୃଦୟ ଅଶ୍ରୁ ଝରାଇଥିବ କି ସେହି ମୂଲ୍ୟବାନ ମୋତି ଯାହାଠାରୁ ବଳି ସଂସାରରେ କୌଣସି ବସ୍ତୁ ମୂଲ୍ୟବାନ ନାହିଁ ଅଲ୍ଲାଃତାଲା ତାଙ୍କୁ ପ୍ରଦାନ କରିଥିଲେ କିନ୍ତୁ ସେମାନେ ତାହାକୁ ନିଜ ଘରୁ କାଢ଼ି ଫିଙ୍ଗି ଦେଇଥିଲେ କିନ୍ତୁ ତାହା ଅଲ୍ଲାଃଙ୍କ କୃପା ଓ ସହାନୁଭୂତି ଫଳସ୍ୱରୂପ ପୁନର୍ବାର ମକ୍କା ଫେରିଥିଲା, ସେ ନିଜ ପ୍ରତିଶୃତି ପୂରଣ କରିବା ଯୋଗୁଁ ନିଜ ଇଚ୍ଛା ଓ ଖୁସିରେ ମକ୍କା ଛାଡ଼ି ମଦିନା ଫେରିଯାଉଛନ୍ତି ।

ଯେଉଁ ଲୋକମାନଙ୍କ ସମ୍ବନ୍ଧରେ ହଜୁର ସ.ଆ ନିଷ୍ପତି ଦେଇଥିଲେ କି ତାଙ୍କର କେତେକ ଅନ୍ୟାୟ ଅନିତି ଓ ହତ୍ୟା କରିବା ଯୋଗୁଁ ତାଙ୍କୁ ମୃତ୍ୟୁ ଦଣ୍ଡ ଦିଆଯିବା ଉଚିତ୍ ଥିଲା କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ମୁସଲମାନଙ୍କ ଅନୁରୋଧକ୍ରମେ ହଜୁର କ୍ଷମା କରିଦେଲେ । ସେମାନଙ୍କ ମଧ୍ୟରେ ଅବୁ ଜହଲର ପୁତ୍ର ଅକରମା ମଧ୍ୟ ଥିଲା । ଅକରମାଙ୍କ ପତ୍ନୀ ହୃଦୟରୁ ମୁସଲମାନ ଥିଲେ ସେ ହଜୁର ସ.ଆଙ୍କୁ କହିଲେ ହେ ଅଲ୍ଲାଃଙ୍କ ରସୁଲ! ଅକରମାଙ୍କୁ ମଧ୍ୟ କ୍ଷମା କରିଦିଅନ୍ତୁ । ହଜୁର କହିଲେ ହଁ ହଁ! ଆମେ ତାହାକୁ କ୍ଷମା କଲୁ । ଅକରମା ୟମନ ଆଡ଼କୁ ପଳାୟନ କରୁଥିଲେ କିନ୍ତୁ ତାଙ୍କ ପତ୍ନୀ ତାହା ପଛରେ ଗଲେ ଯେତେବେଳେ ସେ ସମୁଦ୍ରରେ ଲାଗିଥିବା ଜାହଜରେ ବସି ଆରବକୁ ସଦାସର୍ବଦା ପାଇଁ ବିଦାୟ ଦେବାକୁ ଯାଉଥିଲେ ସେତେବେଳେ ତାଙ୍କ ପତ୍ନୀ ମୁକୁଳା କେଶ ଓ ଅସହାୟ ଅବସ୍ଥାରେ ତାଙ୍କ ପଛେ ପଛେ ପହଂଚି କହିଲେ ହେ ମୋ ଚଚାର ପୁତ୍ର! ଏଭଳି ଦୟାଳୁ କୃପାଳୁ ମଣିଷକୁ ଛାଡ଼ି କୁଆଡ଼େ ଯାଉଛ ? ଅକରମା ଆଶ୍ଚର୍ଯ୍ୟ ହୋଇ ପଚାରିଲେ କଣ ମୋର ସମସ୍ତ ଶତ୍ରୁତା ସତ୍ୱେ ହଜୁର ସ.ଆ ମୋତେ କ୍ଷମା କରିଦେବେ ? ସେ ଉତର ଦେଲେ ହଁ ହଁ ମୁଁ ତାଙ୍କଠାରୁ ପ୍ରତିଶୃତି ନେଇଆସିଛି ଏବଂ ସେ ଆପଣଙ୍କୁ କ୍ଷମା କରିଦେଇଛନ୍ତି । ଯେତବେଳେ ସେ ହଜୁର ସ.ଆଙ୍କ ନିକଟରେ ହାଜର ହେଲେ ଓ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ମୋ ପତ୍ନୀ କହୁଛନ୍ତି ଆପଣ ମୋ ପରି ମଣିଷକୁ କ୍ଷମା କରିଦେଲେ? ହଜୁର ଉତର ଦେଲେ ତୁମ ପତ୍ନୀ ଠିକ୍ କହୁଛନ୍ତି ଆମେ ତୁମକୁ କ୍ଷମା କଲୁ । ଅକରମା କହିଲେ ଯେଉଁ ବ୍ୟକ୍ତି ଏଭଳି ଜଘନ୍ୟ ଶତ୍ରୁକୁ କ୍ଷମା କରିଦେଇପାରନ୍ତି ସେ ମିଥ୍ୟାବାଦୀ ହୋଇନପାରେ । ମୁଁ ସାକ୍ଷ୍ୟ ଦେଉଅଛି କି ଅଲ୍ଲାଃ ଏକ ଏବଂ ତାଙ୍କର ସମତୁଲ୍ୟ କେହି ନୁହେଁ ଆପଣ ତାଙ୍କ ଭକ୍ତ ଓ ପ୍ରେରିତ ଦୂତ ଅଟନ୍ତି ତାପରେ ଲଜାରେ ତାଙ୍କ ମଥା ନଇଁଗଲା । ହଜୁର ତାହାର ଏପରି ଅବସ୍ଥା ଦେଖି ତାହାକୁ ଆତ୍ମସନ୍ତୋଷ ପ୍ରଦାନ କରିବା ନିମନ୍ତେ କହିଲେ ଅକରମା! ଆମେ ତୁମକୁ କେବଳ କ୍ଷମା ଦେଇ ନାହୁଁ ବରଂ ତାଠାରୁ ବଳି ଆଜି ଯଦି ତୁମେ ମୋତେ କିଛି ଏଭଳି ଜିନିଷ ମାଗ ଯାହାକୁ ମୋ ଅଧିନରେ ଥିବ ତେବେ ମୁଁ ନିଶ୍ଚିତ ପ୍ରଦାନ କରିବି । ଅକରମା କହିଲେ ! ହେ ଅଲ୍ଲାଃଙ୍କ ରସୁଲ ଆଠାରୁ ବଳି ଆଉ ଅଧିକ ମୁଁ କଣ କାମନା କରିବି କି ଆପଣ ଅଲ୍ଲାଃଙ୍କ ନିକଟରେ ଏହି ଦୁଆ କରନ୍ତୁ କି ମୁଁ ଆପଣଙ୍କ ସହ ଯେଉଁ ଶତ୍ରୁତା କରିଥିଲି ତାହା ମୋତେ କ୍ଷମା କରାଯାଉ । ହଜୁର ସ.ଆ ଦୁଆ କଲେ ହେ ଅଲ୍ଲାଃ! ସେ ସମସ୍ତ ଶତ୍ରୁତା ଯାହାକି ଅକରମା ମୋ ସହ କରିଥିଲେ ସେଗୁଡ଼ିକ ତାଙ୍କୁ କ୍ଷମା କରିଦିଅ ଏବଂ ସେ ସମସ୍ତ ଗାଲିମନ୍ଦ ଯାହାକି ସେ ମୋତେ କରିଥିଲେ ତାଙ୍କୁ କ୍ଷମା କରିଦିଅ । ତାପରେ ହଜୁର ସ.ଆ ଉଠି ନିଜ ଚାଦର କାଢ଼ି ତାଙ୍କ ଉପରେ ଘୋଡାଇ ଦେଇ କହିଲେ ଯେ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ଆଣି ଆମ ନିକଟକୁ ଆସିଥାଏ ସେତେବେଳେ ଆମ ଘର ତାହାର ଘର ହୋଇଯାଏ ଏବଂ ଆମ ସ୍ଥାନ ତାଙ୍କ ସ୍ଥାନ ହୋଇଯାଏ ।

*(ସିରତୁଲ୍ ହଲବିୟା ଭାଗ-୩ ପୃ-୧୦୬)*

ଅକରମାଙ୍କ ବିଶ୍ୱାସ ଆଣିବାପରେ ସେହି ଭବିଷ୍ୟବାଣୀ ପୂରଣ ହେଲା ଯାହାକି ହଜୁର ସ.ଆ ବହୁ ବର୍ଷ ପୂର୍ବରୁ ନିଜ ସାହାବାମାନଙ୍କୁ ଖବର ଦେଇଥିଲେ କି ମୁଁ ସ୍ୱପ୍ନରେ ଦେଖିଥିଲି ଯେପରି ମୁଁ ବୈକୁଣ୍ଠରେ ଅଛି ସେଠାରେ ମୁଁ ଅଙ୍ଗୁର କୋଳିର ଏକ ପେନ୍ଥା ଦେଖିଲି ଏବଂ ଲୋକଙ୍କୁ ପଚାରିଲି ଏହା କାହା ପାଇଁ? ଉତରଦାତା କହିଲେ ଅବୁ ଜହଲ୍ଙ୍କ ପାଇଁ । ଏକଥା ଶୁଣି ମୋତେ ଆଶ୍ଚର୍ଯ୍ୟ ଲାଗିଲା ଏବଂ ମୁଁ କହିଲି ବୈକୁଣ୍ଠରେ ତ ମୋମିନ୍ ମାନଙ୍କ ବ୍ୟତୀତ କେହି ପ୍ରବେଶ କରିନଥାନ୍ତି ତେବେ ଅବୁ ଜହଲ୍ଙ୍କ ପାଇଁ ବୈକୁଣ୍ଠରେ ଅଙ୍ଗୁର କିଭଳି ଦିଆଯାଉଅଛି ? ଯେତେବେଳେ ଅକରମା ବିଶ୍ୱାସ ଆଣିଲା ସେତେବେଳେ ହଜୁର କହିଲେ ଉକ୍ତ (ଅଙ୍ଗୁରୁ) ପେନ୍ଥା ଅକରମାଙ୍କ ପାଇଁ ଥିଲା ଅଲ୍ଲାଃତାଲା ପୁତ୍ରଙ୍କ ସ୍ଥାନରେ ବାପର ନାମ ପ୍ରକାଶ କରିଥିଲେ ଯେପରିକି ଅଧିକାଂଶ ସ୍ୱପ୍ନରେ ଦେଖିବାକୁ ମିଳିଥାଏ ।

*(ସିରତୁଲ୍ ହଲବିୟା ଭାଗ-୩ ପୃ-୧୦୬)*

ଯେଉଁ ଲୋକମାନଙ୍କୁ ହତ୍ୟା କରିବାର ଆଦେଶ ଦିଆଯାଇଥିଲା ସେମାନଙ୍କ ମଧ୍ୟରେ ସେହି ବ୍ୟକ୍ତି ମଧ୍ୟ ଥିଲା ଯେ ହଜୁର ସ.ଆଙ୍କ କନ୍ୟା ହ. ଜଏନବ୍ଙ୍କ ଦେହାନ୍ତ ଘଟିବାର ଆସାମି ଥିଲା, ଯାହାର ନାମ ହିବାର ଥିଲା । ସେ ଜଏନବ ର.ଅଙ୍କ ଓଟର ଗୋଇଠିଙ୍କୁ କାଟି ଦେଇଥିଲା ଯଦ୍ୱାରା ତାଙ୍କ ଓଟ ପଡ଼ି ଯାଇଥିଲା । ଏହା ଫଳରେ ତାଙ୍କର ଗର୍ଭପାତ ହୋଇଥିଲା ଏବଂ କିଛିଦିନ ପରେ ତାଙ୍କର ମଧ୍ୟ ଦେହାନ୍ତ ଘଟିଥିଲା । ଅନ୍ୟ ଅପରାଧ ବ୍ୟତୀତ ତାହାର ଏହି ଅପରାଧ ହିଁ ତାହାକୁ ମୃତ୍ୟୁ ଦଣ୍ଡ ପାଇବା ଯୋଗ୍ୟ ସାବ୍ୟସ୍ତ କରୁଥିଲା । ସେ ମଧ୍ୟ ହଜୁର ସ.ଆଙ୍କ ସେବାରେ ହାଜର ହୋଇ କହିଲା ହେ ଅଲ୍ଲାଃଙ୍କ ନବୀ! ମୁଁ ଆପଣଙ୍କଠାରୁ ବଂଚିବା ପାଇଁ ଇରାନ ପଳାୟନ କରିଥିଲି ତାପରେ ମୁଁ ଚିନ୍ତା କଲି ଅଲ୍ଲାଃ ନିଜ ନବୀଙ୍କ ମାଧ୍ୟମରେ ଆମ ଶିରକ୍ର ଭାବନାକୁ ଦୂରିଭୂତ କଲେ ଏବଂ ଆମକୁ ଆଧାତ୍ମିକ କ୍ଷେତ୍ରରେ ଧ୍ୱଂସ ପାଇବାରୁ ରକ୍ଷା କଲେ ତେଣୁ ମୁଁ ଅଜଣା ଲୋକମାନଙ୍କ ମଧ୍ୟରେ ରହିବା ପରିହାର କରି କାହିଁକି ବା ସେହି ବିଶିଷ୍ଟ ବ୍ୟକ୍ତିଙ୍କ ନିକଟକୁ ଯାଇ ନିଜ ଅପରାଧ ସ୍ୱୀକାର

କରି କ୍ଷମା ପ୍ରାର୍ଥନା କରିବି ନାହିଁ । ହଜୁର ସ.ଆ କହିଲେ ହିବାର ! ଯେତେବେଳେ ଅଲ୍ଲାଃତାଲା ତୁମ ହୃଦୟରେ ଇସଲାମ ପ୍ରତି ଭଲପାଇବା ଉତ୍ପନ୍ନ କରିଦେଇଛନ୍ତି ତେବେ ମୁଁ କାହିଁକି ବା ତୁମ ଅପରାଧକୁ କ୍ଷମା ନକରିବି । ଯାଅ ମୁଁ ତୁମକୁ କ୍ଷମା ଦେଲି, ତୁମେ କରିଥିବା ସମସ୍ତ ଦୋଷ ଇସଲାମ କ୍ଷମା କରିଦେଲା ।
*(ସିରତୁଲ୍ ହଲବିୟା ଭାଗ-୩ ପୃ-୧୦୬)*

ଏଠାରେ ଆଉ ଅଧିକ ସମୟ ନାହିଁ କି ମୁଁ ଉକ୍ତ ବିଷୟ ବସ୍ତୁକୁ ବିସ୍ତାର କରି ଉପସ୍ଥାପନ କରିବି ନଚେତ୍ ସେହି ଭୟଙ୍କର ଦୋଷିମାନଙ୍କ ମଧ୍ୟରେ ଯେଉଁମାନଙ୍କୁ ହଜୁର ସ.ଆ ସାମନ୍ୟ ମୂଲ୍ୟରେ କ୍ଷମା କରିଦେଲେ । ଯେଉଁମାନେ ବହୁତ ବଡ଼ ବଡ଼ ଅପରାଧରେ ଯଡ଼ିତ ଥିଲେ କିନ୍ତୁ ହଜୁର ସ.ଆଙ୍କ ଦୟା ଆଚରଣ ଏଭଳି ପ୍ରକାଶିତ ଥିଲା କି ଜଣେ କଠୋର ହୃଦୟ ମଣିଷ ମଧ୍ୟ ତାହା ଦେଖିବା ପରେ ପ୍ରଭାବିତ ନହୋଇ ରହିପାରିବ ନାହିଁ । (ପୁସ୍ତକ-ନବିଓଁକା ସରଦାର, ପୃଷ୍ଠା- ୨୦୪-୨୨୪)

---

## محمدؐ ہی نام اور محمدؐ ہی کام
## علیك الصلوٰة علیك السلام

از حضرت ڈاکٹر میر محمد اسماعیل صاحب رضی اللہ عنہ

بدر گاہِ ذی شان خیر الانام   شفیعِ الوریٰ مرجعِ خاص و عام
بصد عجزو منّت بصد احترام   یہ کرتا ہے عرض آپؐ کا اِک غلام
کہ اے شاہِ کونینِ عالی مقام
علیك الصلوٰة علیك السلام

حسینانِ عالم ہوئے شرمگیں   جو دیکھا وہ حسن اور وہ نورِ جبیں
پھر اس پر وہ اخلاق اکمل تریں   کہ دشمن بھی کہنے لگے آفریں
زہے خُلق کامل زہے حُسنِ تام
علیك الصلوٰة علیك السلام

خلائق کے دِل تھے یقیں سے تہی   بُتوں نے تھی حق کی جگہ گھیر لی
ضلالت تھی دُنیا پہ وہ چھا رہی   کہ توحید ڈھونڈے سے ملتی نہ تھی
ہوا آپؐ کے دم سے اس کا قیام
علیك الصلوٰة علیك السلام

محبت سے گھائل کیا آپؐ نے   دلائل سے قائل کیا آپؐ نے
جہالت کو زائل کیا آپؐ نے   شریعت کو کامل کیا آپؐ نے
بیاں کر دیئے سب حلال و حرام
علیك الصلوٰة علیك السلام

نبوت کے تھے جس قدر بھی کمال   وہ سب آپؐ میں جمع ہیں لامحال
صفاتِ جمال اور صفاتِ جلال   ہر اِک رنگ ہے بس عدیم المثال
لِیا ظُلم کا عفو سے انتقام
علیك الصلوٰة علیك السلام

مقدّس حیات اور مُطہر مذاق   اطاعت میں یکتا عبادت میں طاق
سوارِ جہاں گیر یکراں براق   کہ بگذشت ازقصر نیلی رواق
محمدؐ ہی نام اور محمدؐ ہی کام
علیك الصلوٰة علیك السلام

علمدارِ عُشاقِ ذاتِ یگاں   سپہدارِ افواجِ قُدوسیاں
معارف کا اِک قُلزمِ بیکراں   افاضات میں زندۂ جاوداں
پلا ساقیا آبِ کوثر کا جام
علیك الصلوٰة علیك السلام

---

سرے دارم فدائے خاکِ احمدؐ
دلم ہر وقت قربانِ محمدؐ ﷺ

## کلام سیّدنا حضرت مسیح موعود علیہ السلام

عجب نوریست در جانِ محمدؐ   عجب لعلیست در کانِ محمدؐ
ز ظلمتہا دلے آنگہ شود صاف   کہ گردد از محبّانِ محمدؐ
عجب دارم دل آں ناکساں را   کہ رُو تابند از خوانِ محمدؐ
ندانم ہیچ نفسے در دو عالم   کہ دارد شوکت و شانِ محمدؐ
خدا زاں سینہ بیزار ست صد بار   کہ ہست از کینہ دارانِ محمدؐ
خُدا خود سوزد آں کِرمِ دنی را   کہ باشد از عدوانِ محمدؐ
اگر خواہی نجات از مستیٔ نفس   بیا در ذیلِ مستانِ محمدؐ
اگر خواہی کہ حق گوید ثنایت   بشو از دل ثنا خوانِ محمدؐ
اگر خواہی دلیلے عاشقش باش   محمدؐ ہست برہانِ محمدؐ
سرے دارم فدائے خاکِ احمدؐ   دلم ہر وقت قربانِ محمدؐ
بگیسوئے رسول اللہ کہ ہستم   نثارِ رُوئے تابانِ محمدؐ
دریں رہ گر کشندم ور بسوزند   نتابم رُو زِ ایوانِ محمدؐ
بکارِ دیں نترسم از جہانے   کہ دارم رنگ ایمانِ محمدؐ
بسے سہلست از دُنیا بریدن   بیادِ حُسن و احسانِ محمدؐ
فدا شد در رہش ہر ذرّۂ من   کہ دیدم حُسنِ پنہانِ محمدؐ
دگر اُستاد را نامے ندانم   کہ خواندم در دبستانِ محمدؐ
بدیگر دلبرے کارے ندارم   کہ ہستم کُشتۂ آنِ محمدؐ
مرا آں گوشۂ چشمے بباید   نخواہم جُز گلستانِ محمدؐ
دلِ زارم بہ پہلویم مجوئید   کہ بستیمش بدامانِ محمدؐ
من آں خوش مرغ از مرغانِ قدسم   کہ دارد جا بہ بستانِ محمدؐ
تو جانِ ما منوّر کر دی از عشق   فدایت جانم اے جانِ محمدؐ
دریغا گر دہم صد جاں دریں راہ   نباشد نیز شایانِ محمدؐ
چہ ہیبت ہا بدادند ایں جواں راہ   کہ ناید کس بہ میدانِ محمدؐ
اَلا اے دشمنِ نادان و بے راہ   بترس از تیغِ بُرّانِ محمدؐ
رہِ مولیٰ کہ گم کردند مردم   بجو در آل و اَعوانِ محمدؐ
اَلا اے منکر از شانِ محمدؐ   ہم از نورِ نمایانِ محمدؐ
کرامت گرچہ بے نام ونشاں است   بیا بنگر زِ غلمانِ محمدؐ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**